# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୪/୨୦୧୮ (୨୦ ପୃଷ୍ଠା) | Bhubaneswar, Wednesday, October 24/ 2018 | ★★★★

୪୪ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



amazon.in GREAT INDIAN FESTIVAL 24th-28th OCT

ପୁଣିଥରେ ଇଣ୍ଡିଆ'ର ଖୁସିରେ ବଜେଟ୍ ଆସିବ ନାହିଁ ।

ସଭିଙ୍କ ପାଇଁ ଏକତ୍ରୀ ସଞ୍ଚୟ

ICICI Bank Credit & Debit Cards | citi Credit Cards

Extra 10% back^, up to ₹2,000 on each card

On total purchase of ₹50,000 or above during the sale, save up to ₹10,000^ on each card

\+ amazon pay Only for today — Load and get 10% back* up to ₹200 *T&C Apply

% NO COST EMI — Credit card | Debit card | BAJAJ FINSERV

\+ FREE DELIVERY On first order for new customers

EXCHANGE OFFER

ଭାରତ'ର ସର୍ବାଧିକ ବିକ୍ରୀ ହେଉଥିବା ମୋବାଇଲ କମ ଦାମ୍‌ରେ

Redmi 6A Starting from ₹5,999 — Flash Sale today at 12 noon

New Launch — amazonexclusive — Honor 8X 4GB|64GB ₹17,999 ₹14,999 — Borderless Display, 20 MP Dual AI Camera

Apple iPhone X 64GB ₹91,900 ₹74,999 — 6 month No Cost EMI

Lowest Ever Price — Redmi Y2 4GB|64GB ₹13,499 ₹10,999 — No Cost EMI Starting ₹1,833/month

OnePlus 6T — PRE-BOOK TODAY! Get Free Type-C Earphones worth ₹1,490 and ₹500 Extra Cashback

Special Festive Price — RealMe 1 6GB|128GB ₹14,990 ₹11,990 — No Cost EMI Starting ₹1,998/month

Free Screen Replacement* POWERED BY ACKO *T&C Apply

ସବୁଠୁ କମ ଦାମ୍‌ରେ ଟପ୍ ହୋମ୍ ଅପ୍ଲାଏନ୍ସ ବ୍ରାଣ୍ଡ

Limited Time Offer — BPL 690 kg (690L) Side-by-Side Refrigerator ₹79,990 ₹49,990 — Flash Sale at 11am

amazonexclusive — MI TV Pro Series - 81.28 cm (32 in) & 124.46 cm (49 in) Starting from ₹14,999 — Flash Sale at 11am

Bosch 7 kg Front Loading Washing Machine — Flat ₹8,500 Off — No Cost EMI Starting ₹2,200/month

Split Air Conditioners — Up to 35% Off — No Cost EMI Starting ₹1,149/month

Sanyo 109.22 cm (43 in) NXT Full HD TV ₹39,990 ₹18,990 — No Cost EMI Starting ₹6,496/month — Exchange Offer up to ₹10,000

Godrej 330 kg (330L) Frost Free Refrigerator — Flat ₹10,000 Off — No Cost EMI Starting ₹990/month

Free 1-year Extended Warranty worth ₹1,299* POWERED BY ACKO *T&C Apply

48-HOUR INSTALLATION | SCHEDULED DELIVERY

AMAZON APP ଏବେ ହିଁ ଡାଉନ୍‌ଲୋଡ୍ କରନ୍ତୁ

ପ୍ରତିଦିନ ରାତ୍ରି ୫ଟାରୁ ମଧ ରାତ୍ରି ପର୍ଯ୍ୟନ୍ତ ଗୋଲ୍‌ଡେନ୍ ଆୱାର୍ ଡୀଲ୍‌ସ

amazon.in

*ଇଭେଣ୍ଟ ନିୟମ ଏବଂ ସର୍ତ୍ତାବଳୀ ବିଷୟରେ ଅଧିକ ଜାଣିବା ନିମନ୍ତେ ଭିଜିଟ୍ କରନ୍ତୁ : amazon.in/www.amazon.in/tcgif. ଉପରୋକ୍ତ ତଥ୍ୟ ଅଂଶଗ୍ରହଣକାରୀ ବିକ୍ରେତା ଏବଂ/କିମ୍ବା ବ୍ରାଣ୍ଡ ଦ୍ୱାରା ପ୍ରଦାନ କରାଯାଇଛି ଏବଂ Amazon ଦ୍ୱାରା 'ଯେମିତି ଅଛି ସେମିତି' ଆଧାରରେ ପ୍ରଦର୍ଶିତ କରାଯାଇଛି । Amazon ଏଭଳି ଦାବୀ ଏବଂ ତଥ୍ୟର ସଠିକତା, ଶୁଦ୍ଧତା, ବିଶ୍ୱସନିୟତା କିମ୍ବା ବୈଧତାର ପ୍ରତିନିଧିତ୍ୱ କରେ ନାହିଁ ଏବଂ ଏହା ସମ୍ବନ୍ଧିତ କୌଣସି ପ୍ରକାରର ବ୍ୟକ୍ତ କିମ୍ବା ନିହିତ କୌଣସି ଗ୍ୟାରେଣ୍ଟୀ କିମ୍ବା ୱାରେଣ୍ଟୀ ପ୍ରଦାନ କରେ ନାହିଁ । Amazon ଫ୍ୟାଶନ୍ ରେ କପଡ଼ାଲତା, ଜୋତା, ହାତ ଘଡ଼ି, ଲଗେଜ୍ ଏବଂ ଅଳଙ୍କାର ବର୍ଗ ସାମିଲ ଅଟେ । ଡୀଲ୍‌ସ ଏବଂ ଡିସ୍କାଉଣ୍ଟ ଅଂଶଗ୍ରହଣକାରୀ ବ୍ରାଣ୍ଡ ଦ୍ୱାରା ପ୍ରଦାନ କରାଯାଏ ଏବଂ Amazon ସମ୍ପୂର୍ଣ୍ଣ ରୂପେ ବହିର୍ଭୂତ ଅଟେ । ଅଫର୍ କେବଳ ନିର୍ଦ୍ଦିଷ୍ଟ ବ୍ରାଣ୍ଡ, ଉତ୍ପାଦ ଏବଂ ପ୍ରକାର ଉପରେ ତଥା ଷ୍ଟକ୍ ଥିବା ପର୍ଯ୍ୟନ୍ତ ବୈଧ । ^ଆଇସିଆଇସିଆଇ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ ଏବଂ କ୍ୟାଶ୍‌ବ୍ୟାକ୍ : ନ୍ୟୁନତମ ଟ୍ରାଞ୍ଜାକ୍ସନ୍ ଟ.2000 । ଟ.50,000 ରୁ କମ ଟ୍ରାଞ୍ଜାକ୍ସନ୍ ନିମନ୍ତେ, ସର୍ବାଧିକ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ : ଟ.2000 ପ୍ରତି କାର୍ଡ । ମୋଟ କ୍ରୟ ଟ.50,000 ଏବଂ ତଦୁର୍ଦ୍ଧ୍ୱ ନିମନ୍ତେ, ଟ.2000 ରୁ ଅଧିକ ଡିସ୍କାଉଣ୍ଟ କୁ କ୍ୟାଶ୍‌ବ୍ୟାକ୍ ରୂପେ ପୋଷ୍ଟ କରାଯିବ । ସର୍ବାଧିକ ଡିସ୍କାଉଣ୍ଟ (ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ + କ୍ୟାଶ୍‌ବ୍ୟାକ) ପ୍ରତି କାର୍ଡ ଟ.10,000 । ସିଟିବ୍ୟାଙ୍କ କ୍ୟାଶ୍‌ବ୍ୟାକ୍ : ନ୍ୟୁନତମ ଟ୍ରାଞ୍ଜାକ୍ସନ୍ ଟ.2000 । ଟ.50,000 ରୁ କମ ଟ୍ରାଞ୍ଜାକ୍ସନ୍ ନିମନ୍ତେ, ସର୍ବାଧିକ କ୍ୟାଶ୍‌ବ୍ୟାକ : ଟ.2000 ପ୍ରତି କାର୍ଡ । ମୋଟ କ୍ରୟ ଟ.50,000 ଏବଂ ତଦୁର୍ଦ୍ଧ୍ୱ ନିମନ୍ତେ, ସର୍ବାଧିକ କ୍ୟାଶ୍‌ବ୍ୟାକ ପ୍ରତି କାର୍ଡ ଟ.10,000 ହେବ । ଅଧିକ ଜାଣିବା ନିମନ୍ତେ, ଦୟାକରି ଭିଜିଟ୍ କରନ୍ତୁ : www.amazon.in/cashback.

## ଭାରତ'ର ସର୍ବବୃହତ୍ ଅନ୍‌ଲାଇନ୍ ଫ୍ୟାଶନ୍ ଷ୍ଟୋର୍

**CLOTHING**
**50% - 80% OFF**

MARKS & SPENCER LONDON · ARROW USA·1851 · U.S. POLO ASSN. · FOREVER 21 · W · UNITED COLORS OF BENETTON.

**SHOES**
**40% - 80% OFF**

Clarks · REDTAPE · new balance · Bata · PUMA · sparx

**LUGGAGE & HANDBAGS**
**50% - 80% OFF**

AMERICAN TOURISTER TRUSTED ALL OVER THE WORLD · CAPRESE · TOMMY HILFIGER · safari · LAVIE BAGS & SHOES · Skybags

**Up to 90% Off + EXTRA 15% Cashback* | Flat ₹1,000 Cashback* on Purchase of ₹5,000**

*T&C Apply

## ସବୁଠୁ କମ ଦାମ୍‌ରେ ଟପ୍ ଇଲେକ୍‌ଟ୍ରୋନିକ୍ ବ୍ରାଣ୍ଡ

Sennheiser CX 275S Headphones with Mic
~~₹2,490~~ **₹1,399**

Fujifilm Instax Mini Cameras Starting from **₹3,000**
No Cost EMI Starting ₹1,000/month

HP, Lenovo, Asus Windows Laptops Starting from **₹16,990**
No Cost EMI Starting ₹3,165/month
Up to ₹15,000 Off on Exchange

Windows
Core i3 Windows Laptops Starting from **₹24,990**
No Cost EMI Starting ₹4,165/month
Up to ₹16,500 Off on Exchange

Lowest Ever Price
1.5 TB Hard Drive from Seagate at **Flat 57% Off**

Canon G2012 All-in-One Ink Tank Printer
~~₹11,455~~ **₹7,999**

Amazon Echo Dot (3rd Gen)
~~₹4,499~~ **₹2,999**

Lowest Ever Price
JBL GO Bluetooth Speaker
~~₹2,699~~ **₹1,399**

## ଭାରତ'ର ସର୍ବବୃହତ ଅନ୍‌ଲାଇନ୍ ହୋମ୍ ଏବଂ କିଚେନ୍ ଷ୍ଟୋର୍

Eureka Forbes Aquasure Smart Plus 6L RO + UV + MTDS Water Purifier
~~₹15,999~~ **₹9,499**

Recron™ Dream Set of 2 Pillows
~~₹819~~ **₹299**

Gas Stoves Starting from **₹999**
Min. 20% Off

Sofas and Recliners **Up to 60% Off**

Cookware **Up to 50% Off**

Philips HL 7720 750-Watt 3-Jar Mixer Grinder
~~₹4,495~~ **₹2,999**

Double Bed Sheets **Flat ₹299 only**
Min. 50% Off

Treadmills & Exercise Bikes **Min. 40% Off**

**Up to 80% Off + EXTRA 10% Cashback* on min. order of ₹1,000**

*T&C Apply

## ସବୁଠୁ କମ ଦାମ୍‌ରେ ଦୈନନ୍ଦିନ ଦରକାରି ଏବଂ ଆହୁରି ଅନେକ ଜିନିଷପତ୍ର

**HOUSEHOLD SUPPLIES**
**MIN. 25% OFF**

**TOP SHAMPOO BRANDS**
**FLAT 50% OFF**

**WHEY PROTEINS**
**UP TO 50% OFF**

**PHILIPS QT4011 TRIMMER**
~~₹2,208~~ **₹1,699**
1-hr charge | 90-mins run time

**BABY PRODUCTS**
**UP TO 50% OFF**

**LUXURY BEAUTY**
**UP TO 60% OFF**

**CHOCOLATES & DRY FRUITS**
**UP TO 45% OFF**

**BOOKS & ENTERTAINMENT**
**UP TO 75% OFF**

amazon prime | Exclusive Deals for Prime Members

*On limited products

**AMAZON APP**
**ଏବେ ହିଁ ଡାଉନ୍‌ଲୋଡ୍ କରନ୍ତୁ**

ପ୍ରତିଦିନ ରାତ୍ରି ୧୨ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଗୋଲ୍‌ଡେନ୍ ଆୱାର୍ ଡୀଲ୍‌ସ

amazon.in

*ଇଭେଣ୍ଟ ନିୟମ ଏବଂ ସର୍ତ୍ତାବଳୀ ବିଷୟରେ ଅଧିକ ଜାଣିବା ନିମନ୍ତେ ଭିଜିଟ୍ କରନ୍ତୁ : amazon.in/www.amazon.in/tcgif. ଉପରୋକ୍ତ ତଥ୍ୟ ଅଂଶଗ୍ରହଣକାରୀ ବିକ୍ରେତା ଏବଂ/କିମ୍ବା ବ୍ରାଣ୍ଡ ଦ୍ୱାରା ପ୍ରଦାନ କରାଯାଇଛି ଏବଂ Amazon ଦ୍ୱାରା 'ଯେମିତି ଅଛି ସେମିତି' ଆଧାରରେ ପ୍ରଦର୍ଶିତ କରାଯାଇଛି । Amazon ଏଭଳି ଦାବୀ ଏବଂ ତଥ୍ୟର ସଠିକତା, ଶୁଦ୍ଧତା, ବିଶ୍ୱସନିୟତା କିମ୍ବା ବୈଧତାର ପ୍ରତିନିଧିତ୍ୱ କରେ ନାହିଁ ଏବଂ ଏହା ସମ୍ବନ୍ଧିତ କୌଣସି ପ୍ରକାରର ବ୍ୟକ୍ତ କିମ୍ବା ନିହିତ କୌଣସି ଗ୍ୟାରେଣ୍ଟୀ କିମ୍ବା ୱାରେଣ୍ଟୀ ପ୍ରଦାନ କରେ ନାହିଁ । Amazon ଫ୍ୟାଶନ୍ ରେ କପଡ଼ାଲତା, ଜୋତା, ହାତ ଘଡ଼ି, ଲଗେଜ୍ ଏବଂ ଅଳଙ୍କାର ବର୍ଗ ସାମିଲ ଅଟେ । ଡୀଲ୍‌ସ ଏବଂ ଡିସ୍କାଉଣ୍ଟ ଅଂଶଗ୍ରହଣକାରୀ ବ୍ରାଣ୍ଡ ଦ୍ୱାରା ପ୍ରଦାନ କରାଯାଏ ଏବଂ Amazon ସମ୍ପୂର୍ଣ୍ଣ ରୂପେ ବହିର୍ଭୂତ ଅଟେ । ଅଫର୍ କେବଳ ନିର୍ଦ୍ଦିଷ୍ଟ ବ୍ରାଣ୍ଡ, ଉତ୍ପାଦ ଏବଂ ପ୍ରକାର ଉପରେ ତଥା ଷ୍ଟକ୍ ଥିବା ପର୍ଯ୍ୟନ୍ତ ବୈଧ । ^ଆଇସିଆଇସିଆଇ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ ଏବଂ କ୍ୟାଶ୍‌ବ୍ୟାକ୍ : ନ୍ୟୁନତମ ଟ୍ରାଞ୍ଜାକ୍‌ଶନ୍ ଟ.2000 । ଟ.50,000 ରୁ କମ ଟ୍ରାଞ୍ଜାକ୍‌ଶନ୍ ନିମନ୍ତେ, ସର୍ବାଧିକ ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ : ଟ.2000 ପ୍ରତି କାର୍ଡ । ମୋଟ କ୍ରୟ ଟ.50,000 ଏବଂ ତଦୁର୍ଦ୍ଧ୍ୱ ନିମନ୍ତେ, ଟ.2000 ରୁ ଅଧିକ ଡିସ୍କାଉଣ୍ଟ କୁ କ୍ୟାଶ୍‌ବ୍ୟାକ୍ ରୂପେ ପୋଷ୍ଟ କରାଯିବ । ସର୍ବାଧିକ ଡିସ୍କାଉଣ୍ଟ (ଇନ୍‌ଷ୍ଟାଣ୍ଟ ଡିସ୍କାଉଣ୍ଟ + କ୍ୟାଶ୍‌ବ୍ୟାକ) ପ୍ରତି କାର୍ଡ ଟ.10,000 । ସିଟିବ୍ୟାଙ୍କ କ୍ୟାଶ୍‌ବ୍ୟାକ୍ : ନ୍ୟୁନତମ ଟ୍ରାଞ୍ଜାକ୍‌ଶନ୍ ଟ.2000 । ଟ.50,000 ରୁ କମ ଟ୍ରାଞ୍ଜାକ୍‌ଶନ୍ ନିମନ୍ତେ, ସର୍ବାଧିକ କ୍ୟାଶ୍‌ବ୍ୟାକ : ଟ.2000 ପ୍ରତି କାର୍ଡ । ମୋଟ କ୍ରୟ ଟ.50,000 ଏବଂ ତଦୁର୍ଦ୍ଧ୍ୱ ନିମନ୍ତେ, ସର୍ବାଧିକ କ୍ୟାଶ୍‌ବ୍ୟାକ ପ୍ରତି କାର୍ଡ ଟ.10,000 ହେବ । ଅଧିକ ଜାଣିବା ନିମନ୍ତେ, ଦୟାକରି ଭିଜିଟ୍ କରନ୍ତୁ : www.amazon.in/cashback.

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୪/୨୦୧୮ | Bhubaneswar, Wednesday, October 24/ 2018 | ପୃଷ୍ଠା-୧




## ପ୍ରୋ-କବାଡ଼ିରେ ରାହୁଲଙ୍କ ରେକର୍ଡ

ପ୍ରୋ-କବାଡ଼ି ଇତିହାସରେ ପ୍ରଥମ ଖେଳାଳିଭାବେ ୭୦୦ ରେଡ୍ ପଏଣ୍ଟ ସ୍କୋର କରିବାର କୃତିତ୍ୱ ଅର୍ଜନ କରିଛନ୍ତି ତେଲୁଗୁ ଟାଇଟାନ୍ସର ରାହୁଲ ଚୌଧାରୀ।

୧୬

୧୦

## ‘ବାହୁବଳୀ’କୁ ‘ଷ୍ଟାର୍ ୱାର’ ସହ ତୁଳନା କଲେ ରାଣା

ସୁପରହିଟ୍ ଇଣ୍ଡିଆନ୍ ଫିଲ୍ମ ‘ବାହୁବଳୀ’କୁ ‘ଷ୍ଟାର୍ ୱାର’ ସହ ତୁଳନା କରି ଏଥିରେ ଅଭିନୟ ପାଇଁ ଗର୍ବ ଅନୁଭବ କରିଛନ୍ତି ଅଭିନେତା ରାଣା ଦଗୁବତି ।



**ଆଜିର ସମ୍ପାଦକୀୟ**

## ଟିକା ଦେଇ ଶୋଷଣ

**ଆଜିର ମନ୍ତବ୍ୟ**

“ ଆଲୋଚନା ଓ ଆତଙ୍କବାଦ ଏକସଙ୍ଗେ ଅସମ୍ଭବ।
**–ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ**

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ଏବଂ ଚେକ୍ ରିପବ୍ଲିକ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧.୦୭ ବିଲିୟନ ଡଲାର ରହିଛି। **– ବାଣିଜ୍ୟ ମନ୍ତ୍ରଣାଳୟ**

## କୋଣାର୍କ, ଶ୍ରୀମନ୍ଦିର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ମହଙ୍ଗା ପଡ଼ିଲା

# ବନ୍ଧା ହେଲେ ଆୟର

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ଶ୍ରୀମନ୍ଦିର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ପ୍ରସଙ୍ଗରେ ଶହୀଦନଗର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରିଛି। ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

**କୋର୍ଟ ଚାଲାଣ ପରେ ଜେଲ ଗଲେ**



ଅଭିଜିତ ଆୟର ମିତ୍ର

ମଙ୍ଗଳବାର ପୂର୍ବାହ୍ନରେ ଅଭିଜିତ ବିଧାନସଭା ଗୃହ କମିଟିରେ ହାଜର ହୋଇଥିଲେ। ସେଠାରୁ ବାହାରିବା ପରେ ତାଙ୍କୁ କମିଶନରେଟ ପୋଲିସ ନିଜ ହେପାଜତକୁ ନେଇଥିଲା। ଏକ ଅଜ୍ଞାତ ସ୍ଥାନରେ ରଖି ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ଅପରାହ୍ନ ୫ଟାରେ ଗିରଫ କରିଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ଦଫା ୨୯୪, ୨୯୫(ଏ), ୫୦୦, ୧୫୩(ଏ), ୬୭ ଆଇଟି ଆକ୍ଟରେ ତାଙ୍କ ନାମରେ ମାମଲା(୪୩୨/୧୮) ରୁଜୁ ହୋଇଛି। ପୋଲିସ ପଚରାଉଚରା କରିବା ସମୟରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ସେ ହେଲିକପ୍ଟରରେ କୋଣାର୍କ, ପୁରୀ ଓ ଚିଲିକା ଉପରେ ବୁଲିଥିଲେ। ତାଙ୍କ ସହ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଥିଲେ। ପଚରାଉଚରା ପରେ ତାଙ୍କୁ ଶହୀଦନଗର ଥାନାକୁ କଡ଼ା ସୁରକ୍ଷା ବଳୟରେ ନିଆଯାଇଥିଲା।

☞ପୃଷ୍ଠା–୧୪

## ‘ମୋର ନିର୍ବୋଧତା ଯୋଗୁ ଏଭଳି କହିଛି’

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

■ ଗୃହ କମିଟିରେ ହାଜର ହେଲେ ଅଭିଜିତ

■ ଦୋଷ ସ୍ୱୀକାର କଲେ, ଭୁଲ ମାଗିଲେ

କୋଣାର୍କ ଓ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ମୁଁ ଯେଉଁ ମନ୍ତବ୍ୟ ଦେଇଛି ତାହା ମୋର ନିର୍ବୋଧତା। ଏଥିପାଇଁ ମୁଁ ଓଡ଼ିଶାବାସୀଙ୍କୁ କ୍ଷମା ମାଗୁଛି। ବିଧାନସଭା ଏବଂ ବିଧାୟକମାନଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ ପାଇଁ ମଧ୍ୟ ପ୍ରାର୍ଥନା କରୁଛି। ଓଡ଼ିଶା ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ସାମ୍ବାଦିକମାନେ ଏଣୁତେଣୁ ଗୁଡେଇ ତୁଡେଇ ପ୍ରଶ୍ନ କରିବାରୁ ଏଭଳି ମନ୍ତବ୍ୟ ଦେଇଥିଲି।

☞ପୃଷ୍ଠା–୧୪

## ହାଓଡ଼ା ଷ୍ଟେଶନରେ ଦଳାଚକଟା

**୨ ମୃତ ୧୭ ଆହତ**

କୋଲ୍‌କାତା, ୨୩।୧୦(ପି.ଟି.)

ପଶ୍ଚିମବଙ୍ଗର ହାଓଡ଼ାସ୍ଥିତ ସାନ୍ତ୍ରାଗାଚି ରେଲଓ୍ୱେ ଷ୍ଟେଶନର ଏକ ଫୁଟ୍ ଓଭରବ୍ରିଜ୍‌ରେ ମଙ୍ଗଳବାର ଦଳାଚକଟା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିପାଇଁ ରେଲଓ୍ୱେର ଅବହେଳାକୁ ଦାୟୀ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

ସାନ୍ତ୍ରାଗାଚି ଷ୍ଟେଶନର ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମ ମଝିରେ ମଙ୍ଗଳବାର ସନ୍ଧ୍ୟା ୬ଟା ୩୦ରେ ଦଳାଚକଟା ହୋଇଛି। ନଗରକୋଇଲ୍-ଶାଳିମାର ଏକ୍ସପ୍ରେସ୍ ଏବଂ ୨ଟି ଇଏମ୍‌ୟୁ ଲୋକାଲ୍ ପ୍ରାୟ ଏକା ସମୟରେ ଷ୍ଟେଶନରେ ପହଞ୍ଚିବା ପରେ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ପ୍ଲାଟଫର୍ମକୁ ଧାଇଁବାରେ ଲାଗିଥିଲେ। କିଛି ସମୟ ମଧ୍ୟରେ ଶାଲିମାର-ବିଶାଖାପାଟନାମ୍ ଏକ୍ସପ୍ରେସ୍ ଏବଂ ସାନ୍ତ୍ରାଗାଚି-ଚେନ୍ନାଇ ଏକ୍ସପ୍ରେସ୍ ମଧ୍ୟ ଷ୍ଟେଶନରେ ପହଞ୍ଚିବାକୁ ଥିବାରୁ ଭିଡ଼ ବଢ଼ିଯାଇଥିଲା। ଏଥିଯୋଗୁ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଉକ୍ତ ଫୁଟ୍ ଓଭରବ୍ରିଜ୍‌ରେ ଦଳାଚକଟା ହୋଇ ୨ ଜଣଙ୍କ ପ୍ରାଣହାନି ହୋଇଥିବା ଦକ୍ଷିଣ-ପୂର୍ବ ରେଲଓ୍ୱେ ମୁଖପାତ୍ର ସଞ୍ଜୟ ଘୋଷ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ତୁରନ୍ତ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଆହତମାନଙ୍କୁ ହାଓଡ଼ା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 23.10.2018 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers


## ମହିଳାଙ୍କୁ ତିନି ତଲାକ୍, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ, ୨୩।୧୦(ସ୍ୱ.ପ୍ର.)

ମୁସଲମାନ ସମ୍ପ୍ରଦାୟର ବହୁ ପୁରୁଷ ତିନିଥର ‘ତଲାକ’ କହି ସ୍ତ୍ରୀଙ୍କ ସହ ବୈବାହିକ ସମ୍ପର୍କ ଛିନ୍ନ କରୁଥିବା ଦେଖିବାକୁ ମିଳୁଛି । କିଏ ଟେଲିଫୋନ କରି କହୁଛନ୍ତି ତ କିଏ ହ୍ୱାଟ୍ସଆପ୍ ଅବା ମେସେଜ୍ ମାଧ୍ୟମରେ ତଲାକ୍ ଦେଉଛନ୍ତି। ଫଳରେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ତିନି ତଲାକ୍ ବେଆଇନ ବୋଲି ଦର୍ଶାଇଛନ୍ତି।



**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା**

ଏହାସତ୍ତ୍ୱେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜଣେ ମୁସଲିମ୍ ମହିଳାଙ୍କୁ ଯୌତୁକ ପାଇଁ ତିନି ତଲାକ୍ ଦେବା ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା

☞ପୃଷ୍ଠା–୧୪

## ଦୀପାବଳି ରାତିରେ ୨ ଘଣ୍ଟା ଫୁଟିବ ବାଣ

ନୂଆଦିଲ୍ଲୀ, ୨୩।୧୦(ପି.ଟି.)

**ସମ୍ପୂର୍ଣ୍ଣ କଟକଣାକୁ ସୁପ୍ରିମକୋର୍ଟଙ୍କ ନା**

■ **ଇ-ମାର୍କେଟିଂ କମ୍ପାନୀ ଉପରେ ଅଙ୍କୁଶ**

ଏବର୍ଷ ସାରା ଦେଶରେ ପାଳିତ ହେବ ‘ସବୁଜ’ ଦୀପାବଳି। ଅର୍ଥାତ୍ ପରିବେଶ ପାଇଁ କମ କ୍ଷତିକାରକ ହେବା ଭଳି ଆଲୋକର ପର୍ବକୁ ପାଳନ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଣ କିଣାବିକା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଏଥିସହ ଦୀପାବଳି ରାତି ୮ଟାରୁ ୧୦ଟା ୨ ଘଣ୍ଟା ମଧ୍ୟରେ ହିଁ ଲୋକେ ବାଣ ଫୁଟାଇ ଉତ୍ସବ ମନାଇପାରିବେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କେବଳ ଏତିକି ନୁହେଁ, ବାଣର ଇ-ମାର୍କେଟିଂ ଉପରେ ମଧ୍ୟ ଏଥର ଅଙ୍କୁଶ ଲଗାଯାଇଛି।

ବାଣ ଯୋଗୁ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧିପାଉଛି। ତେଣୁ ଏହାର ତିଆରି ଓ ବିକ୍ରି ଉପରେ ରୋକ ଲଗାଇବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା।

☞ପୃଷ୍ଠା–୧୪






ତାମିଲନାଡୁର ମନ୍ତ୍ରୀ ଡି.ଜୟକୁମାରଙ୍କ ଏକ ଅଡିଓ କ୍ଲିପ୍ ନେଇ ବେଶ୍ ଚର୍ଚ୍ଚା ହେଉଛି । ଏଥିରେ ଜଣେ ପୁରୁଷ ବ୍ୟକ୍ତି ମହିଳାଙ୍କୁ ଗର୍ଭପାତ କରାଇବା ପାଇଁ ପରାମର୍ଶ ଦେଉଥିବା ଶୁଣିବାକୁ ମିଳୁଛି । ଏହାସହିତ ଏକ ଜନ୍ମପ୍ରମାଣ ପତ୍ରରେ ପିତାଙ୍କ ନାମ ସ୍ଥାନରେ ଜୟକୁମାରଙ୍କ ନାମ ଥିବାନେଇ ବିରୋଧୀ ଆରମ୍ଭ କରିଛନ୍ତି ଚର୍ଚ୍ଚା । ଏହା ମନଗଢ଼ା ବୋଲି ଜୟକୁମାର କହିଛନ୍ତି ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................



ଆରିୟମ
ପରିବାରବର୍ଗ



ଲୋପା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।




### BRIDE WANTED

Wanted Khandayat bride for good looking fair groom 1984/5'11'', interior designer, company based Job (Kolkata), salary- 42,000/-. Contact: 9337748884, 7892291976. D-63393

Karan boy 1988, 5'6", B.Tech serving Infosys, Bangalore "Sunasansar". 9937512659. D-8991

Gopal boy 1987/ 5'10" MJMC working media sector, BBSR. Required service holder, Caste no bar. Barsha. 9338229705, 7381384339. D-64728

Gopal groom Bank 31+, Doctor 29, Infosys 31. Samadhan- 8594926181. D-65037

### GROOM WANTED

Divorcee Brahmin bride Teacher 32, Clerk 38 (caste-no-bar). Contact: 7873374269. D-65033

Divorcee bride Bank 35, Engineer 29, Clerk 31, Samadhan. 8594926181. D-65036

Chingudi factoryରେ Manager ଥିବା 44 ବର୍ଷ ଝିଅ ପାଇଁ ଭଲ ଘରର ବରପାତ୍ର ଆବଶ୍ୟକ । 7438025836. D-9023

Bengali Weaver, fair complexion girl, 5'1"/ 25 yrs, M.Sc Biotechnology, serving at Mumbai. 8093807287, 9438414924. D-9034

Newly opening ayurvedic body massage smart therapist, Shree herbal. 7750020754. D-65125

Improving your health, skincare though expert therapist, excellent offfer. 9668374480. D-65126

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Singar massage club fully relaxed by expert lady also home service available. Contact: 9937637219. D-9024

### INSURANCE

ସମ୍ପୂର୍ଣ୍ଣ ପରିବାରର ସ୍ୱାସ୍ଥ୍ୟବୀମା କରିବାକୁ ଚାହୁଁଛନ୍ତି କି? ତେବେ Star Health and Allied Insuranceକୁ ଯୋଗାଯୋଗ କରନ୍ତୁ । 9938668739. D-59918







### SALE

Indigo cs model-2008 Dec. Diesel, private white. Contact- 9437286768 price- 1,20,000/-. D-8979




### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି । 9776934361, 9938177361. D-64346

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area. Price- 77 lakhs. Bank finance available. 9078151122. D-65127

2100 sft. homestead land immediate sale Hanspal, NH-5, Bhubaneswar. Contact Deepak: 9937329999 (Conditions apply). D-64524

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ । 9437003399, 9437240295. D-64352

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9861219987, 9853426050. D-9025




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

Construct your building in finished house contact: 9937004680. D-27282




2000 sft. commercial fully furnished in 1st floor at 72, Bapujinagar, Bhubaneswar infront of Nimapada Sweets. 9861021008. D-9011

30,000 sft. vacant land for rent for all commercial purpose near Dhauli. Contact: 8917576258. D-9016

3000 sqft. residential fully furnished with ceilling fan ground and first floor at Saileshreevihar near Jagannath Temple suitable for Bank,Tutorials, Reliance Fresh, boys or girls hostel. Contact: 7205883949. D-9019

3BR, dining, drawing, ground floor Tankapani road, Jagannath Ashram. 9777662687. D-63920

2BHK apartment at Acropolis for family. Contact: 9437015037. D-65035

Now Matrimonial ads. only on Wednesday & Sunday Book 1 Get 1 FREE




Samal Packers Movers provide household shifting in reasonable price. 9437035016. D-63861

Shivam logistic packers movers. Household/ car relocation countrywide. 9777044177, 9338461133. D-9035




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Experience full body massage with us by experts. Enquiry: 7377048581. D-65120

Ayurvedic herbal body massage by smart expert therapist. 9040900385, 9778137131. D-64622

Physiotherapy and herbal massage by trained ladies/ gents therapist. 9938811534. D-65034

Saishree ayurvedic full body massage ladies & gents. Contact: 7438896074. D-64623

Ayurvedic full body massage ladies / gents smart experts therapist. 9114697517. D-64624

Herbal full body massage by smart/ expert therapist. Contact: 8338067247. D-65121

All type of full body massage by expert therapist. 7609005923. D-65122

Newly opening ayurvedic body massage in joint pains, smart therapist. 9776383819. D-65124

### ଜନ୍ମଦିନ ଶୁଭେଚ୍ଛା



**ଆରିୟମ ପ୍ରଧାନ**

ଜଗନ୍ନାଥ ନଗର, ଝାରପଡ଼ା, ଭୁବନେଶ୍ୱର

ଶୁଭେଚ୍ଛା ସହ: ନନା, ବୋଉ, ବଡବାପା, ବଡମା, ଭାଇ, ବାପା, ମାମା, ଦିଦି । ଧ-୯୦୧୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ଭିଜିଲାନ୍ସ ହାତରେ ତହସିଲ କନିଷ୍ଠ କିରାଣି

ନବରଙ୍ଗପୁର/ରାଇଘର,୨୩।୧୦ (ବି.ପ୍ର./ଡି.ଏନ.ଏ.)

ନବରଙ୍ଗପୁର ଜିଲା ରାଇଘର ତହସିଲ କାର୍ଯ୍ୟାଳୟର କନିଷ୍ଠ କିରାଣି ପ୍ରକାଶ ଚନ୍ଦ୍ର ମିଶ୍ର ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ରାଇଘର ବ୍ଲକ କରଂଜିଡିହି ଗାଁର ଜହ୍ନୁ ଗଣ୍ଡଙ୍କୁ ୨୦୧୮ ମାର୍ଚ୍ଚ ୩ ତାରିଖରେ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ପୁଅ ଶ୍ରବଣ ଗଣ୍ଡ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ । ସହାୟତା ରାଶି ୪ ଲକ୍ଷ ଟଙ୍କା କରାଇଦେବା ପାଇଁ ପ୍ରକାଶ ୭ ହଜାର ଟଙ୍କା ଲାଞ୍ଚ ଶ୍ରବଣଙ୍କୁ ମାଗିଥିଲେ । ଏ ସମ୍ପର୍କରେ ଶ୍ରବଣ ଭିଜିଲାନ୍ସରେ ଜଣାଇଥିଲେ । ଯୋଜନା ମୁତାବକ ଭିଜିଲାନ୍ସ ଡିଏସପି ପ୍ରମୋଦ ବାଗ, ଇନ୍ସପେକ୍ଟର ଦିନବନ୍ଧୁ ବେହେରା, ଜୟପୁର ଭିଜିଲାନ୍ସ ଇନ୍ସପେକ୍ଟର ବି. ରୁଦ୍ରିୟା ଓ ପ୍ରମିଳା ସୁନା ତହସିଲ କାର୍ଯ୍ୟାଳୟ ନିକଟରେ ଜଗି ରହିଥିଲେ । ଶ୍ରବଣଙ୍କ ଠାରୁ ୭ ହଜାର ଟଙ୍କା ଲାଞ୍ଚ ପ୍ରକାଶ ନେବା ସମୟରେ ଡିଏସପିଙ୍କ ହାତରେ ଧରାପଡିଥିଲେ । ପ୍ରକାଶଙ୍କୁ ଭିଜିଲାନ୍ସ ଟିମ ଗିରଫ କରିଥିଲା ।

### ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ପ୍ରଫେସର୍ ଦୁଃଖୀରାମ ପଣ୍ଡା**

ଆବିର୍ଭାବ: ୨୭।୦୬।୧୯୩୭
ତିରୋଧାନ: ୨୪।୧୦।୨୦୧୭

ପଣ୍ଡା ନିବାସ, ବେହେରାମଲ, ଝାରସୁଗୁଡା

ବାପା, ଆପଣଙ୍କର ସ୍ୱର୍ଗୀୟ ପ୍ରସ୍ଥାନକୁ ଚାହୁଁ ଚାହୁଁ ବର୍ଷେ ପୂରିଗଲା । ଆପଣଙ୍କର ଅନୁପସ୍ଥିତିର ଶୂନ୍ୟତା କେବେ ହେଲେ ପୂରଣ କରି ହେବ ନାହିଁ ହେଲେ ଆପଣ ଆମ ସ୍ମୃତିରେ ସଦାସର୍ବଦା ଅମର ରହିବେ । ଆପଣଙ୍କର ସିଦ୍ଧାନ୍ତ ଏବଂ ଆଶୀର୍ବାଦ ଆମର ପଥ ପ୍ରଦର୍ଶକ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା । ଶୋକସନ୍ତପ୍ତ: ସମ୍ବିତ୍, ମନୋଜିତ୍, ନମ୍ରତା, ଅନନ୍ୟା, ପ୍ରଜ୍ଞା, ଆଶୀରିୟ । ଧ-୯୦୨୦



# ଖୋଲିଲା ବିଶ୍ୱର ଲମ୍ବା ସମୁଦ୍ର ପୋଲ

ହଂକଂ,୨୩।୧୦

ଚାଇନାର ସହର ଜୁହାଇକୁ ହଂକଂ ଏବଂ ମାକାଉ ସହିତ ଯୋଡୁଥିବା ବିଶ୍ୱର ସବୁଠୁ ଲମ୍ବା ସମୁଦ୍ର ପୋଲ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଜୁହାଇଠାରେ ଆୟୋଜିତ ଏକ ଉତ୍ସବରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଏହି ପୋଲର ଉଦ୍‌ଘାଟନ କରିଥିଲେ । ୫୫ କିଲୋମିଟର ଲମ୍ବ 'ଜୁହାଇ-ହଂକଂ-ମାକାଉ' ପୋଲକୁ ତିଆରି କରିବାକୁ ଲାଗିଛି ୯ବର୍ଷ । ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଏହା ବୁଧବାର ଖୋଲାଯିବ । ଏହି ପୋଲ ନିର୍ମାଣରେ ୪ଲକ୍ଷ ଟନ୍ ଷ୍ଟିଲ ଲାଗିଛି । ସାନ୍ ଫ୍ରାନ୍‌ସିସ୍‌କୋ ଗୋଲ୍‌ଡେନ୍ ଗେଟ୍ ବ୍ରିଜ୍‌ଠାରୁ ପ୍ରାୟ ୫ ଗୁଣା ଅଧିକ ଷ୍ଟିଲ ଏଥିରେ ଲାଗିଥିବା ଜଣାପଡ଼ିଛି । ଏହା ପ୍ରାୟ ୮.୦ ତୀବ୍ରତାର ଭୂକମ୍ପ ଓ ପ୍ରବଳ ଝଡ଼ତୋଫାନଙ୍କୁ ସାମ୍ନା କରିବାର ସାମର୍ଥ୍ୟ ରଖିଛି ।

# 'ସୁନ୍ଦରୀ' ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ



ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ବାଘୁଣୀ 'ସୁନ୍ଦରୀ' ଧରାହେବା ପରେ ତା'କୁ କେଉଁଠି ରଖାଯିବ ତାହାକୁ ନେଇ ବର୍ତ୍ତମାନ ଅନେକ ଚର୍ଚ୍ଚା ଚାଲିଛି । ସାତକୋଶିଆରେ ମଣିଷ ମାରିଥିବା ଏହି ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରି ଧରାଯିବା ପରେ ତା'କୁ ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜରକୁ ପଠାଯିବ ବୋଲି ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଛନ୍ତି । କିନ୍ତୁ ବାଘକୁ ଏଠାରେ ନ ରଖି ନନ୍ଦନକାନନରେ ରଖିବା ଉଚିତ, ନଚେତ୍ ମଧ୍ୟପ୍ରଦେଶକୁ ଫେରାଇ ଦିଆଯିବା ଆବଶ୍ୟକ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି । ଫଳରେ ସୁନ୍ଦରୀ ଭବିଷ୍ୟତକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ବନ ବିଭାଗର ଖାମ୍‌ଖିଆଲି ନୀତି ଯୋଗୁ ଏଭଳି ପରିସ୍ଥିତ ଉପୁଜିଛି । ପ୍ରଥମେ ଗାଁ ଲୋକଙ୍କୁ ସ୍ଥାନାନ୍ତର ନ କରି ଏଭଳି ପଦକ୍ଷେପ ନେବା ଅନୁଚିତ ଥିଲା । ବର୍ତ୍ତମାନ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ଆଖି ଆଗରେ ରଖି ସୁନ୍ଦରୀକୁ ମଧ୍ୟପ୍ରଦେଶର ବାନ୍ଧବଗଡ଼କୁ ଫେରାଇ ଦିଆଯିବା ଉଚିତ । ବାଘ ଫେରାଇଲେ ରାଜ୍ୟ ସରକାରଙ୍କର ବହୁତ କ୍ଷତି ହେବ । କାରଣ ଏହି ଯୋଜନା ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । କିନ୍ତୁ ତାକୁ ଫେରଇବା ବ୍ୟତୀତ ଅନ୍ୟ କିଛି ବାଟ ନାହିଁ ।

ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ. କେ. ସିଂ କୁହନ୍ତି, 'ସୁନ୍ଦରୀ'ର ଆଚରଣ ଅନ୍ୟ ବାଘଙ୍କଠାରୁ ଅଲଗା ରହିଛି । ସେ ଘଞ୍ଚ ଜଙ୍ଗଲରେ ରହିବାକୁ ପସନ୍ଦ କରୁନି । ଯେହେତୁ 'ସୁନ୍ଦରୀ' ତା'ର ଶିକାରକୁ ଠିକ୍ ଭାବେ ଖାଇ ପାରୁନି ତେଣୁ ସେ ପୁଣି ନୂଆ ଶିକାର କରୁଛି । ଏହାଛଡ଼ା ସେ ମଣିଷ ସଂସ୍ପର୍ଶରେ ଆସି ସାରିଥିବାରୁ ସାତକୋଶିଆ ଆଉ ତା' ପାଇଁ ଅନୁକୂଳ ନୁହେଁ । ନନ୍ଦନକାନନ କିମ୍ବା ବାନ୍ଧବଗଡ଼ ଜଙ୍ଗଲକୁ ଫେରାଇ ନିଆଯିବା ଉଚିତ ବୋଲି ସେ କହିଛନ୍ତି । ତେବେ ବାଘଟିକୁ ଆଣିବା ପାଇଁ ରାଜ୍ୟ ସରକାର ଯେଉଁ ଅର୍ଥ ଖର୍ଚ୍ଚ କରିଛନ୍ତି ତାହା ପାଣିରେ ପଡ଼ିଲା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି ।

ଏନ୍‌ଟିସିଏର ଗାଇଡ୍‌ଲାଇନ କହୁଛି, ଯଦି ବାଘ ମଣିଷ ମାରିଥାଏ, ତେବେ ତାକୁ ନିକଟସ୍ଥ ଚିଡ଼ିଆଖାନାରେ ରଖିବା ଉଚିତ । ସେହି ଆଧାରେ ସୁନ୍ଦରୀକୁ ନନ୍ଦନକାନନରେ ରଖାଯିବା ଦରକାର । ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ମଧ୍ୟପ୍ରଦେଶର ବାନ୍ଧବଗଡ଼କୁ ଫେରାଇ ଦିଆଯିବା ଠିକ୍ ନୁହେଁ । କାରଣ ଯଦି ସୁନ୍ଦରୀ ମଣିଷଖିଆ ବୋଲି ପ୍ରମାଣ ମିଳିଲା ତେବେ ବାନ୍ଧବଗଡ଼ କର୍ତ୍ତୃପକ୍ଷ ମଧ୍ୟ ଜଙ୍ଗଲରେ ତାକୁ ଛାଡ଼ି ପାରିବେ ନାହିଁ, ତାକୁ ଚିଡ଼ିଆଖାନାରେ ରଖିବେ । ଯେହେତୁ ରାଜ୍ୟ ସରକାର ଅନେକ ଟଙ୍କା ଏଥିରେ ଖର୍ଚ୍ଚ କରିଛନ୍ତି, ତେଣୁ ତାକୁ ବାନ୍ଧବଗଡ଼କୁ ନ ପଠାଇ ଏନ୍‌ଟିସିଏ ଗାଇଡ୍‌ଲାଇନ ଅନୁସାରେ ନନ୍ଦନକାନନରେ ରଖାଯିବା ଜରୁରୀ ।

# ଗଣ ବଳାତ୍କାର ପରେ ଯୁବତୀଙ୍କୁ ପଥରରେ ଛେଚି ହତ୍ୟା

ନିରାକାରପୁର,୨୩।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ରାଉଳହଜ ମୌଜାରେ ଥିବା ଏକ ପଥରଖଣିରେ ଜଣେ ଯୁବତୀଙ୍କୁ ଗଣ ବଳାତ୍କାର ପରେ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଖୋର୍ଦ୍ଧା ସରକାରୀ ମେଡିକାଲକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକଙ୍କ ପରିଚୟ ମିଳିପାରିନାହିଁ । ସ୍ଥାନୀୟ ଲୋକଙ୍କ ସୂତ୍ରରୁ ପ୍ରକାଶ ଯେ, ସେମାନେ ଖଣି ନିକଟକୁ ଶୌଚ ହେବା ପାଇଁ ଆସିଥିଲେ । ଲୋକଙ୍କ ପାଟି ଶୁଣି ୨ ରୁ ୪ ଜଣ ଲୋକ ଚିତ୍ରକୂଟ ପାହାଡ ଆଡକୁ ଦୌଡ଼ି ପଳାଇଥିଲେ । ଘଟଣା ସ୍ଥଳରେ ଜଣେ ଯୁବତୀ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା । ଏ ନେଇ ନିରାକାରପୁର ପୋଲିସ ଶଙ୍କର୍ଷଣ ଆଇଚ କହିଛନ୍ତି, ଆମେ ସମ୍ପୃକ୍ତ ଯୁବତୀଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲୁ । ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି । ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ । ଏନେଇ ୯୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ । ଘଟଣା ସ୍ଥଳରୁ ମୃତ ଯୁବତୀଙ୍କ ହଳେ ଚପଲ, ୨ ମଦବୋତଲ ଏବଂ ଯୁବତୀଙ୍କୁ ମୁହଁକୁ ଆକ୍ରମଣ କରାଯାଇଥିବା ପଥର ଜବତ ହୋଇଛି । ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ଗଣ ବଳାତ୍କାର ଘଟଣା ବୋଲି ସନ୍ଦେହ କରାଯାଉଛି । ଏ ନେଇ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ କହିଛନ୍ତି, ଏହି ଘଟଣାର ତଦନ୍ତ ନିମନ୍ତେ ୨ ଟି ସ୍କ୍ୱାର୍ଡ ଗଠନ କରାଯାଇଛି । ଗୋଟିଏ ସ୍କ୍ୱାଡରେ ନିରାକାରପୁର, ଜଙ୍କିଆ ଓ ଟାଙ୍ଗୀ ଥାନାଧିକାରୀ ଥିବାବେଳେ ଅନ୍ୟ ସ୍କ୍ୱାଡରେ ଏସ୍‌ଡିପିଓ ରହିଛନ୍ତି । ଘଟଣାସ୍ଥଳରେ ପୋଲିସ କର୍ଡନ ବ୍ୟବସ୍ଥା ହୋଇଛି । ଏହାପରେ ସନ୍ଧାନୀ କୁକୁର ଦ୍ୱାରା ବିଶେଷ ଭାବେ ଅନୁସନ୍ଧାନ କରାଯିବ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ପୂର୍ଣ୍ଣିମାର ଚନ୍ଦ୍ର ଆପଣଙ୍କ ସାମଗ୍ରିକ ଆଶା ଓ ଅଭିଳାଷକୁ ପୂର୍ଣ୍ଣତାପ୍ରାପ୍ତ କରାଇବ । କାର୍ଯ୍ୟସିଦ୍ଧି ଘଟାଇବା ସହ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ଯାତ୍ରା ସମୟରେ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ । ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡିପାରେ ।

**ବୃଷ**



ଆଜିର ଦିନଟି ବହୁତ ଭଲ, ମନ ଅନୁଯାୟୀ କାମ, ବନ୍ଧୁମାନଙ୍କ ଆନୁଗତ୍ୟପୂର୍ଣ୍ଣ କଥାରେ ମନ ଖୁସି ହୋଇଯିବ । ରବିଙ୍କ ଦୁର୍ବଳତା ପାରିବାରିକ କ୍ଷେତ୍ର ସକାଶେ କୌଣସି ଅପୂର୍ଣ୍ଣତା ମନଦୁଃଖର କାରଣ ହୋଇପାରେ । କାନକୁହା କଥା ଶୁଣି ପଦାଧିକାରୀ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି । ଅଟକି ରହିଥିବା ଫାଇଲ୍ କାମ ତାହାର କାରଣ ହୋଇପାରେ ।

**ମିଥୁନ**



ଦିନଟିରେ ମନ ଖୁସି ରହିବ, ଯାହା କରିବାକୁ ଯାଉଛନ୍ତି ତାହା ନିଷ୍ଫଳ ହେବନାହିଁ । ବହୁ ଦିନ ପରେ ନିକଟ ସମ୍ପର୍କୀୟମାନଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି । ସତର୍କତା ଅଭାବରୁ ଅର୍ଥ କିମ୍ବା କୌଣସି ଜିନିଷ ହରାଇ ବ୍ୟସ୍ତତା ଅନୁଭବ କରିପାରନ୍ତି । ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ ।

**କର୍କଟ**



ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ । ସମ୍ପର୍କୀୟଙ୍କ ପରାମର୍ଶରେ କୌଣସି ନୂତନ କାମର ପରିକଳ୍ପନା କରିପାରନ୍ତି । ପରିବାରର ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ । ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି ।

**ସିଂହ**



ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ କାମକୁ ପ୍ରାଧାନ୍ୟ ଦେବା କାରଣରୁ ପରିବାରରେ କୈଫିୟତ ଦେବାକୁ ପଡ଼ିବ । ଅଧିକାଂଶ ସମୟ ଆପଣଙ୍କ ଅନୁପସ୍ଥିତି ଜନିତ ବନ୍ଧୁମାନେ ଅଭିଯୋଗ କରିପାରନ୍ତି । ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିବାର ଆଶଙ୍କା ରହିଛି । ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ ।

**କନ୍ୟା**



କ୍ରମଶଃ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ି ଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ । ଏହା ସାଙ୍ଗକୁ ଆତ୍ମୀୟଙ୍କ କଟାଘା'ରେ ଚୂନଛିଟା ଦେଲାଭଳି କଥା ମନକୁ ବେଶି ବାଧିବ । ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ । ନିଜର ଫାଇଦା ହାସଲ ପାଇ ବନ୍ଧୁମାନେ ଫନ୍ଦିଫିକର କରିପାରନ୍ତି ।

**ତୁଳା**



ଆଜିର ଯାତ୍ରା, କୌଣସି ସ୍ଥଗିତ କାମ, ପାଇବାକୁ ଥିବା ଅର୍ଥ ଯଥା ସମୟରେ ପ୍ରାପ୍ତ ହୋଇ ମନ ଖୁସି ହୋଇଯିବ । କିନ୍ତୁ ସାମୟିକ ଭାବରେ ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ । ସତର୍କତା ରକ୍ଷା ନ କଲେ ନିଜ ଲୋକମାନେ ବିଶ୍ୱାସଘାତକତା କରି ଅସୁବିଧାରେ ପକାଇପାରନ୍ତି । ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ନିଷ୍ପତ୍ତି ବଦଳାଇ ଦେଇପାରନ୍ତି ।

**ବିଛା**



ସକାଳୁ ସକାଳୁ ଆପଣ ଆଦୌ ଆଶା କିମ୍ବା କଳ୍ପନା କରି ନ ଥିବା କାମଟିଏ ଜୁଟିଯିବ । ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ । ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇ ପାରନ୍ତି । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ ।

**ଧନୁ**



ଆକସ୍ମିକ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହେବେ । ପରିବାରରୁ କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ । ବନ୍ଧୁଙ୍କ ମାଧ୍ୟମରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ । ବ୍ୟବସାୟ, ପରିବହନ ଧିମା ଗତିରେ ଚାଲିବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି ।

**ମକର**



ଧନସ୍ଥାନସ୍ଥ ମଙ୍ଗଳ ଓ କେତୁ ଆପଣଙ୍କ କଥା ଓ କାମକୁ ଏପଟ ସେପଟ କରିଦେବାର ଆଶଙ୍କା ରହିଛି । ଫଳତଃ ତର୍କବିତର୍କ ଅଥବା ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ଲାଗିପାରେ । ଖଳ ଲୋକମାନଙ୍କ ଦ୍ୱାରା କୌଣସି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ । ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଅକ୍ଷୁଣ୍ଣ ରହିବ ।

**କୁମ୍ଭ**



ଦୂରାଗତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ । ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ । ଆତ୍ମୀୟସ୍ୱଜନଙ୍କ ପରିବର୍ତ୍ତିତ ଆଚରଣ ସ୍ତମ୍ଭୀଭୂତ କରିଦେଇପାରେ ।

**ମୀନ**



ଚନ୍ଦ୍ରଙ୍କ ପ୍ରଭାବରେ ମନ ଭିତରେ ଯାହା ଥାଉ ନା କାହିଁକି ଉପର ମନରେ ହସି କଥା କହିବେ । ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବା ସାଙ୍ଗକୁ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ । ଆକସ୍ମିକ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି ।

ଆଜି କୁମାରପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, ବୁଧବାର, ରାଶି ନକ୍ଷତ୍ର-ଦିବା ଘ୧୦।୦୪ମି. ଗତେ, ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୧୧ମି. ଗତେ ଘ୮।୪୫ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୦ମି. ମଧ୍ୟେ ଅମୃତବେଳା । ଦିବା ଘ୭।୧୦ମି. ମଧ୍ୟେ ଘ୧୦।୨୫ମି. ଗତେ, ଘ୧୨।୦୦ମି. ମଧ୍ୟେ ଘ୪।୨୫ମି. ଗତେ, ଘ୬।୦୬ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୬ମି. ଗତେ ଘ୨।୨୨ମି. ମଧ୍ୟେ ରାହୁକାଳ ।



ମୁମ୍ବାଇ ବିମାନ ବନ୍ଦରର ରନୱେ ମରାମତି ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏସମ୍ପର୍କରେ ଯାତ୍ରୀମାନଙ୍କୁ ପୂର୍ବରୁ ଅବଗତ କରାଯାଇଛି। ବିମାନବନ୍ଦର ୬ ଘଣ୍ଟା ବନ୍ଦ ରହିବାରୁ ୩ ଶହ ବିମାନର ଉଡ଼ାଣକୁ ବାତିଲ କରାଯାଇଛି। ଏହାର ଏକ ନମ୍ବର ଏବଂ ୨ ନମ୍ବର ରନୱେରେ ମରାମତି କାମ କରାଯାଉଥିବା ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।




# ଆଇପିଏସ୍, ଓପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଆଇପିଏସ୍ ଏବଂ ଓପିଏସ୍ ସ୍ତରରେ ରାଜ୍ୟ ସରକାର ମଙ୍ଗଳବାର ଅଦଳବଦଳ କରିଛନ୍ତି। ୧୯୮୪ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଆର୍. ପି. ସିଂଙ୍କୁ ଜେଲ ବିଭାଗ ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଜେଲ ବିଭାଗ ମହାନିର୍ଦ୍ଦେଶକ ଥିବା ବିନୟାନନ୍ଦ ଝାଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି। ଭିଜିଲାନ୍ସ ଆଇଜି ଯତୀନ୍ଦ୍ର କୋଏଲଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଆଇଜି, ବିପିଏସ୍‌ପିଏ ନିର୍ଦ୍ଦେଶକ ଥିବା ସୂର୍ଯ୍ୟ ଥଙ୍କପାନଙ୍କୁ ଭିଜିଲାନ୍ସ ଡିଆଇଜି, ସେହିଭଳି ଏସ୍‌ଟିଏଫ ଆଇଜି ଥିବା ହିମାଂଶୁ ଲାଲଙ୍କୁ ଡିଆଇଜି ଏସ୍‌ଏପି ଭାବେ ବଦଳି କରାଯାଇଛି। ସେହିପରି ବିପିଏସ୍‌ପିଏ ଅତିରିକ୍ତ ଏସ୍‌ପି ଥିବା ପ୍ରଭାକର ସ୍ୱାଇଁ ବୈରୀ ପିଟିଆଇ ଏସ୍‌ପି, ସମ୍ବଲପୁର ଜିଲାର ଅତିରିକ୍ତ ଏସ୍‌ପି ଥିବା ଶ୍ରୀକୃଷ୍ଣ ବେହେରା ଭୁବନେଶ୍ୱର ମେରାଇନ ପୋଲିସ ଏଆଇଜି ଭାବେ ବଦଳି ହୋଇଛନ୍ତି।

# ରୋଗାକ୍ରାନ୍ତ ବାପାଙ୍କୁ ଭେଳାରେ ନଦୀ ପାର କଲେ ୨ ପୁଅ

ରାୟଗଡା ଅଫିସ୍, ୨୩।୧୦

ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ରୋଗାକ୍ରାନ୍ତ ବାପାଙ୍କୁ ଭେଳାରେ ନଦୀ ପାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ଦୁଇପୁଅ । ମଙ୍ଗଳବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲାର କଲ୍ୟାଣସିଂହପୁରରେ। କଲ୍ୟାଣସିଂହପୁର ପଞ୍ଚାୟତ ଅନ୍ତର୍ଗତ ଘାଗୁଡିମା ଗ୍ରାମର ପର୍ଶୁ ନାଗବଂଶ(୭୦) ସପ୍ତାହେ ହେଲା ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ସକାଳୁ ପର୍ଶୁଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାକୁ ଲାଗିଲା । ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ସକାଳ ପ୍ରାୟ ୮ଟା ସମୟରେ ସ୍ଥାନୀୟ ଏଏନ୍‌ଏମ୍ ବିଶଲ୍ୟା କେସିବଂଶଙ୍କୁ ଜଣାଇଲେ। ଏଏନ୍‌ଏମ୍ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଆସି ନ ଥିଲା। ବହୁ ସମୟ ଅପେକ୍ଷା କରିବା ପରେ କୌଣସି ଉପାୟ ନ ପାଇ ପର୍ଶୁଙ୍କୁ ତାଙ୍କ ୨ ପୁଅ ଏକ କମ୍ବଳରେ ଭାରକରି ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ବାହାରିଥିଲେ। ବାଟରେ କଲ୍ୟାଣୀ ନଦୀରେ ଏକ ଭେଳାରେ ବସାଇ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର କରିଥିଲେ ।




# ବାଉଁଶ ମିଶନ ଲାଗି ୧୨.୫୬ କୋଟି ଟଙ୍କା ଅନୁମୋଦିତ

## ■ ଘରୋଇ ଜମିରେ ଚାଷ କଲେ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟରେ ବାଉଁଶ ଚାଷ ଏବଂ ଶିଳ୍ପର ବିକାଶ ଲାଗି ୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ୧୨.୫୬କୋଟି ଟଙ୍କାର କାର୍ଯ୍ୟ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁନର୍ଗଠିତ ଜାତୀୟ ବାଉଁଶ ମିଶନର ପ୍ରଥମ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟିରେ ଏହି ଅନୁମୋଦନ ମିଳିଛି। ମଙ୍ଗଳବାର ସଚିବାଳୟଠାରେ ଆୟୋଜିତ ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବାଉଁଶ ମିଶନ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଓ ଆର୍ଥିକ ସ୍ଥିତି ଉପରେ ଆଲୋଚନା କରିଛନ୍ତି।

ଘରୋଇ ଜମିରେ ବାଉଁଶ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଚାଷ କୌଶଳ ସମ୍ପର୍କରେ ଚାଷୀଙ୍କୁ ଜଣାଇ ବାଉଁଶ ସହିତ ଅନ୍ୟ ଫସଲର ମିଶ୍ରିତ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କାଠ ତିଆରି ଆସବାସ ପତ୍ରର ବେଆଇନ ତିଆରିକୁ ବନ୍ଦ କରି ଏ ଦିଗରେ ଆଇନ୍ ଅନୁମୋଦିତ ନିଯୁକ୍ତି ସୁଯୋଗ ସମ୍ବଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ପାଢୀ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିଲାଗି ପରିବେଶ ଅନୁକୂଳ ଜ୍ଞାନ ଓ ବୈଷୟିକ କୌଶଳ ବ୍ୟବହାର କରିବା ପାଇଁ ପାଢୀ ପରାମର୍ଶ ଦେଇଛନ୍ତି। ବାଉଁଶ ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ସୁରେନ୍ଦ୍ର ପ୍ରସାଦ ମହାପାତ୍ର ବୈଠକରେ କହିଛନ୍ତି, ରାଜ୍ୟରେ ୨୦୦୭–୦୮ରୁ ୨୦୧୬–୧୭ ମସିହା ପର୍ଯ୍ୟନ୍ତ ବାଉଁଶ ମିଶନର ପୂର୍ବ ନୀତି ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଛି। ରାଜ୍ୟରେ ବାଉଁଶ ଜଙ୍ଗଲର ପରିମାଣ ୧୦,୦୦୦ବର୍ଗ କିମିରୁ ବଢି ୧୨,୦୦୦ବର୍ଗ କିମିରେ ପହଞ୍ଚିଛି। ବର୍ତ୍ତମାନ ୬୬ଟି ସାଧାରଣ ଉଦ୍ୟୋଗ ନର୍ସରି, ୨୮ ଘରୋଇ ନର୍ସରି, ୪୧ କିଷାନ ନର୍ସରି ଏବଂ ୪୭ ମହିଳା ନର୍ସରି ବାଉଁଶ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଏକାମ୍ର ହାଟ, ବାରିପଦାର ମା' ମାନସ ସ୍ୱୟଂ ସହାୟକ କେନ୍ଦ୍ର ଏବଂ ପାଲୁର ଜଙ୍କ୍‌ସନଠାରେ ୩ଟି ଖାଉଟି ଓ ଖୁଚୁରା ବିକ୍ରୟ କେନ୍ଦ୍ର କାର୍ଯ୍ୟ କରୁଛି। ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଜୟପୁର, ସମ୍ବଲପୁର ଏବଂ ଫୁଲବାଣୀ ଆଦି ସ୍ଥାନରେ ୭ଟି ବାଉଁଶ ବଜାର ମଧ୍ୟ ଖୋଲାଯାଇଛି ବୋଲି ମହାପାତ୍ର କହିଛନ୍ତି। ୨୦୧୮–୧୯ ଆର୍ଥିକବର୍ଷରୁ ରାଜ୍ୟରେ ନୂତନ ଜାତୀୟ ବାଉଁଶ ନୀତି ଅନୁଯାୟୀ କାର୍ଯ୍ୟକ୍ରମ କରାଯିବ। ତଦନୁଯାୟୀ ୨୦୧୮–୧୯ ବାର୍ଷିକ ଯୋଜନା ଅନୁମୋଦିତ ହୋଇଛି। ଏହାର କାର୍ଯ୍ୟାନ୍ୱୟନ ଲାଗି ଜାତୀୟ ବାଉଁଶ ମିଶନ ୬୦ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ପାଣ୍ଠି ଯୋଗାଇବେ। ଘରୋଇ ଜମିରେ ବାଉଁଶ ଚାଷ ପାଇଁ ଚାଷୀ ହେକ୍ଟର ପିଛା ୧୦, ୫୦୦ଟଙ୍କା ପାଉଥିଲେ, ମାତ୍ର ନୂତନ ଚାଷ ଲାଗି ହେକ୍ଟର ପିଛା ଚାଷୀଙ୍କୁ ଏଥର ୫୦ହଜାର ଟଙ୍କା ଦେବାକୁ ବୈଠକରେ ସ୍ଥିର କରାଯାଇଛି।




# କାର୍ ଧକ୍କାରେ ୨ ଯୁବକ ମୃତ

ଖଲ୍ଲିକୋଟ, ୨୩।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ସାନଘାଟି ନିକଟରେ ମଙ୍ଗଳବାର କାର୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବିକ୍ରମପୁର କରଣସାହିର କାଳିଆ ବେହେରା(୪୦), ପାଣ୍ଡବ ପ୍ରଧାନ(୫୦)। ମଙ୍ଗଳବାର ସକାଳେ ଉଭୟେ କାମ କରିବାକୁ ଯାଉଥିଲେ। ସାନଘାଟି ନିକଟରେ ଏକ କାର (ନଂ.ଓଡିଓ୭ଆର୍‌୧୦୩୦)ର ଆଗ ଟାୟାର ହଠାତ୍ ଫାଟିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ କାଳିଆ ଓ ପାଣ୍ଡବଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ କାଳିଆ ଓ ପାଣ୍ଡବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଏ ନେଇ ଖଲ୍ଲିକୋଟ ଥାନାରେ ନଂ. ୨୯୦/୧୮ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରାଯାଇଛି।






ମୋର ସନ୍ତାନମାନେ ଯେତେବେଳେ ମିଥ୍ୟାର ପ୍ରବେଗ ଦ୍ୱାରା ଚାଳିତ ହୋଇ କିଛି ଭାବନ୍ତି, କହନ୍ତି କିମ୍ବା କାର୍ଯ୍ୟ କରନ୍ତି- ସେତେବେଳେ ତାହା ମୋ ଶରୀର ଉପରେ ଏକ ଭୀଷଣ ଆଘାତ ସୃଷ୍ଟିକରେ। -ଶ୍ରୀମା



# ଟିକା ଦେଇ ଶୋଷଣ

ଜନସଂଖ୍ୟାବହୁଳ ଭାରତରେ ବଢ଼ି ଚାଲିଥିବା ରୋଗୀଙ୍କ ସଂଖ୍ୟାକୁ ଦେଖି ଔଷଧ ନିର୍ମାତାମାନେ ଏହାର ଫାଇଦା ଉଠାଇ ଚାଲିଛନ୍ତି। ଖୁବ୍ କମ ଦାମ୍‌ର ଔଷଧରେ ଯେତେବେଳେ ନାମକରା କମ୍ପାନୀଗୁଡ଼ିକର ଷ୍ଟାମ୍ପ ବାଜିଯାଉଛି, ସେତେବେଳେ ମୂଲ୍ୟ ବହୁଗୁଣ ହୋଇଯାଉଛି। ଏବେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଫାର୍ମା କମ୍ପାନୀଗୁଡ଼ିକ ସ୍ୱତନ୍ତ୍ର ବ୍ରାଣ୍ଡର ଭାକ୍‌ସିନ୍ ଲେଖିବା ପାଇଁ ଡାକ୍ତର ଓ ହସ୍ପିଟାଲକୁ ଲାଞ୍ଚ ଦେଉଛନ୍ତି। ସ୍ଥଳବିଶେଷରେ ୨୦ରୁ ୨୧ ପ୍ରତିଶତଯାଏ ଡାକ୍ତର ଓ ହସ୍ପିଟାଲକୁ ଇନ୍‌ସେନ୍‌ଟିଭ୍ ଦିଆଯାଉଛି। ବିଶେଷକରି ଏକାଧିକ କମ୍ବିନେଶନ୍‌ର ଡୋଜ୍ ସକାଶେ ଏଭଳି ପଦ୍ଧତି ଅନୁସରଣ କରାଯାଉଛି। ହିସାବରୁ ଜଣାପଡ଼ିଛି ଯେ, ୫ ପ୍ରକାର ରୋଗ ପାଇଁ ଭାକ୍‌ସିନ୍‌ର ମୂଲ୍ୟ ୨୮୦୦ ଟଙ୍କା ରହୁଥିବା ବେଳେ ଏଥିରେ ଆଉ ଏକ ରୋଗ, ଯଥା 'ହେପାଟାଇଟିସ୍ ବି' କୁ ମିଶାଇ ଦିଆଗଲେ ଏହାର ଦାମ୍ ଏକାଥରକେ ୩,୯୦୦ ଟଙ୍କାକୁ ବୃଦ୍ଧି ପାଉଛି। ଆଶ୍ଚର୍ଯ୍ୟର କଥା, ମାତ୍ର ୬୦ ଟଙ୍କାରେ 'ହେପାଟାଇଟିସ୍ ବି' ଭାକ୍‌ସିନ୍ ବଜାରରେ ଉପଲବ୍ଧ ହେଉଛି। ଏଥିରୁ ବୁଝିହେଉଛି ଯେ ଶିଶୁମାନଙ୍କ ଲାଗି ଉଦ୍ଦିଷ୍ଟ ଟିକାର ମୂଲ୍ୟକୁ ଜାଣିଶୁଣି କମ୍ପାନୀ-ଡାକ୍ତର ମେଣ୍ଟ ବଢ଼ାଇ ଚାଲିଛନ୍ତି। ଶିଶୁ ଅତି ସମ୍ବେଦନଶୀଳ ହୋଇଥିବାରୁ ମାତାପିତାଙ୍କର ତା' ପ୍ରତି ଆବେଗିକ ସମ୍ପର୍କ ନିବିଡ଼ ଥାଏ। ତେଣୁ ଡାକ୍ତର ଯେଉଁ ଉପଦେଶ ଦେଇଥାଆନ୍ତି, ମାତାପିତାମାନେ ପିଲାର ସ୍ୱାସ୍ଥ୍ୟକୁ ଦେଖି ତାହାକୁ ମାନି ନେଇଥାଆନ୍ତି। ଫଳରେ ଔଷଧ କମ୍ପାନୀ ଓ ଡାକ୍ତରମାନେ ଶିଶୁମାନଙ୍କ ଅସହାୟତାର ସୁଯୋଗ ନେଇ ବେପାର କରି ଚାଲୁଛନ୍ତି ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଭଳି ସଲାସୁତୁରା ନୂଆ ନୁହେଁ। ତେବେ 'ହେପାଟାଇଟିସ୍ ବି' ଭାକ୍‌ସିନ୍ ବଜାରରେ ୬୦ ଟଙ୍କାରେ ମିଳୁଥିବା ବେଳେ ତାହାକୁ ଅନ୍ୟ ୫ ରୋଗ ପାଇଁ ଉଦ୍ଦିଷ୍ଟ ଭାକ୍‌ସିନ୍ ସହ ମିଶାଇ ଦିଆଯିବାରୁ ସମୁଦାୟ ମୂଲ୍ୟ ୧୧୦୦ ଟଙ୍କା ବଢ଼ିଯାଉଛି। ଗୋଟିଏ ରୋଗକୁ ଯୋଡ଼ିବା ଦ୍ୱାରା ଭାକ୍‌ସିନ୍ ଦାମ୍‌ରେ ବିରାଟ ତାରତମ୍ୟ ଦେଖାଦେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏମିତି ଦେଖିଲେ ଜଣେ ଶିଶୁ ପାଇଁ କେତେକ ଟିକା ଅନାବଶ୍ୟକ ଥିଲେ ମଧ୍ୟ ଡାକ୍ତର ସେଗୁଡ଼ିକୁ ନେବାକୁ ପରାମର୍ଶ ଦେଉଥିବା ଅଭିଯୋଗ ହେଉଛି। ଅନ୍ୟ ଏକ ଘଟଣାରେ ୨୦୧୮ ଅକ୍ଟୋବର ୧ରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ତେଲେଙ୍ଗାନାରେ ଶିଶୁଙ୍କୁ ଓରାଲ୍ ପୋଲିଓ ଭାକ୍‌ସିନ୍ ଦିଆଯାଇଥିଲା। ହେଲେ ଶିଶିଗୁଡ଼ିକରେ ଟାଇପ୍-୨ ଭାଇରସ୍ ବା ଜୀବାଣୁ ଥିବାରୁ ଶିଶୁଙ୍କ ଦେହରେ ତାହା ସଂକ୍ରମିତ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଥିଲା। ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଔଷଧ କମ୍ପାନୀ ଏହାକୁ ପ୍ରସ୍ତୁତ କରିଥିଲା। ଟାଇପ୍-୨ ଭାଇରସ୍ ବିଶ୍ୱରୁ ହଟିଯାଇଥିବା ବେଳେ ଉକ୍ତ ଶିଶିରେ ଏହାର ଉପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଥିରୁ ବୁଝିବାକୁ ହେବ ଯେ ମଣିଷର ଜୀବନ ସହ କେତେକ ଫାର୍ମା କମ୍ପାନୀ ଖେଳୁଛନ୍ତି। ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ଉକ୍ତ କମ୍ପାନୀ ଉପରେ ଔଷଧ ନିର୍ମାଣ, ବିକ୍ରି ଓ ବଣ୍ଟନ ନେଇ କଟକଣା ଲଗାଇଥିଲେ ମଧ୍ୟ ଔଷଧ ପ୍ରସ୍ତୁତିରେ ଅନେକ ଅବ୍ୟବସ୍ଥା ଯେ ଘଟୁଛି ଏଥିରୁ ବୁଝିବାକୁ ହେବ।

ଉପରଲିଖିତ ଘଟଣାକୁ ଦେଖିଲେ ଭାକ୍‌ସିନ୍‌ର ଦାମ୍ ବଢ଼ିଯିବା ନେଇ ସଫେଇ ଦେବାକୁ ଯାଇ ଫାର୍ମା କମ୍ପାନୀଗୁଡ଼ିକ କହୁଛନ୍ତି ଯେ, ଟିକାଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କୋଲ୍ଡ ଚେନ୍ ଲଜିଷ୍ଟିକ୍ସର ଆବଶ୍ୟକତା ରହୁଥିବାରୁ ଏହାର ରକ୍ଷଣାବେକ୍ଷଣ ଲାଗି ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ହେଲେ ଏଭଳି ଯୁକ୍ତି ସହଜରେ ଗ୍ରହଣୀୟ ନୁହେଁ। କାରଣ ବଜାରରେ ୬୦ ଟଙ୍କାରେ ହେପାଟାଇଟିସ୍ ବି ଭାକ୍‌ସିନ୍ ମିଳିପାରୁଥିବା ବେଳେ ତାହାକୁ କମ୍ବୋରେ ମିଶାଇଲେ ୧୧୦୦ ଟଙ୍କା ବଢ଼ିଯିବା ଅବିଶ୍ୱସନୀୟ ମନେହେଉଛି। ଦେଶରେ ପ୍ରତିବର୍ଷ ୨ କୋଟି ଶିଶୁ ଜନ୍ମ ନେଉଛନ୍ତି। ଏମାନଙ୍କ ମଧ୍ୟରୁ ୧୪ରୁ ୨୦ ଲକ୍ଷ ଶିଶୁଙ୍କୁ ସରକାରୀ ଖର୍ଚ୍ଚରେ ଭାକ୍‌ସିନ୍ ଦିଆଯାଇପାରୁ ନାହିଁ। ଅର୍ଥାତ୍ ଏମାନଙ୍କୁ ଟିକା ଦେବା ଲାଗି ବଜାର ଉପରେ ନିର୍ଭର କରିବାକୁ ପଡ଼େ। ଯେହେତୁ ଶିଶୁ ସ୍ୱାସ୍ଥ୍ୟକୁ ନେଇ ମାତାପିତା ଚିନ୍ତିତ ଥାଆନ୍ତି, ସେହେତୁ ସେମାନଙ୍କ ଅସହାୟତାର ସୁଯୋଗ ଫାର୍ମା କମ୍ପାନୀଗୁଡ଼ିକ ନେଉଛନ୍ତି ବୋଲି କୁହାଯାଇପାରେ। କେବଳ ସେତିକି ନୁହେଁ, ଔଷଧ ନିର୍ମାତାମାନେ କମ ପ୍ରଭାବଶାଳୀ ଔଷଧ ଉପରେ ଅଧିକ ମୂଲ୍ୟ ଲଗାଇ ବିକ୍ରି କରିବା ସକାଶେ ଡାକ୍ତରଙ୍କୁ ବିଭିନ୍ନ ପ୍ରକାର ଉପହାର ବା ଲାଞ୍ଚ ଦେଉଥିବା ନିତିଦିନିଆ କଥା। ସେହିପରି ଅନାବଶ୍ୟକ ଡାକ୍ତରୀ ପରୀକ୍ଷା କରିବା ଲାଗି ଅନେକ ସମୟରେ ଡାକ୍ତରମାନେ ରୋଗୀଙ୍କୁ ବାଧ୍ୟ କରୁଥିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ରୋଗୀ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏଭଳି ସ୍ଥଳେ ଯେଉଁ ଔଷଧ ନିର୍ମାତା ଭୁଲ କରି ବସୁଛନ୍ତି, ସେମାନଙ୍କ ବିରୋଧରେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଗଲେ ହୁଏତ ରୋଗୀ ଶୋଷଣରୁ ମୁକ୍ତ ହୋଇପାରନ୍ତେ।

# ବିପଦକୁ ଅବହେଳାରୁ ବିପତ୍ତି



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

'ତିତ୍‌ଲି' ଭଳି ବାତ୍ୟାରେ, ଅମୃତସରରେ ରେଳଗାଡ଼ି ମାଡ଼ିଯିବା ଭଳି ଘଟଣାରେ ବା ଅନ୍ୟାନ୍ୟ ଘଟଣା ଦୁର୍ଘଟଣାରେ ହେଉଥିବା ଅକାଳ ମୃତ୍ୟୁଜନିତ କ୍ଷୟକ୍ଷତିକୁ ଅନେକ ମାତ୍ରାରେ କମ୍ କରାଯାଇପାରିଥାନ୍ତା ବା ସମ୍ପୂର୍ଣ୍ଣ ଭାବେ ଏଡାଯାଇ ପାରିଥାନ୍ତା, ଯଦି ସମ୍ଭାବ୍ୟ 'ବିପଦ'କୁ ବ୍ୟକ୍ତିଗତ, ସାମୂହିକ ଓ ସରକାରୀ ସ୍ତରରେ ସଜ୍ଞାନରେ ରଖାଯାଇଥାନ୍ତା। ଏପରି ହୋଇଥିଲେ ତିତ୍‌ଲି ଓ ଅମୃତସରରେ ଜଣଙ୍କର ବି ମୃତ୍ୟୁ ହୋଇ ନ ଥାନ୍ତା। ସମ୍ଭାବ୍ୟ ବିପଦକୁ ଅଣଦେଖା ହିଁ ଏକ ସାଧାରଣ ବିପଦକୁ ଅସାଧାରଣ ବିପର୍ଯ୍ୟୟରେ ପରିଣତ କରିଦିଏ। ତିତ୍‌ଲି ଓ ଅମୃତସର ଦୁର୍ଘଟଣା ତାହାର ସଦ୍ୟତମ ଉଦାହରଣ। ପ୍ରଥମେ ତିତ୍‌ଲିର ଉଦାହରଣ ନେବା। ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ। ସାଧାରଣତଃ ଅକ୍ଟୋବରରେ ବାତ୍ୟାର ସମ୍ଭାବନା ସବୁଠାରୁ ଅଧିକ ବୋଲି ସମସ୍ତେ ଜାଣନ୍ତି। ତିତ୍‌ଲିର ପ୍ରକୋପ ତଥା ସମ୍ଭାବ୍ୟ ଗତିପଥ ବିଷୟରେ ଯଥେଷ୍ଟ ଆଗରୁ ସତର୍କ ସୂଚନା ମିଳିସାରିଥିଲା। ତଥାପି ଅନେକ ଅଞ୍ଚଳର ଲୋକେ ସୁରକ୍ଷିତ ସ୍ଥାନକୁ ଗଲେ ନାହିଁ ବା ତାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇପାରିଲା ନାହିଁ।

ଗଜପତି ଜିଲାର ରାସ୍ତାଘାଟ ନ ଥିବା ଓ ପର୍ବତର ଶିଖରରେ ଥିବା ଆଦିବାସୀ ଅଧ୍ୟୁଷିତ ବାରଘର ଗାଁର ଲୋକେ ବିପଦ ଆସନ୍ନ ବୋଲି ଜାଣିଥିଲେ। ଯଦି ସରକାରଙ୍କ ଦାବିକୁ ସତ ବୋଲି ମାନି ନିଆଯାଏ, ତେବେ ସରକାରୀ ଅଧିକାରୀ ସେହି ଗାଁରେ ପହଞ୍ଚିଥିଲେ ଏବଂ ଏମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ପ୍ରବର୍ତ୍ତାଇଥିଲେ। ହୁଏତ ସରକାରୀ ବାବୁମାନେ ବାତ୍ୟାର ଖବର ଲୋକଙ୍କଠାରେ ପହଞ୍ଚାଅ ବୋଲି ଆଦେଶ ପାଇଥିବାରୁ ଉପରଠାଉରିଆ ଭାବେ ଖାଲି କହିଦେଇଥିବେ ଯେ ବାତ୍ୟା ଆସୁଛି। ସେମାନେ ସମ୍ଭାବ୍ୟ ବିପଦକୁ ଠିକ୍‌ଭାବେ ଲୋକଙ୍କୁ ଜଣାଇ ନ ଥିବେ! ତେବେ କିଛି ଲୋକ ସୁରକ୍ଷିତ ସ୍ଥାନକୁ ଯାଇଥିଲେ। ସୁରକ୍ଷିତ ସ୍ଥାନକୁ ଯାଇ ନ ଥିବା ଲୋକେ ହିଁ ଜୀବନ ହରାଇଲେ। ବାତ୍ୟା ତଥା ଭୂସ୍ଖଳନ ଓ ବନ୍ୟାରେ ଜୀବନହାନିର ସମସ୍ତ ମାମଲା ପ୍ରାୟ ଏହି ଶ୍ରେଣୀର। ତିତ୍‌ଲି ବାତ୍ୟାର ବିପଦକୁ ଠିକ୍‌ଭାବରେ ବୁଝିପାରି ସମୟ ଅନୁସାରେ ଆବଶ୍ୟକ ପଦକ୍ଷେପ ନେଇଥିଲେ ପ୍ରାୟ ସମସ୍ତ ମୃତ୍ୟୁକୁ ଟାଳି ହୋଇଥାନ୍ତା।

ଅମୃତସରରେ ଘଟିଥିବା ମର୍ମନ୍ତୁଦ ଘଟଣା ଆହୁରି ସାଙ୍ଘାତିକ। ଏଠି ଘଟିଥିବା ମୃତ୍ୟୁକୁ ଦୁର୍ଘଟଣାଜନିତ ବୋଲି କହିବାରେ ମୋର ଦ୍ୱିଧା ଅଛି। ବାତ୍ୟାର ବିପଦ କେତେହେବ ତାହାକୁ ହୃଦ୍‌ବୋଧ କରିବା ହୁଏତ କଷ୍ଟସାଧ୍ୟ। କିନ୍ତୁ ସବୁବେଳେ ରେଳଗାଡ଼ି ଯିବାଆସିବା କରୁଥିବା ଏକ ରେଳଧାରଣାରେ ଛିଡ଼ାହୋଇ ରେଳଗାଡିର ଆଗମନ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହୋଇ ମଉଜରେ ମସ୍‌ଗୁଲ ହେବା ଯେ ଏକ ମସ୍ତବଡ଼ ବିପଦକୁ ଆମନ୍ତ୍ରଣ କରିବା ଏ କଥା ବି କ'ଣ କାହାକୁ କହିବାକୁ ପଡିବ? ସେହି ଦଶହରା ଦିନ ଭୁବନେଶ୍ୱର ଉପକଣ୍ଠରେ ଆଉ ଏକ ଭୟଙ୍କର ଦୁର୍ଘଟଣାରେ ଛଅ ଜଣଙ୍କର ଅମୂଲ୍ୟ ଜୀବନ ଯାଇଥିଲା। ଏକ ବ୍ୟସ୍ତ ଜାତୀୟ ରାଜପଥରେ ଭୁଲ ରାସ୍ତାରେ ଆସୁଥିବା ଏକ ବାଇକଚାଳକ ବିପଦକୁ ଖାଲି ଆଖିବୁଜି ନ ଥିଲା, ସେ ବିପଦକୁ ଆହୁରି ବଢ଼ାଇ ନିଜ ସମେତ ଠିକ୍ ରାସ୍ତାରେ କାରରେ ବସି ଆସୁଥିବା ସମସ୍ତଙ୍କ ଅକାଳ ମୃତ୍ୟୁର କାରଣ ହୋଇଥିଲା। ଏହିଭଳି ଅନେକ 'ଦୁର୍ଘଟଣା' ସମ୍ପୂର୍ଣ୍ଣ ଭାବରେ ମାନବକୃତ। ଦୁଃଖର କଥା ଯେ, ବିପଦକୁ ନ ବୁଝିବା ବା ବିପଦ ଜାଣି ମଧ୍ୟ ତାହାକୁ ଅଣଦେଖା କରିବାର ମୂର୍ଖତା ଏବେ ବଢି ଚାଲିଛି। ରେଳଧାରଣା ଉପରେ ଛିଡାହେବା ବା ରାସ୍ତାର ବିପରୀତ ଦିଗରେ ଗାଡି ଚାଳନା ବା ସେହିଭଳି ଅନ୍ୟ ବିପଦକୁ ବରଣ କରିନେବାକୁ କିଛି ଲୋକ ବାହାଦୁରି ବା ଦାଦାଗିରି ବୋଲି ମନେକରନ୍ତି। କିଛି ଲୋକ ତାହା ଏକ ବିପଦ ନୁହେଁ ବା ସମ୍ଭାଳି ହେବା ଭଳି ବିପଦ ବୋଲି ମନେକରନ୍ତି। ବିପଦକୁ ନ ଜାଣିବା ଏକ ମୂର୍ଖତା କିନ୍ତୁ ବିପଦକୁ ଜାଣି ବି ତାକୁ ଅବଜ୍ଞା କରିବା ବିପଜ୍ଜନକ।

ପ୍ରାକୃତିକ ବିପଦ ଏକ ଭିନ୍ନ ପ୍ରକାର ବିପଦ। ଏହା କେତେବେଳେ ଆସିବ, ସେ କଥା ଆଗୁଆ କହି ଆସେନାହିଁ। ବନ୍ୟା, ମରୁଡ଼ି ଏବଂ ବାତ୍ୟା ଭଳି କିଛି ପ୍ରାକୃତିକ ବିପଦକୁ ଅନ୍ଦାଜ କରିବା ଓ ଲୋକଙ୍କୁ ଆଗୁଆ ଜଣାଇବାର ନାନା ସାଧନ ରହିଛି। ତେବେ ଭୂମିକମ୍ପ ଓ ସୁନାମି ଭଳି କିଛି ପ୍ରାକୃତିକ ବିପତ୍ତି ରହିଛି, ଯାହାକୁ ଯଥେଷ୍ଟ ସମୟ ପୂର୍ବରୁ ଅନୁମାନ କରିବା କଷ୍ଟସାଧ୍ୟ ବା ଅସମ୍ଭବ। ବିଶେଷଜ୍ଞମାନେ କହିସାରିଲେଣି ଏବଂ ଲୋକେ ମଧ୍ୟ ଉପଲବ୍ଧି କରିସାରିଲେଣି ଯେ ପ୍ରାକୃତିକ ବିପଦମାନ ବଢ଼ିବାରେ ଲାଗିଛି। ତେବେ ଅନେକ ପ୍ରାକୃତିକ ବିପଦକୁ ଆମେ ବିଶାଳ ବିପତ୍ତିରେ ପରିଣତ କରିଦେଉଛୁ। ଆମେ ଯେଉଁ ପ୍ରକାର 'ଉନ୍ନୟନ' କାର୍ଯ୍ୟ କରୁଛୁ, ତାହା ବେଳେବେଳେ ପ୍ରାକୃତିକ ବିପତ୍ତିର କାରଣ ହେଉଛି। ଅଧିକାଂଶ ବା ପ୍ରାୟ ସବୁ ତଥାକଥିତ 'ଉନ୍ନୟନ' କାମ ବିପଦକୁ ଆକଳନ କରି ତାହାକୁ ହ୍ରାସ କରିବା ବା ବିପଦକୁ ମୁକାବିଲା କରିବାର ସୁଯୋଗକୁ ହାତଛଡା କରୁଛନ୍ତି ବା ବିପଦକୁ ଆଖିଆଗରେ ରଖି ତାହାକୁ 'ଉନ୍ନୟନ' କାମରେ ଲଗାଇବାର ଆବଶ୍ୟକତା ଅନୁଭବ କରୁନାହାନ୍ତି।

'ଡିଜାଷ୍ଟର ରିସ୍କ ରିଡକ୍ସନ' ବା ବିପତ୍ତିର ଦାୟ ହ୍ରାସ କରିବା ପାଇଁ ମିଳିତ ଜାତିସଂଘର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ସେଥିରେ 'ରିସ୍କ ଇନ୍‌ଫର୍ମଡ ଡେଭ୍‌ଲପମେଣ୍ଟ' ବା 'ବିପଦ ଜ୍ଞାତ ଉନ୍ନୟନ' ଉପରେ ଜୋର ଦିଆଯାଉଛି। ଭାରତ ସରକାର ତଥା ଓଡ଼ିଶା ସରକାର ମଧ୍ୟ ଜାତୀୟ ଓ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନରେ ସେହି ଗୁରୁତ୍ୱକୁ ଉପଲବ୍ଧି କରିଥିବା କହିଛନ୍ତି। ବିପତ୍ତିକୁ ମୁକାବିଲା କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି ଧରାଯାଉଛି। କିନ୍ତୁ ତିତ୍‌ଲି ଭଳି ଏକ ଅତି ଭୟଙ୍କର ହୋଇ ନ ଥିବା ବାତ୍ୟାରେ ଏତେ ମାତ୍ରାରେ ଲୋକେ ମୃତାହତ ହେବା ତଥା ଏତେ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ଖୁବ୍ ଚିନ୍ତାଜନକ। ବାତ୍ୟା ସହିତ ବର୍ଷା ଅବଶ୍ୟ ହୋଇଛି, କିନ୍ତୁ ରାଜ୍ୟର କୌଣସି ବି ଜିଲାରେ ବାତ୍ୟାବେଳେ କୌଣସି ଦିନ ୪୦୦ ମିଲିମିଟରରୁ ଅଧିକ ବର୍ଷା ହୋଇନାହିଁ। ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୧୫୦ କିଲୋମିଟରରୁ ତଳେ ହିଁ ରହିଛି। କିନ୍ତୁ ଋଷିକୁଲ୍ୟା, ବଡନଦୀ, ବାହୁଦା, ଜଳକା, ବଂଶଧାରା ଓ ବୁଢ଼ାବଳଙ୍ଗ ଭଳି ନଦୀରେ ବିଶାଳ ବନ୍ୟା ଆସିଛି ଓ ବିପୁଳ କ୍ଷତି କରିଛି। ସେହି କ୍ଷତି ପାଇଁ କେବଳ ବନ୍ୟା ଓ ବାତ୍ୟାକୁ ଦୋଷଦେବା ସମ୍ପୂର୍ଣ୍ଣ ଭୁଲ ହେବ। ବାତ୍ୟା ଏକ ବିପଦ ଅବଶ୍ୟ ଥିଲା କିନ୍ତୁ ବୋଧହୁଏ ଆମେ ହିଁ ତାକୁ ମହାବିପତ୍ତିରେ ପରିଣତ କରିଛେଁ। ଆମେ ହିଁ କରିଥିବା ରାସ୍ତାଘାଟ, ଘରଦ୍ୱାର, ବନ୍ଧବାଡ ଇତ୍ୟାଦି ଏବଂ ଆମେ ହିଁ ବିନାଶ କରିଥିବା ପ୍ରକୃତି, ଜଙ୍ଗଲ ଓ ପରିବେଶ ହିଁ ଆମ ପାଇଁ ବିପତ୍ତି ଆଣିଦେଇଛି। ଗଞ୍ଜାମରେ ହୋଇଥିବା ବନ୍ୟାକୁ ଭୟାବହ କରିବାରେ ଭଞ୍ଜନଗର ଓ ସୋରଡ଼ାରେ ଥିବା ଡ୍ୟାମ୍‌ର ଭୂମିକା କେତେ ତା'ର ଅନୁଧ୍ୟାନ ଆବଶ୍ୟକ। ଭୂସ୍ଖଳନ ସହିତ ଜଙ୍ଗଲ ଧ୍ୱଂସକୁ ଯୋଡି ଦେଖିବା ମଧ୍ୟ ଜରୁରୀ।

ମିଳିତ ଜାତିସଂଘ କହିଛି, 'ଯେତେବେଳ ଯାଏ ସରକାରମାନେ ଏହା ଜାଣିନାହାନ୍ତି ଯେ ସେମାନେ କ'ଣ ହରାଉଛନ୍ତି, ସେତେବେଳ ଯାଏ ପ୍ରାକୃତିକ ବିପତ୍ତି ହ୍ରାସ ହେବା ସହଜ ନୁହେଁ। ଏକ ବିପଦ କେତେ କ୍ଷତି କରିପାରେ, ତାହା ଜାଣିଲେ ସରକାର ବିପଦକୁ ହ୍ରାସ କରିବା ଦିଗରେ ଅଧିକ ପ୍ରତିବଦ୍ଧ ହେବେ।' ଏହି ସାଧାରଣ ଆବଶ୍ୟକତାଟି କେବଳ ସରକାରଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ବିପଦକୁ ମହାବିପତ୍ତିରେ ପରିଣତ ହେବାକୁ ନ ଦେବାର ସାଧନ ଆମରି ହାତରେ ହିଁ ଅଛି।

# ଗଣମାନସର କବି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

୧୮୮୨ ମସିହା କୁମାରପୂର୍ଣ୍ଣିମା ଦିନ ମାହାଙ୍ଗା ସନ୍ନିକଟ କୋଠପଦା ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ନେଇଥିଲେ ଓଡ଼ିଆ ଗଣମାନସର କବି ବୈଷ୍ଣବ ପାଣି। ଦାରିଦ୍ର୍ୟ ହେତୁ ଚୁଲିମୁଣ୍ଡରେ ଏବଂ ବେଳେ ବେଳେ ଜୁଳୁଜୁଳିଆ ପୋକ ସାହାଯ୍ୟରେ ଏହି ଯୋଗଜନ୍ମା କବିଙ୍କୁ ବିଦ୍ୟାଧ୍ୟୟନ କରିବାକୁ ପଡ଼ିଛି। ଦାରିଦ୍ର୍ୟ ତାଙ୍କୁ ଉଚ୍ଚଶିକ୍ଷା ସୁଯୋଗ ଦେଇନାହିଁ। ଷଷ୍ଠଶ୍ରେଣୀରେ ତାଙ୍କ ବିଦ୍ୟାଶିକ୍ଷାର ହୋଇଛି ଆନୁଷ୍ଠାନିକ ପରିସମାପ୍ତି। ପରେ ମାସକୁ ୪ଟଙ୍କା ବେତନରେ ଦୁଇ ମାସ ପାଇଁ ମାଳୀହତା ଗ୍ରାମରେ ସେ ପ୍ରଥମେ ହେଲେ ଯାତ୍ରା ଓସ୍ତାଦ୍। ନିଜର ଅଧ୍ୟବସାୟ ଓ ଗାନ୍ଧର୍ବ ବିଦ୍ୟାରେ ପାରଦର୍ଶିତା ଯୋଗୁ ତାଙ୍କୁ ଆଶାତୀତ ସଫଳତା ମିଳିଲା। ତତ୍କାଳୀନ କରଦ ରାଜ୍ୟ, କଲିକତା ଓ ଟାଟା ଇତ୍ୟାଦି ସ୍ଥାନରେ ଯାତ୍ରା କରି ସେ ଖ୍ୟାତି ଅର୍ଜନ କଲେ। ସେ ସମୟର ପ୍ରସିଦ୍ଧ ନାଟ୍ୟକାର ଗୋପାଳ ଦାଶ, ମୋହନ ଗୋସେଇଁ, କୃଷ୍ଣ ବସୁ, ବାଳକୃଷ୍ଣ ମହାନ୍ତିଙ୍କ ସହ ବାଦୀପାଲା କରିବାର ସୁଯୋଗ ପାଇବାରୁ ସାହିତ୍ୟ ସୃଷ୍ଟି ଲାଗି ତାଙ୍କ ମନରେ ପ୍ରବଳ ଉତ୍ସାହ ଜାଗିଲା। ଏହାକୁ ପୁଞ୍ଜିକରି ସେ ୨୧ ବର୍ଷ ବୟସରେ ରଚନା କଲେ ତାଙ୍କର ସର୍ବପ୍ରଥମ ଗୀତିନାଟ୍ୟ 'ମେଘନାଦ ବଧ'।

କ୍ରମେ ଶତାଧିକ ଗୀତିନାଟ୍ୟ, ଗୀତାଭିନୟ ଓ ସୁଆଙ୍ଗ ରଚନା କରି ସେ ଓଡ଼ିଶାର ପୁରପଲ୍ଲୀ ତଥା ପ୍ରବାସୀ ଓଡ଼ିଆଙ୍କ ମହଲରେ ଗଣକବିର ମାନ୍ୟତା ପାଇଲେ। ନିଜର ପ୍ରତିଭା, ଆଶୁ କବିତ୍ୱ, ହାସ୍ୟରସର ଅପରୂପ ଅବତାରଣା ଏବଂ ଲୋକଙ୍କ ଭାଷାରେ ଜନତାର ମନ କିଣିବାକୁ ତାଙ୍କୁ ବେଶି ସମୟ ଲାଗିଲା ନାହିଁ। ତେଣୁ ତାଙ୍କ ପାଇଁ ପୁରସ୍କାର ଓ ପ୍ରଶଂସାପତ୍ରର ଅଭାବ ନ ଥିଲା। 'ମେଘନାଦ ବଧ' ପରେ 'ରାବଣ ବଧ', 'ରଙ୍ଗସଭା', 'ବ୍ରଜଲୀଳା', 'ଧ୍ରୁବଚରିତ', 'ପ୍ରହ୍ଲାଦ ଚରିତ', 'କୀଚକ ବଧ' ଇତ୍ୟାଦି ଗୀତାଭିନୟ ରଚନା କରି ସେ ଲୋକପ୍ରିୟତା ଅର୍ଜନ କଲେ। ନିଜ ରଚନାକୁ ସରସ ସୁନ୍ଦର କରିବାକୁ ସେଥିରେ ସେ ମଝିରେ ମଝିରେ ଯୋଗ କରୁଥିଲେ ଅତି ଲୋକପ୍ରିୟ ଫାର୍ସ ଯଥା 'ବୁଢ଼ାବୁଢ଼ୀ ଫାର୍ସ', 'କେଳାକେଳୁଣି ଫାର୍ସ', 'କଲିକତିଆ ଜୋଇଁ ଫାର୍ସ' ଇତ୍ୟାଦି। ପାଣିକବିଙ୍କ ସୃଷ୍ଟି ବିପୁଳକାୟ। ମିଳିଥିବା ପରିସଂଖ୍ୟାନରୁ ଜଣାଯାଏ ଯେ ସେ ୧୫୦ରୁ ଊର୍ଦ୍ଧ୍ୱ ଗୀତାଭିନୟ ଓ ଗୀତିନାଟ୍ୟ ରଚନା କରିଥିଲେ।



ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ

ତାଙ୍କ ରଚନାର ମୁଖ୍ୟ ଉତ୍ସ ଥିଲା ଆମର ପୁରାଣ, ଅନ୍ୟାନ୍ୟ ପ୍ରାଚୀନ ସାହିତ୍ୟ ଓ କିମ୍ବଦନ୍ତୀ। ସେହିପରି ଖାଣ୍ଟି ଓଡ଼ିଆ ଭାଷାରେ ସେ ନିଜ ସୃଷ୍ଟିକୁ ଜୀବନ୍ୟାସ ଦେଇଥିଲେ। ଭାଷା, ଚରିତ୍ର ତଥା ବିଷୟବସ୍ତୁର ଅସଙ୍ଗତି, ଦୈହିକ ବିକୃତି ଇତ୍ୟାଦି ଜରିଆରେ ତାଙ୍କର ହାସ୍ୟରସ ଦର୍ଶକ ପାଠକଙ୍କୁ ଆକର୍ଷିତ କରିଛି। ଦର୍ଶକଙ୍କ ଭାରାକ୍ରାନ୍ତ ମନକୁ ଉଶ୍ୱାସ କରିବା ଲାଗି ସେ ଲେଖିଲେ- 'ଧନ୍ୟ ଧନ୍ୟରେ ମୁଢ଼ି! ତୋତେ ଖାଇ ଟୋକୀ ହୁଅନ୍ତି ବୁଢ଼ୀ...', 'ବାହା ବାହା ବାହାରେ କାଞ୍ଜି, ତୋର ଋଣ କିଏ ପାରିବ ଶୁଝି...' ଇତ୍ୟାଦି।

ପାଣିକବିଙ୍କ କବିତାର ଆଉ ଗୋଟିଏ ଦିଗ ହେଲା, ତତ୍‌କ୍ଷଣାତ୍ କବିତା ରଚନା କରିବାରେ ସେ ଥିଲେ ସିଦ୍ଧହସ୍ତ। ପାଲାଗାୟକ ଭାବେ ସେ ଆଶୁକବିତା ରଚନା କରି ଦର୍ଶକମାନଙ୍କୁ ମୁଗ୍ଧ କରିପାରୁଥିଲେ। ଥରେ ପାଣିକବିଙ୍କର କଙ୍କଡ଼ା ଖାଇବାକୁ ଇଚ୍ଛା ହେଲା। ତେଣୁ କନିକା ରାଜାଙ୍କୁ ସିଧାସଳଖ ଏ କଥା ନ କହି ନିଜର ଆଶୁକବିତା ମାଧ୍ୟମରେ ଏହାର ସୂଚନା ଦେଲେ- ''ଦଶଗୋଡ଼ରେ ଯେ କରନ୍ତି ଗତି, ପାଣିରେ ବାସ ଯାହାଙ୍କର ନିତି।... ପାଣି ବସିଅଛି ପାଣି ପ୍ରସାରି, ପାଣି ଫଳକୁ ବଡ଼ ଆଶ୍ରା କରି।।'' କନିକା ରାଜା ଏହା ଶୁଣି କବିଙ୍କର ଆଶା ପୂରଣ କରିଥିଲେ। ସେ ସମୟରେ ଦରଦାମ୍ ବୃଦ୍ଧିକୁ ଲକ୍ଷ୍ୟ କରି କବି ଲେଖିଛନ୍ତି- ''କ୍ଷିତିକୁ ଭୀତି ହେଲା ପ୍ରବଳ, ପଇସାରେ ପାନ ପାଞ୍ଚଟା ଛଅଟା, ଟଙ୍କାରେ ଛ'ସେର ଅଧେ ଚାଉଳ।'' ଆଜି ନିଶା ନିବାରଣ ଉପରେ ସରକାରଙ୍କଠାରୁ ଆରମ୍ଭକରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱରୋତ୍ତୋଳନ କରୁଛନ୍ତି। ମାତ୍ର ନିଶା ପ୍ରସାରର ବ୍ୟାପକତା ଦେଖି ସେ ଚୁପ୍ ହୋଇ ବସିନାହାନ୍ତି। କବିଙ୍କ ଭାଷାରେ-''ଛିଇ ଛିଇ ମଦ ପିଇବି ନାହିଁ ଲୋ କଳାପାଣି ପରି ଦିଶେ, ସେହି କଳାପାଣି ପେଟରେ ପଡ଼ିଲେ ଚଉଦ ଭୁବନ ଦିଶେ...।''

କବି ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି ନ ଥିଲେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସେଥିପାଇଁ ସେ ସାଧାରଣ ଜନତାଙ୍କୁ ଆହ୍ୱାନ ଜଣାଇ ଲେଖିଛନ୍ତି- ''ବଣିଆ ଟୋକାଟା ଉଠାଇ ଦେଲାଣି ଜିଅଲଖାନାର ଡର ହେ, ଦେଶ କାମ କରି ପଶ ଯା ତହିଁରେ ବରଷକୁ ଦଶଥର ହେ...।'' ସେହିପରି ଭାରତବାସୀଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ସେ ବହୁ କବିତା ରଚନା କରିଥିଲେ। ପଦ୍ୟ ସାହିତ୍ୟ ଭଳି ଗଦ୍ୟ ସାହିତ୍ୟ ସୃଷ୍ଟିରେ ମଧ୍ୟ ବୈଷ୍ଣବ ପାଣି ସିଦ୍ଧହସ୍ତ। 'ଦୁଃଖିନୀ ଗୋବର ଗୋଟେଇ' କବିଙ୍କର ବହୁଚର୍ଚ୍ଚିତ ଉପନ୍ୟାସ, କିନ୍ତୁ ସବୁଠାରୁ ଉଲ୍ଲେଖନୀୟ ହେଉଛି କବିଙ୍କର ଆତ୍ମଜୀବନୀ। ନିଜ ଆତ୍ମଜୀବନୀ ମାଧ୍ୟମରେ ସେ ତାଙ୍କ ଚରିତ୍ର ସ୍ଖଳନ ବିଷୟରେ ସୂଚନା ଦେବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି।

ମୋ- ୯୪୩୮୦୭୨୮୫୦

## ଏଇ ଭାରତରେ

ଆଗକୁ ଦୀପାବଳି। ଏହା ହେଉଛି ଆଲୋକର ପର୍ବ। ଏହି ପର୍ବରେ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ଜଳାଇ ଏବଂ ବାଣ ଫୁଟାଯାଇ ଖୁସି ମନାଯାଏ। କିନ୍ତୁ ବିଭିନ୍ନ ପ୍ରକାର ବାଣ ଫୁଟିବା ଦ୍ୱାରା ବାୟୁ ପ୍ରଦୂଷଣ ହୁଏ। ଦୀପାବଳି ଋତୁରେ ପ୍ରଚୁର ବାଣ ଫୁଟାଇବା ଯୋଗୁ ଶବ୍ଦ ପ୍ରଦୂଷଣ ମଧ୍ୟ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ବାୟୁମଣ୍ଡଳରେ ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଏବଂ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରେ। ଏଥିଯୋଗୁ ଶ୍ୱାସରୋଗ, ବ୍ରୋଙ୍କାଇଟିସ୍, ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ବାଣ ଫୁଟାଇବା ଯୋଗୁ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣ ପ୍ରଭାବରେ ମଣିଷ ସମେତ ପଶୁପକ୍ଷୀ ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ତେବେ ବାଣ ବିସ୍ଫୋରଣଜନିତ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଏକ ପଦକ୍ଷେପସ୍ୱରୂପ ଦିଲ୍ଲୀର ଶିକ୍ଷା ନିର୍ଦ୍ଦେଶାଳୟ ଆତସବାଜିର କୁପ୍ରଭାବ ବିଷୟରେ ସଚେତନ କରିବା ସହିତ ଏହି ଉତ୍ସବକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛି। କେବଳ କ୍ୟାଣ୍ଡେଲ ଓ ମାଟିଦ୍ୱୀପ ଜଳାଇ ଦୀପାବଳି ପାଳିବାକୁ ପରାମର୍ଶ ଦିଆଯାଇଛି। ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ପ୍ରଦୂଷଣମୁକ୍ତ ଦୀପାବଳି ଉତ୍ସବ ପାଳନ ପାଇଁ ନିର୍ଦ୍ଦେଶାଳୟ ଏକ ସର୍କୁଲାର ଜାରି କରିଛି। ଅନ୍ୟମାନେ ଏହାକୁ ଅନୁକରଣ କଲେ ଦେଶରେ ଦୀପାବଳି ଦିନ ବାୟୁ ଓ ଶବ୍ଦ ପ୍ରଦୂଷଣକୁ ଅନେକାଂଶରେ ଏଡାଇ ଦିଆଯାଇ ପାରନ୍ତା।

## ଚିରନ୍ତନୀ

ପରାଣପ୍ରିୟା, ହୃଦୟରାଣୀ  
ଆସ ଗୋ ମୋର ଚଳ-ଚାହାଣି,  
ଦୁଃଖ ସୁଖର ଛନ୍ଦବାଣୀ ସଙ୍ଗୀତ  
ଗନ୍ଧ ମୋର, ପରଶ ମୋର ଇଙ୍ଗିତ।  
ଆସ ଗୋ ମୋର ଶ୍ରବଣପୁର  
ଆସ ଗୋ ମୋର ନିକଟ ଦୂର,  
ଆସ ଗୋ ଆସ ରସ ମଧୁର ଯୌବନ  
କିଶୋରୀ ଆଗୋ, ବୃଦ୍ଧା ଆଗୋ ଶୋଭନ।

(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | A | | | | | 1 | | | | | | |
| | 2 | 4 | | | 3 | | B | 6 | | | | A | | C |
| | | | E | | 5 | | | | | | | | 9 | 1 |
| | | | | B | D | | | 8 | | | C | | | |
| E | 6 | | | | 9 | D | 2 | 4 | B | | | | 3 | |
| 2 | 1 | B | | | | | 0 | 7 | | | | | | 8 |
| 0 | 5 | | | 9 | E | 2 | | | 4 | | | | | |
| 3 | | | | | | | | | | | 8 | B | | |
| | | | | | | | 4 | | | | | | | 7 |
| | | | 3 | 4 | C | | 1 | 5 | | 9 | E | D | | |
| | | | | | 7 | | | | 3 | | | | 8 | A |
| | D | | 6 | E | 2 | | | | A | | 9 | | | |
| 8 | E | 3 | | 5 | | A | C | 2 | | | B | 7 | | |
| | | | B | | | 9 | 5 | 3 | C | 1 | | | D | 2 |
| 5 | | 1 | | | | 6 | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 8 | 9 | 7 | B | 5 | C | A | D | 3 | E | 4 | 1 | 6 | 0 |
| 0 | 6 | 7 | A | 4 | C | 1 | E | 3 | 8 | 2 | D | 9 | B | 5 |
| 3 | 5 | E | 1 | 0 | D | 4 | B | 9 | 6 | A | 7 | 2 | C | 8 |
| 4 | 1 | D | 6 | 9 | 8 | 0 | 7 | 2 | B | C | 5 | E | 3 | A |
| B | C | A | 3 | E | 2 | 6 | 5 | 8 | 9 | 1 | 0 | D | 4 | 7 |
| A | D | 1 | 0 | 8 | 6 | 9 | 4 | C | 5 | 3 | E | B | 7 | 2 |
| 6 | 2 | 5 | B | 3 | 9 | 7 | 1 | 0 | D | 4 | A | C | 8 | E |
| 9 | B | C | 4 | 5 | 7 | 2 | 3 | E | 1 | 8 | 6 | 0 | A | D |
| 8 | E | 0 | D | 2 | 1 | B | 6 | A | 7 | 9 | C | 4 | 5 | 3 |
| 7 | 3 | 4 | E | C | A | 8 | D | 5 | 0 | B | 2 | 6 | 1 | 9 |
| 5 | 9 | 3 | C | A | B | D | 2 | 1 | E | 6 | 8 | 7 | 0 | 4 |
| 1 | 0 | 8 | 2 | 6 | 3 | E | C | 4 | A | 7 | 9 | 5 | D | B |
| D | 4 | 2 | 9 | 1 | 0 | A | 8 | 7 | C | 5 | B | 3 | E | 6 |
| E | A | B | 5 | 7 | 4 | 3 | 0 | 6 | 2 | D | 1 | 8 | 9 | C |
| C | 7 | 6 | 8 | D | E | 5 | 9 | B | 4 | 0 | 3 | A | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଠିକା କର୍ମଚାରୀରେ ସରକାର

ମହାଶୟ,

ବର୍ତ୍ତମାନ ସରକାରୀ କାର୍ଯ୍ୟାଳୟରେ ଆସ୍ତେ ଆସ୍ତେ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା କମିବାରେ ଲାଗିଛି। ସରକାର କିଛିବର୍ଷ ହେବ ଖାଲି ପଡିଥିବା ସ୍ଥାନରେ କେବଳ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦେଇଆସୁଛନ୍ତି। ଏବେ କେନ୍ଦ୍ର ସରକାର ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରି ୩୫୦ରୁ ୩୭୩ ଟଙ୍କା, ଅର୍ଦ୍ଧକୁଶଳୀଙ୍କର ୪୩୭ରୁ ୪୭୬, କୁଶଳୀଙ୍କ ୫୨୩ରୁ ୫୫୮ ଏବଂ ଉଚ୍ଚ କୁଶଳୀଙ୍କ ୬୧୦ରୁ ୬୫୧ ଟଙ୍କାକୁ ବୃଦ୍ଧି କରାଯାଇଛି। ନିର୍ଦ୍ଧାରିତ ମଜୁରି ଅନୁସାରେ ଜଣେ ଅଣକୁଶଳୀ ଶ୍ରମିକ ମାସକୁ ୧୧,୧୯୦/- ଟଙ୍କା ପାଉଥିବା ବେଳେ ଜଣେ ଉଚ୍ଚଶିକ୍ଷିତ ଦକ୍ଷ ଠିକା କର୍ମଚାରୀକୁ ମୂଳ ଦରମା ସହିତ ଗ୍ରେଡ୍ ପେ'ରେ (ମାସକୁ ୮/୯ହଜାର) ସନ୍ତୁଷ୍ଟ ହେବାକୁ ପଡୁଛି। ଠିକା କର୍ମଚାରୀମାନେ ୬ ବର୍ଷ କାର୍ଯ୍ୟ କରିବା ପରେ ସେମାନଙ୍କୁ ସ୍ଥାୟୀ କରିବାର ନିୟମ ଥିଲେ ମଧ୍ୟ ସରକାର ତାହାକୁ ଅଣଦେଖା କରିଆସୁଛନ୍ତି। ସମାନ କାମକୁ ସମାନ ଦରମା ନିୟମକୁ ମାନୁନାହାନ୍ତି। ଏଣୁ ଆଗାମୀ ଦିନରେ ଠିକା କର୍ମଚାରୀଙ୍କ ଅସନ୍ତୋଷ ଗୁରୁତର ପରିସ୍ଥିତି ସୃଷ୍ଟି କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ବି. ପ୍ରଜେଶ କୁମାର, କାମାକ୍ଷାନଗର, ଢେଙ୍କାନାଳ

### ଭଲ ଥିଲା ମାଟି ରାସ୍ତା

ଏବର ଢଳେଇ, କଂକ୍ରିଟ ରାସ୍ତାଠୁ ଭଲ ଥିଲା ମାଟି ରାସ୍ତା। ମାଟି ରାସ୍ତାରେ ଲୋକମାନେ ଭଲରେ ଯିବା ଆସିବା କରୁଥିଲେ। ପାଣି ବାଟରେ ପାଣି ଯାଉଥିଲା। କଂକ୍ରିଟ ରାସ୍ତା ଯୋଗୁ ଘର ଭିତରେ ପାଣି ପଶୁଛି, ପୁଣି ଡ୍ରେନେଜ ବ୍ୟବସ୍ଥା କାନ୍ଥ କଡରେ। ନିମ୍ନମାନର ମରାମତି କାର୍ଯ୍ୟ ପାଇଁ ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଦାୟୀ ସାହିର କର୍ପୋରେଟର, ଠିକାଦାର ଓ ତାଙ୍କ ସହିତ ସରକାରୀ ଅବହେଳା।

ସୋନୁ ବିଶ୍ୱାଳ, ସାଲିଆସାହି, ନୂଆପଲ୍ଲୀ, ଭୁବନେଶ୍ୱର

### ଅତି ଲୋଭରୁ ବିନାଶ

ଲୋଭ ମନୁଷ୍ୟର ପରମ ଶତ୍ରୁ। ମନୁଷ୍ୟ ଲୋଭଗ୍ରସ୍ତ ହେଲେ ବିଚାରବୁଦ୍ଧି ହରାଇବସେ। ଯେତେ ଅଧିକ ଲୋଭ କରିବ ପାପର ଭାର ସେତେ ବୃଦ୍ଧି ପାଇବ। ଶେଷକୁ ଏହା ବିନାଶ ଆଡ଼କୁ ଟାଣିନେବ। ସେଥିପାଇଁ କୁହାଯାଇଛି-ଲୋଭରୁ ପାପ, ପାପରୁ ମୃତ୍ୟୁ। ଲୋଭର କୁଫଳ ସମ୍ପର୍କରେ ଯଥାର୍ଥରେ କୁହାଯାଇଛି- ଈଷତ୍ ଶ୍ୱେତ କୁଷ୍ଠ ଯେପରି ମନୁଷ୍ୟର ସମସ୍ତ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦିଏ, କିଞ୍ଚିତ୍ ମାତ୍ର ଲୋଭ ଯଶସ୍ୱୀମାନଙ୍କର ନିର୍ମଳ ଯଶ ଓ ପ୍ରଶଂସନୀୟ ଗୁଣ ସମୂହକୁ ବିନାଶ କରିଦିଏ। ଏଣୁ ଲୋଭ ପ୍ରତି ସତର୍କ ରହିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜମ୍ମୁ-କଶ୍ମୀର ସୁନ୍ଦେରବାନି ସେକ୍ଟରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ସମନ ଜାରି କରିଛି ଭାରତ। ବୈଦେଶୀକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସମନ ଜାରି କରାଯାଇଛି। ଏହି ଘଟଣାରେ ୩ ଜଣ ଭାରତୀୟ ଯବାନ ଶହୀଦ୍ ହୋଇଥିଲେ। ଅକ୍ଟୋବର ୨୧ରେ ଏହି ଅନୁପ୍ରବେଶ ଘଟଣାରେ ଭାରତୀୟ ଯବାନଙ୍କ ପକ୍ଷରୁ ସତର୍କ ସୂଚନା ଦିଆଯାଇଥିଲା। ତେବେ ଅନୁପ୍ରବେଶକାରୀ ଏହାକୁ ଭ୍ରୂକ୍ଷେପ କରି ନ ଥିଲେ।




# ପ୍ରମୁଖ ଇସ୍ପାତ ହବ୍ ହୋଇପାରିଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ




କାର୍ଯ୍ୟକ୍ରମରେ ଅତିଥିମାନେ 'ମେକ୍ ଇନ୍ ଷ୍ଟିଲ୍, ମେକ୍ ଇନ୍ ଇଣ୍ଡିଆ' ଶୀର୍ଷକ କଫି ଟେବୁଲ୍ ବୁକ୍ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୩।୧୦**

ରାଜ୍ୟରେ ପ୍ରାକୃତିକ ସମ୍ପଦ ଭରି ରହିଥିବା ବେଳେ ଏହା ଦେଶର ମୋଟ୍ ଖଣିଜ ଉତ୍ପାଦନକୁ ପ୍ରାୟ ୧୪% ଅବଦାନ ରଖୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ଖଣିଜ ଉତ୍ପାଦନ ବୃଦ୍ଧିକରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିଭଳି ଓଡିଶାରେ ଭାଲ୍ୟୁ ଆଡେଡ୍ ପ୍ରଡକ୍ଟର ଉତ୍ପାଦନକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଦେଶରେ ଉତ୍ପାଦିତ ମୋଟ୍ ଲୁହାପଥର ମଧ୍ୟରୁ ଓଡିଶାର ଅବଦାନ ପ୍ରାୟ ଅଧା। ଏଭଳି ସ୍ଥିତିରେ ରାଜ୍ୟ ଇସ୍ପାତ ଉତ୍ପାଦନକାରୀଙ୍କ ଲାଗି ଏକ ପ୍ରମୁଖ ସ୍ଥଳୀ ଭାବେ ଉଭା ହୋଇଛି। ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ କନ୍ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କ୍ୟାପିଟାଲ ଗୁଡ୍ସ ଫର୍ ଷ୍ଟିଲ୍ ସେକ୍ଟର ; ମାନୁଫାକ୍ଚରର୍ସ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୩୩ ନିୟୁତ ଟନ୍‌କୁ ବୃଦ୍ଧି ଘଟିଛି। ଏହା ୧୯୯୯-୨୦୦୦ ବେଳକୁ ବାର୍ଷିକ ମାତ୍ର ୪ ନିୟୁତ ଟନ୍ ରହିଥିଲା। ଓଡିଶା ବର୍ତ୍ତମାନ ଦେଶର ପ୍ରମୁଖ ଇସ୍ପାତ ହବ୍ ହେବାର କ୍ଷମତା ହାସଲ କରିଛି। ଅପରପକ୍ଷରେ ଧାତୁ ଶିଳ୍ପ ନିବେଶ ଲାଗି ଏହା ଅଗ୍ରଣୀ ସ୍ଥାନ ହୋଇପାରିଛି। ଭିଜନ-୨୦୩୦ ଦ୍ୱାରା ଆନୁଷଙ୍ଗିକ ଶିଳ୍ପଗୁଡିକର ଉନ୍ନତୀକରଣ ଲାଗି ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ୫୦%ରୁ ଅଧିକ ଭାଲ୍ୟୁ ଆଡିଶନ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଇସ୍ପାତ କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତୀକରଣ ତଥା ଦୃଢୀକରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ଡାଉନଷ୍ଟ୍ରିମ ଶିଳ୍ପ ପାର୍କ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରାଯାଉଛି। ଶିଳ୍ପ ଭିତ୍ତିଭୂମି ଉନ୍ନତିକରଣକୁ ନଜରରେ ରଖାଯାଇଛି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ବନ୍ଦରଗୁଡିକର ମାଲ ପରିଚାଳନା କ୍ଷମତାରେ ବୃଦ୍ଧି ଘଟି ବାର୍ଷିକ ୧୯୦ ନିୟୁତ ମେଟ୍ରିକ ଟନ୍ ଛୁଇଁଛି। ପାୱାର ଜେନେରେଶନ ୩ ଗୁଣ ବୃଦ୍ଧି ଘଟିଛି। ଏହା ସହ ରାଜ୍ୟ ସରକାର ମେକ୍ ଇନ୍ ଓଡିଶାର ଦ୍ୱିତୀୟ ସଂସ୍କରଣ ଚଳିତବର୍ଷ ଆୟୋଜନ କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

**କ୍ୟାପିଟାଲ୍ ଗୁଡ୍ସ ଫର୍ ଷ୍ଟିଲ୍ ସେକ୍ଟର; ମାନୁଫାକ୍ଚରର୍ସ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍**

- ଦେଶରେ ୩୦ କୋଟି ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ
- ରାଜ୍ୟରେ ମେଶିନ ଟୁଲ୍ ପାର୍କ ସ୍ଥାପନ ଲାଗି କେନ୍ଦ୍ରର ପ୍ରସ୍ତାବ
- କ୍ୟାପିଟାଲ୍ ଗୁଡସ୍ କ୍ଷେତ୍ରରେ ୩୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ
- ସମ୍ମିଳନୀରେ ଯୋଗ ଦେଇଛନ୍ତି ଦେଶବିଦେଶର ୩୫୦ ପ୍ରତିନିଧି

ଇସ୍ପାତ ଆଧାରିତ ଭିତ୍ତିଭୂମିର ବିକାଶ ଲାଗି ଘରୋଇ ବଜାରରେ ୮୦ ହଜାର କୋଟି ଡଲାରରୁ ଅଧିକ ପୁଞ୍ଜି ବିନିଯୋଗ ହେବାର କାର୍ଯ୍ୟକ୍ରମ ରହିଥିବା ଏଥିରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦର ସିଂ କହିଛନ୍ତି। ଘରୋଇ ତଥା ବାହ୍ୟ ଚାହିଦା ପୂରଣ ଲାଗି ସରକାର ଇସ୍ପାତ ନୀତି-୨୦୧୭ ପ୍ରସ୍ତୁତ କରିଛନ୍ତି। ୨୦୩୦-୩୧ ସୁଦ୍ଧା ଦେଶରେ ୩୦ କୋଟି ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆଗାମୀ ୧୦ରୁ ୧୨ ବର୍ଷ ମଧ୍ୟରେ ଦେଶରେ ଅତିରିକ୍ତ ଇସ୍ପାତ ଉତ୍ପାଦନ କ୍ଷମତା ସୃଷ୍ଟି ଲାଗି ୧୨,୮୦୦ କୋଟି ଡଲାରର ପୁଞ୍ଜିନିବେଶ ହେବ। ଏଥିଲାଗି ଭାରତକୁ ପ୍ରାୟ ୨୫ ବିଲିୟନ ଡଲାରର କାରଖାନା ସାମଗ୍ରୀ ଆମଦାନୀ କରିବାକୁ ହେବ। ଇସ୍ପାତ ଶିଳ୍ପର ଆବଶ୍ୟକତା ପୂରଣ ଲାଗି ୫୦୦ ନିୟୁତ ଡଲାରର ଉପକରଣ ମଧ୍ୟ ଆମଦାନୀ ହେବ। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡିଶା ଅଗ୍ରଦୂତ ହୋଇପାରିବ ବୋଲି ସିଂ ସୂଚନା ଦେଇଛନ୍ତି।

କର୍ନାଟକ ଭଳି ଓଡିଶାରେ ଏକ ମେଶିନ ଟୁଲ୍ ପାର୍କ ପ୍ରତିଷ୍ଠା ଲାଗି ଭାରି ଉଦ୍ୟୋଗ ମନ୍ତ୍ରୀ ଅନନ୍ତ ଗୀତେ ରାଜ୍ୟ ସରକାରଙ୍କୁ କାର୍ଯ୍ୟକ୍ରମ ଅବସରରେ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସରକାର ସମସ୍ତ ସହଯୋଗ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। କାର୍ଯ୍ୟକ୍ରମରେ ୩୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମଧ୍ୟରେ ୧୦ରୁ ୧୫ ଟି ବୁଝାମଣା ବିଦେଶୀ ସଂସ୍ଥାଙ୍କ ସହ ହୋଇଛି। ଏହା କ୍ୟାପିଟାଲ ଗୁଡ୍ସ ନିର୍ମାଣକାରୀ, ବୈଦେଶିକ ଟେକ୍ନୋଲୋଜି ପ୍ରଦାନକାରୀ ଏବଂ ଇସ୍ପାତ ଯନ୍ତ୍ରପାତି ଉତ୍ପାଦନକାରୀଙ୍କ ମଧ୍ୟରେ ସମ୍ପନ୍ନ ହୋଇଛି। ଏହା ଦେଶରେ ୩୯,୪୦୦ କୋଟି ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି କରିବ ବୋଲି ଗୀତେ ସୂଚନା ଦେଇଛନ୍ତି।

ସେହିଭଳି ପାରାଦୀପ-କଳିଙ୍ଗନଗର ମଧ୍ୟରେ ୧୦୦ କିମିର ରାସ୍ତାକୁ ୮ ଲେନ୍ ବିଶିଷ୍ଟ ମାଲପରିବହନ କରିଡରରେ ପରିବର୍ତ୍ତନ କରିବାକୁ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି। ଏହା ବାଦ୍ ରାଜ୍ୟରେ ୫,୦୦୦ କିମିର ଅତିରିକ୍ତ ଜାତୀୟ ରାଜପଥ ନିର୍ମାଣ ଯୋଜନା, ଦେଶରେ ୧୨ ହଜାର କୋଟି ପୁଞ୍ଜି ବିନିଯୋଗରେ ପ୍ରତିଷ୍ଠା ହେବାକୁ ଥିବା ୧୨ ବାୟୋ ଫୁଏଲ ରିଫାଇନେରୀ, ରାଜ୍ୟର ୧୯ ଜିଲାରେ ସିଟି ଗ୍ୟାସ୍ ବିତରଣ ନେଟୱର୍କ ଭଳି ବିଭିନ୍ନ ଯୋଜନା ଉପରେ ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ ମନ୍ତ୍ରଣାଳୟ ସଚିବ ବିନୟ କୁମାର, ପୂର୍ବତନ ଇସ୍ପାତ ସଚିବ ଡ. ଅରୁଣା ଶର୍ମା, ଅତିରିକ୍ତ ସଚିବ ରାଶିକା ଚୌବେ, ସିଆଇଆଇ ମହାନିର୍ଦ୍ଦେଶକ ଇନ୍ଦ୍ରଜିତ ବାନାର୍ଜୀ, ୱାର୍ଲଡ ଷ୍ଟିଲ ଆସୋସିଏଶନର ଇକୋନୋମିକ ଆଣ୍ଡ ଷ୍ଟାଟିଷ୍ଟିକାଲ୍ ଆନାଲିସିସ ମୁଖ୍ୟ ଆଡାମ ଜିଉସଜିକ୍ ଉପସ୍ଥିତ ଥିଲେ। ସେହିଭଳି ପାନେଲ ଆଲୋଚନାରେ ବିଏଚ୍‌ଇଏଲର ଅଧ୍ୟକ୍ଷ ଅତୁଲ ସୋବ୍ତି, ସେଲ୍ ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀ, ଜେଏସ୍‌ପିଏଲ୍ ସିଇଓ ଏନ୍.ଏ. ଅନସାରି, ଟାଟା ଷ୍ଟିଲ ଉପସଭାପତି ଅଭନିଶ ଗୁପ୍ତାଙ୍କ ସମେତ ୧୨ ଦେଶର ୨୮ ପ୍ରତିନିଧି ଏବଂ ମୋଟ ୩୫୦ ପ୍ରତିନିଧି ଯୋଗ ଦେଇଥିଲେ।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ସ୍ତରରେ ରାଜ୍ୟ ସରକାର ସାମାନ୍ୟ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିଗମ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଓଡ଼ିଶା କୃଷିଭିତ୍ତିକ ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ (ଭାରପ୍ରାପ୍ତ) ଥିବା ପ୍ରେମ୍‌ଚନ୍ଦ୍ର ଚୌଧୁରୀ ବିଜୁ ଯୁବ ବାହିନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଚଞ୍ଚଳ ରାଣାଙ୍କୁ ଗଜପତି ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଭାରପ୍ରାପ୍ତ) ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅତିରିକ୍ତ କମିଶନର ଥିବା ସ୍ୱଧା ଦେବଙ୍କୁ ଜଳସମ୍ପଦ ବିଭାଗର ଉପସଚିବ ଭାବେ ନିଯୁକ୍ତି ମିଳିଛି।

ଅପରପକ୍ଷରେ କେତେକ ଅଫିସରଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ଆବୋଲି ସୁନୀଲ ନରଭାଣେଙ୍କୁ ମୟୂରଭଞ୍ଜ ଉପଜିଲାପାଳ ଏବଂ ଡିଆରଡିଏ ନିର୍ଦ୍ଦେଶକ(ଅତିରିକ୍ତ) ଦାୟିତ୍ୱ ଦିଆଯାଇଛି। ଅବଦଲ ଅଖତରଙ୍କୁ କୋରାପୁଟ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଏସ୍. କ୍ରିଷ୍ଣନ କେପିଙ୍କୁ ପାଟଣାଗଡ଼ ଉପଜିଲାପାଳ, ଅମ୍ରିତ ରତୁରାଜଙ୍କୁ ରାୟଗଡା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଦିବ୍ୟଜ୍ୟୋତି ପରିଡାଙ୍କୁ ବାରିପଦା ଉପଜିଲାପାଳ, ବିଶାଳ ସିଂଙ୍କୁ ନୀଳଗିରି ଉପଜିଲାପାଳ, ବି.ଏସ୍. ବଳିରାମଙ୍କୁ ଗୁଣୁପୁର ଉପଜିଲାପାଳ ଏବଂ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କୁ ବାଲିଗୁଡା ଉପଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।

**JOINT ENTRANCE EXAMINATION-2018, ODISHA (OJEE-2018)**

No: OJEE-18/470 Date-22/10/2018

**Detailed Schedule for Spot Round Counselling for BAMS/BHMS**

Keeping in view, the cut-off date of admission to BAMS/BHMS courses prescribed by appropriate Authority, the Spot Round counselling-cum-admission for the notified Institutes in Odisha shall be conducted as per the following schedule.

All the registered 'All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda | 27-10-2018 | 10:00AM TO 11:00AM | ALL SC, ST and ES Category Candidates |
| | 27-10-2018 | 11:00AM TO 12 NOON | 25000 TO 150000 |
| | 27-10-2018 | 2:30PM TO 3:30 PM | 150001 TO 400000 |
| | 28-10-2018 | 10:00AM TO 11.00 AM | 400001 TO 700000 |
| | 28-10-2018 | 11:00AM TO 12 NOON | 700001 TO 950000 |
| | 28-10-2018 | 2:30PM TO 3:30 PM | 950001 AND ABOVE |
| For further details, please login to www.ojee.nic.in/www.odishajee.com | | | |

SD/-
CHAIRMAN, OJEE 2018

# ଜଙ୍ଗଲରେ ଚକ୍ମା ଦେଉଛି ସୁନ୍ଦରୀ



ସାତକୋଶିଆ କୁମୁରୀ ଗାଁ ଜଙ୍ଗଲରେ ଟ୍ରାଙ୍କୁଲାଇଜିଙ୍ଗ ଟିମ୍ ସହ ପୋଲିସ।

**ବନ୍ତଳା, ୨୩।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କ ପାଇଁ ବିପଦର କାରଣ ସାଜିଥିବା ବାଘୁଣୀ ସୁନ୍ଦରୀକୁ ଧରିବା ପାଇଁ ମଙ୍ଗଳବାର ଜୋରଦାର ଉଦ୍ୟମ ଜାରି ରହିଛି। ବନ ବିଭାଗ ନେତୃତ୍ୱରେ ଗଠନ ହୋଇଥିବା ୩ଟି ବିଶେଷଜ୍ଞ ଟିମ୍ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ ପାଇଁ ୨ଥର ଉଦ୍ୟମ କରିଥିଲେ। ହେଲେ ଉପଯୁକ୍ତ ସୁଯୋଗ ନ ମିଳିବାରୁ ଉକ୍ତ ଟିମ୍ ସଫଳ ହୋଇପାରି ନାହାନ୍ତି। ତଥାପି ବୁଧବାର ସକାଳ ସୁଦ୍ଧା ବାଘୁଣୀକୁ ଯେମିତି ହେଲେ ଧରିବାକୁ ଲକ୍ଷ୍ୟ ରଖି ଜଙ୍ଗଲର ୩ଟି ସ୍ଥାନରେ ୩ଟି ଟିମ୍ ଜଗି ରହିଥିବା ସୂଚନା ମିଳିଛି।

ଅନୁଗୋଳରେ ଥିବା ଉକ୍ତ ୩ଟିମ୍‌ର ସଦସ୍ୟ ଓୟୁଏଟି ପ୍ରଫେସର ଡାକ୍ତର ଚନ୍ଦ୍ରମଣି ନାଥ, ନନ୍ଦନକାନନର ଡାକ୍ତର ଶରତ ସାହୁ, ଶିମିଳିପାଳ ଅଭୟାରଣ୍ୟର ବିଶେଷଜ୍ଞ ଡି.କେ. କାନବାଇ, ଡ.ପୀୟୂଷ ସୁରେନ୍ ଓ ସାତକୋଶିଆର ପ୍ରାଣୀ ଡାକ୍ତର କିଶୋର ଚନ୍ଦ୍ର ସାହୁ ପ୍ରମୁଖ ମଙ୍ଗଳବାର ସକାଳେ ଅନୁଗୋଳରୁ ବାହାରି ବାଘୁଣୀ ବିଚରଣ କରୁଥିବା କୋଠାଭୂଇଁ ପଞ୍ଚାୟତ କୁମୁରିରେ ପହଞ୍ଚିଥିଲେ। ସେମାନଙ୍କ ସହ ଏସିଏଫ୍ ଶୁଭେନ୍ଦୁ ବେହେରା, ମାଜିଷ୍ଟ୍ରେଟ ଭାବେ ଆସିଷ୍ଟାଣ୍ଟ କଲେକ୍ଟର ବିବେକାନନ୍ଦ ସାହୁ, ଡିଏସ୍‌ପି ଡି.ବି. ନାଏକ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଟିକରପଡ଼ା ରେଞ୍ଜର ଜୟନ୍ତ ପଟ୍ଟନାୟକ, ରାଇଗୁଡ଼ା ରେଞ୍ଜର ଘନଶ୍ୟାମ ମହନ୍ତ, ଜିଲିଣ୍ଡା ରେଞ୍ଜର ହରିଶ ପ୍ରଧାନ, ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋଙ୍କ ସହିତ ୩ ପ୍ଲାଟୁନ ଫୋର୍ସ ରହିଛନ୍ତି। ୨ଟି ଆଣ୍ଟିନା ସାହାଯ୍ୟରେ ବାଘୁଣୀର ଉପସ୍ଥିତି ନିରୀକ୍ଷଣ ପରେ ତାହାକୁ ଟ୍ରାଙ୍କୁଲାଇଜ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ବୁଦା ଉହାଡ଼ରେ ରହିଯାଇଥିବାରୁ ବିଶେଷଜ୍ଞ ଟିମ୍‌କୁ ଉପଯୁକ୍ତ ସୁଯୋଗ ମିଳିପାରି ନ ଥିଲା। ତେଣୁ ସନ୍ଧ୍ୟା ପରେ ୩ଟି ଟିମ୍ ଗଠନ କରାଯାଇ ୩ଟି ଉପାୟରେ ଭିନ୍ନ ଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ବାଘମୁଣ୍ଡା ନେଚର କ୍ୟାମ୍ପ ନିକଟରେ ଏକ ଯନ୍ତା ରଖି ଡବ୍ଲୁଆଇଆଇର ସଦସ୍ୟମାନେ ୩ଟି ବନ୍ଧୁକ ଧରି ସେଠାରେ ପ୍ରସ୍ତୁତ ହୋଇ ରହିଛନ୍ତି। ସେହିପରି ଅନ୍ୟ ଏକ ଟିମ୍ ବାଘୁଣୀ ମାରିଥିବା ବଳଦର ମୃତଦେହ ନିକଟରେ ଜଗି ରହିଥିବା ବେଳେ ୩ୟ ଟିମ୍ ଛେଳିକୁ ବାନ୍ଧି ମଞ୍ଚା ଉପରେ ରହିଛନ୍ତି। ରାତି ପାହିବା ପୂର୍ବରୁ ଯେମିତି ହେଲେ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏପରିକି ଟ୍ରାଙ୍କୁଲାଇଜ ପରେ ଆବଶ୍ୟକ ପଡୁଥିବା ପାଣି ସ୍ପ୍ରେ ମେଶିନ ଓ ଏନକ୍ଲୋଜର ଯାଏ ଆଣିବାକୁ ଖଟିଆ, ଗାଡ଼ି ମଧ୍ୟ ଉକ୍ତ ଟିମ୍ ସାଥିରେ ନେଇଛି। ବାଘୁଣୀ ଉପସ୍ଥିତ ଥିବା ସ୍ଥାନକୁ ସାଧାରଣ ଲୋକ କିମ୍ବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଛଡ଼ା ଯାଉନାହିଁ। ଟ୍ରାଙ୍କୁଲାଇଜ ପରେ ସୁନ୍ଦରୀକୁ ସେଠାରୁ ଆଣି ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ରଖାଯିବ। ପରବର୍ତ୍ତୀ ସମୟରେ ଏନ୍‌ଟିସିଏର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ସନ୍ଧ୍ୟା ସୁଦ୍ଧା ବାଘୁଣୀକୁ ଧରାଯାଇ ନ ଥିବାରୁ ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ, ସମ୍ପାଦକ ବିରାଜ ଜାନୀ, ଉପଦେଷ୍ଟା ଡିଲେଶ୍ୱର ପ୍ରଧାନ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ଦାୟିତ୍ୱରେ ଥିବା ଭି. କାର୍ତ୍ତିକ କହିଛନ୍ତି, ବାଘୁଣୀକୁ ଧରିବା ପାଇଁ ସୁଯୋଗ ମିଳିପାରୁନି। ତିନୋଟି ଟିମ୍ ଉଦ୍ୟମ ଜାରି ରଖିଛି। ଛେଳି, ଯନ୍ତା ସହ ବିଶେଷଜ୍ଞ ଦଳ ଜଙ୍ଗଲରେ ପ୍ରସ୍ତୁତ ହୋଇ ରହିଛନ୍ତି। ଯେମିତି ହେଉ ସୁନ୍ଦରୀକୁ ଧରାଯିବ।

**ଦ୍ୱିତୀୟଥର ଟ୍ରାଙ୍କୁଲାଇଜ ଉଦ୍ୟମ ବିଫଳ**

- ଯେମିତି ହେଲେ ଧରିବାକୁ ଚାଲିଛି ପ୍ରୟାସ
- ଶିକାର ବଳଦ ପାଖରେ ଗୋଟିଏ ଟିମ୍
- ଛେଳି ବାନ୍ଧି ଆଉଏକ ଟିମ୍ ଜଗିଛି ମଞ୍ଚାରେ
- ଯନ୍ତା ବସାଇ ଛକି ରହିଛି ତୃତୀୟ ଟିମ୍

ଔଷଧ ଭାବି ଭୁଲ୍‌ରେ ପିଇଦେଇଥିଲେ କୀଟନାଶକ

# ୪ କିମି ମୃତଦେହ ବୋହିଲେ ଆତ୍ମୀୟ

**ପାତ୍ରପୁର,୨୩।୧୦(ଡି.ଏନ୍.ଏ.)**

ଗାଁକୁ ରାସ୍ତା ନାହିଁ। ଭୁଲରେ କୀଟନାଶକ ପିଇ ଗୁରୁତର ହୋଇ ପଡିଥିବା ଜଣେ ମହିଳା ଚିକିତ୍ସା ପାଇଁ ଦୋଳାରେ ଡାକ୍ତରଖାନାକୁ ଯାଇଥିଲେ। ହେଲେ ବଞ୍ଚିପାରି ନ ଥିଲେ। ବିଡ଼ମ୍ବନାର ବିଷୟ ପୁଣି ରାସ୍ତା ବାଧକ ହେତୁ ଆତ୍ମୀୟମାନେ ମୃତଦେହକୁ ୪ କିମି ପର୍ଯ୍ୟନ୍ତ କୋକେଇରେ ବୁହାଇ ଗାଁକୁ ଆଣିଥିଲେ। ଏଭଳି ଏକ ଘଟଣା ମଙ୍ଗଳବାର ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଥିଲା।

ସୋମବାର ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଆଙ୍କୁଲି ପଞ୍ଚାୟତ ଚୋରିଆବାଡ଼ ଗ୍ରାମର ନରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ରେଣୁଙ୍କର ପେଟବ୍ୟଥା ହୋଇଥିଲା। ତେଣୁ ସେ ଔଷଧ ଭାବି ଘରେ ଥିବା କୀଟନାଶକକୁ ଭୁଲରେ ପିଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ ପାହାଡ଼ ଜଙ୍ଗଲ ରାସ୍ତାରେ ୪ କିମି ଭାର ଯୋଗେ ତାଡ଼କାସାହି ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ପାତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ରେଣୁଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ସରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆମ୍ବୁଲାନ୍ସରେ ମୃତଦେହକୁ ତାଡ଼କାସାହି ପର୍ଯ୍ୟନ୍ତ ଆଣାଯାଇଥିଲା। ସେଠାରୁ ଆତ୍ମୀୟମାନେ କୋକେଇରେ ମୃତଦେହ ରଖି ୪ କିମି ଦୂର ଚୋରିଆବାଡ଼ ଗ୍ରାମକୁ ଆଣିଥିଲେ।

## ବିଦ୍ୟୁତ୍ ଆଘାତରେ ୨ ମହିଳା ମୃତ

**ରାୟଗଡା ଅଫିସ୍, ୨୩।୧୦**

ରାୟଗଡା ଜିଲା ତଥା ରାୟଗଡା ବ୍ଲକ୍ ମୀରାବାଲି ପଞ୍ଚାୟତ ସାନସାନ୍ଧୁବାଡି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଧାନ କିଆରିରେ ଘାସ ବାଛୁଥିବା ବେଳେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ୨ ମହିଳା ହେଲେ ରାୟଗଡା ବ୍ଲକ୍ ଦୁର୍ଗାପାଡୁ ପଞ୍ଚାୟତ ସିକାବାଡି ଗ୍ରାମର ପୁଲାକା କାଡ୍ରାକା(୫୮) ଓ ସେଲି କାଡ୍ରାକା(୬୦)। ରାୟଗଡା ବ୍ଲକ୍ ମୀରାବାଲି ପଞ୍ଚାୟତ ଅନ୍ତର୍ଗତ ସାନସାନ୍ଧୁବାଡି ଗ୍ରାମର ପ୍ରଫୁଲ୍ଲ ବାଢେଇ ନିଜ ଧାନ ଜମିରେ ଘାସ ବାଛିବା ପାଇଁ ସିକାବାଡି ଗ୍ରାମର ୧୦ ମହିଳା ଶ୍ରମିକଙ୍କୁ ମଙ୍ଗଳବାର କାର୍ଯ୍ୟରେ ନିୟୋଜିତ କରିଥିଲେ।

ଧରିତ୍ରୀ
DHARITRI
Quiz No.10
**Puja Quiz- 2018**

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ରାତି ଆକାଶରେ କେଉଁ ଗ୍ରହ ଲାଲ୍ ବର୍ଣ୍ଣର ଦେଖାଯାଏ ?
କ. ଜୁପିଟର ☐ ଖ. ମାର୍ଶ ☐ ଗ. ମରକ୍ୟୁରି ☐ ଘ. କେଉଁଟି ନୁହେଁ ☐

୨. ପି.ଭି. ସିନ୍ଧୁ କେଉଁ ଖେଳ ସହ ସମ୍ପୃକ୍ତ ?
କ. ଫୁଟବଲ ☐ ଖ. ହକି ☐ ଗ. ବ୍ୟାଡ୍‌ମିଣ୍ଟନ୍ ☐ ଘ. କେଉଁଟି ନୁହେଁ ☐

୩. ନିମ୍ନଲିଖିତ ମଧ୍ୟରୁ କିଏ ଉକ୍ତ ବାକ୍ୟଟି ଲେଖିଥିଲେ ''ଏ ଥିଙ୍ଗ୍ ଅଫ୍ ବିୟୁଟି ଇଜ୍ ଏ ଜଏ ଫର୍ ଏଭର'' ?
କ. ଆରିଷ୍ଟୋଟଲ ☐ ଖ. ରୁଷୋ ☐ ଗ. ଜନ୍ କିଟ୍‌ସ ☐ ଘ. କେଉଁଟି ନୁହେଁ ☐

୪. ନୋବେଲ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀ କେଉଁ ଆନ୍ଦୋଳନର ସଂସ୍ଥାପକ ଅଟନ୍ତି ?
କ. ଗ୍ରାମ ସ୍ୱଚ୍ଛ ଆନ୍ଦୋଳନ ☐ ଖ. ବଚ୍‌ପନ୍ ବଚାଓ ଆନ୍ଦୋଳନ ☐ ଗ. ବାଳିକା ବଚାଓ ଆନ୍ଦୋଳନ ☐ ଘ. କେଉଁଟି ନୁହେଁ ☐

୫. ୧୭ତମ ଏସିଆନ୍ ଗେମ୍ସ ପୁରୁଷ ହକି ଫାଇନାଲ୍‌ର ବିଜେତା କିଏ ?
କ. ଭାରତ ☐ ଖ. ପାକିସ୍ତାନ ☐ ଗ. ଚାଇନା ☐ ଘ. ଜାପାନ୍ ☐

Participant's Name:..........
Address:..........
..........
Education ..........
Mobile.......... Age:..........
E-mail:..........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
**Cut this coupon and send it to the following address:**
**DHARITRI Puja Quiz No. 10**
**B-15, Industrial Estate, Rasulgarh, Bhubaneswar-10**



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ରାଜନଗର/ମହାକାଳପଡ଼ା, ୨୩।୧୦ (ଡି.ଏନ୍.ଏ.):** ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ସୁନୀତି ଗ୍ରାମରେ ପୋଖରୀରେ ବୁଡ଼ି ମଙ୍ଗଳବାର ଖୋକନ ମାନ୍ନାଙ୍କ ପୁଅ ରାମ(୨)ଙ୍କ ମୃତ୍ୟୁ ଘଟିଛି। ରାମ ଘର ପାଖ ଏକ ପୋଖରୀ ନିକଟରେ ଖେଳୁଥିବା ବେଳେ ପୋଖରୀ ଭିତରକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ବାବର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କବିତା ପାଠୋତ୍ସବ

**କେନ୍ଦ୍ରାପଡା ଅଫିସ, ୨୩।୧୦:** କେନ୍ଦ୍ରାପଡା ସହର ନିକଟ ଗୁଲନଗରସ୍ଥିତ ସଞ୍ଜିବନୀ ବିଦ୍ୟାମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ସ୍ୱରଚିତ କବିତା ପାଠ ହୋଇଥିଲା । କବି ଶୈଳଜା ଶଙ୍କର ସାମଲ ଏଥିରେ ସଂଯୋଜନା କରିଥିଲେ। ମେଜର ଭରତ ଚନ୍ଦ୍ର ଜେନା, ପ୍ରେମାନନ୍ଦ ଜେନା, ଭରତ ଚନ୍ଦ୍ର ସାହୁ, ଅଜୟ କୁମାର ପାତ୍ର, ଚନ୍ଦ୍ରକାନ୍ତା ପରିଡା, ଗୋଲାପ ରାଉତ, କବିତା ମୁଦୁଲି, ରଞ୍ଜନ ବାଇ, ଗଗନ ସିଂ, ଟିଟିକାନ୍ତ ନାୟକ ଓ ଗୀତାଞ୍ଜଳୀ ସାହୁ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଚଳଚିତ୍ର ପ୍ରଯୋଜକ ଅମିୟକାନ୍ତ ପଟ୍ଟନାୟକଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରିଷଦ ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ମାସିକ

# ପାଚିକା ଓ ସହାୟିକା ସଂଘର ଗଣବିକ୍ଷୋଭ

**କେନ୍ଦ୍ରାପଡା ଅଫିସ, ୨୩।୧୦**

ଦୁହୁରିଆସ୍ଥିତ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ଅନୁବନ୍ଧିତ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ୯ ଦଫା ଦାବି ନେଇ ମଙ୍ଗଳବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡିଇଓ କଳ୍ପନା କୁମାରୀ ବେହେରାଙ୍କୁ ପ୍ରଦାନ କରାଯାଇଛି । ଜିଲା ସଂଘ ସଭାପତି ସ୍ନେହଲତା ଗାହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣବିକ୍ଷୋଭରେ ପାଚିକା ଓ ସହାୟିକାଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏଥିରେ ସଂଘର ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ, ସମ୍ପାଦିକା ଇସାନୀ ଷଡ଼ଙ୍ଗୀ, ଶ୍ରମିକ ନେତା ଗୟାଧର ଧଳ, ଜଗତଜୀବନ ଦାସ, ଉମେଶ ସିଂ, ନିର୍ମଳା ସିଂ, ନଳିନୀପ୍ରଭା ତରାଇ ଓ ଦୀପା ବେହେରା ପ୍ରମୁଖ ଯୋଗଦେଇଥିଲେ ।



ଗଣବିକ୍ଷୋଭରେ ପାଚିକା ଓ ସହାୟିକା ସଂଘ ସଦସ୍ୟାସଦସ୍ୟମାନେ।

ପାଚିକାଙ୍କ ମାସିକ ମଜୁରି ବାବଦ ୧୮ ହଜାର ଟଙ୍କା, ବକେୟା ଥିବା ଅର୍ଥ ପ୍ରଦାନ, ୬୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ପ୍ରତିଶ୍ରୁତି ପ୍ରଦାନ, ଜାଳେଣି ଗ୍ୟାସ ଓ ପାନୀୟ ଜଳର ସୁବନ୍ଦୋବସ୍ତ ଓ ଅବସରପ୍ରାପ୍ତଙ୍କୁ ପେନସନ ପ୍ରଦାନ ପାଇଁ ସେମାନେ ଦାବି ଉପସ୍ଥାପନ କରିଥିଲେ । ଏହି ଗଣବିକ୍ଷୋଭରେ ବହୁ ପାଚିକା ଓ ସହାୟିକା ଯୋଗଦେଇଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଚାରିପଦ ଥିଲା କି ନ ଥେଲା**
**ଗୀତ ଚାରିପଦ ଥେଲା**
**ଯେଉଁ ଦିନ ଡେଇଁଲି ବାପଘର ଗାଁଆ**
**ସବୁ ତ ପାସୋର ଗଲା ।**

ବାହା ହୋଇ ଝିଅ ଯେବେ ଶାଶୁ ଘରକୁ ବୋହୂ ହୋଇଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ । ସେହିପରି ଘର ପରିବାର ସମ୍ଭାଳିବା ଭିତରେ ସେ ସମୟକ୍ରମେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ମଧ ପାସୋରି ଦେଇଥାଏ । ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାନ୍ତି । ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିଖଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ରହି ସେସବୁ ମନରୁ ପାସୋରି ଦେଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଢମ କହୁଛି**
**ଦି କଲେ ଘିଅ ବହି ଯାଉଛି ।**

ଢମ ଗପିବାର ବା ବଢ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ । ନିଜେ ଯେତେ ନୁହଁ କି ଯାହା ନୁହଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ଏକ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ କର୍ମୀମାନେ।

**ଡେରାବିଶ, ୨୩।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ୧୪ ନଂ. ଜିଲା ପରିଷଦ ଜୋନ୍ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଏହାର ଶୁଭାରମ୍ଭ କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଧାୟକ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ କହିଥିଲେ । ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ମଲ୍ଲ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ପରିଡ଼ା ଓ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି ପଦଯାତ୍ରା ବସପୁର ପଞ୍ଚାୟତ ସମେତ ରତାଦିଆ ଖଣ୍ଡସାହି, ଖମୋଳ, ଚାନ୍ଦୋଳ, ମୁକୁନ୍ଦପୁର, ଦାନପୁର, ଯଅଁରାବାରିମୂଳ, ହରିଅଙ୍କ ପଞ୍ଚାୟତ ପରିକ୍ରମା କରିବା ପରେ ଇନ୍ଦାଳୋ ପଞ୍ଚାୟତରେ ଉଦ୍‌ଯାପିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯଅଁରାବାରିମୂଳ ସରପଞ୍ଚ କବିତା ରାଉତ ଓ ସମିତିସଭ୍ୟ ନଳିନୀପ୍ରଭା ସେଠୀ, ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ, ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି ଓ ସମିତିସଭ୍ୟ ଅନ୍ନପୂର୍ଣ୍ଣା ବଳ, ରତାଦିଆ ସମିତିସଭ୍ୟ ସୌଦାମିନୀ ବେହେରା, ଇନ୍ଦାଳୋ ପଞ୍ଚାୟତ ବିଜୁ ଯୁବବାହିନୀର ସମ୍ପାଦକ ଦୀପ୍ତିରଞ୍ଜନ ମହାନ୍ତି ପ୍ରମୁଖ ସାମିଲ ଥିଲେ । ସେହିପରି ପୂର୍ବତନ ସରପଞ୍ଚ ଶିଶିର କୁମାର ସାମଲ, ରଜତ କୁମାର ବଳ, ହିମାଂଶୁ ଭୂଷଣ ସାହୁ, ବିକାଶ ମଲ୍ଲ, ମନିନ୍ଦ୍ର ପ୍ରସାଦ ରଥ, ଭବାନୀ ପ୍ରସାଦ ଓଝା, ପ୍ରମୋଦ ଭଦ୍ର, ଲଲାଟେନ୍ଦୁ ଖୁଣ୍ଟିଆ, ଜ୍ଞାନ ରଞ୍ଜନ ମହାନ୍ତି, ସୁଧାଂଶୁ ସାମନ୍ତରାୟ, କେଲୁ ଚରଣ ନାଥ, ପ୍ରଶାନ୍ତ ସାମନ୍ତରାୟ, ଜୟନ୍ତ ଶତପଥୀ, ଦେବରାଜ ମହାପାତ୍ର, ପର୍ଶୁରାମ ମଲ୍ଲ, କୃଷ୍ଣ ଚନ୍ଦ୍ର ବଳ, ସୁଧୀର ରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ ।

■ ୩୪ତମ ପ୍ରତିଭା ସମ୍ମାନ ସମାରୋହ

# ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପାଟକୁରା, ୨୩।୧୦ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ତଲକୁସୁମା ପଞ୍ଚାୟତ ଅଧୀନ ତଲକୁସୁମା ମା'ଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ୩୪ତମ ପ୍ରତିଭା ସମ୍ମାନ ସମାରୋହ ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଏହି ସମାରୋହ ତିନି ଦିନ ଧରି ଚାଲିଥିଲା । ପ୍ରଥମ ଦିନରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦ୍ୱିତୀୟ ଦିବସରେ କେନ୍ଦ୍ରାପଡ଼ା କୋ-ଅପରେଟିଭ ସମିତି ପ୍ରତିଷ୍ଠାତା ସଭାପତି ପ୍ରମୋଦ ସାହୁ ଓ ତୃତୀୟ ଦିନରେ ବିଶିଷ୍ଟ ସାମାଜିକ କର୍ମୀ ଆଦିକନ୍ଦ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସଭାପତି ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଏହି ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ଡା. ଶାରଦାପ୍ରସନ୍ନ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ମାତୃଶକ୍ତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମଣିଷ ଗଢ଼ିବାରେ ମା'ମାନଙ୍କର ଭୂମିକାକୁ ସେ ଗୁରୁତ୍ୱ ଦେବା ସହିତ ସେମାନଙ୍କର ପିଲାମାନଙ୍କର ମା'ମାନଙ୍କ ପ୍ରତି ସମପରିମାଣରେ ସ୍ନେହ ଶ୍ରଦ୍ଧା ରହିବା ଉଚିତ୍ ବୋଲି ସେ କହିଥିଲେ । ମା'ମାନଙ୍କୁ ଅବହେଳା କରି ମୂର୍ତ୍ତିପୂଜା କରିବା ଏକ ବାହାନା ବୋଲି ମୁଖ୍ୟବକ୍ତା କହିଥିଲେ । ବରିଷ୍ଠ ଖବରଦାତା ଅକ୍ଷୟ କୁମାର ଦାସ, ଆଇନଜୀବୀ ଗୌରପ୍ରସାଦ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ରୋଜାଲିନ୍ ଦାସ, ଛାତ୍ର ବିଶ୍ୱଜିତ୍ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଆଦର୍ଶ ଖବରଦାତା ଭାବେ ସୁବାସ ସାମଲ, ଧିରେନ୍ ମିଶ୍ର, ରବୀନ୍ଦ୍ରନାଥ ବାରିକ, ମନୋଜ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ଶିବପ୍ରସାଦ ପରିଜା, ସରୋଜ ପରିଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଅଶୋକ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ପ୍ରତିଭା ସମ୍ମାନ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମତେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମତେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ
ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
୧୯୮୨ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab




# କଞ୍ଚାମାଲ ପରିବହନରେ ଅଯଥା ବ୍ୟୟ

**ଯାଜପୁର ଅଫିସ,୨୩।୧୦**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡରେ ଏକାଧିକ ଦୁର୍ନୀତି ଓ ଅନିୟମିତତା କାରଖାନାକୁ ଦୁର୍ଦ୍ଦିନ ଆଡକୁ ଠେଲି ନେଉଛି। କାର୍ଯ୍ୟରତ ଅଧିକାରୀଙ୍କ ଉତ୍ତରଦାୟିତ୍ୱର ଅଭାବ ଯୋଗୁ ଏଭଳି ପରିଲକ୍ଷିତ ହେଉଥିବା କୁହାଯାଉଛି। କାରଖାନାରେ କେଉଁଠି କେତେ କଞ୍ଚାମାଲ ପରିବହନ ହେଉଛି ତାର ଠିକ୍ ହିସାବ ଅଧିକାରୀମାନେ ରଖୁ ନାହାନ୍ତି। ଯାହାଫଳରେ ଲୁହାପଥର ଫାଇନ୍ସ, କୋଇଲା, ଚୂନପଥର, ଡୋଲମାଇଟ ପ୍ରଭୃତି କଞ୍ଚାମାଲ ରେଳ ଯୋଗେ ପରିବହନ ବାବଦରେ ଭଡ଼ା ବାବଦକୁ ୪ମାସ ମଧ୍ୟରେ ଅଯଥାରେ ୧କୋଟି ୫୩ ଲକ୍ଷ ୩୯ ହଜାର ୮୭୭ଟଙ୍କା ପୈଠ ହୋଇଛି। ୨୦୧୮ଏପ୍ରିଲରୁ ଜୁଲାଇ ମାସର ଡ୍ରାଫ୍ଟ ଇଣ୍ଟରନାଲ ଅଡିଟ ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଏନେଇ ସମ୍ପୃକ୍ତ ଅଡିଟ ସଂସ୍ଥା ନୀଳାଚଳ ବିତ୍ତ ବିଭାଗକୁ ସ୍ପଷ୍ଟିକରଣ ମଧ୍ୟ ମାଗିଛନ୍ତି।

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ୨୦୧୧-୧୨ ଆର୍ଥିକ ବର୍ଷରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିରେ ଚାଲିଛି। ଗତ ଏପ୍ରିଲ ମାସରେ ବ୍ଲାଷ୍ଟ ଫର୍ନେସ ମରାମତି ସମ୍ପନ୍ନ ପରେ କମ୍ପାନୀର ଉତ୍ପାଦନ ସ୍ୱାଭାବିକ ହେବା ସହ ଲାଭ ହେବ ବୋଲି କର୍ତ୍ତୃପକ୍ଷ ଦାବି କରିଥିଲେ। ଏପରିକି ଜୁଲାଇରେ ହଟମେଟାଲ ୮୩,୬୯୦ ଟନ ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଥିଲା। ତେବେ ଗତ ୭ ତାରିଖରେ ବ୍ଲାଷ୍ଟ ଫର୍ନେସରେ ବୈଷୟିକ ତ୍ରୁଟି ଦେଖାଦେବା ପରେ ଉତ୍ପାଦନ ଠପ୍ ହୋଇଯାଇଛି। ବ୍ଲାଷ୍ଟ ଫର୍ନେସ ମରାମତିରେ ପ୍ରାୟ ୮୦କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି। ହେଲେ ୬ ମାସ ମଧ୍ୟରେ ବୈଷୟିକ ତ୍ରୁଟି ସିଧାସଳଖ ବ୍ଲାଷ୍ଟ ଫର୍ନେସ ମରାମତିରେ ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପରିକି ୨୦୧୩ରେ ପ୍ରାୟ ୮୦କୋଟି ଟଙ୍କାର କୋଇଲା ଦୁର୍ନୀତି ଅଭିଯୋଗ ହୋଇଥିଲା। ଅଷ୍ଟ୍ରେଲିଆର ବାରୋନ କମ୍ପାନୀରୁ ଆମଦାନୀ ହୋଇଥିବା ସେହି କୋଇଲାକୁ ଯେତେବେଳେ କୋକ୍ ଓଭେନରେ ବ୍ୟବହାର କରାଗଲା

**ନୀଳାଚଳ ଇସ୍ପାତ ନିଗମ ଲିଃ**

- ଅଡିଟ ହାତରେ ଧରାପଡ଼ିଲା ୧.୫୩ କୋଟିର କ୍ଷତି
- ବିତ୍ତ ବିଭାଗ ପାଖରେ ଖବର ନାହିଁ



ସେତେବେଳେ ତାହା ଅତି ନିମ୍ନମାନର କୋଇଲା ଥିବା ଜଣା ପଡିଥିଲା। ସେହିପରି ୨୦୧୭ ନଭେମ୍ବରରେ ୧କୋଟି ୮ଲକ୍ଷ ଟଙ୍କା ମୂଲ୍ୟର କୋକ୍ଓଭେନ ବ୍ୟାଟେରୀର ବୈଷୟିକ ପରିଚାଳନା ଓ ରକ୍ଷଣାବେକ୍ଷଣ ଟେଣ୍ଡର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏବେ କଞ୍ଚାମାଲ ପରିବହନ ଭଡାକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା ଖୋଦ ବିଭାଗୀୟ ଅଡିଟରେ ଧରାପଡିଛି। ପାରାଦୀପ, ଯୋଡା, ବଡବିଲ ସେକ୍ଟର, ଦୈତାରୀ, ବୀରମିତ୍ରପୁର ପ୍ରଭୃତି ସ୍ଥାନରୁ ରେଳଯୋଗେ ନୀଳାଚଳ ଇସ୍ପାତ କାରଖାନାକୁ କଞ୍ଚାମାଲ ଆସିଥାଏ। ଏଥିରେ କ୍ଷମତାଠାରୁ କମ୍ ମାଲ ପରିବହନ କରିବା ଯୋଗୁ ନୀଳାଚଳକୁ ୧କୋଟି ୫୩ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡିଛି। ଏହା ପୁଣି ୪ ମାସର ବୋଲି ଅଡିଟ ରିପୋର୍ଟରେ ଜଣାପଡିଛି। ଏପରି ଭାବରେ ଗତ ୧୦ ବର୍ଷର ହିସାବକୁ ନିଆଗଲେ ୧୦୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଅଡିଟ ରିପୋର୍ଟରେ ଏପ୍ରିଲ ମାସରେ ୧୪ଟି ର୍ୟାକରେ କ୍ଷମତା ଅନୁଯାୟୀ ୫୬୨୭୯.୮୦୦ ଟନ୍ ମାଲ ଆସିବା କଥା । ହେଲେ ୫୩୪୨୨.୮୭୦ ଟନ୍ ମାଲ୍ ଆସିଛି। ୨୮୫୬.୯୩ ଟନ୍ କମ୍ ମାଲ ଆସିଥିବାରୁ ୧୧,୪୭,୪୩୯ ଟଙ୍କା କ୍ଷତି ସହିବାକୁ ପଡ଼ିଥିବା ଅଡିଟ୍ ରିପୋର୍ଟରେ କୁହାଯାଇଛି। ଏହିକ୍ରମରେ ମେ ମାସରେ ୧୪୫୯୧.୩୮ ଟନ, ଜୁନ ମାସରେ ୯୫୬୭.୨୦୦ ଟନ ଓ ଜୁଲାଇ ମାସରେ ୧୩୭୩୪.୨୦ ଟନ୍ ନିର୍ଦ୍ଧାରିତ କ୍ଷମତାଠାରୁ କମ୍ କଞ୍ଚାମାଲ ପରିବହନ ହୋଇ ଯଥାକ୍ରମେ ୫୧,୯୨,୬୪୭ ଟଙ୍କା, ୩୭,୫୫,୬୯୦ ଟଙ୍କା ଓ ୫୨,୪୪,୧୦୧ ଟଙ୍କା କ୍ଷତି ହୋଇଛି। ଏଭଳି ଭାବରେ ସମୁଦାୟ ୧କୋଟି ୫୩ ଲକ୍ଷ ୩୯ ହଜାର ୮୭୭ ଟଙ୍କା ଅଯଥା ରେଳ ପରିବହନ ବାବଦକୁ ଖର୍ଚ୍ଚ ହୋଇଥିବା ଷ୍ଟାଟ୍ୟୁଟୋରୀ ଅଡିଟ ରିପୋର୍ଟରେ ସ୍ପଷ୍ଟ କରାଯାଇଛି । ଏନେଇ ସ୍ପଷ୍ଟୀକରଣ ମଗାଯାଇଥିଲେ ସୁଦ୍ଧା ବିଡ଼ମ୍ବନା ଯେ, ନୀଳାଚଳ ବିତ୍ତ ବିଭାଗ ପାଖରେ ଖବର ନାହିଁ। ଯାହାକି ଅଧିକାରୀଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ମନୋଭାବକୁ ସୂଚାଉଥିବା ଅନୁମାନ କରାଯାଉଛି । ଏ ସଂକ୍ରାନ୍ତରେ ନୀଳାଚଳ କାରଖାନାର ବିତ୍ତ ନିର୍ଦ୍ଦେଶକ ଏସଭି. ସାହିଙ୍କୁ ପଚାରିବାରୁ ସେ କହିଛନ୍ତି ଏ ପର୍ଯ୍ୟନ୍ତ ଅଡିଟ ରିପୋର୍ଟ ତାଙ୍କ ହସ୍ତଗତ ହୋଇନାହିଁ। ବାଣିଜ୍ୟ ବିଭାଗର ଅଧିକାରୀମାନଙ୍କ ସହିତ ଏ ସଂକ୍ରାନ୍ତରେ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ କରି ପନିକି ଚୋଟ ଖାଇଲେ ଯୁବକ

**ବିଞ୍ଝାରପୁର,୨୩।୧୦(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ମଙ୍ଗଳ ଚଣ୍ଡିଠାରେ ସୋମବାର ରାତିରେ ଜୈନିକା ମହିଳାଙ୍କୁ ସ୍ଥାନୀୟ ଅଞ୍ଚଳର ଜୈନିକ ଯୁବକ ବଳାତ୍କାର ଉଦ୍ୟମ କରୁଥିବାବେଳେ ପନିକି ଚୋଟ ଖାଇ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ କଲ୍ୟାଣପୁର ମଙ୍ଗଳଚଣ୍ଡି ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଜନୈକା ମହିଳା ଘର କରି ରହୁଛନ୍ତି। ସ୍ୱାମୀ ଗୁଜରାଟରେ କାମ କରୁଥିବାବେଳେ ମହିଳା ଜଣକ ବୃଦ୍ଧ ଶ୍ୱଶୁର ଓ ପିଲାଙ୍କ ସହ ରହୁଛନ୍ତି। ସୋମବାର ରାତି ପ୍ରାୟ ୮ଟାରେ ଅଜୁ ଗୋଛାୟତ ନାମକ ଜଣେ ଯୁବକ ମହିଳାଙ୍କ ଘରକୁ ପଶି ଭୁଜାଲି ଦେଖାଇ ତାଙ୍କୁ ବଳକ୍ରାର କରିବାକୁ ଉଦ୍ୟମ କରିଥିଲେ। ତେବେ ମହିଳା ଜଣକ ଚିତ୍କାର କରିବାରୁ ଅନ୍ୟ ଘରେ ଥିବା ଶ୍ୱଶୁର ଓ ପୁଅ ପଳାଇ ଆସି ଅଭିଯୁକ୍ତ ଅଜୁଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଅଜୁ ମହିଳାଙ୍କ ଶ୍ୱଶୁର ଓ ପୁଅକୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହା ଦେଖି ମହିଳା ଜଣକ ପୁଅ ଓ ଶ୍ୱଶୁରଙ୍କୁ ବଞ୍ଚାଇବାକୁ ଯାଇ ଘର ଭିତରେ ଥିବା ଏକ ପନିକି ଆଣି ଅଜୁଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଓ ପ୍ରତିଆକ୍ରମଣରେ ବଳାତ୍କାର ଉଦ୍ୟମ କରିଥିବା ଅଜୁଙ୍କ ସମେତ ମହିଳାଙ୍କ ଶ୍ୱଶୁର ଓ ପୁଅ ଗୁରୁତର ଆହତ ହୋଇଥିବା ଜଣାପଡିଛି। କୌଣସି ସୁତ୍ରରୁ ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ପୋଲିସ ଆଇପିସି ଦଫା ୪୫୨,୩୨୩,୩୨୪, ୩୫୪ବି/ ୩୦୭,୫୦୬ରେ ଏକ ମାମଲା(ନଂ. ୨୫୦/୨୦୧୮) ରୁଜୁ କରି ଅଭିଯୁକ୍ତ ଅଜୁଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।

■ ସ୍ୱାସ୍ଥ୍ୟ ବିଭାଗ, ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ

# ମଣିଶ୍ରୀ ଡାଇଗ୍ନୋଷ୍ଟିକ୍ ସିଲ୍

**ଯାଜପୁରରୋଡ,୨୩।୧୦(ନି.ପ୍ର.)**

ଯାଜପୁରରୋଡ କହ୍ନେଇପୁରରେ ଥିବା ମଣିଶ୍ରୀ ଡାଇଗ୍ନୋଷ୍ଟିକ୍ ଉପରେ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଛି । ବହୁ ଅନିୟମିତତା ଓ ସରକାରୀ ନିୟମ ଉଲ୍ଲଂଘନ ଅଭିଯୋଗରେ ମଣିଶ୍ରୀ ଡାଇଗ୍ନୋଷ୍ଟିକ୍କୁ ସିଲ୍ କରାଯାଇଛି । କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶକ ବିନୋଦ ବିହାରୀ ରଥ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଆଇନ ପରାମର୍ଶଦାତା ମନୋରଞ୍ଜନ ପ୍ରଧାନ, ଯାଜପୁର ଜିଲା ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରୁଦ୍ରପ୍ରତାପ କର, ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର ଓ କାହ୍ନୁଚରଣ ସେନାପତି ପ୍ରମୁଖ ଚଢାଉରେ ସାମିଲ ଥିଲେ। ମଣିଶ୍ରୀ ଡାଇଗ୍ନୋଷ୍ଟିକର ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା । ଯୁଗ୍ମ ନିର୍ଦ୍ଦେଶକ ବିନୋଦ ବିହାରୀ ରଥ କାଗଜପତ୍ର ଯାଞ୍ଚ କରିବା ପରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ପ୍ରମାଣ ପାଇଥିଲେ। ଉକ୍ତ ଡାଇଗ୍ନୋଷ୍ଟିକ୍‌ରେ ରକ୍ତ, କଫ, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷଣର ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରାଯାଉଥିଲା । ପରୀକ୍ଷା ବାବଦକୁ ରୋଗୀଙ୍କଠାରୁ ମୋଟା ଅଙ୍କର ଅର୍ଥ ନିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୪ରେ ଶଙ୍ଖଚିଲାର ଜଣେ ମହିଳା ରକ୍ତ ପରୀକ୍ଷା ପାଇଁ ଆସିଥିଲେ । ତାଙ୍କ ପେଟରେ ଷ୍ଟୋନ ହୋଇଛି ବୋଲି ପରୀକ୍ଷା ରିପୋର୍ଟ ପ୍ରକାଶ ପାଇବା ପରେ ସେ ଅସ୍ତ୍ରୋପଚାର ପାଇଁ କଟକ ବଡ ଡାକ୍ତରଖାନାକୁ ଯାଇଥିଲେ । ହେଲେ ସେଠାରେ ତାଙ୍କ ପେଟରେ ଷ୍ଟୋନ ନ ଥିବା ଜଣାପଡ଼ିଥିଲା । ଫଳରେ ମହିଳା ଜଣକ ଡାଇଗ୍ନୋଷ୍ଟିକ କର୍ତ୍ତୃପକ୍ଷଙ୍କୁ ରକ୍ତ ପରୀକ୍ଷା ବାବଦକୁ ନେଇଥିବା ଟଙ୍କା ଫେରାଇବାକୁ କହିବାରୁ ସେ ଟଙ୍କା ଫେରସ୍ତ କରି ନ ଥିଲେ । ଏହିପରି ବହୁ ଅଭିଯୋଗ ଯାଜପୁର ଜିଲାପାଳ, ସିଡିଏମ୍ଓ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ଏହି ଡାଇଗ୍ନୋଷ୍ଟିକ୍‌ରେ ପରୀକ୍ଷା କରିବା ପାଇଁ କୌଣସି ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇ ନ ଥିବା ଜଣାପଡ଼ିଛି । କେନ୍ଦୁଝର ଜିଲାର ଜଣେ ଡାକ୍ତରଙ୍କ ଦସ୍ତଖତରେ ପରୀକ୍ଷା ରିପୋର୍ଟରେ ଦସ୍ତଖତ କରାଇ ରୋଗୀଙ୍କୁ ଦିଆଯାଉଛି । ସନ୍ଧ୍ୟାରେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଥାନାଧିକାରୀ ଅମିତାଭ ମହାପାତ୍ରଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବିନୋଦ ବିହାରୀ ରଥ ମଣିଶ୍ରୀ ଡାଇଗ୍ନୋଷ୍ଟିକକୁ ସିଲ୍ କରିଥିଲେ ।



ଡାଇଗ୍ନୋଷ୍ଟିକ୍‌ରେ ଚଢ଼ାଉ କରିଥିବା ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ।

■ ରାସ୍ତା ଅବରୋଧକୁ ପ୍ରତିବାଦ

## ତହସିଲଦାରଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

**ବିଞ୍ଝାରପୁର/ସିଂହପୁର,୨୩।୧୦(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ଚିକଣା ଓ ଶାସନପଡ଼ା ଗ୍ରାମର ଅଧିବାସୀମାନେ ଗାଁ ରାସ୍ତା ଅବରୋଧକୁ ପ୍ରତିବାଦ ଜଣାଇ ତହସିଲଦାରଙ୍କ ନିକଟରେ ମଙ୍ଗଳବାର ଫେରାଦ ହୋଇଛନ୍ତି। ସୂଚନା ମୁତାବକ ଚିକଣା ପଞ୍ଚାୟତର ୫ନଂ ୱାର୍ଡକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତାକୁ ଜୈନିକ ବ୍ୟକ୍ତି ନିଜର ବୋଲି ଦର୍ଶାଇ ଖୋଳି ଦେଇଛନ୍ତି। ଏହି ରାସ୍ତା ଉପରେ କେବଳ ଚିକଣା ପଞ୍ଚାୟତର ୫ନଂ ୱାର୍ଡର ଅଧିବାସୀ ନୁହନ୍ତି ନିକଟ ଶାସନପଡ଼ାର ଅଧିବାସୀମାନେ ନିର୍ଭରଶୀଳ। ଏହି ରାସ୍ତାକୁ ଖୋଳିଦିଆ ଯାଇଥିବାରୁ ଗମନାଗମନପାଇଁ ଲୋକମାନେ ନାନାଦି ସମସ୍ୟା ଭୋଗୁଛନ୍ତି। ଏହାର ପ୍ରତିକାର ପାଇଁ ଚିକଣା ଓ ଶାସନପଡ଼ାର ଶତାଧିକ ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନରେ ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ୧୯୩୩ରୁ ଏହି ରାସ୍ତାରେ ଗ୍ରାମର ଜନସାଧାରଣ ଗମନାଗମନ କରିଆସୁଛନ୍ତି। ଏବେ ଏହା ସର୍ବସାଧାରଣଙ୍କ ଯାତାୟତ ପାଇଁ ସରକାରୀ ଅର୍ଥରେ ପକ୍କା ରାସ୍ତାରେ ପରିଣତ ହୋଇସାରିଛି। ସର୍ବସାଧାରଣ ରାସ୍ତାକୁ ଖୋଳି ଅବରୋଧ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଯାତାୟତ ପାଇଁ ହୀନସ୍ତା ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ତହସିଲଦାର ଏହାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ତହସିଲଦାର ଶୁଭ୍ରାବାଳା ବେହେରା ଖୁବଶୀଘ୍ର ଏହାର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

## ହାତଗୋଡ଼ ବନ୍ଧା ମହିଳାଙ୍କ ମୃତଦେହ ଉଦ୍ଧାର

**ବାଲିଚନ୍ଦ୍ରପୁର/ଚଣ୍ଡିଖୋଲ, ୨୩।୧୦(ସ୍ୱ.ପ୍ର./ଡି.ଏନ୍.ଏ)**

ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥର ଭାକୁଡ ଛକ ନିକଟରୁ ମଙ୍ଗଳବାର ସକାଳେ ବାଲିଚନ୍ଦ୍ରପୁର ପୋଲିସ ହାତଗୋଡ ବନ୍ଧା ଅବସ୍ଥାରେ ପଡ଼ିଥିବା ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି । ଏକ ଅଖା ମଧ୍ୟରେ ହାତଗୋଡ ବନ୍ଧାଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ମଙ୍ଗଳବାର ପୋଲିସକୁ ଖବର ଦେଇଥିଲେ । ଖବରପାଇ ଥାନାଧିକାରୀ ରାକେଶ ତ୍ରିପାଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତ ମହିଳାଙ୍କ ବୟସ ୩୫ ରୁ ୪୦ ହେବ ବୋଲି ଅନୁମାନ କରାଯାଉଛି । ମହିଳାଙ୍କୁ ହତ୍ୟା କରାଯାଇ ରାଜପଥ ପାର୍ଶ୍ୱରେ ଫୋପାଡ଼ି ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(୧୬/୧୮) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।



## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ମାର୍ଶାଘାଇ ଚଳଚଞ୍ଚଳ

**ମାର୍ଶାଘାଇ,୨୩।୧୦(ଡିଏନ୍ଏ):** ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ମାର୍ଶାଘାଇ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ବୁଧବାର ଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇ ୭ ଦିନ ଧରି ଚାଲୁ ରହିବ । ଏନେଇ ବିଭିନ୍ନ ପୂଜା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । । ମୂର୍ତ୍ତି କାରିଗର ବ୍ୟସ୍ତ ଥିବା ବେଳେ ପୂଜା ମଣ୍ଡପ ସାଜସଜ୍ଜା ଚାଲିଛି । ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପୋଲିସ ଓ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି । ମାର୍ଶାଘାଇରେ ଏହି ଗଣପର୍ବ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲି ଆସୁଥିବା ବେଳେ ଏହା କେନ୍ଦ୍ରାପଡା ଜିଲାରେ ୨ୟ ସ୍ଥାନ ଅଧିକାର କରି ଏକ ନିଆରା ପରମ୍ପରା ସୃଷ୍ଟି କରିଛି । ମାର୍ଶାଘାଇ ବଜାର ଏବଂ ଆଖପାଖ ଗ୍ରାମର ମୋଟ ୮ ଗୋଟି ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଇବେ । ପ୍ରତିବର୍ଷ ପରି ଚଳିତବର୍ଷ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରାଙ୍କ ଆହ୍ୱାନକ୍ରମେ ପୂଜା କମିଟିର କର୍ମକର୍ତ୍ତାମାନେ ଥାନାରେ ପହଞ୍ଚି ପୂଜାକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ଆଲୋଚନା କରିଛନ୍ତି । ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୫୦ ରୁ ଊର୍ଦ୍ଧ୍ୱମଣ୍ଡପରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

### ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ
### ବୁଥସ୍ତରରେ ସଂଗଠନକୁ ମଜଭୁତ୍ କରିବାକୁ ଗୁରୁତ୍ୱ

**କେନ୍ଦ୍ରାପଡା ଅଫିସ, ୨୩।୧୦:** କେନ୍ଦ୍ରାପଡା ସହରର ଗୋପସ୍ଥିତ କାର୍ଯ୍ୟାଳୟ ପରିସରରେ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭାଜପାର ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୁଥସ୍ତରର ସଂଗଠନକୁ ମଜ୍‌ଭୁତ୍ କରିବା ଉପରେ ଗୁରୁତ୍ୱ ଦିଆଯିବା ସହ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ବରିଷ୍ଠନେତା ମନମୋହନ ସାମଲ, ଭୁବନମୋହନ ଜେନା, ବିଷ୍ଣୁ ଦାସ, ଦୋଳଗୋବିନ୍ଦ ନାୟକ, ସୁନାକର ବେହେରା, ଉମାକାନ୍ତ ପଟ୍ଟନାୟକ, ବ୍ରଜ ଭୂୟାଁ ଓ ପ୍ରଭାରୀ ଦିଲୀପ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତାକୁ ନେଇ ଆସନ୍ତା ୨୭ରୁ ୩୦ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି କେନ୍ଦ୍ର ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ ଜଣାଇବାକୁ ନଭେମ୍ବର ୧୧ରୁ ୩୦ ପର୍ଯ୍ୟନ୍ତ ପଦଯାତ୍ରା ଓ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରିବା ଲାଗି ସ୍ଥିର ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବରିଷ୍ଠ ନେତା ବୈଦ୍ୟନାଥ ଚାଟାର୍ଜୀ, ଅଶୋକ ତ୍ରିପାଠୀ ଓ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜୁ ଯୁବ ବାହିନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୩।୧୦(ସ୍ୱ.ପ୍ର.)-ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଗତ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ନୃତ୍ୟ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାମାନେ ଉଦ୍ୟମ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ମୁଁ ହିରୋ ମୁଁ ଓଡିଶା ସଂପର୍କରେ ମତ ରଖିଥିଲେ । ଓଉପଦା ସରପଞ୍ଚ ସୁବାସ ଚନ୍ଦ୍ର ଖଟୁଆ , ସମିତି ସଭ୍ୟ ଶରତ ଚନ୍ଦ୍ର ସାମଲ, ବ୍ଲକ ବିଜେଡି ସମ୍ପାଦକ କଳାକର ପ୍ରଧାନ, ଜିଲା ପରିଷଦ ସଭ୍ୟା ସାରଥୀ ଦାଶ, ବିଜୁ ଯୁବ ବାହିନୀ ସଭାପତି କମଳ ସାହୁ, ସମ୍ପାଦକ ସନ୍ଦୀପ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଯୁବ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବାହିନୀର କୋଷାଧକ୍ଷ ପୃଥୀରାଜ ନାଥ, ପ୍ରଶାନ୍ତ ରାଉତ, ଗଣପତି ନାଥ, ବିନୋଦ ସୂତାର, ଅଚ୍ୟୁତାନନ୍ଦ ରାଉତ, ଅଲେଖ ନାଥ, ବିମଳ ସାହୁ, ଅନିଲ ରାଉତ, ତନ୍ମୟ ସ୍ୱାଇଁ, ବିଶ୍ୱଜିତ୍ ସୂତାର, ଅଶୋକ ନାୟକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଗଜ ଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡା ସହରର ବଣିଆମାଳଠାରେ ନିର୍ମିତ ତୋରଣ ।


କଲେଜ ଛକ


ମହାବୀର କ୍ଲବ


ନୂଆ ବସଷ୍ଟାଣ୍ଡ

■ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କେନ୍ଦ୍ରାପଡା ଚଳଚଞ୍ଚଳ

# ଆଲୋକମାଳାରେ ଝଲସୁଛି ସହର

**ବୁଧବାର ଧରାବତରଣ କରିବେ ମା' ଗଜଲକ୍ଷ୍ମୀ। ଏହାକୁ ନେଇ ଉତ୍ସବମୁଖର ହୋଇଉଠିଛି ପରିବେଶ। ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମା'ଙ୍କ ଆଗମନ ଅପେକ୍ଷାରେ ଅଛନ୍ତି କେନ୍ଦ୍ରାପଡାବାସୀ। ପୂଜା ଚଳିତ ମାସ ୩୦ରେ ଶେଷ ହେଉଥିବା ବେଳେ ନଭେମ୍ବର ୧ ଓ ୨ରେ ଭସାଣୀ ଉତ୍ସବ ଲାଗି କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଛି। ଗଜଲକ୍ଷ୍ମୀ ପୂଜାକୁ ନେଇ ବିଭିନ୍ନ ପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଅତ୍ୟାଧୁନିକ ସାଜସଜ୍ଜା, ସୁଦୃଶ୍ୟ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ଝଲସି ଉଠିଛି ସହର।**

**କେନ୍ଦ୍ରାପଡା ଅଫିସ, ୨୩।୧୦**

ମା'ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କେନ୍ଦ୍ରାପଡା ସହର ଏବେ ଚଳଚଞ୍ଚଳ ହୋଇଉଠିଛି। ଜିଲାର ଏହା ଗଣପର୍ବ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ପୂଜା ମଣ୍ଡପଗୁଡିକ ଝଲସୁଛି। ଅନେକ ସ୍ଥାନରେ ଚାନ୍ଦିମେଢ଼ ସହ ସୁନାର ଝଲକ ଦେଖିବାକୁ ମିଳୁଛି। ଜନସମାଗମକୁ ଲକ୍ଷ୍ୟ ରଖି ସହରର ବିଭିନ୍ନ ସ୍ଥାନରେ ଫେଶନ ବଜାର, ଷ୍ଟଲ ଆଦି ଖୋଲିଗଲାଣି । ବ୍ୟବସାୟୀ ଗୋଷ୍ଠୀ ପୂଜା ଭିଡକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ଅଫର ସବୁ ଘୋଷଣା କରିଛନ୍ତି । ବିଭିନ୍ନ କମିଟି ସଦସ୍ୟମାନଙ୍କ ଦ୍ୱାରା ପୂଜାକୁ ଶାନ୍ତି ଶୃଙ୍ଖଳାର ସହ କରିବା ଲାଗି ବାରମ୍ବାର ବୈଠକ କରାଯାଇ ପୂଜାର୍ଚ୍ଚନା, ତୋରଣ, ମେଳଣ, ଭସାଣି, ବାଜା, ରୋଷଣୀ ଆଦିର ରୂପରେଖ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ବିଭିନ୍ନ ସତର୍କତା ଅବଲମ୍ବନ କରାଯାଇଛି ବୋଲି ଜିଲାପାଳ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି । ପୂଜା ସମୟରେ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ପରିବେଶ ପରିମଳକୁ ଗୁରୁତ୍ୱ ଦେବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ ହେବ ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ସମୀକ୍ଷା ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ବୋଲି କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଏହି ସମୟରେ ଜିଲା ପୋଲିସ ଓ ବାହାର ପୋଲିସଙ୍କୁ ନିୟୋଜିତ କରାଯିବ । ଟ୍ରାଫିକ ବ୍ୟବସ୍ଥା, ମେଢ଼ ନିକଟରେ ପୋଲିସ ମୁତୟନ, ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିବିଶେଷଙ୍କ ବିରେଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ସ୍ଥିର କରାଯାଇଛି। ପୂଜା ସମୟରେ ପ୍ରତି ଛକରେ ପୋଲିସ ବଳ ମୁତୟନ ସହ ସହର ମଧ୍ୟରେ ୫ଟି ଅସ୍ଥାୟୀ ଫାଣ୍ଡି, ମୋବାଇଲ ପୋଲିସ ସେବା ଯୋଗାଇଦେବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଓ କାକଟ ଛକରେ ୩ଟି ୱାଚ ଟାୱାର ନିର୍ମାଣ କରାଯାଇ ଭିଡିଓ ରେକର୍ଡିଂ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। । ସେହିପରି ପ୍ରତ୍ୟେକ ମଣ୍ଡପ ଓ ସହର ରାସ୍ତାରେ ସିସିଟିଭି ଲଗାଯିବା ସହ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସମାପ୍ତ କରାଯିବ ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି।

#### ଭାରିଯାନ ପ୍ରବେଶ ଉପରେ କଟକଣା

ପୂଜା ଚଳିତ ମାସ ୩୦ରେ ଶେଷ ହେଉଥିବା ବେଳେ ନଭେମ୍ବର ୧ ଓ୨ରେ ଭସାଣୀ ଉତ୍ସବ ଲାଗି କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଛି। ପୂଜା ସମୟରେ ଭିଡକୁ ଦୃଷ୍ଟିରେ ରଖି ସହରରେ ୧୦ ଦିନ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଭାରିଯାନ ପ୍ରବେଶ ନିଷିଦ୍ଧ କରାଯାଇଛି। ସେହିପରି ୨ ଚକିଆ ଓ ହାଲୁକା ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଜିଲାପାଳ ଦାଶରଥୀ ଶତପଥୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ସମୟରେ ସହର ଉତ୍ସବମୁଖର ଥିବାରୁ ରାଜ୍ୟ ରାଜପଥ (୯ଏ)ର କୁସୁନପୁର ଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ସକାଳ ୭ରୁ ୧୧ଟା ୩୦ ମିନିଟ ଓ ଅପରାହ୍ନ ୩ରୁ ରାତ୍ର ୧ଟା ୩୦ ମିନିଟ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ନିଷିଦ୍ଧ କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ସହର ମଧ୍ୟକୁ ତିନିମୁହାଣୀ ପାର୍ଶ୍ୱରୁ ଆସୁଥିବା ୨ ଚକିଆ, ରିକ୍ସା, ଅଟୋ ରିକ୍ସା ଆଦି ସହରର ଗୋବରୀ ରିଂ ରୋଡ, ନୂଆ ବସଷ୍ଟାଣ୍ଡ, କୋର୍ଟଛକ, କେନ୍ଦ୍ରାପଡା କେନାଲ ବ୍ରିଜ, ବ୍ଲକ ରୋଡ ଦେଇ ଇଚ୍ଛାପୁରକୁ ଯାଇପାରିବ। ସେହିପରି ଇଚ୍ଛାପୁର ପାର୍ଶରୁ ଆସୁଥିବା ଗାଡିଗୁଡିକ କେଶପୁର, ମୀରପାଟଣା, କାକଟରୋଡ ଦେଇ ଶ୍ୟାମସୁନ୍ଦରପୁର ଛକରେ ବାହାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। । ଏହାଛଡା ମେଳଣ ଓ ଭସାଣି ସମୟରେ କୌଣସି ଯାନ ସହରକୁପ୍ରବେଶ କରିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

#### ପୂଜାରେ ଅପସଂସ୍କୃତିଠାରୁ ଦୂରେଇ ରହିବାକୁ ଅନୁରୋଧ

ମା'ଗଜଲକ୍ଷ୍ମୀଙ୍କ ପୂଜା ସମୟରେ ଡିଜେ ସାଉଣ୍ଡ, ଅଶ୍ଳୀଳ ନୃତ୍ୟ ଆଦି ପରିବେଷଣ ନ କରିବା ଲାଗି ପଣ୍ଡିତ ହୃଷୀକେଶ ରଥଙ୍କ ସମେତ ସଂସ୍କୃତି ପ୍ରେମୀମାନେ ଅନୁରୋଧ କରିଛନ୍ତି। ଏହା ଭାରତୀୟ ସଂସ୍କୃତିକୁ ବିଲୁପ୍ତ କରିବାକୁ ବସିଛି ବୋଲି ରଥ କହିଛନ୍ତି। ମା'ଙ୍କ ନିକଟରେ ନୈବେଦ୍ୟ ଦେଇ ଭକ୍ତମାନେ କୃତଜ୍ଞତା ଜ୍ଞାପନ ସହ କୃପା ଭିକ୍ଷା କରିଥାନ୍ତି। ଏଥିଲାଗି ପୂଜା ସମୟରେ ଅପସଂସ୍କୃତିଠାରୁ ଦୂରେଇ ରହିବାକୁ ସେ ଅନୁରୋଧ କରିଛନ୍ତି।

### ବରିଷ୍ଠ ନାଗରିକ ଦେଶ ପାଇଁ ଅମୂଲ୍ୟସମ୍ପଦ


ବରିଷ୍ଠ ନାଗରିକ ଦିବସରେ ଛାତ୍ରୀଛାତ୍ରଙ୍କ ପୂଜନ କାର୍ଯ୍ୟକ୍ରମ।

**କେନ୍ଦ୍ରାପଡା ଅଫିସ, ୨୩।୧୦**

ବରିଷ୍ଠ ନାଗରିକଙ୍କ ଅନୁଭବ ଓ ଜ୍ଞାନ ଆମ ସଭିଙ୍କୁ ବହୁମୂଲ୍ୟ ମାର୍ଗଦର୍ଶନ ଦେଇଥାଏ । ଦେଶର ଏଭଳି ଅମୂଲ୍ୟ ସମ୍ପଦକୁ ଅଣଦେଖା କରିବା ଉଚିତ ନୁହେଁ ବୋଲି ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସହରର ଟାଉନହଲଠାରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଆୟୋଜିତ ସଭାରେ ବିଭାଗୀୟ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଅଧକ୍ଷତା କରିଥିଲେ । ଏଥିରେ ଜିଲାପାଳ ଦାଶରଥି ଶତପଥୀ, ପିଡି ଦିଲ୍ଲୀପ କୁମାର ପରିଡା, ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁ, ଭଉଣୀ ସ୍ନେହ, ନିରଞ୍ଜନ ସାହୁ, ଗବେଷକ ଜଗଦାନନ୍ଦ ଜେନା, ଡିଏସଡବ୍ଲ୍ୟୁ, ଚିନ୍ମୟୀ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସମ୍ମାନ, ସାମାଜିକ ସୁରକ୍ଷା ଓ ନିରାପତ୍ତାକୁ ଗୁରୁତ୍ୱ ଦେଇଥିଲେ । ସେମାନେ ପ୍ରକାଶ କରିଥିଲେ ଯେ, ସାଂପ୍ରତିକ ସମୟରେ ବରିଷ୍ଠ ନାଗରିକମାନେ ଅନେକ ଜଟିଳ ପରିସ୍ଥିତି ଦେଇ ଗତି କରୁଛନ୍ତି । ସେମାନଙ୍କ ସୁରକ୍ଷାକୁ ନେଇ ମିଳିତ ଜାତିସଂଘରେ ୧୯୯୦ ଡିସେମ୍ବର ୧୪ରେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିଲା। ଏଥିସହ ପ୍ରତିବର୍ଷ ଅକ୍ଟୋବର ୧କୁ ବରିଷ୍ଠ ନାଗରିକ ଦିବସ ଭାବେ ଗ୍ରହଣ କରାଯାଇଛି । ଏହାଦ୍ୱାରା ସାମାଜିକ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ସହରର ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ପୂଜା କରାଯାଇଥିଲା । ସେହିପରି ପ୍ରଜାପତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଣାୟାମ ଓ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କବିତା ପାଠ, ପାଲା ପରିବେଷଣ ଓ ଭଜନ ସମାରୋହ ଆଦି ଆୟୋଜନ କରାଯାଇଥିଲା। ସ୍ୱପ୍ନାଂଶୁ କୁମାର ଦାସ, ଅମରବର ବିଶ୍ୱାଳ, ସଞ୍ଜୟ ମଥାନ ପ୍ରମୁଖ ପରିଚାଳନା କରିଥିଲେ ।

### ଭାରତୀୟ ରେଳ ପାସେଞ୍ଜର କମିଟିର ସଦସ୍ୟ ହେଲେ ଭାଜପା ନେତା ବିଷ୍ଣୁ ଦାସ

**ମହାକାଳପଡା,୨୩।୧୦(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଭାଜପା ନେତା ବିଷ୍ଣୁ ଦାସଙ୍କୁ ଭାରତୀୟ ରେଳ ବୋର୍ଡ ପାସେଞ୍ଜର କମିଟିର ସଦସ୍ୟଭାବେ ମନୋନୀତ କରାଯାଇଛି। ରେଳ ବୋର୍ଡରେ ମନୋନୀତ ହୋଇଥିବା ଭାରତର ୧୩ ସଦସ୍ୟଙ୍କ ମଧ୍ୟରେ ତାଙ୍କ ନାମ ରହିଛି। ଏବେ ସେ ବିହାର ଧାନବାଦସ୍ଥିତ ଅଲ ଇଣ୍ଡିଆ କୁକିଂ କୋଲ୍ ଲିମିଟେଡର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ରେଳ ବୋର୍ଡର ସଦସ୍ୟଭାବେ ମନୋନୀତ ହେବା ପରେ ତାଙ୍କୁ ମହାକାଳପଡା ବ୍ଲକର ଭାଜପା କର୍ମୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ସୂଚନାଯୋଗ୍ୟ, ୨୦୧୪ ସାଧାରଣରେ ନିର୍ବାଚନରେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରୁ ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କର ପରାଜିତ ହୋଇଥିଲେ। ୧୯୯୧ରେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ସେ ପ୍ରଥମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ଭାବେ କାର୍ଯ୍ୟ କରିଥିଲେ।

### ମାର୍ଶାଘାଇରେ ୫ ଦିନିଆ ଯୋଗ ଶିବିର

**ମାର୍ଶାଘାଇ,୨୩।୧୦(ଡିଏନ୍ଏ)**

ମାର୍ଶାଘାଇ ପତଞ୍ଜଳୀ ଯୋଗ ଶିବିର ସମିତି ଆନୁକୂଲ୍ୟରେ ମଙ୍ଗଳବାର ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି । ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ ଠାରେ ଆୟୋଜିତ ଏହି ଶିବିରରେ ୫ ଦିନ ଧରି ଯୋଗ ଅଭ୍ୟାସ ଚାଲିବ । ହରିଦ୍ୱାର ପତଞ୍ଜଳୀ ଆଶ୍ରମର ଯୋଗ ଗୁରୁ ସ୍ୱାମୀ ସ୍ୱୟଂ ପ୍ରସାଦ ମହାରାଜ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଗ ଦ୍ୱାରା ଶରୀର ସୁସ୍ଥ ରହେ ଓ ମାନସିକ ସ୍ତରରେ ଶାନ୍ତି ମିଳିଥାଏ ବୋଲି ଯୋଗଗୁରୁ ସ୍ୱାମୀ ସ୍ୱୟଂ ପ୍ରସାଦ ମହାରାଜ କହିଥିଲେ । ମଙ୍ଗଳବାର ଏହି ଶିବିରରେ ୨୫ ଜଣ ଶିକ୍ଷାର୍ଥୀ ଯୋଗାଭ୍ୟାସ କରିଥିଲେ । କୁସୁନୁପୁର ପତଞ୍ଜଳୀ ଯୋଗ ସମିତିର ପ୍ରଶିକ୍ଷକ ବିଶ୍ୱନାଥ ନାୟକ , ମହାକାଳପଡା ଯୋଗ ସମିତିର ରବିନ୍ଦ୍ର ସ୍ୱାଇଁ ,ମଣିକୁଣ୍ଡା ଯୋଗ ସମିତିର ରଞ୍ଜନ ମହାନ୍ତି ,ପେଣ୍ଠ ସମିତିର ଜ୍ୟୋତି ରଞ୍ଜନ ପରିଡା.କାନପୁର ଯୋଗ ସମିତିର କୈଳାଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଶିକ୍ଷା ଦେଇଥିଲେ । ମାର୍ଶାଘାଇ ଯୋଗ ଶିବିରର ଅନ୍ୟତମ କାର୍ଯ୍ୟକର୍ତ୍ତା ନୃସିଂହ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।


ଶିବିରରେ ପ୍ରଶିକ୍ଷାର୍ଥୀମାନେ ଯୋଗ ଶିକ୍ଷା କରୁଛନ୍ତି ।

## ୧୪ ବର୍ଷ ପରେ ଘରକୁ ଫେରିଲା ଅସଲି ପୁଅ

**ନକଲି ପୁଅ ୫ ଦିନ ରହି ଟଙ୍କା ପଇସା ନେଇ ହୋଇଯାଇଛି ଫେରାର**

**ମହାକାଳପଡା, ୨୩।୧୦ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅଳାଇଲ ପଞ୍ଚାୟତ ଅନ୍ତର୍ଗତ କୁମାରୁଣୀ ଗାଁର କୈଳାସ ରଥଙ୍କ ପୁଅ ଭାଗ୍ୟବାନ ଓରଫ ବଳିଆ ଦୀର୍ଘ ୧୪ ବର୍ଷ ପରେ ରାୟଗଡା ସହରରୁ ଘରକୁ ଫେରିଛି। ୭ ବର୍ଷ ବୟସରେ ହଜିଥିବା ଏହି ପୁଅ ଏବେ ୨୧ ବର୍ଷରେ ପଦାର୍ପଣ କରିଛି। ତେବେ ପୂର୍ବରୁ ଅନ୍ୟ ଜଣେ ଯୁବକଙ୍କୁ ହଜିଲା ପୁଅ ବୋଲି ଭାବି ପରିବାର ଲୋକେ ଗତ ୨୦୧୭ରେ ଘରେ ଆଣି ରଖିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ମାତ୍ର ୫ ଦିନ ଘରେ ରହିବା ପରେ ଟଙ୍କା ପଇସା ନେଇ ଫେରାର ହୋଇଯାଇଥିଲେ। ଏବେ ଅସଲି ପୁଅ ଘରକୁ ଫେରିବା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଯୋଗ୍ୟ, ବାପା କୈଳାସ ଓ ମା' ଅଗଣୀଙ୍କ ମଝିଆ ପୁଅ ବଳିଆ ବଡବାପା ଉମେଶ ଚନ୍ଦ୍ର ରଥଙ୍କ ପାଖରେ କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକରେ ରହୁଥିଲେ। ଉମେଶ ସେତେବେଳେ ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରୁଥିଲେ। ୨୦୦୪ ଡିସେମ୍ବର ୨୪ରେ କୈଳାସ ତାଙ୍କୁ ଆଣିବା ପାଇଁ ଦଶମନ୍ତପୁରକୁ ଯାଇଥିଲେ। ମାତ୍ର କୈଳାସ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ବଳିଆଙ୍କୁ ଘରକୁ ନେଇ ଆସୁଥିବା ବେଳେ ରାୟଗଡ ସହର ନିକଟରେ ଗାଡିରେ ଛାଡି କୁଆଡେ ଚାଲିଯାଇଥିଲେ। ସେଦିନରୁ ବଳିଆ ନିଖୋଜ ଥିଲେ। ସେ ଘରକୁ ଫେରିବା ପରେ ନିଜ ଅଭିଜ୍ଞତା କହିଛନ୍ତି। ସେ କହିଛନ୍ତି ଯେ, ବାପା ଛାଡି ଚାଲିଯିବା ପରେ ସେ ଗାଡିରେ ବସି କାନ୍ଦୁଥିଲେ। ଏହି ସମୟରେ ଜଣେ ଖ୍ରୀଷ୍ଟିୟାନ ଦମ୍ପତି ଡି. ରାଜାରାଓ ଓ ତାଙ୍କ ସ୍ତ୍ରୀ ଡି. ଡାଲୋମା ଗୀର୍ଜାକୁ ପ୍ରାର୍ଥନା କରିବାକୁ ଆସିଥିବା ବେଳେ ତାଙ୍କୁ ଦେଖି ପରିବାର ସମ୍ପର୍କରେ ପଚାରିଥିଲେ। ମାତ୍ର ବଳିଆ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ସାଙ୍ଗରେ ନେଇ ଖ୍ରୀଷ୍ଟିୟାନ ଦମ୍ପତି ଘରେ ରଖିଥିଲେ। କିଛି ଦିନ ଘରେ ରଖିବା ପରେ ସେମାନେ ତାଙ୍କୁ ନେଇ ରାୟଗଡା ସହରସ୍ଥିତ ଜଗନ୍ନାଥ ନିକେତନ ତଥା ଉତ୍କଳ ବିପନ୍ନ ସହାୟତା ସମିତି (ଅନାଥ ଆଶ୍ରମ)ରେ ଛାଡିଦେଇଥିଲେ। ସେଠାରେ ତାଙ୍କର ରାୟଗଡାସ୍ଥିତ ଗାୟତ୍ରୀ ନଗରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠପଢ଼ା ଆରମ୍ଭ ହୋଇଥିଲା। ୨୦୧୫ରେ ଉକ୍ତ ବିଦ୍ୟାଳୟରୁ ସେ ୨ୟ ଶ୍ରେଣୀରେ ମାଟ୍ରିକ ପାସ୍ କଲେ । ପରେ ଆଶ୍ରମର ମୁଖ୍ୟ ଗୋପୀନାଥ ସାହୁଙ୍କ ପ୍ରେରଣାରେ ସେ ସହରସ୍ଥିତ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଅଧୀନ ଜିତମରେ ମେକାନିକାଲ ବିଭାଗର ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଚଳିତବର୍ଷ ସେ ଡିପ୍ଲୋମା ଶେଷବର୍ଷ ପରୀକ୍ଷା ଦେଇଥିବା ବେଳେ ଏବେ ଫଳାଫଳକୁ ଅପେକ୍ଷା କରିଛନ୍ତି। ତେବେ ବଳିଆଙ୍କ ହଠାତ୍ ଦଶମନ୍ତପୁରରେ ଥିବା ବଡବାପା ଉମେଶଙ୍କ କଥା ମନେ ପଡିଲା। ସେ ତାଙ୍କ ସାଙ୍ଗ ଅନିଲ ବିଶୋଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଉଭୟ ଦଶମନ୍ତପୁର ବ୍ଲକକୁ ଯାଇ ଉମେଶଙ୍କ ଘର ଖୋଜିବାକୁ ମନସ୍ଥ କରିଥିଲେ। ଚଳିତ ମାସ ୭ରେ ସେମାନେ ଦଶମନ୍ତପୁର ବ୍ଲକକୁ ଯାଇ ଉମେଶଙ୍କ ସମ୍ପର୍କରେ ପଚରାଉଚୁରା କରିଥିଲେ। ଲୋକଙ୍କଠାରୁ ସୂଚନା ପାଇ ଉଭୟ ସାଙ୍ଗ ଉମେଶଙ୍କ ଘରକୁ ଯାଇଥିଲେ। ଘର ଚଉରା ଓ କୂଅକୁ ବଳିଆ ଚିହ୍ନିବା ପରେ ସେଠାରେ ଖୁସିର ଲହରି ଖେଳିଯାଇଥିଲା। ପୁତୁରା ମିଳିବା ପରେ ଉମେଶ ତୁରନ୍ତ କୈଳାସଙ୍କ ପରିବାରକୁ ଖବର ଦେଇଥିଲେ। ଖବରପାଇ ମା'ଅଗଣୀ ଓ ବଡ ଭାଇ ରାଜେନ୍ଦ୍ର ଆସି ତାଙ୍କୁ ନେଇ ଗାଁକୁ ଆସିଛନ୍ତି। ଏବେ କୈଳାସ ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତର ଶାସନ ଗ୍ରାମରେ ରହୁଥିବା ଜଣାପଡିଛି। ଅପରପକ୍ଷେ ୨୦୧୭ ମସିହାରେ କୁମାରୁଣୀ ଗାଁର କିଛି ଯୁବକ ବୋଲବମ୍ ପାଣି ଢ଼ାଳିବା ପାଇଁ ବାଲେଶ୍ୱର ଯାଇଥିବା ବେଳେ ସେଠାରେ ଜଣେ ଯୁବକଙ୍କୁ ବଳିଆ ବୋଲି ଭାବି ଗ୍ରାମକୁ ଆଣି କୈଳାସଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣକ ମାତ୍ର ୫ ଦିନ ଘରେ ରହିବା ପରେ ଟଙ୍କା ନେଇ କୁଆଡେ ଫେରାର ହୋଇଯାଇଛନ୍ତି।


ମା' ସହ ପୁଅ ବଳିଆ

## ସଂକ୍ଷେପରେ

### ବସ୍ ଧକ୍କାରେ ଜଣେ ମୃତ

**ବାଲିକୁଦା, ୨୩।୧୦(ସ୍ୱ.ପ୍ର.):** ଜଗତ୍‌ସିଂହପୁର-ମାଛଗାଁ ରାସ୍ତାର ବାଲିକୁଦା ଥାନା ଅଧୀନ ଅରିଲୋ ଛକଠାରେ ମଙ୍ଗଳବାର ଏକ ବସ୍ ଧକ୍କାରେ ଜଣେ ଲୁନା ଚାଳକଙ୍କୁ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା କାଳିଓ ପଞ୍ଚାୟତ ତଣ୍ଡାଉଣୀ ଗାଁର ଧ୍ରୁବ ଚରଣ ଭୋଳ(୫୫)। ଦୁର୍ଘଟଣା ପରେ ବସ୍ ଚାଳକ ଜଗତ୍‌ସିଂହପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ଜଟାଧାରୀ ନାମକ ଏକ ଯାତ୍ରୀବାହୀ ବସ ମାଛଗାଁରୁ କଟକ ଯାଉଥିଲା। ଏହି ସମୟରେ ବିପରିତ ଦିଗରୁ ଧ୍ରୁବ ନଂ.ଓଡି୨୧୭୪୭୬ ବିଶିଷ୍ଟ ଏକ ଟିଭିଏସ ଲୁନାରେ ନିଜ ଘରକୁ ଆସୁଥିବା ବେଳେ ମୁହାଁମୁହିଁ ଦୁର୍ଘଟଣା ଘଟିଥିଲା। ଫଳରେ ଧ୍ରୁବ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସଦେଇପୁର ଛକଠାରେ ଦୋକାନ କରିଥିବା ଅରିଲୋ ଗାଁର ଅନାଦି ଚରଣ ସ୍ୱାଇଁ ଏକ କାର ଯୋଗେ ଜଗତ୍‌ସିଂହପୁର ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଲୁନା ଜବତ କରିବା ସହ ତଦନ୍ତ ଚଳାଇଛି।

### ୪ରେ ଲୋକନାଥ ସ୍ମୃତି ସାହିତ୍ୟ ସଂସଦ ବାର୍ଷିକୋତ୍ସବ

**ତିର୍ତ୍ତୋଲ, ୨୩।୧୦(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଲୋକନାଥ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଆଲୋଚନାଚକ୍ର, କବିତା ପାଠୋତ୍ସବ ଆସନ୍ତା ନଭେମ୍ବର ୪ ତାରିଖ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଂସଦର ସଭାପତି ଦେବେନ୍ଦ୍ର ନାଥ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସମ୍ପାଦିକା ଆରତୀ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂସଦର ବରିଷ୍ଠ କର୍ମକର୍ତ୍ତା ପରମାନନ୍ଦ ମିଶ୍ର, ନିତ୍ୟାନନ୍ଦ ନାୟକ, ଗୋଲୋକ ବିହାରୀ ପଲାଇ, ପଣ୍ଡିତ ବାସବ କୁମାର ନନ୍ଦ, ନଗେନ୍ଦ୍ରନାଥ ସ୍ୱାଇଁ, ଦୀପକରାଜ କର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ନିଜସ୍ୱ ମତ ପ୍ରଦାନ କରିଥିଲେ। ଏହି ଉତ୍ସବର ଉଦ୍‌ଘାଟକ ବାବା ବଳିଆଙ୍କ ଦ୍ୱାରା ସଂସଦର ମୁଖପତ୍ର 'ଶାଶ୍ୱତ ସେତୁ'ର ଲୋକାର୍ପଣ ଓ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

### ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିବା ଯୁବକଙ୍କ ମୃତ୍ୟୁ

**ସାଲେପୁର, ୨୩।୧୦(ଡି.ଏନ.ଏ.):** କଟକ-ଚାନ୍ଦବାଲି ରାସ୍ତାର ଶିଶୁଆଠାରେ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିବା ଜଣେ ଯୁବକଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଶିଶୁଆରେ ଘରଭଡ଼ା ନେଇ ରହୁଥିବା ରାଜୀବ ପ୍ରଧାନଙ୍କ ପୁଅ ସନ୍ତୋଷ(୨୫)। ସେ ଶନିବାର ବିଳମ୍ବିତ ରାତ୍ରିରେ ଘରକୁ ଆସୁଥିବାବେଳେ ତାଙ୍କ ଗାଡ଼ି ଆଗକୁ ଏକ ବୁଲା କୁକୁର ପଶିଆସିବାରୁ ଭାରସାମ୍ୟ ହରାଇ ରାସ୍ତାରେ ପଡି ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜଗତ୍‌ପୁରସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସନ୍ତୋଷ ମା'ବାପାଙ୍କ ଏକମାତ୍ର ପୁଅ ହୋଇଥିବାରୁ ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଠିକାଦାରଙ୍କୁ ପୋଲିସର ମାଡ଼ ମାମଲାରେ ମୁହଁ ଖୋଲିଲେ ବିଷ୍ଣୁ

# ଟିଟୋ ଲିଙ୍କରେ ଅଛନ୍ତି ଉଲ୍ଲାସ

**ଜଗତ୍‌ସିଂହପୁର ଅଫିସ, ୨୩।୧୦**

- ଉଲ୍ଲାସଙ୍କ ସମ୍ପର୍କୀୟ ପୋଲିସ କର୍ମଚାରୀ ଶିବ
- ବାଲି ମାଫିଆଙ୍କ ଯୋଗୁ ବଢ଼ୁଛି ଅପରାଧ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଉଲ୍ଲାସ କାବୁ ହେଉଛନ୍ତି ଜଣେ ବାଲିଘାଟ ମାଫିଆ। ସେ ଗ୍ୟାଙ୍ଗଷ୍ଟର ଟିଟୋ ଲିଙ୍କରେ ରହି ଜଗତ୍‌ସିଂହପୁରରେ ଆପରାଧିକ ସାମ୍ରାଜ୍ୟ ବଢ଼ାଉଛନ୍ତି। ଏଭଳି ଅଭିଯୋଗ କରିଛନ୍ତି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ। ସେ କହିଛନ୍ତି ଯେ ନାଉଗାଁ ଥାନା ଅନ୍ତର୍ଗତ ଏରଡ଼ା ବାଲିଘାଟ ଚଳାଉଛନ୍ତି ଉଲ୍ଲାସ। ବାସ୍ତବରେ କିନ୍ତୁ ଘାଟ ଅନ୍ୟ ଜଣଙ୍କ ନାମରେ ଟେଣ୍ଡର ହୋଇଛି। ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ହୋଇଛି ତାହା କେବଳ କାଗଜକଲମରେ। ବାସ୍ତବରେ ଗ୍ୟାଙ୍ଗଷ୍ଟର ଟିଟୋ ହେଉଛନ୍ତି ମାଷ୍ଟରମାଇଣ୍ଡ। ଟିଟୋ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ପକାଇବା ବ୍ୟବସ୍ଥା କରିଥିଲେ। ପରେ ବାର୍ଷିକ ୨୦ ଲକ୍ଷ ଟଙ୍କା ପାଇବା ସର୍ତ୍ତରେ ଉଲ୍ଲାସଙ୍କୁ ଘାଟ ଚଳାଇବା ଦାୟିତ୍ୱ ଦେଇଛନ୍ତି। ଏହି ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଛି। ଟ୍ରକ୍, ଟ୍ରାକ୍ଟର, ହାଇୱା ଆଦିରେ ଓଭରଲୋଡ୍ ବାଲି ଚାଲାଣ ହେଉଛି। ଆର୍ ଫର୍ମ ଦିଆଯାଉନାହିଁ। କେବଳ ଏତିକି ନୁହେଁ, ବାଲିମାଫିଆଙ୍କ ଯୋଗୁ ଅପରାଧ ବଢି ଚାଲିଛି, ଯାହାର ଦୃଷ୍ଟାନ୍ତ ନିକଟରେ ଦେଖିବାକୁ ମିଳିଛି ଆଳିପିଙ୍ଗଳରେ। ଉଲ୍ଲାସଙ୍କ ଶାଳକ ତଥା ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଗରର ଚଗଲା ଓରଫ ଶିବ ଦାସ ହେଉଛନ୍ତି ଜଣେ ପୋଲିସ କର୍ମଚାରୀ। ସେ ଗତ ୧୮ ଓ ୨୧ ତାରିଖରେ ଜଣେ ବିଜେଡି କର୍ମୀ ତଥା ଶ୍ରମିକ ଠିକାଦାର ପ୍ରେମାନନ୍ଦ ପ୍ରଧାନ (୪୬)ଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଏହି ଆକ୍ରମଣରେ ପ୍ରେମାନନ୍ଦଙ୍କ ଗୋଟିଏ ଦାନ୍ତ ଭାଙ୍ଗି ଯାଇଛି। କେବଳ ଏତିକି ନୁହେଁ, ତାଙ୍କୁ ହତ୍ୟା ଧମକ ଦିଆଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ପୃଥକ ଅଭିଯୋଗ ପରେ ପୋଲିସ କେବଳ ମାମଲାରେ ସୀମିତ ଅଛି। ସେ ନିଜେ ଏସ୍‌ପି ପ୍ରକାଶ ଆର୍‌ଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏହାସତ୍ତ୍ୱେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ବିଜେଡି ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବିଷ୍ଣୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ଅଭିଯୋଗ ଉପରେ ସେ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ଭାବେ ଟିଟୋ ଲିଙ୍କ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ତଦନ୍ତ ହେବ।

ସୂଚନାଯୋଗ୍ୟ, ଏରଡ଼ା ଓ ଆଳିପିଙ୍ଗଳ ବାଲିଘାଟ ଯୋଗୁ ନାଉଗାଁ ଓ ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ଅପରାଧ ବଢ଼ିଛି। ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ଆଳିପିଙ୍ଗଳ-ଦେବୀଦୋଳ ରାସ୍ତା ଅବସ୍ଥା ନ କହିଲେ ଭଲ। କୌଣସି ପ୍ରସୂତି କିମ୍ବା ଗୁରୁତର ରୋଗୀ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଆସିବାକୁ ହେଲେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷେ ପୂର୍ବେ ରାସ୍ତା କାମ ହୋଇଥିଲା। କିନ୍ତୁ ଓଭରଲୋଡ୍ ବାଲି ବୋଝେଇ ଟ୍ରକ୍ ଯୋଗୁ ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ବରୁ ଏକାଧିକ ଗ୍ରାମର ଲୋକେ ଏନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। କେତେକ ସରକାରୀ ବୈଠକରେ ମଧ୍ୟ ଏହି କଥା ଉଠିଛି। କିନ୍ତୁ ପୋଲିସ, ପ୍ରଶାସନ ନୀରବ। ଦିନ ଦି'ପହରେ ଓଭରଲୋଡ୍ ଟ୍ରକ୍ ଜଗତ୍‌ସିଂହପୁର ସହର ଦେଇ ଖୁଲମଖୁଲା ଚଳାଚଳ କରୁଛି। କିଛି ମାସ ତଳେ ଏରଡ଼ା ବାଲିଘାଟ ନଦୀପଠାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଚାପ ପକାଯାଇ ଏହି ମାମଲା ରଫାଦଫା କରି ଦିଆଯାଇଥିବା କୁହାଯାଉଛି। ପ୍ରତ୍ୟହ ଶତାଧିକ ଟ୍ରିପ୍ ବାଲି ଚୋରାଚାଲାଣ ହେଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଛି। ଏହା ସତ୍ତ୍ୱେ କ'ଣ ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଚୁପ ବସିଛି ତାହା ବୁଝାପଡୁନି। ପରିବେଶ ପ୍ରତି ଆଦୌ ଧ୍ୟାନ ଦିଆଯାଉନି। ଟ୍ରକରୁ ବାଲି ଉଡି ଦୁର୍ଘଟଣା ଘଟୁଛି। ଆର୍ (ରୟାଲିଟି) ଫର୍ମ କଟାଯାଉନାହିଁ। ନିୟମିତ ବାଲି ଚାଲାଣ କରୁଥିବା ଶତାଧିକ ଟ୍ରକ୍, ଟ୍ରାକ୍ଟର ଓ ହାଇୱା ଆଦିକୁ ଗୋଟିଏ ହିସାବରେ ଏହି ଫର୍ମ ଦିଆଯାଇଛି। ସେଥିରେ ତାରିଖ ଉଲ୍ଲେଖ କରାଯାଉନାହିଁ। ଯେଉଁଦିନ ଚେକିଂ ହେବାର ଥିବ ଏହି ଫର୍ମ ବ୍ୟବହାର ଉଦ୍ଦେଶ୍ୟରେ ଏଭଳି କୌଶଳ ଆପଣାଯାଉଛି। ପୋଲିସ ଓ ଅନ୍ୟ ଅଧିକାରୀଙ୍କୁ ମାସିକିଆ ଚାନ୍ଦା ଦେଇ ବାଲି ମାଫିଆ ଆପରାଧିକ ସାମ୍ରାଜ୍ୟ ବୃଦ୍ଧି କରି ଚାଲିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଷ୍ଣୁ। ସେ କହିଛନ୍ତି ଯେ ୧୮ ତାରିଖରେ ଆଳିପିଙ୍ଗଳ ଜେଲ ନିକଟ ଏକ ମଣ୍ଡପ ସାମ୍ନାରେ ପ୍ରେମାନନ୍ଦଙ୍କୁ ଉଲ୍ଲାସଙ୍କ ଶଳା ତଥା ପୋଲିସ କର୍ମଚାରୀ ଚଗଲା ଆକ୍ରମଣ କରିଥିଲେ। ୨୧ ତାରିଖ ରାତି ପ୍ରାୟ ୯ଟାରେ ଆଳିପିଙ୍ଗଳ ରାୟଙ୍ଗ ପାଟଣାରେ ବିଷ୍ଣୁଙ୍କର ଏକ ବୈଠକ ହୋଇଥିଲା। ଏହିଦିନ ପ୍ରେମାନନ୍ଦଙ୍କୁ ମଧ୍ୟ ପୁଣି ଆକ୍ରମଣ ହୋଇଥିଲା। ଏନେଇ ପ୍ରେମାନନ୍ଦଙ୍କ ପୃଥକ ଅଭିଯୋଗ ଉପରେ ୨ଟି ମାମଲା ରୁଜୁ ହୋଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କି ନିଲମ୍ବନ କରାଯାଇନାହିଁ। ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ବିଷ୍ଣୁ ଚେତାବନୀ ଦେଇଛନ୍ତି।

## ଗାଈଚରା କେନାଲ ବନ୍ଧରାସ୍ତା ଶୋଚନୀୟ



ଗାଈଚରା କେନାଲ ବନ୍ଧ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ।

**ବିରିଡ଼ି, ୨୩।୧୦(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ବିଲୁଆଖାଇ କେନାଲ ସବଡିଭିଜନ ବାଲିଆ ଅଧୀନରେ ଥିବା ଶଙ୍ଖାରୀସାହି ସେକ୍ସନର ଗାଈଚରା କେନାଲର ବାମପଟ ବନ୍ଧରାସ୍ତା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାରେ ଚାରି ଚକିଆ ଗାଡ଼ି ତ ଦୂରର କଥା, ସାଇକେଲ୍‌ରେ ଯିବା ମଧ୍ୟ କଷ୍ଟକର। ସ୍ଥାନୀୟ ଲୋକମାନେ ଏ ସମ୍ପର୍କରେ ଜଗତ୍‌ସିଂହପୁର ନିର୍ବାହୀ ଯନ୍ତ୍ରୀ ଉମାକାନ୍ତ ମହାନ୍ତି ଓ ବିଲୁଆଖାଇ କେନାଲ ସବଡିଭିଜନ ବାଲିଆର ସହକାରୀ ନିର୍ବାହୀଯନ୍ତ୍ରୀ ଦଳପତି ମଣ୍ଡଳଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟ ଉକ୍ତ କେନାଲ ବନ୍ଧ ରାସ୍ତାଟି ବାଗଲପୁର ଡିଷ୍ଟ୍ରିବ୍ୟୁଟାରୀର ମଙ୍ଗୁଳି ବରଗଛ ପାଖରୁ ବାହାରି ଉକୁନ୍ଦରା ପର୍ଯ୍ୟନ୍ତ ୮୦୦ ମିଟର ଲମ୍ବିଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ଚାରିଚକିଆ ଯାନରୁ ଆରମ୍ଭ କରି ଦୁଇଚକିଆ ଯାନ ପର୍ଯ୍ୟନ୍ତ ଚଳାଚଳ କରୁଛି। ଭୁବନେଶ୍ୱର ଯିବା ପାଇଁ ଦୂରତା କମ୍ ହେଉଥିବାରୁ ବିରିଡ଼ି, ଜଗତ୍‌ସିଂହପୁର ଓ କିଶନନଗର ଅଞ୍ଚଳର ଲୋକେ ଏହି ରାସ୍ତା ବ୍ୟବହାର କରିଥାନ୍ତି। କିନ୍ତୁ ଦୀର୍ଘଦିନ ଧରି ଏହି ରାସ୍ତା ମରାମତି କରାଯାଇ ନ ଥିବାରୁ ମେଟାଲ ଓ ମୋରମ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ରାସ୍ତା ଅବସ୍ଥା ଦେଖି ନିର୍ବାହୀ ଯନ୍ତ୍ରୀ ମହାନ୍ତି ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମଣ୍ଡଳ ଶଙ୍ଖାରୀସାହି କନିଷ୍ଠ ଯନ୍ତ୍ରୀଙ୍କୁ ରାସ୍ତା ମରାମତି ପାଇଁ ଅଟକଳ ପ୍ରସ୍ତୁତ କରି ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ କନିଷ୍ଠ ଯନ୍ତ୍ରୀ ଏ ପର୍ଯ୍ୟନ୍ତ ଅଟକଳ ପ୍ରସ୍ତୁତ କରି ଡିଭିଜନ କିମ୍ବା ସବଡିଭିଜନରେ ପହଞ୍ଚାଇ ନାହାନ୍ତି। ତେଣୁ ରାସ୍ତା ମରାମତି ହୋଇପାରୁ ନାହିଁ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ସେ ନିଜେ ଆକଳନ କରୁଛନ୍ତି ଓ କନିଷ୍ଠ ଯନ୍ତ୍ରୀ ସହଯୋଗ କରୁନାହାନ୍ତି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ମଣ୍ଡଳ କ୍ଷୋଭପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାଶ ଓ ୨୨ ମୌଜା ମଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ବୟସ ୧୦୫ ବର୍ଷ, ତଥାପି ଭତ୍ତା ମିଳୁନି

**ନାଉଗାଁ, ୨୩।୧୦(ସ୍ୱ.ପ୍ର.)**



ବିଦ୍ୟାଧର ଦାସ

- ଭୋଟର ପରିଚୟପତ୍ର, ଆଧାର କାର୍ଡ ନାହିଁ
- ଅସହାୟ ଭାବେ ଦିନ କାଟୁଛନ୍ତି ବିଦ୍ୟାଧର

ନାଉଗାଁ ପଞ୍ଚାୟତ କୋକିଡ଼ିହ ଗାଁ ମୁଣ୍ଡରେ ରହିଛି ଏକ ଚାଳିଆ ଟୁଙ୍ଗି। ସେଥିରେ ରହୁଛନ୍ତି ବିଦ୍ୟାଧର ଦାସ। ବୟସ ୧୦୫ ବର୍ଷ। ଦିନଥିଲା ବିଦ୍ୟାଧର ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ଟୁଙ୍ଗୀରେ ରୁଣ୍ଡ ହେଉଥିଲେ ଶତାଧିକ ରୋଗୀ। ମଣିଷ ହେଉ କି ପଶୁ, ସମସ୍ତଙ୍କ ପାଇଁ ବାବା ବିଦ୍ୟାଧର ପାଲଟିଥିଲେ ଦେବଦୂତ। ସାପ ଦଂଶନର ଖବର ପାଇବା କ୍ଷଣି ସେ ପହଞ୍ଚି ଯାହାନ୍ତି ପୀଡିତଙ୍କ ପାଖରେ ଓ ନିଜ ପାଟିରେ ଶୋଷି କାଢିଦିଅନ୍ତି ବିଷ। ଏହିପରି ହଜାର ହଜାର ରୋଗୀଙ୍କୁ ମରଣ ମୁହଁରୁ ବଞ୍ଚାଇଥିବା ବିଦ୍ୟାଧର ଆଜି ରୋଗ ଶଯ୍ୟାରେ। ୨ ବର୍ଷ ପୂର୍ବେ ରାସ୍ତାରେ ଯାଉଥିବାବେଳେ ଏକ ଦୁର୍ଘଟଣାରେ ତାଙ୍କ ଅଣ୍ଟା ଭାଙ୍ଗି ଯାଇଥିଲା। ଅର୍ଥ ଅଭାବରୁ ସେ ଚିକିତ୍ସା କରିପାରିଲେ ନାହିଁ। ସେବେଠାରୁ ଅକ୍ଷମ ହୋଇ ପଡ଼ିରହିଛନ୍ତି ଟୁଙ୍ଗି ଭିତରେ। କୌଣସି କାମ ପଡ଼ିଲେ ଘୁଷୁରି ଘୁଷୁରି ଯିବା ଛଡ଼ା ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଫଳରେ ଦିନେ ଖାଇଲେ ଦୁଇ ଦିନ ଉପାସ ରହୁଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ସରକାରଙ୍କ ପକ୍ଷରୁ ଭତ୍ତା କିମ୍ବା ଅନ୍ୟ କୌଣସି ସହାୟତା ମିଳୁନାହିଁ। ଟ୍ରାଇ ସାଇକେଲ୍ ଖଣ୍ଡେ ମିଳିଲେ ସେଥିରେ ସେ ଚଳପ୍ରଚଳ କରିପାରନ୍ତେ, ତାହା ମଧ୍ୟ ନାହିଁ। ଆଧାର କାର୍ଡ ବା ଭୋଟର ପରଚୟପତ୍ର ନ ଥିବାରୁ ସରକାରୀ ଯୋଜନାରୁ ସେ ବଞ୍ଚିତ ହୋଇଛନ୍ତି। ଧର୍ମ, ଆଧ୍ୟାତ୍ମିକତା ଓ ମାନବ ସେବାକୁ ଜୀବନର ବ୍ରତ ଭାବି ସେ ଅଲେଖ ଧର୍ମ ଗ୍ରହଣ କରିଥିଲେ। ପ୍ରମାଣ ପତ୍ର କହିଲେ ଯୋରନ୍ଦା ମହିମା ଆଶ୍ରମରୁ ତାଙ୍କୁ କାଗଜ ଖଣ୍ଡିଏ ମିଳିଛି, ଯାହାକି ତାଙ୍କର କୌଣସି କାର୍ଯ୍ୟରେ ଆସୁନାହିଁ। ଦିନକୁ ଦୁଇମୁଠା ଖାଦ୍ୟ ସେ ଯୋଗାଡ଼ କରିପାରୁ ନ ଥିବାବେଳେ ଅଧା ଦିନ ଭୋକ ଉପାସରେ କାଟୁଛନ୍ତି। ନାଉଗାଁ ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ଦେଢ କିମି ଦୂରରେ ସେ ରହୁଥିଲେ ମଧ୍ୟ ତାଙ୍କ ଉପରେ ପ୍ରଶାସନର ନଜର ପଡୁନି। ଘୁଷୁରି ଘୁଷୁରି ସେ ନାଉଗାଁ ବଜାର ପର୍ଯ୍ୟନ୍ତ ଆସୁଛନ୍ତି। ଟ୍ରାଇ ସାଇକେଲ ଖଣ୍ଡେ ଥିଲେ ହୁଏତ ସେଥିରେ ବସି ଯାତାୟାତ କରିପାରନ୍ତେ ବୋଲି କହିଛନ୍ତି ବିଦ୍ୟାଧର। ଏପରି ଦୁର୍ଦ୍ଦିନରେ ବିଦ୍ୟାଧରଙ୍କୁ ପ୍ରଶାସନ ସହାୟତାର ହାତ ବଢାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ମହିଳାଙ୍କୁ ଆକ୍ରମଣ

**ନିଶ୍ଚିନ୍ତକୋଇଲି, ୨୩।୧୦(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା କଟରପଡ଼ା ପଞ୍ଚାୟତ ଗଉଡ଼ବିଶି ଗ୍ରାମର ମହିଳା ମଧୁସ୍ମିତା ବେହେରାଙ୍କୁ ଗତ ଶନିବାର ଆକ୍ରମଣ ହୋଇଛି। ଘରେ ତାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାବେଳେ ସେହି ଗ୍ରାମର କେତେଜଣ ବ୍ୟକ୍ତି ମିଳିତଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ନିଶ୍ଚିନ୍ତକୋଇଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁସ୍ଥହେବା ପରେ ୨୧ ତାରିଖରେ ସେ ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ମଧୁସ୍ମିତା କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ୨୩।୧୦(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ହୋଇଛି। ଏ ନେଇ ତାଙ୍କ ମା' ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାବାଳିକା ଜଣଙ୍କ ଟ୍ୟୁସନରୁ ଘରକୁ ଫେରୁଥିବା ସମୟରେ ୪୦ ବର୍ଷୀୟ ଯୁବକ ତାଙ୍କୁ ଅସଦାଚରଣ କରିଥିବା ନାବାଳିକାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ନାବାଳିକା ଜଣଙ୍କ ପ୍ରତ୍ୟେକ ଦିନ ରାସ୍ତାରେ ଯିବା ଆସିବା କରୁଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କ ଉପରେ ନଜର ରଖିଥାନ୍ତି। ଏପରି କି ପୂର୍ବରୁ ଯୁବକ ଜଣଙ୍କ ତାଙ୍କୁ ୨ରୁ ୩ଥର ଅସଦାଚରଣ କରିଥିବା ନେଇ ନାବାଳିକା ଜଣକ ତାଙ୍କ ମା'ଙ୍କ ଆଗରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଥାନାରେ କୌଣସି ମାମଲା ହୋଇନାହିଁ।





ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଅବଦୁଲ କଲାମ ଆୱାର୍ଡ ପ୍ରଦାନ କରୁଛନ୍ତି ଏମ୍‌ପି ପ୍ରସନ୍ନ ପାଟଶାଣୀ।

## ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଅବଦୁଲ କଲାମ ଆୱାର୍ଡ

**ପାରାଦୀପ, ୨୩।୧୦(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ବିଶ୍ୱାଳି ଗ୍ରାମର ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମ ସମ୍ମାନ ପ୍ରଦାନ କରାଯାଇଛି। ପରିବେଶ ସନ୍ତୁଳନ ରକ୍ଷା କରିବାରେ ନିରନ୍ତର ପ୍ରୟାସ ଓ ଅନ୍ୟ ସାମାଜିକ ସେବା ପାଇଁ ଉକ୍ତ ସଂଗଠନକୁ ଭୁବନେଶ୍ୱରଠାରେ କଳିଙ୍ଗ ଶିକ୍ଷା ଓ ସାମାଜିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମ୍ମାନ ମିଳିଛି। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କଠାରୁ ପରିଷଦର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ବେହେରା ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଭୟ କୁମାର ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ସଂଗଠନକୁ କେନ୍ଦ୍ର ସରକାର ରାଜ୍ୟର ଶ୍ରେଷ୍ଠ କ୍ଲବ୍ ମାନ୍ୟତା ଦେଇଛନ୍ତି। ଏଥିସହ ସରକାରୀ ଓ ବେସରକାରୀ ଭାବେ ଏହାର ୩୦ରୁ ଉର୍ଦ୍ଧ୍ୱ ଆୱାର୍ଡ ପାଇସାରିଛି। ପରିଷଦର ପ୍ରତିଷ୍ଠାତା ଇଂ. ଅମରେଶ ନରେଶ ସାମନ୍ତ ଗତ ଦେଢ଼ ଦଶନ୍ଧି ଧରି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଆସୁଛନ୍ତି।

## ଆଜିଠାରୁ ବାଙ୍କୀ ମହୋତ୍ସବ

# ଗାଁଠୁ ସହର ଉତ୍ସବମୁଖର

**ବାଙ୍କୀ, ୨୩।୧୦(ସ୍ୱ.ପ୍ର.)**

ବାଙ୍କୀ ସାଂସ୍କୃତିକ ଜାଗରଣର ମୂକସାକ୍ଷୀ ବାଙ୍କୀ ମହୋତ୍ସବ ବୁଧବାରଠାରୁ ଆରମ୍ଭ ହେବ। ୧୯ବର୍ଷରେ ପଦାର୍ପଣ କରି କଳା, ସାହିତ୍ୟ ଜଗତକୁ ବାନ୍ଧିରଖିବା ସହିତ କଳାକାରଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରିବାରେ ମହୋତ୍ସବ ସହାୟକ ହୋଇଛି। ଚଳିତ ମହୋତ୍ସବ ପାଇଁ ଏବେଠାରୁ ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇପଡ଼ିଛି। ପାଗ ଅନୁକୂଳ ଥିବାରୁ ଜନସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ଅନୁମାନ କରାଯାଇଛି। ସମସ୍ତ ବ୍ୟବସ୍ଥା ଏବଂ ଟ୍ରାଫିକ୍ ନିୟମ କଡାକଡ଼ି ପାଳନ କରିବା ପାଇଁ ବାଙ୍କୀ ପ୍ରଶାସନ ଓ ପୋଲିସ ବିଭାଗ ତତ୍ପରତା ଦେଖାଇଛି। ମହୋତ୍ସବ ପଡ଼ିଆ ଓ ବାଙ୍କୀର ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ଏବଂ ସାଜସଜା ପ୍ରସ୍ତୁତ ହୋଇସାରିଛି। ବାହାରୁ ବ୍ୟବସାୟୀମାନେ ମଧ୍ୟ ଆସି ଆସ୍ଥାନ ଜମେଇ ସାରିଲେଣି। ଚର୍ଚ୍ଚିକାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇ ଜ୍ୟୋତିଯାତ୍ରା କରାଯିବା ପରେ ମହୋତ୍ସବ ଉଦ୍‌ଘାଟିତ ହେବ। ଅସମାଜିକ କାର୍ଯ୍ୟକଳାପକୁ ଏଡାଇବା ପାଇଁ ସାଧା ପୋଷାକ ଧାରି ପୋଲିସ୍ ମୁତୟନ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଏହିଦିନ କୁମାର ଉତ୍ସବ ପାଳନ ହେବାକୁ ଥିବାରୁ ମଙ୍ଗଳବାର ସାହି ଗଳିର ବିଭିନ୍ନ ଚଉରାମୂଳେ ଝିଅମାନେ ସାଜସଜାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଚର୍ଚ୍ଚିକା କୁମାର ପୂର୍ଣ୍ଣିମା ଅବସରରେ କୁମାରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି।

## ପିପିଏଲର ପ୍ଲାଷ୍ଟିକ ସଚେତନତା

**ପାରାଦୀପ, ୨୩।୧୦(ସ୍ୱ.ପ୍ର.)**

ପାରାଦୀପ ବଡ଼ପଡିଆସ୍ଥିତ ପରିବା ମାର୍କେଟରେ ପିପିଏଲ କମ୍ପାନୀ ପକ୍ଷରୁ ପ୍ଲାଷ୍ଟିକ-ପଲିଥିନ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ବ୍ୟବସାୟୀ ଓ ଗ୍ରାହକଙ୍କୁ ୧୦ ହଜାର କପଡ଼ା ବ୍ୟାଗ୍ ବଣ୍ଟନ କରାଯାଇଥିଲା। ପ୍ଲାଷ୍ଟିକ ଓ ପଲିଥିନ୍ ଏବେ ସମଗ୍ର ବିଶ୍ୱ ପାଇଁ ବିପଦର କାରଣ ସାଜିଲାଣି। ତେଣୁ ସମସ୍ତେ ପଲିଥିନ୍ ଓ ପ୍ଲାଷ୍ଟିକକୁ ଯଥାସମ୍ଭବ କମ୍ ବ୍ୟବହାର କରିବା ପାଇଁ ବକ୍ତାମାନେ କହିଥିଲେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, କାଉନ୍‌ସିଲର ଶଙ୍କର ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପିପିଏଲର ମାନବ ସମ୍ବଳ ଅଧିକାରୀ ସୁଧିରଞ୍ଜନ ମିଶ୍ର, ସଂଗ୍ରାମ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।





ପିପିଏଲ୍ ପକ୍ଷରୁ କପଡ଼ା ବ୍ୟାଗ୍ ପ୍ରଦାନ କରାଯାଉଛି।

## ଜନଶୁଣାଣିକୁ ବର୍ଷେ ପୂରିଲା, କାରଖାନା ନାଁ ଗନ୍ଧ ନାହିଁ

# ଅନିଶ୍ଚିତତାରେ ଦୀପକ ଫର୍ଟିଲାଇଜର

**ପାରାଦୀପ, ୨୩।୧୦(ସ୍ୱ.ପ୍ର.)**

ମେକ୍ ଇନ୍ ଇଣ୍ଡିଆରେ କେନ୍ଦ୍ର ସରକାର ଓ ମେକ୍ ଇନ୍ ଓଡ଼ିଶାରେ ରାଜ୍ୟ ସରକାର ନୂତନ ଶିଳ୍ପକୁ ନିମନ୍ତ୍ରଣ କରୁଛନ୍ତି। ଏପରି କି ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି ଅଧା ବିଶ୍ୱ ବୁଲିବା ପରେ ମଧ୍ୟ ୪ ବର୍ଷରେ କୌଣସି ବିଦେଶୀ କମ୍ପାନୀ ଭାରତରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆସିନାହାନ୍ତି। ସମାନ ଘଟଣା ଓଡ଼ିଶା କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ୨୦୧୭ ପ୍ରଥମାର୍ଦ୍ଧରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ୪ରୁ ଅଧିକ ଶିଳ୍ପ ସଂସ୍ଥା ପାରାଦୀପରେ କାରଖାନା କରିବେ ବୋଲି ଘୋଷଣା କରିଥିଲେ। ଏପରି କି ପିପିଏଲ୍ ସାର କାରଖାନା ୧୦ହଜାର କୋଟି ଟଙ୍କା ବ୍ୟୟରେ ସମ୍ପ୍ରସାରଣ କରାଯିବ ବୋଲି ଜନଶୁଣାଣି ମଧ୍ୟ ହୋଇଥିଲା। ଏହାକୁ ଇତିମଧ୍ୟରେ ବର୍ଷେ ବିତିଗଲାଣି, କିନ୍ତୁ ସମ୍ପ୍ରସାରଣ ନାଁ ଗନ୍ଧ ଆଉ ନାହିଁ କହିଲେ ଚଳେ। ସେହିପରି ନୂତନ ଶିଳ୍ପ ମଧ୍ୟରେ ଥିଲା ଆମୋନିଆ ନାଇଟ୍ରେଟ୍ ତିଆରି ହେବାକୁ ଥିବା ଦୀପକ ଫର୍ଟିଲାଇଜର। ଗତବର୍ଷ ଅକ୍ଟୋବର ୧୩ରେ ବଗଦିଆ ଗ୍ରାମରେ ଏଥିପାଇଁ ଜନଶୁଣାଣି ହୋଇଥିଲା। ଏହା ମଧ୍ୟରେ ବର୍ଷେ ହୋଇଗଲାଣି, କିନ୍ତୁ ନୂଆ କାରଖାନାର କୌଣସି ଅଗ୍ରଗତି ନାହିଁ। କମ୍ପାନୀର ଜନଶୁଣାଣି ବେଳେ ଥିବା ଅଧିକାରୀମାନେ ଏହା ମଧ୍ୟରେ ଚାକିରି ଛାଡ଼ି ସାରିଲେଣି। କମ୍ପାନୀ ପାଇଁ ପାଚେରି ୩ବର୍ଷ ତଳୁ ନିର୍ମାଣ ସରିଛି। ବର୍ତ୍ତମାନର ସ୍ଥିତି ଯାହା କମ୍ପାନୀ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଡ୍‌ଭାଣ୍ଟେଜ ଗ୍ରୁପ୍‌ର ପିପିଏଲ ସାର କାରଖାନା ଓ ଦୀପକ ଫର୍ଟିଲାଇଜର ଗ୍ରୁପ୍ ମଧ୍ୟରେ ହରିୟାଣା ରାଜ୍ୟରେ ମନାନ୍ତର ସୃଷ୍ଟି ହୋଇଛି। ସେହି କାରଣରୁ ଆମୋନିଆ ଗ୍ୟାସ୍ ଗଚ୍ଛିତ ରଖିବା ସମସ୍ୟାକୁ ନେଇ ଦୁଇ କମ୍ପାନୀ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବାରୁ ଦୀପକ ଫର୍ଟିଲାଇଜର୍ସ ଏବେ କାରଖାନା କରିବ ନାହିଁ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶାରୁ ପୋସ୍କୋ ଓହରିଯାଇଛି। କାରଗିଲ ଇଣ୍ଡିଆ ଖାଇବା ତେଲ କାରଖାନା ୨୦୧୪ ଅକ୍ଟୋବରରୁ ବନ୍ଦ। ସବ୍‌ମିଲର ଏବେ ମାସକୁ ସପ୍ତାହେ ଉତ୍ପାଦନ କରିବା କାଠିକର ପାଠ। ଏସାର ଷ୍ଟିଲ ଦେବାଳିଆ ହୋଇଯାଇଥିବାରୁ ବିକ୍ରି ହେବା ଉପରେ। ଏପରି ରୁଗ୍ଣ ସ୍ଥିତିରେ ପାରାଦୀପକୁ ଆହୁରି ଶିଳ୍ପ ଆସିବ ବୋଲି ରାଜ୍ୟ-କେନ୍ଦ୍ର ସରକାର ପ୍ରଚାର କରିବାରେ କାଣିଚାଏ ଅବହେଳା କରୁନାହାନ୍ତି।

ଧରିତ୍ରୀ
DHARITRI
ବୁଧବାର, ୨୪ ଅକ୍ଟୋବର, ୨୦୧୮



ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଛବି ମଳିନ କରି ସେଗୁଡ଼ିକୁ ଧ୍ୱଂସ କରିବାରେ ଲାଗିଛି। ପୂର୍ବରୁ ଭାରତର ଇତିହାସରେ କେବେ ଏଭଳି ଦେଖିବାକୁ ମିଳି ନ ଥିଲା।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ଜାତିସଂଘରେ ସରୋଦ୍ ବାଦନ କରିବେ ଅମଜାଦ ଅଲି ଖାନ୍



ଜାତିସଂଘ ୨୩।୧୦(ପି.ଟି.): ଜାତିସଂଘର ସାଧାରଣ ସଭାରେ ବୁଧବାର ଶୁଣିବାକୁ ମିଳିବ ସରୋଦ୍ ବାଦନର ଗୁଞ୍ଜନ। ଜାତିସଂଘର ୭୩ ତମ ପ୍ରତିଷ୍ଠା ଦିବସ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସରୋଦ୍ ବିଶାରଦ ଅମଜାଦ ଅଲି ଖାନ୍ କାର୍ଯ୍ୟକ୍ରମ ପରିବେଷଣ କରିବେ। ତାଙ୍କ ସହ ଦୁଇ ପୁଅ ଅମନ୍ ଅଲି ଓ ଆୟାନ ଅଲି ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ଚଳିତ ବର୍ଷର ବାର୍ତ୍ତା ରହିଛି 'ଶାନ୍ତି ଓ ଅହିଂସା'ର ପରମ୍ପରା। ଏସମ୍ପର୍କରେ ଜାତିସଂଘର ମୁଖ୍ୟ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଅହିଂସାର ବାର୍ତ୍ତା ଇତିହାସ ପରିବର୍ତ୍ତନ କରିପାରିବ। ଗାନ୍ଧିଜୀ ଅହିଂସା ପାଇଁ ନିଜର ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଭାରତ ଜାତିସଂଘରେ ଶାନ୍ତିର ରାତି ଆୟୋଜନ କରିବାକୁ ଯାଉଛି।

### ଆଖିବୁଜିଲେ ବିଚାରପତିଙ୍କ ପୁଅ

ଗୁରୁଗ୍ରାମ,୨୩।୧୦(ପି.ଟି.):ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ବ୍ରେନ୍ ଡେଡ୍ ଅବସ୍ଥାରେ ଥିବା ଗୁରୁଗ୍ରାମର ବିଚାରପତିଙ୍କ ପୁଅ ଧ୍ରୁବଙ୍କର ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଏବେ ପରିବାର ଲୋକ ତାଙ୍କର ଶରୀରର ଅଙ୍ଗ ଦାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ମେଦାନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୩ରେ ଅତିରିକ୍ତ ସେସନ୍ ଜଜ୍ କ୍ରିଷ୍ଣକାନ୍ତଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ମହିପାଳ ବିଚାରପତିଙ୍କ ସ୍ତ୍ରୀ ରିତୁ ଏବଂ ପୁଅ ଧ୍ରୁବଙ୍କୁ ଗୁଳିମାଡ଼ କରିଥିଲେ। ଘଟଣାଦିନ ରାତିରେ ବିଚାରପତିଙ୍କ ସ୍ତ୍ରୀ'ଙ୍କର ମୃତ୍ୟୁ ଘଟିଥିଲା।

### ଅଭିନେତା ଏଜାଜ୍ ଗିରଫ, ଡ୍ରଗ୍ସ ଜବତ



ମୁମ୍ବାଇ,୨୩।୧୦(ପି.ଟି.):ବିବାଦୀୟ ମନ୍ତବ୍ୟ ଏବଂ କାର୍ଯ୍ୟକଳାପକୁ ନେଇ ବଲିଉଡ ଏବଂ ଟେଲି ଅଭିନେତା ଏଜାଜ୍ ଖାନ୍ (୩୫) ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସୋମବାର ତାଙ୍କୁ ମୁମ୍ବାଇର ଆଣ୍ଟି ନାର୍କୋଟିକ ଟିମ୍ ଡ୍ରଗ୍ସ ସହିତ ବେଲାପୁରରେ ଥିବା ଏକ ହୋଟେଲ ରୁମ ଭିତରୁ ସେ ଗିରଫ କରିଛି। ତାଙ୍କ ପାଖରୁ ଜବତ ହୋଇଥିବା ଡ୍ରଗ୍ସ(ଏକ୍ସଟେସି)ଆନ୍ତର୍ଜାତୀୟ ବଜାରରେ ନିଷିଦ୍ଧ ରହିଛି ବୋଲି ପୋଲିସ କହିଛି। ଏହା ପୂର୍ବରୁ ୨୦୧୬ରେ ଜଣେ ମହିଳା ହେୟାର ଷ୍ଟାଇଲିଷ୍ଟଙ୍କୁ ଅଶ୍ଳୀଳ ଫଟୋ ପଠାଇଥିବା ମାମଲାରେ ଗିରଫ ହୋଇଥିଲେ।

### ଇତିହାସର ଆଇନାରେ

### ଅକ୍ଟୋବର ୨୪ର ପ୍ରମୁଖ ଘଟଣା

୧୯୪୫ ଅକ୍ଟୋବର ୨୪ରେ ମିଳିତ ଜାତିସଂଘର ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ୫୧ଟି ରାଷ୍ଟ୍ର ଏହାର ସଦସ୍ୟ ଥିବା ବେଳେ ଏବେ ବୃଦ୍ଧି ପାଇ ୧୯୩ରେ ପହଞ୍ଚିଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତିଷ୍ଠା, ମାନବାଧିକାର ସୁରକ୍ଷା, ସାମାଜିକ ଓ ଆର୍ଥିକ ବିକାଶ, ପରିବେଶ ସୁରକ୍ଷା, ଯୁଦ୍ଧ, ମରୁଡି ଏବଂ ପ୍ରାକୃତିକ ଦୁର୍ବିପାକ ସମୟରେ ସାହାଯ୍ୟ ଯୋଗାଇଦେବା।

୧୯୭୫ ଅକ୍ଟୋବର ୨୪ରେ ଆଇସ୍‌ଲାଣ୍ଡର ୯୦ ପ୍ରତିଶତ ମହିଳା ଦିନକ ପାଇଁ ଜାତୀୟ ଧର୍ମଘଟରେ ସାମିଲ ହୋଇଥିଲେ। କର୍ମକ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ପ୍ରାପ୍ୟରେ ଅସମାନତା ପାଇଁ ଏହି ଧର୍ମଘଟ ହୋଇଥିଲା। ପୁରୁଷଙ୍କ ଅପେକ୍ଷା ମହିଳାମାନେ ୬୦ ପ୍ରତିଶତ କମ୍ ଅର୍ଥ ପାଉଥିଲେ।

---

### ନିର୍ବାଚନ କମିଶନରଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ବ୍ୟବସ୍ଥା

# ବିଚାର କରିବେ ସାମ୍ବିଧାନିକ ପୀଠ

ନୂଆଦିଲ୍ଲୀ,୨୩।୧୦(ପି.ଟି.)




ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ଭଳି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଅନ୍ୟ ନିର୍ବାଚନ କମିଶନର (ଇସି)ଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ବ୍ୟବସ୍ଥା କରାଯାଇପାରେ। କାରଣ ଏ ସମ୍ପର୍କିତ ଏକ ପିଟିଶନର ଶୁଣାଣି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି।

ଦେଶରେ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନଙ୍କ ସଂସ୍ଥାଗତ ଅଖଣ୍ଡତା ଓ ବିଶ୍ୱସନୀୟତା ଜରୁରୀ। ଏହାକୁ ସୁନିଶ୍ଚିତ କରାଇବା ପାଇଁ ବିଚାପତି ନିଯୁକ୍ତି ଢାଞ୍ଚାରେ ଏକ କଲେଜିୟମ୍ ବ୍ୟବସ୍ଥା ପ୍ରତିଷ୍ଠା ଲାଗି ୨୦୧୫ରେ ଅନୁପ ବରନ୍ୱାଲ ନାମକ ଜଣେ ବ୍ୟକ୍ତି ସର୍ବୋଚ୍ଚ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ୫ ଜଣିଆ ସାମ୍ବିଧାନିକ ପୀଠ ଏହି ପ୍ରସଙ୍ଗରେ ବିଚାର କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ ଓ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଏକ ସାମ୍ବିଧାନିକ ପୀଠ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠର ସଦସ୍ୟ ଜଷ୍ଟିସ୍ ଏସ୍.କେ. କୌଲ୍ କହିଛନ୍ତି, ସମ୍ବିଧାନର ଧାରା ୩୨୪ (ନିର୍ବାଚନର ଅଧୀକ୍ଷଣ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ ନିର୍ବାଚନ କମିଶନଙ୍କ ହାତରେ ରହିବା ପାଇଁ ନିୟମ)କୁ ନେଇ ଗଭୀର ଅନୁଧ୍ୟାନ ଓ ସମୀକ୍ଷା ଆବଶ୍ୟକ। ଏହାଦ୍ୱାରା ନିର୍ବାଚନ କମିଶନ ସଦସ୍ୟଙ୍କ ନିଯୁକ୍ତିରେ ସ୍ୱଚ୍ଛତା ଆସିପାରିବ। ତେଣୁ ଏକ ବୃହତ୍ ପୀଠ ଦ୍ୱାରା ଏହି ପ୍ରସଙ୍ଗର ଶୁଣାଣି କରାଯିବା ଜରୁରୀ ବୋଲି ସ୍ପଷ୍ଟ କରିଛନ୍ତି। ଶୁଣାଣି ବେଳେ ପ୍ରଶାନ୍ତ ଭୂଷଣ କହିଥିଲେ, ରାଜନେତାମାନେ ବିରୋଧୀ ଦଳରେ ଥିବାବେଳେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଓ ସ୍ୱାଧୀନତାକୁ ନେଇ ଭାଷଣ ଦେଇଥାନ୍ତି। କିନ୍ତୁ ସେମାନେ କ୍ଷମତାକୁ ଆସିଲେ ଏହାକୁ ସମର୍ଥନ କରନ୍ତି ନାହିଁ। ଗଣତନ୍ତ୍ର ଓ ସଂସ୍ଥାଗତ ନିରପେକ୍ଷତାର ସୁରକ୍ଷା ପାଇଁ ସିଇସି ଏବଂ ଇସିଙ୍କ ନିଯୁକ୍ତି ସକାଶେ କଲେଜିୟମ୍ ବ୍ୟବସ୍ଥା କରାଯାଉ। କାରଣ ନିର୍ବାଚନ କମିଶନ ମଧ୍ୟ ପୂର୍ବରୁ ଏହାର ଆବଶ୍ୟକତା ଅନୁଭବ କରିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ, କୌଣସି ସିଇସିଙ୍କ ବିରୋଧରେ କ୍ଷମତା ଅପବ୍ୟବହାରର ଅଭିଯୋଗ ଆସିନାହିଁ। ଟି.ଏନ୍. ଶେଷାନ୍, ଜେ.ଏମ୍. ଲିଙ୍ଗଡୋ, ଏନ୍. ଗୋପାଳ ସ୍ୱାମୀ ଏବଂ ଏସ୍. ଏଲ୍. ଶକଧାରଙ୍କ ଭଳି ସିଇସିଙ୍କ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଥିଲା। ସେମାନେ ମଧ୍ୟ କାର୍ଯ୍ୟରତ ଥିବାବେଳେ ନିରପେକ୍ଷତା ବଜାୟ ରଖିଥିଲେ। ତେଣୁ ଆଇନ ଓ ନିୟମର ପୁନଃ ସମୀକ୍ଷା ଅନାବଶ୍ୟକ ବୋଲି ବେଣୁଗୋପାଳ ଏହାକୁ ବିରୋଧ କରିଥିଲେ।

## ଯୋଗୀଙ୍କ ପାଦ ଛୁଇଁଲେ ରମଣ ସିଂ



ରାୟପୁର,୨୩।୧୦

ଛତିଶଗଡ ମୁଖ୍ୟମନ୍ତ୍ରୀ ରମଣ ସିଂ ସୋମବାର ତାଙ୍କ ନିର୍ବାଚନମଣ୍ଡଳୀ ରାଜନନ୍ଦଗାଁଓରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ। ସେତେବେଳେ ଏଭଳି କିଛି ଘଟଣା ଘଟିଥିଲା ଯାହା ଉପସ୍ଥିତ ଲୋକ ଏବଂ ଦଳୀୟ କର୍ମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତାହା ହେଲା ୬୬ ବର୍ଷୀୟ ରମଣ ସିଂହ ନିଜଠାରୁ ୨୦ ବର୍ଷ ସାନ ଯୋଗୀଙ୍କ ପାଦ ଛୁଇଁ ଆର୍ଶୀବାଦ ନେଇଥିଲେ। ସମସ୍ତ ଘଟଣା କ୍ୟାମେରାରେ କଏଦ୍ ହେବା ପରେ ଏହାର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହୋଇଛି। ଆଗକୁ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଶନିବାର ଭାଜପା ୯୦ଟି ଆସନରୁ ୭୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।

# ଅସ୍ଥାନାଙ୍କୁ ସାମୟିକ ଆଶ୍ୱସ୍ତି

**ମାମଲା ଚାଲିବ, ୨୯ ଯାଏ ଗିରଫ ହେବେନି**

ନୂଆଦିଲ୍ଲୀ,୨୩।୧୦(ପି.ଟି.)



କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ମଙ୍ଗଳବାର ସାମୟିକ ଆଶ୍ୱସ୍ତି ମିଳିଛି। ତାଙ୍କ ଗିରଫଦାରି ଉପରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ହାଇକୋର୍ଟ ରୋକ ଲଗାଇଛନ୍ତି। କିନ୍ତୁ ଅସ୍ଥାନାଙ୍କ ବିରୋଧରେ ସିବିଆଇ ପକ୍ଷରୁ ଦାଏର ହୋଇଥିବା ଲାଞ୍ଚ ମାମଲା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ମନିଲଣ୍ଡରିଂ ମାମଲାକୁ ରଫାଦଫା କରିବା ପାଇଁ ରାକେଶ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ହୋଇଥିଲା। ଏହାକୁ ଦିଲ୍ଲୀ ହାଇକୋର୍ଟରେ ରାକେଶ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ମଙ୍ଗଳବାର ଏହାର ଶୁଣାଣି କରି ମାମଲାର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ଦ୍ୱାରା ଗିରଫ ହୋଇଥିବା ରାକେଶଙ୍କ ଟିମ୍‌ର ଡିଏସ୍‌ପି ଦେବେନ୍ଦର କୁମାର ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ୍ ତାଙ୍କ ପିଟିଶନର ଜରୁରୀ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଉଭୟ ରାକେଶ ଓ ଦେବେନ୍ଦରଙ୍କ ଆବେଦନର ବିଚାର ଆସନ୍ତା ୨୯ରେ ଜଷ୍ଟିସ୍ ନାଜ୍‌ମି ୱଜିରି କରିବେ ବୋଲି ଧାର୍ଯ୍ୟ ହୋଇଛି। ରାକେଶଙ୍କୁ ୨୯ ଯାଏ ଗିରଫ କରାଯିବ ନାହିଁ। କିନ୍ତୁ ତାଙ୍କ ବିରୋଧରେ ମାମଲା ଉପରେ ସ୍ଥଗିତାଦେଶ ଜାରି କରିବାକୁ ମଧ୍ୟ ଅଦାଲତ ମନା କରିଦେଇଛନ୍ତି।

# ଦଳ ଗଢ଼ିଲେ ଶିବପାଳ

ଲକ୍ଷ୍ନୌ, ୨୩।୧୦(ପି.ଟି.)

**ଅଖିଳେଶଙ୍କୁ ଚ୍ୟାଲେଞ୍ଜ**



ସମାଜବାଦୀ ପାର୍ଟି (ଏସ୍‌ପି) ଛାଡିବା ପରେ ନୂଆ ଦଳ ଗଠନ କରିଛନ୍ତି ଶିବପାଳ ଯାଦବ। ସେ ତାଙ୍କ ଦଳ 'ସମାଜବାଦୀ ସିକ୍ୟୁଲାର ମୋର୍ଚ୍ଚା'କୁ ପରିବର୍ତ୍ତନ କରି ନୂଆ ନାମ ଦେଇଛନ୍ତି 'ପ୍ରଗତିଶୀଳ ସମାଜବାଦୀ ପାର୍ଟି ଲୋହିଆ'। ମଙ୍ଗଳବାର ସେ ଏହାର ନାମ ଘୋଷଣା କରିବା ସହ ନିର୍ବାଚନ କମିଶନ୍‌ଙ୍କ ନିକଟରେ ପଞ୍ଜୀକୃତ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଏସ୍‌ପିରେ ସବୁବେଳେ ଏକତା ଚାହୁଁଥିଲେ। କିନ୍ତୁ ତାଙ୍କୁ କିମ୍ବା ବଡ଼ ଭାଇ ମୁଲାୟମଙ୍କୁ ପୁତୁରା ଅଖିଳେଶ ଯାଦବ ଉପଯୁକ୍ତ ସମ୍ମାନ ଦେଇ ନ ଥିଲେ। ସେଥିପାଇଁ ଦଳ ଛାଡି ଦେଇଥିଲେ। ତାଙ୍କ ଦଳରେ ସମସ୍ତ କର୍ମୀଙ୍କୁ ସ୍ୱାଧୀନ ଭାବରେ ମତ ଦେବାର ଅଧିକାର ଦେଇଛନ୍ତି ବୋଲି ସେ କହିଛନ୍ତି। ଶିବପାଳଙ୍କ ଏହି ପଦକ୍ଷେପ ରାଜ୍ୟ ତଥା ଜାତୀୟ ରାଜନୀତିକୁ ସରଗରମ କରିଛି। ନୂଆଦଳ ଗଠନ ଏସ୍‌ପି ଅଧ୍ୟକ୍ଷ ଅଖିଳେଶଙ୍କ ପାଇଁ ଆଗକୁ ଏକ ବଡ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

---

## ଫୁର୍‌ସତ

### ଆମେରିକାରେ ତେଲୁଗୁଭାଷୀଙ୍କ ସଂଖ୍ୟା ବୃଦ୍ଧି




**ୱାଶିଂଟନ୍:** ଆମେରିକାରେ ତେଲୁଗୁ ଭାଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ଆମେରିକୀୟ ଚିନ୍ତାଶୀଳ ଗୋଷ୍ଠୀଙ୍କ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ୨୦୧୦ରୁ ୨୦୧୭ ମଧ୍ୟରେ ତେଲୁଗୁ ଭାଷା କହୁଥିବା ଲୋକଙ୍କ ସଂଖ୍ୟା ଦୁଇଗୁଣ ହୋଇଛି। ବିଶ୍ୱ ଆର୍ଥନୀତିକ ଫୋରମ୍ ଦ୍ୱାରା କରାଯାଇଥିବା ଅନ୍‌ଲାଇନ୍ ଭିଡିଓରୁ ଏହି ସୂଚନା ମିଳିଛି। ଭାରତରେ ତେଲୁଗୁ ଚତୁର୍ଥ ସର୍ବାଧିକ କଥିତ ଭାଷା ହୋଇଥିବା ବେଳେ ଆମେରିକାରେ ସର୍ବାଧିକ କଥିତ ଭାଷା ତାଲିକାର ଶୀର୍ଷତମ ୨୦ଟି ସ୍ଥାନ ମଧ୍ୟରେ ରହିଛି। ଆମେରିକା ଭିତ୍ତିକ ସେଣ୍ଟର ଫର ଇମିଗ୍ରେଶନ୍ ଦ୍ୱାରା କରାଯାଇଥିବା ଅନ୍‌ଲାଇନ୍ ଅଧ୍ୟୟନରୁ ଏହି ସୂଚନା ମିଳିଛି। ଆମେରିକାରେ ସର୍ବାଧିକ କଥିତ ୧୦ଟି ଭାଷା ମଧ୍ୟରୁ ଦକ୍ଷିଣ ଏସିଆର ୭ଟି ଅନ୍ତର୍ଭୁକ୍ତ ଅଛି।

# କୃଷ୍ଣସାଗର ତଳେ ୨୪୦୦ ବର୍ଷର ଜାହାଜ



**ଲଣ୍ଡନ:** ପ୍ରତ୍ନତତ୍ତ୍ୱବିତ୍‌ମାନେ କୃଷ୍ଣସାଗର ତଳେ ୨୪୦୦ବର୍ଷ ତଳର ଏକ ଅକ୍ଷୁଣ୍ଣ ଜାହାଜର ସନ୍ଧାନ ପାଇଛନ୍ତି। ଏହା ବିଶ୍ୱର ସବୁଠୁ ପୁରାତନ ଜାହାଜ ବୋଲି ସେମାନେ ବିଶ୍ୱାସ କରୁଛନ୍ତି। ୨୩ ମିଟର ଦୀର୍ଘ ବିଶିଷ୍ଟ ଏହି ଭେସେଲ୍ ପ୍ରାଚୀନ ଗ୍ରୀକ୍‌ବାସୀ ବ୍ୟବହାର କରୁଥିଲେ। ଏହାର ମାସ୍ତୁଲ ଏବଂ ରୋଇଂ ବେଞ୍ଚ୍ ଆଦି ଅକ୍ଷତ ଅବସ୍ଥାରେ ଏବଂ ଯଥାସ୍ଥାନରେ ରହିଛି। ସମୁଦ୍ର ପୃଷ୍ଠଭୂମିଠାରୁ ଏହା ପାଖାପାଖି ୧ମାଇଲ୍ ଗଭୀରତାରେ ବୁଡି ରହିଥିବା ଗାର୍ଡିଆନ୍ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଜାହାଜଟି ସମ୍ପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ଥିବାରୁ ବ୍ଲାକ୍ ସି ମେରିଟାଇମ୍ ଆର୍କିଓଲୋଜି ପ୍ରୋଜେକ୍ଟ (ଏମ୍‌ଏପି)ର ପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେଟର ପ୍ରଫେସର ଜନ୍ ଆଡାମ୍‌ସ ବିସ୍ମୟ ପ୍ରକାଶ କରିଛନ୍ତି। ପ୍ରାଚୀନ କାଳରେ ଜାହାଜ ନିର୍ମାଣ ଏବଂ ଜାହାଜରେ ସମୁଦ୍ରଯାତ୍ରା କିପରି ହେଉଥିଲା ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିପାରିବ ବୋଲି ସେ ପ୍ରକାଶ କରିଛନ୍ତି।

ଗବେଷକ ଟିମ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଜାହାଜରୁ ଏକ ଛୋଟଖଣ୍ଡ ସଂଗ୍ରହ କରାଯାଇଥିଲା। ସାଉଥ୍‌ଆମ୍ପଟନ୍ ୟୁନିଭର୍ସିଟିର ଗବେଷକମାନେ ଏହାର କାର୍ବନ ଡେଟିଂ କରି ଦର୍ଶାଇଛନ୍ତି ଯେ, ଏହା ହେଉଛି ସର୍ବପୁରାତନ ଜାହାଜ। କୌଣସି ଝଡତୋଫାନ ପ୍ରଭାବରେ ସମୁଦ୍ରରେ ଏହା ବୁଡିଯାଇଥିବା ଅନୁମାନ କରାଯାଉଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଅଳ୍ପ କେତେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୮ | ୨୧.୨ |
| ଚାନ୍ଦବାଲି | ୩୩.୫ | ୨୪.୦ |
| କଟକ | ୩୪.୦ | ୨୨.୦ |
| ପାରାଦ୍ୱୀପ | ୩୩.୪ | ୨୩.୯ |
| ଭୁବନେଶ୍ୱର | ୩୪.୩ | ୨୨.୨ |
| ଗୋପାଳପୁର | ୩୩.୯ | ୨୩.୭ |
| ପୁରୀ | ୩୩.୫ | ୨୫.୨ |
| ଅନୁଗୋଳ | ୩୩.୭ | ୨୦.୦ |
| ବାରିପଦା | ୩୨.୦ | ୨୦.୪ |
| ଝାରସୁଗୁଡ଼ା | ୩୪.୮ | ୨୧.୦ |
| କେନ୍ଦୁଝର | ୩୦.୮ | ୧୯.୬ |
| ସମ୍ବଲପୁର | ୩୪.୬ | ୨୨.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୪ | ୨୩.୧ |
| ତାଳଚେର | ୩୫.୪ | ୨୧.୫ |
| ଭବାନୀପାଟଣା | ୩୪.୦ | ୧୮.୦ |
| ବଲାଙ୍ଗୀର | ୩୩.୫ | ୨୧.୭ |
| କୋରାପୁଟ | ୩୧.୬ | ୧୭.୦ |
| ଫୁଲବାଣୀ | ୩୨.୪ | ୧୫.୨ |
| ଟିଟିଲାଗଡ଼ | ୩୪.୫ | ୨୦.୦ |
| ମାଲକାନଗିରି | ୩୫.୨ | --- |
| ସୋନପୁର | ୩୫.୪ | ୨୧.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ବାହୁବଳୀ'କୁ 'ଷ୍ଟାର୍ ୱାର୍ସ' ସହ ତୁଳନା କଲେ ରାଣା

**ମୁମ୍ବାଇ:** ସୁପରହିଟ୍ ଇଣ୍ଡିଆନ୍ ଫିଲ୍ମ ବାହୁବଳୀରେ ଅଭିନୟ କରିଥିବାରୁ ଗର୍ବ ଅନୁଭବ କରିଥିବା ପ୍ରକାଶ କରିଛନ୍ତି ଅଭିନେତା ରାଣା ଦଗୁବତି। ବର୍ତ୍ତମାନ ଏହି ଫିଲ୍ମ କମିକ୍ ବୁକ୍ ଆକାରରେ ପ୍ରକାଶ ପାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ରାଣା ନିଜର ବୃତ୍ତିଗତ କାର୍ଯ୍ୟରେ ସିଙ୍ଗାପୁର ଯାଇଥିବାବେଳେ ସେଠାରେ ଏକ ବୁକ୍‌ଷ୍ଟୋର୍‌ରେ ଦେଖିବାକୁ ପାଇଲେ, ବାହୁବଳୀ ସିରିଜ୍ ଉପରେ ଅନେକ କମିକ୍ ବୁକ୍ ପ୍ରସ୍ତୁତ କରାଯାଇଛି। ଏଗୁଡିକ ଜାପାନୀ ଭାଷାରେ ପ୍ରକାଶ ପାଇଥିବା ବେଳେ ଏସୀୟ ବଜାରରେ ଏହାର ଚାହିଦା ବୃଦ୍ଧିପାଇବାରେ ଲାଗିଛି। 'ଷ୍ଟାର୍ ୱାର୍ସ' ଏବଂ 'ଜୁରାସିକ୍ ପାର୍କ' ଭିତ୍ତିରେ ଅନେକ କମିକ୍ ବୁକ୍ ପ୍ରସ୍ତୁତ କରାଯାଇଲା। 'ବାହୁବଳୀ' ମଧ୍ୟ ଏଗୁଡିକ ସହ ତୁଳନୀୟ ବୋଲି ସେ ପ୍ରକାଶ କରିଛନ୍ତି। ଏହା ହେଉଛି ପ୍ରଥମ ଭାରତୀୟ ଫିଲ୍ମ ଯାହା ଭାରତର ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଛି। ଏଥିପାଇଁ ରାଣା ନିଜକୁ ଭାଗ୍ୟବାନ ମନେକରିଥିବା ପ୍ରକାଶ କରିଛନ୍ତି। ଆମେରିକାରେ ଷ୍ଟାର୍ ୱାର୍ସର ଲୋକପ୍ରିୟତା ଭଳି ବାହୁବଳୀ ଭାରତୀୟ ଦର୍ଶକଙ୍କ ଉପରେ ବ୍ୟାପକ ପ୍ରଭାବ ପକାଇପାରିଛି। ବାହୁବଳୀର ପ୍ରଥମ ଏବଂ ଦ୍ୱିତୀୟ ଭାଗର ପୁରୁଷ ଭୂମିକାରେ ମୁଖ୍ୟ ଚରିତ୍ର ହେଉଛନ୍ତି ପ୍ରଭାସ ଏବଂ ରାଣା। ଉକ୍ତ ଫିଲ୍ମର କାହାଣୀ ଦୁଇ ରାଜପୁତ୍ରଙ୍କ ମଧ୍ୟରେ ଶାସିତ ରାଜ୍ୟର ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ପର୍ଯ୍ୟବସିତ। ଏଥିରେ ରହିଛି, ନୃତ୍ୟ, ସଂଗୀତ, ଭାବପ୍ରବଣତା ଏବଂ ନାଟକୀୟତା।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

**ସଂକ୍ଷେପରେ**

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ତିର୍ତ୍ତୋଲ,୨୩।୧୦(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ମୂଳିସିଂ ପଞ୍ଚାୟତ ସହରହାଟଠାରେ ମୂଳିସିଂ ମଣ୍ଡଳସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବୈଠକରେ ଅବସରପ୍ରାପ୍ତ କର୍ମଚାରୀଙ୍କ ୫ଟି ମୁଖ୍ୟ ଦାବି ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ଭତ୍ତା, ଖାଉଟି ସାମଗ୍ରୀ ପ୍ରଦାନ, ପୂଜା ଭତ୍ତା, ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ଶଯ୍ୟା ବ୍ୟବସ୍ଥା ଓ ପରିଚୟ ପତ୍ର ପ୍ରଦାନ ସମ୍ପର୍କରେ କୁହାଯାଇଥିଲା। ବ୍ଲକ ସଂଯୋଜକ ରାଜକିଶୋର ଦାଶ ଏହି ୫ ଦାବି ସମ୍ବନ୍ଧରେ ସରକାରଙ୍କୁ ଅବଗତ କରିବାକୁ ପ୍ରସ୍ତାବ ଦେବା ସହ ରାଜ୍ୟ ସଂଘକୁ ପଠାଯିବ ବୋଲି ସୂଚନା ଦେଇଥିଲେ। ଶରତ ଚନ୍ଦ୍ର ମଲ୍ଲ, ନିର୍ମଳ ଚନ୍ଦ୍ର ମହାନ୍ତି, କ୍ଷୀରୋଦ କୁମାର ଦାସ, ନିମାଇଁ ଚରଣ ଲେଙ୍କା, ଭଗବାନ ଦାସ, ବସନ୍ତ କୁମାର ସିଂ, ବଂଶୀଧର ଦାସ, ମହେଶ୍ୱର ଦାସ, ବ୍ରଜରାଜ ମିଶ୍ର, ମୁରଲୀଧର ନାୟକ, ଶତ୍ରୁଘ୍ନ ନାୟକ, ଚିତ୍ତରଞ୍ଜନ କୁଅଁର, ଦୀନବନ୍ଧୁ ବେହେରା, ଶାରଦା ଚରଣ ମଲ୍ଲିକ, ବାମନ ଚରଣ ଦାସଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ। ପ୍ରଭାତ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମଣ୍ଡଳ ଅଧୀନ ୯ ପଞ୍ଚାୟତର ଅବସରପ୍ରାପ୍ତ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ

**ବାଲିକୁଦା,୨୩।୧୦(ସ୍ୱ.ପ୍ର.):** ବାଲିକୁଦା ଉଚ୍ଚ ବିଦ୍ୟାଳୟର ୧୯୮୨ ବ୍ୟାଚ୍ ଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ନାଗପୁରସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ର ବନ୍ଧୁ ତଥା ବାଲିକୁଦା ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଅଧାପକ ଏସ.କେ. ଅବଦୁଲାଙ୍କ ଅଧକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ କରମଙ୍ଗସ୍ଥିତ ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ମୁଦୁଲି ଯୋଗଦେଇ ବ୍ୟାଚ୍‌ର ଯେଉଁ ବନ୍ଧୁମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ନିଶାମୁକ୍ତ ପରିବେଶ ଗଠନ ପାଇଁ କୁହାଯାଇଥିଲା। ସମାଜସେବା କ୍ଷେତ୍ରରେ ଭଲ କାମ କରି ଏହି ବ୍ୟାଚ୍‌କୁ ଏକ ନମ୍ବର ବ୍ୟାଚ୍ ଭାବେ ପରିଗଣିତ କରିବାକୁ ଉଦ୍ୟମ କରାଯିବ ବୋଲି ସାରଦା ପ୍ରସନ୍ନ ଲେଙ୍କା, ରାଜକିଶୋର ଲେଙ୍କା, ପ୍ରଶାନ୍ତ ସ୍ୱାଇଁ, ଶରତ ବାରିକ, ସୁବୋଧ ମୁଦୁଲି, ରବୀନ୍ଦ୍ର ବିଶ୍ୱାଳ, ନିମାଇଁ ମୁଦୁଲି, ଅଭିଳାଷ ସ୍ୱାଇଁ, ଅଶାନ୍ତ ସ୍ୱାଇଁ, ଅଭୟ ବାରିକ, ନଗେନ୍ଦ୍ର ମୁଦୁଲି, ବିଶ୍ୱଜିତ୍ ଦାସ, ବିଜୟ ସାହୁ, ପ୍ରମୋଦ ବିଶ୍ୱାଳ, ଶିବ ଚରଣ ଜେନା, ନିରଞ୍ଜନ ନନ୍ଦି ପ୍ରମୁଖ କହିଥିଲେ। ଦିବଂଗତ ଛାତ୍ର ପ୍ରତାପ ଚନ୍ଦ୍ର ମହାନ୍ତି, ଦୁର୍ଯ୍ୟୋଧନ ରାଉତ, ଆଦିତ୍ୟ ନାରାୟଣ ରଥ, ପଞ୍ଚାନନ ଦାସ, ନିତ୍ୟାନନ୍ଦ କାଣ୍ଡି, ବିଚିତ୍ରାନନ୍ଦ ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି କର୍କଟରେ ପୀଡିତ ଗୁରୁପ୍ରସାଦ ମହାନ୍ତିଙ୍କ ଆରୋଗ୍ୟ କାମନା କରାଯାଇ ମା' ଜାଗୁଳାଇଙ୍କ ନିକଟରେ ପ୍ରାର୍ଥନା କରାଯାଥିଲା। ଆଗାମୀ ବନ୍ଧୁ ମିଳନ ଉତ୍ସବ ଡିସେମ୍ବର ୨୫ରେ କରିବାକୁ ସ୍ଥିର ହୋଇଥିଲା। କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

■ ବନାପାଟରେ ଜ୍ୱାଇଁଙ୍କ ବର୍ବରକାଣ୍ଡ ଘଟଣା

# ରୁବିନାଙ୍କ ସମ୍ମତିରେ ହୋଇଥିଲା ବିବାହ

**କୁଜଙ୍ଗ,୨୩।୧୦(ସ୍ୱ.ପ୍ର.)**

କୁଜଙ୍ଗ ଥାନା ବାଲିତୁଠ ପଞ୍ଚାୟତର ବନାପାଟ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜ୍ୱାଇଁଙ୍କ ବର୍ବରକାଣ୍ଡ ଯୋଗୁ ନିଆଁରେ ପୋଡ଼ିହୋଇ ୪ ଜୀବନ ଚାଲିଯିବା ଘଟଣା ଏବେ ଭିନ୍ନମୋଡ଼ ନେଇଛି। ମଙ୍ଗଳବାର ନବଘନଙ୍କ ଏକମାତ୍ର ପୁଅ ସନ୍ତୋଷ ସାହୁ ଗ୍ରାମରେ ପହଞ୍ଚିଥିବାବେଳେ ମା, ବାପା, ଭଉଣୀ ଓ ଭିଣୋଇଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଭଉଣୀ ରୁବିନାଙ୍କ ବିବାହ ବାଧ୍ୟବାଧକତାରେ ନୁହେଁ, ବରଂ ସମ୍ମତିରେ ହୋଇଥିଲା। ତାଙ୍କ ସହ ବେଙ୍ଗାଲୁରୁରେ ଏକ କାରଖାନାରେ ହରେକୃଷ୍ଣ କାମ କରୁଥିଲେ। ରୁବିନା ହରେକୃଷ୍ଣଙ୍କୁ ବିବାହ କରିବା ପରେ ଉଭୟ ବେଙ୍ଗାଲୁରୁରେ ରହୁଥିଲେ। ମା, ବାପା ଓ ଭଉଣୀଙ୍କ ସହ ଭିଣୋଇଙ୍କର ଭଲ ସମ୍ପର୍କ ଥିଲା। କିନ୍ତୁ ତାଙ୍କ ଭଉଣୀ ଓ ଭିଣୋଇ ତାଙ୍କୁ ନ ଜଣାଇ ବେଙ୍ଗାଲୁରୁରୁ ପଳାଇଆସିଥିଲେ। ସେମାନେ ହଠାତ୍ ବେଙ୍ଗାଲୁରୁରୁ କାହିଁକି ଚାଲିଆସିଲେ ସେ ଜାଣିନାହାନ୍ତି। ପରିବାର ପକ୍ଷରୁ ତାଙ୍କୁ ଏସବୁ ବିଷୟରେ କିଛି ଜଣାଯାଉ ନ ଥିଲା। ଅନ୍ୟପକ୍ଷରେ ରୁବିନା ଓ ହରେକୃଷ୍ଣଙ୍କ ମଧ୍ୟରେ ଜାତି ଓ ବୟସ ତାରତମ୍ୟକୁ ନେଇ ବିବାଦ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ହରେକୃଷ୍ଣ ସର୍ବଦା ରୁବିନାଙ୍କୁ ସାଙ୍ଗରେ ନେବାକୁ ଚାହୁଁଥିବାବେଳେ ଏଥିରେ ସଫଳ ନ ହେବାରୁ ଏଭଳି କାଣ୍ଡ ଘଟାଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିପାରିଛି। ମାମଲାର ଅଧିକ ତଦନ୍ତ କରାଯାଉଥିବା କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି। ମଙ୍ଗଳବାର ସନ୍ତୋଷ ଘରେ ପହଞ୍ଚିବା ପରେ ବହୁ ରାଜନେତା ଓ ଜନପ୍ରତିନିଧି ତାଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତହସିଲଦାର ଅଞ୍ଜଳି ତରାଇ ରେଡକ୍ରସ ପକ୍ଷରୁ ତାଙ୍କୁ ୧୦,୦୦୦ ଟଙ୍କା ସହାୟତା ଦେଇଛନ୍ତି। କଂଗ୍ରେସ ନେତା ସାରଦା ପ୍ରସାଦ ଜେନା, ବାଲିତୁଠର ପୂର୍ବତନ ସରପଞ୍ଚ ଅଖିଳ ବଲ୍ଲଭ ସ୍ୱାଇଁ, ଗୋପୀନାଥ ସାମନ୍ତରାୟ, ବିକ୍ରମ ମହାପାତ୍ର ସନ୍ଧ୍ୟାରେ ସନ୍ତୋଷଙ୍କୁ ଭେଟି ସମବେଦନା ଜଣାଇଥିଲେ। ସେହିପରି କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଉମେଶ ସ୍ୱାଇଁ, ଭାଜପା ନେତା ରଶ୍ମି ରଞ୍ଜନ ଖୁଣ୍ଟିଆ, ନେତାଜୀ କ୍ଲବ୍ ସଭାପତି ବିକାଶ ରଞ୍ଜନ ଦାସ, ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଚ୍ଛାୟତ, ଜିଲାପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ ପ୍ରମୁଖ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।



ନବଘନଙ୍କ ପୁଅ ସନ୍ତୋଷ

■ଘରେ ପହଞ୍ଚିଲେ ନବଘନଙ୍କ ପୁଅ

■ଚାରିଆଡୁ ସମବେଦନାର ସୁଅ

■ ପାରାଦୀପ ମାଛଧରା ବନ୍ଦର

# ନଭେମ୍ବର ୩ରେ ଆସିବ ୟୁଏସଏ ଟିମ୍

**ପାରାଦୀପ,୨୩।୧୦(ସ୍ୱ.ପ୍ର.)**

ଆସନ୍ତା ନଭେମ୍ବର ୩ରେ ମତ୍ସ୍ୟ ଶିଳ୍ପ ସହ ଜଡିତ ଏକ ବିଦେଶୀ ଟିମ୍ ପୁଣି ଥରେ ଓଡ଼ିଶା ଆସିବେ ବୋଲି ଜଣାଯାଇଛି। ୟୁଏସ୍‌ଏର ଏକ ପ୍ରତିନିଧି ଦଳ ସାମୁଦ୍ରିକ ପ୍ରଦୂଷଣ, ମାଛଧରା ଜାଲ, ଅଲିଭ୍ ରିଡ୍‌ଲେ କଇଁଛ ମୃତ୍ୟୁର କାରଣ ଆଦି ସମ୍ପର୍କରେ ସ୍ୱତନ୍ତ୍ର ଅନୁଧ୍ୟାନ କରିବେ। ଏହି ସୂଚନା ଗତ ସୋମବାର ଓଡ଼ିଶା ସରକାର ଜାଣିବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। କାରଣ ଗତବର୍ଷ ନଭେମ୍ବର ୨୧ରେ ୟୁରୋପର ଏକ ଟିମ୍ ଓଡ଼ିଶା ଗସ୍ତରେ ଆସିଥିଲେ। ବିଦେଶକୁ ରପ୍ତାନୀ ହେଉଥିବା ମାଛ ସମ୍ପର୍କରେ ସେମାନେ ପାରାଦୀପ ମାଛଧରା ବନ୍ଦରରେ ଯାଞ୍ଚ କରିଥିଲେ। ସେତେବେଳେ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱଚ୍ଛତା ପାଇଁ ପ୍ରୟାସ କରାଯାଇଥିଲା। ଏହି କ୍ରମରେ ମାଛଧରା ବନ୍ଦରର ନବକଳେବର ହୋଇଥିଲା। କିନ୍ତୁ ଟିମ୍ ଯିବା ପରେ ପୂର୍ବବତ୍ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ପୁଣି ଏକ ବିଦେଶୀ ଟିମ୍ ସ୍ୱଳ୍ପ ସମୟ ମଧ୍ୟରେ ପରିଦର୍ଶନରେ ଆସୁଥିବାରୁ ମତ୍ସ୍ୟ ବିଭାଗର ନିଦ ହଜିଯାଇଛି। ଏନେଇ ସଚିବାଳୟରେ ମତ୍ସ୍ୟ ବିଭାଗର ଏକ ଜରୁରୀ ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଉକ୍ତ ୟୁଏସ୍‌ଏ ଟିମ୍ ପାରାଦୀପ ମାଛଧରା ବନ୍ଦରକୁ ଗସ୍ତ କରିବାର ସମ୍ଭାବନା ଅଛି ବୋଲି ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ମାନସ ରଞ୍ଜନ ସାହୁ କହିଛନ୍ତି। ଗତବର୍ଷ ୟୁରୋ ଟିମ୍ ଯେଉଁ ଯାଞ୍ଚ କରିଥିଲେ ସେତେବେଳେ ମୌଖିକ ଭାବେ ସନ୍ତୋଷଜନକ ବୋଲି କହିଥିଲେ। କିନ୍ତୁ ଯିବା ପରେ ଯେଉଁ ରିପୋର୍ଟ ଭାରତ ସରକାରଙ୍କୁ ଦେଇଛନ୍ତି, ସେଥିରେ ହାଇଜେନିକ ଓ ବରଫ କାରଖାନାର ଅପରିଷ୍କାର ପରିବେଶ ସମ୍ପର୍କରେ ନକରାତ୍ମକ ରିପୋର୍ଟ ଦେଇଥିବା ଅସମର୍ଥିତ ସୂତ୍ରରୁ ପ୍ରକାଶ। ଏବେ ପୁଣି ଏକ ବିଦେଶୀ ଟିମ୍ ଆସୁଥିବାରୁ ମତ୍ସ୍ୟ ବିଭାଗ ସମେତ ନେଟ୍‌ଫିସ୍ ଓ ଏମପିଇଡିଏ ସଂସ୍ଥାର ଦାୟିତ୍ୱ ବଢିଯାଇଛି।

# ଓଡ଼ିଶା ଘରୋଇ ସ୍କୁଲ ଓ ଶିକ୍ଷକ ସଂଘ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଓ ଶିକ୍ଷୟିତ୍ରୀଶିକ୍ଷକ।

**ନାଉଗାଁ,୨୩।୧୦(ସ୍ୱ.ପ୍ର.)**

ଓଡିଶା ଘରୋଇ ସ୍କୁଲ ଓ ଶିକ୍ଷକ ସଂଘର ଏକ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ନାଉଗାଁ ଶିଶୁ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ବୈଠକରେ ୧୩ଟି ଦାବି ଉପରେ ଆଲୋଚନା ହେବା ସହିତ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଉମାକାନ୍ତ ସ୍ୱାଇଁ, ସମ୍ପାଦକ ନୃସିଂହ ଚରଣ ରାଉତ, ଆବାହକ ରୋହିତ କୁମାର ପରିଡା, ସଦସ୍ୟ ଭାବେ ପର୍ଶୁରାମ ଜେନା, ଦେବାଶିଷ ଆଚାର୍ଯ୍ୟ, ପ୍ରଦୀପ୍ତ କୁମାର ମହାନ୍ତି, ନୃସିଂହ ଚରଣ ଦାସ, ଜ୍ୟୋତିଷ କୁମାର ବେହୁରା, ଲକ୍ଷ୍ମଣ କୁମାର ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଯେଉଁ ବେସରକାରୀ ବିଦ୍ୟାଳୟରେ ନିଜସ୍ୱ ଜମି ନାହିଁ ଆଗ୍ରାଧିକାର ଭିତ୍ତିରେ ସେଗୁଡିକୁ ଲିଜ ପ୍ରଦାନ, ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ପରିମଳ ବ୍ୟବସ୍ଥା, ସରକାରୀ ସ୍କୁଲ ଭଳି ବେସରକାରୀ ସ୍କୁଲ ପିଲାମାନଙ୍କୁ ସରକାରୀ ଯୋଜନାରେ ସୁବିଧା ପ୍ରଦାନ, ମାଗଣା ପାଠ୍ୟ ପୁସ୍ତକ, ଏନଓସି ପ୍ରଦାନରେ କୋହଳ କରିବା, ବିଦ୍ୟାଳୟରେ କମ୍ପ୍ୟୁଟର ବ୍ୟବସ୍ଥା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାସକୁ ୫ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଦାବି କରାଯିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଶେଷରେ ଆଚାର୍ଯ୍ୟ ପ୍ରତିନିଧି ବାବାଜୀ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# ଏଜୁକେଶନ ଫର୍ ଅଲ୍ ଅନୁଷ୍ଠିତ

**ନାଉଗାଁ,୨୩।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଶ୍ରୀଅଚ୍ୟୁତ ଇଂଲିଶ ମିଡିୟମ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏଜୁକେଶନ ଫର ଅଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡ. ଅଚ୍ୟୁତ ସାମନ୍ତଙ୍କ ଏହି କାର୍ଯ୍ୟକ୍ରମରେ ଅଧାପକ ନିହାର ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। କିଟ ବିଶ୍ୱ ବିଦ୍ୟାଳୟର ଡ. ବବେନେନ୍ଦୁ ଦାସ, ଅଧ୍ୟାପକ ଶେଖସମି ଉଲ୍ଲା, ସଞ୍ଜୀବ ମହାନ୍ତି, ଶିକ୍ଷକ ନିରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ, ସର୍ବେଶ୍ୱର ମହାରଣା ପ୍ରମୁଖ ଯୋଗଦେଇ ଡ. ଅଚ୍ୟୁତ ସାମନ୍ତଙ୍କ ଉକ୍ତ ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷା ସମାଜର ଆଲୋକ ବର୍ତ୍ତିକା। ସମସ୍ତ ମନୁଷ୍ୟ ଶିକ୍ଷିତ ହେବା ଦରକାର। ଶିକ୍ଷା ଦ୍ୱାରା ମାନବ ଗୁଣ, ଯଶ, ଖ୍ୟାତି ଅର୍ଜନ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନିର୍ଦ୍ଦେଶିକା ପୁଷ୍ପଲତା ଜେନା, କୋଷାଧ୍ୟକ୍ଷ ରଶ୍ମିତା ସ୍ୱାଇଁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ବ୍ୟାଙ୍କ ଡକାୟତି ରୋକିବାକୁ ପୋଲିସର ମକଡ୍ରିଲ

**କୁଜଙ୍ଗ,୨୩।୧୦(ସ୍ୱ.ପ୍ର.)**

କୁଜଙ୍ଗ ତହସିଲ ପାଖ ଏସ୍‌ବିଆଇ ଶାଖା ମଧ୍ୟକୁ ମଙ୍ଗଳବାର ହଠାତ୍ କେତେଜଣ ବନ୍ଧୁକଧାରୀ ଡକାୟତ ପଶିଆସିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ବ୍ୟାଙ୍କ୍ ପରିଚାଳକଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ହ୍ୟାଣ୍ଡ୍‌ସଅପ୍ କହିବା ସହ ମୋବାଇଲ୍ ଓ ବ୍ୟାଙ୍କ ଲକର ଚାବି ଛଡ଼ାଇ ନେଲେ। ଏହି ସମୟରେ ବ୍ୟାଙ୍କରେ ଉପସ୍ଥିତ ପ୍ରାୟ ଦେଢଶହ ଲୋକ ଭୟଭୀତ ହୋଇପଡିଲେ। କିଛି ସମୟ ପରେ କେଉଁଠୁ ସୂଚନା ପାଇ ପୋଲିସ ଗାଡି ସାଇରନ ମାରି ସେଠାରେ ପହଞ୍ଚିଲା। ବନ୍ଧୁକଧାରୀ ପୋଲିସ କର୍ମଚାରୀ ବ୍ୟାଙ୍କକୁ ଘେରିଗଲେ। ୨ ଜଣ ପୋଲିସ ବ୍ୟାଙ୍କ ଭିତରକୁ ପ୍ରବେଶ କରିବା ସହ କୌଶଳ କରି ୨ ଡକାୟତଙ୍କୁ କାବୁ କରିନେଲେ। ଏହାପରେ ସେମାନଙ୍କୁ ଭ୍ୟାନରେ ବସାଇ ଥାନାକୁ ନେଇଗଲେ। ସମସ୍ତେ ହତଚକିତ ହୋଇ ପରସ୍ପର ଆଡକୁ ଚାହୁଁଥିଲେ। ପ୍ରଥମ କରି ବ୍ୟାଙ୍କ ଡକାୟତି, ବନ୍ଧୁକ, ପୋଲିସ ଅପରାଧୀଙ୍କୁ କାବୁ କରିବା ଆଦି ଘଟଣା ଦେଖୁଥିବା ଲୋକେ ତ ତଟସ୍ଥ ହୋଇପଡିଥିଲେ। ତେବେ ଏହାର ୫ ମିନିଟ୍ ପରେ କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ ବ୍ୟାଙ୍କରେ ପହଞ୍ଚିବା ପରେ ସବୁ କଥା ଜଣାପଡିଥିଲା। ବ୍ୟାଙ୍କକୁ ଡକାୟତଙ୍କଠାରୁ ସୁରକ୍ଷା ଦେବା ପାଇଁ ଏହା ଥିଲା କୁଜଙ୍ଗ ପୋଲିସର ମକଡ୍ରିଲ। ଥାନା ଅଧିକାରୀ ସାହୁ ଏ ସମ୍ପର୍କରେ ଲୋକଙ୍କୁ ସୂଚନା ଦେବା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ। ଏହି ଅବସରରେ ସେ ଡକାୟତଙ୍କୁ ମୁକାବିଲା କରିବା ନିମନ୍ତେ ଲୋକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କହିଲେ ବନ୍ଧୁକଧାରୀ ଡକାୟତ ପଶିବା ବେଳେ କେବଳ ବ୍ୟାଙ୍କ୍ କର୍ମଚାରୀ ଯେ ପୋଲିସକୁ ଜଣାଇବେ ତାହା ନୁହେଁ, ସାଧାରଣ ଲୋକେ ମଧ୍ୟ ଏ କ୍ଷେତ୍ରରେ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ। ଏଭଳି ଘଟଣା ଘଟିଲେ କି କୌଶଳ ଆପଣାଇବେ ସେ ବିଷୟରେ ଉପସ୍ଥିତ ଗ୍ରାହକ ତଥା ବ୍ୟାଙ୍କ୍ କର୍ମଚାରୀଙ୍କୁ ସେ ସୂଚନା ଦେଇଥିଲେ। ବ୍ୟାଙ୍କ୍ ପରିଚାଳକ ଅଭୟ କୁମାର ଦାସ, ଧନଞ୍ଜୟ ଦାସ, ବିକ୍ରମ ପରିଡା, ମନୋରଞ୍ଜନ ପୃଷ୍ଟି, ପ୍ରଭାତ ଦାସ, ଏସ୍‌ଆଇ ଚିତ୍ତରଞ୍ଜନ ବରାଳ, ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ପୋଲିସ ପକ୍ଷରୁ ବ୍ୟାଙ୍କରେ ମକଡ୍ରିଲ୍ ପ୍ରଦର୍ଶନ କରାଯାଉଛି।


**GOVERNMENT OF ODISHA**
**S.T. & S.C. DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY, CHAMPUA**
**DISTRICT-KEONJHAR**
**(Ph. No.: 06767-240214, Email: itda.champua@gmail.com)**

**Tender Call Notice No. 05/2018-19**
**No. 1303 /ITDA the dated 22.10.18**

The Project Administrator, I.T.D.A., Champua, District-Keonjhar, Odisha, invites sealed tenders on percentage rate contract basis in conformity with the detailed tender call notice to be eventually drawn in PWD-P1 form from the intending eligible Registered Civil Contractors of the State P.W.D./Water Resources Department / R.W. wings/ Railways/CPWD/ITDAs/P.S. as detailed below:-

| Sl. No. | Name of the work | Sale & Receipt of the Tender paper | Approx amount of tender (Rs.) | E.M.D. to be deposited in shape of NSC/ POTD/ PODB/ KVP/ deposit receipt of nationalized Bank duly pledged in favour of P.A., ITDA, Champua (In Rs.) | Non-refundable service charges (Tender Paper Cost) | Time required for completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Kitchen shed at Forest Part in Ward No. 8 Barbil Municipality | ITDA Office, Champua | 4,42,493/- | 4,500/- | Rs. 2000/- | 60 Days | 'D' & 'C' |
| 2 | Construction of Community Centre at Ward No. 11 Barbil Municipality | ITDA Office, Champua | 4,43,095/- | 4,500/- | Rs. 2000/- | 60 Days | 'D' & 'C' |
| 3 | Construction of Community toilet in premises of Madrasa at Azad Basti in Ward No. 8 Barbil Municipality | ITDA Office, Champua | 4,42,125/- | 4,500/- | Rs. 2000/- | 60 Days | 'D' & 'C' |
| 4 | Development of play ground at PHD in Ward No. 8 Barbil Municipality | ITDA Office, Champua | 4,42,792/- | 4,500/- | Rs. 2000/- | 45 Days | 'D' & 'C' |
| 5 | Development of club field near O.M.D.C. Medical in Ward No. 3 Barbil Municipality | ITDA Office, Champua | 4,42,125/- | 4,500/- | Rs. 2000/- | 45 Days | 'D' & 'C' |
| 6 | Construction of road along with drain at N.A.C. Hutting in Ward No. 09 Barbil Municipality | ITDA Office, Champua | 4,42,165 | 4,500/- | Rs. 2000/- | 45 Days | 'D' & 'C' |
| 7 | Construction of road from PWD road to Durga Mandap in Ward No. 11 Barbil Municipality | ITDA Office, Champua | 4,42,170 | 4,500/- | Rs. 2000/- | 45 Days | 'D' & 'C' |
| 8 | Construction of road and drain at Azad Basti near Alam House in Ward No. 10 Barbil Municipality | ITDA Office, Champua | 4,42,683/- | 4,500/- | Rs. 2000/- | 45 Days | 'D' & 'C' |
| 9 | Renovation of road from P.K. Sahoo house to Delhisharma house in Ward No. 4 Barbil Municipality | ITDA Office, Champua | 4,42,256/- | 4,500/- | Rs. 2000/- | 45 Days | 'D' & 'C' |
| 10 | Construction of road connecting at Dhabi Hutting area in Ward No. 10 Barbil Municipality | ITDA Office, Champua | 4,42,097/- | 4,500/- | Rs. 2000/- | 45 Days | 'D' & 'C' |

**SALE OF TENDER PAPER:-**

1. The tender papers will be available in the Office of the Project Administrator, I.T.D.A., Champua during office hour from dt. 26.10.2018 to 06.11.2018 upto 5.00 P.M.
2. The tenderer must pay non-refundable service charges as mentioned against each work in shape of Bank draft from any nationalized Bank payable at Champua drawn in favour of P.A, ITDA, Champua or else tender paper will be rejected.
3. The tender paper will be received by registered Post/Speed Post/Courier Service only upto 5.00 P.M. till 06.11.2018. Sealed tender paper must be accompanied with attested copies of Valid Contractor license, GST Registration Certificate, Pan Card, No relation Certificate, Non-refundable Service Charges, EMD@ 1% of the amount put to tender in shape of NSC/KVP/POTD/Deposit receipt of any schedule Bank duly pledged in favour of the Project Administrator, ITDA, Champua and an affidavit regarding authenticity of the documents produced without which the tender paper is liable for rejection. The tender must write in Capital Letter **"TENDER PAPER"** on the right side top corner of the envelope containing the tender documents.
4. The tender paper shall be opened by the Project Administrator, ITDA, Champua/his/her authorized officer in presence of the tenderer or their authorized agents on the schedule date and time as mentioned below.
   **(A) Date of sale of tender: 26.10.2018 to 06.11.2018 during office hour**
   **(B) Last date of receipt of tender paper: 06.11.2018 till 5.00 P.M.**
   **(C) Date and time of opening of tender paper: 08.11.2018 at 11.00 A.M.**
5. Transfer or adjustment of EMD & ISD amount with other works will not be entertained.
ଚକଡ଼ା ପୋକର ଜାତି ସବୁ ଧାନ କିଆରି ପାଣିରେ ବିଭିନ୍ନ ଜାଗାରେ ଭାସୁଥିବା ଓ ଗଛର ଜଳଭାଗରେ ଲାଗି ରହିବା ଦେଖାଯିବ। –କୀଟର ପାଟିରୁ ନିର୍ଗତ ରସରେ 'ସୁଟିମୋଲ୍ଡ' କବକର ବୃଦ୍ଧି ଯୋଗୁ ଗଛର ମୂଳ ଅଂଶ କଳା ଦେଖାଯିବ। –ଏହି କୀଟ ଦ୍ୱାରା ସଂକ୍ରମିତ ଭୂତାଣୁଜନିତ ରୋଗ ଯୋଗୁ ସବୁ ପତ୍ର ହଳଦିଆ ପଡ଼ିଯିବ ଓ ଗଛ ଆଦୌ ବଢ଼ିବ ନାହିଁ।

ଉପରୋକ୍ତ ଲକ୍ଷଣଗୁଡ଼ିକରୁ ମାଟିଆଗୁଣ୍ଡି ପୋକର ଉପସ୍ଥିତିର ସୂଚନା ମିଳେ ଓ ସାଧାରଣ ପଦ୍ଧତିରେ ମଧ୍ୟ ଛୋଟ ବାଡ଼ିଖଣ୍ଡିଏ ଦ୍ୱାରା ନିର୍ଦ୍ଦିଷ୍ଟ କେତେକ ଧାନବୁଦାକୁ ହଲଚଲ କଲେ ଏହି କୀଟ ପାଣିକୁ ଡେଇଁ ପୁଣି ଗଛକୁ ଡେଇଁ ବସିବାକୁ ଗଣନାକରି ସେହି ଅନୁସାରେ ଉପଯୁକ୍ତ ନିୟନ୍ତ୍ରଣ ପ୍ରଣାଳୀ ଅବଲମ୍ବନ କରାଯାଇପାରେ।

**ଚକଡ଼ା ପୋକ ନିୟନ୍ତ୍ରଣ ପାଇଁ –**
ଚାଷ ପଦ୍ଧତ : ଉପର ବର୍ଣ୍ଣିତ ପ୍ରଣାଳୀ ଦ୍ୱାରା କୀଟର ଉପସ୍ଥିତି ଜାଣିବା ପରେ ଆକ୍ରମିତ କିଆରିରୁ ପାଣି ନିଷ୍କାସନ କରିବା ଆବଶ୍ୟକ। –ଜମି କିସମକୁ ବିଚାରକୁ ନେଇ ଉପଯୁକ୍ତ ମାତ୍ରାର ସାର ପରିମାଣ ନିର୍ଣ୍ଣୟ କରି ଯବକ୍ଷାରଜାନକୁ ଭାଗ ଭାଗ କରି ତା'ସହିତ ଉପଯୁକ୍ତ ପରିମାଣରେ ପୋଟାସ୍ ମିଶାଇ ପ୍ରୟୋଗ କରନ୍ତୁ।
**ଜୈବ ନିୟନ୍ତ୍ରଣ :** ଉପଯୁକ୍ତ ଚାଷ ପ୍ରଣାଳୀ, ଠିକ୍ କୀଟନାଶକର ଉପଯୁକ୍ତ ପରିମାଣ ଓ ସମୟରେ ପ୍ରୟୋଗ କରିବା ଜରୁରୀ।
–ଏହି କୀଟକୁ ଶିକାର କରି ନିୟନ୍ତ୍ରଣରେ ରଖୁଥିବା ବୁଢ଼ିଆଣୀ ଓ ଶାଗୁଆ ଶୁଣ୍ଢାକୀଟର ସଂରକ୍ଷଣ ଓ ବଂଶବୃଦ୍ଧି ପାଇଁ କେବଳ କୀଟ ସଂଖ୍ୟା ଆର୍ଥିକ ଦେହଳୀସୀମା ଅତିକ୍ରମ ପରେ ଉପଯୁକ୍ତ କୀଟନାଶକ ସିଫନ କରିବା ଆବଶ୍ୟକ।
**ଉଦ୍ଭିଦଜାତ କୀଟନାଶକ ପ୍ରୟୋଗ** :କୀଟସଂଖ୍ୟା ଆର୍ଥିକ ଦେହଳୀ ସୀମା ଅତିକ୍ରମ ନ କରିବା ପାଇଁ ପ୍ରତିଷେଧକ ପ୍ରଣାଳୀ ହିସାବରେ ପୋକ ସଂଖ୍ୟା ବୁଦା ପିଛା ୩–୫ଟି ଥିବା ଅବସ୍ଥାରେ ଲିଟର ପ୍ରତି ୩–୪ ମିଲି ନିମ୍ବତେଲ/ ନିମ୍ବଜାତୀୟ ବିଷ ୫% ନିମ୍ବ ମଞ୍ଜି ଉଦ୍ଧୃତାଂଶ ନିର୍ଦ୍ଦିଷ୍ଟ ପରିମାଣର (୫୦୦ମିଲି) ସାବୁନ୍ ଗୁଣ୍ଡ ବା ସାମ୍ପୋ ମିଶାଇ ପ୍ରୟୋଗ କରିବା ବିଧେୟ। –ପାଣି ମରିଚ ପତ୍ର ୨୦ଗ୍ରାମକୁ ବାଟି ୧ଲଟିର ପାଣିରେ ମିଶାଇ ସେଥିରେ ଉପଯୁକ୍ତ ପରିମାଣରେ ସର୍ଫ /ସାବୁନ ପାଣି ମିଶାଇ ସିଞ୍ଚନ କଲେ ଏହା ଆର୍ଥିକ ଦେହଳୀ ସୀମା ଅତିକ୍ରମ କରିବ ନାହିଁ।
**ରାସାୟନିକ ପ୍ରଣାଳୀ:** ଧାନବୁଦା ପିଛା ୧୦ ପୋକ ପହଞ୍ଚିବା ପରେ ଯେକୌଣସି ନୂତନ ପାଣି କୀଟନାଶକ ଯଥା ଫ୍ଲୋନିକାମିଡ୍/ ପାଇମେଟ୍ରୋଜାଇନ୍/ ଥାୟାମେଥୋକ୍ସମ ୧ ଗ୍ରାମ ୪ଲିଟର ପାଣି, ଓ୍ୱାଇନେକାର୍ବୋଫୁରାନ୍/ ଫିପ୍ରୋନିଲ୍ ୧୦ମିଲି / କ୍ଲୋଥିଆନିଦିନ୍ ୧ଗ୍ରାମ, ୧୦ ଲିଟର ପାଣି ବ୍ୟୁପ୍ରୋଫେଜିନ୍ ୧ଗ୍ରାମ ୧ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଏହି ପୋକ ଧାନର ଥୋଡ଼ ବାହାରିବା ସମୟରେ କାଣ୍ଡବିନ୍ଧା କୀଟସହ ଦେଖାଗଲେ ହେକ୍ଟର ପିଛା କ୍ଲୋରେଣ୍ଟ୍ରିନିଲି ପ୍ରୋଲେ ୧୦ କି.ଗ୍ରା./ କାର୍ଟାପ୍‌ହାଇଡ୍ରୋ କ୍ଲୋରାଇଡ୍ ୨୫ କି.ଗ୍ରା./ ଫିପ୍ରୋନିଲ୍ ୧୦ କି.ଗ୍ରା. ପ୍ରୟୋଗ କରିବା ଆବଶ୍ୟକ।
**ବି.ଦ୍ର:** ପୋକକୁ ଠାବକରିବାରେ ବିଳମ୍ବ ହୋଇଗଲେ ଓ ମାଇପୋକ ଅଣ୍ଡା ଦେଇ ସାରିଥିବାର ସୂଚନା ମିଳିଲେ ୧୦ ଦିନ ଅନ୍ତରରେ ଆଉଥରେ ଉପରୋକ୍ତ କୀଟନାଶକ ସିଞ୍ଚନ କରିବା ବିଧେୟ।

***–ଦେବବ୍ରତ ପାଣିଗ୍ରାହୀ,***
*ମୋ:୯୪୩୭୨୭୨୦୦୯*

ପ୍ରଥମ ପୃଷ୍ଠାରୁ...

## 'ମୋର ନିର୍ବୋଧତା ...

ଏହା ମୋର ନିର୍ବୋଧତା ଥିଲା। ମଙ୍ଗଳବାର ବିଧାନସଭା ଗୃହ କମିଟି ନିକଟରେ ହାଜର ହୋଇ ଏମିତି ଢଙ୍ଗରେ ଅନୁଶୋଚନା କରିଛନ୍ତି ଅଭିଜିତ ଆୟର ମିତ୍ର। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଆୟର ତାଙ୍କ ଓକିଲଙ୍କ ସହ ବିଧାନସଭାର ୫୫ ନମ୍ବର ପ୍ରକୋଷ୍ଠରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୧ଟାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଗୃହ କମିଟି ବୈଠକ ବସିଥିଲା। ୨ଟି ପର୍ଯ୍ୟାୟରେ ଆୟରଙ୍କୁ କମିଟି ଜେରା କରିଥିଲା। ଅଢେଇ ଘଣ୍ଟା କାଳ କମିଟି ସଦସ୍ୟମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେ ସମସ୍ତ ଅଭିଯୋଗକୁ ସ୍ୱୀକାର କରିଥିଲେ। ତେବେ ଏତିକିରେ କମିଟି ସଦସ୍ୟମାନେ ସନ୍ତୁଷ୍ଟ ହୋଇନାହାନ୍ତି। ଆସନ୍ତା ନଭେମ୍ବର ୨ରେ ପୁଣି ଥରେ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ କମିଟି ଆୟରଙ୍କୁ ନିର୍ଦ୍ଦେଶ ଦେଇଛି।

ବୈଠକ ଶେଷରେ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର କହିଛନ୍ତି, ଗୃହ କମିଟିରେ ଅଭିଜିତ ଉପସ୍ଥିତ ଥିଲେ। ତାଙ୍କ ବକ୍ତବ୍ୟ ରେକର୍ଡ କରାଯାଇଛି। ଆସନ୍ତା ୨ତାରିଖରେ ସେ ପୁନର୍ବାର ହାଜର ହୋଇ ସତ୍ୟପାଠ ଦାଖଲ କରିବେ। ଏହା ପରେ କମିଟି ଆଲୋଚନା କରି ଯାହା ନିଷ୍ପତ୍ତି ନେବ। ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଥିଲା ତାହା ସତ୍ୟ ବୋଲି ଆୟର ସ୍ୱୀକାର କରିଛନ୍ତି। ସେ ତାଙ୍କ ଭୁଲ ସ୍ୱୀକାର କରି ନିଃସର୍ତ୍ତ କ୍ଷମା ଭିକ୍ଷା କରିଛନ୍ତି। କମିଟି ଏହା ଉପରେ ତର୍ଜମା କରିବ। ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ କମିଟି ଗୃହକୁ ସୁପାରିସ କରିବ।

ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଦଳମତ ନିର୍ବିଶେଷରେ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ବିରୋଧୀ ଦଳ ନେତା ଆୟରଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଗୃହରେ ସର୍ବ ସମ୍ମତିକ୍ରମେ ଏହାକୁ ପାରିତ କରାଯିବା ପରେ ବାଚସ୍ପତି ଘଟଣାର ତଦନ୍ତ ପାଇଁ ବିଧାନସଭା ଗୃହ କମିଟି ଗଠନ କରିଛନ୍ତି। କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। କମିଟି ଆସନ୍ତା ଅଧିବେଶନରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୮ରେ କମିଟିର ପ୍ରଥମ ବୈଠକ ବସିଥିବାବେଳେ ଅକ୍ଟୋବର ୧୧ରେ କମିଟିରେ ହାଜର ହୋଇ ନିଜର ପକ୍ଷ ରଖିବାକୁ ଅଭିଜିତଙ୍କୁ ସମନ ଜାରି କରାଯାଇଥିଲା। ତେବେ ବାତ୍ୟା ତିତଲି ପାଇଁ ସେ କମିଟି ନିକଟରେ ହାଜର ହୋଇ ପାରି ନ ଥିଲେ। କିନ୍ତୁ ଉକ୍ତ ଦିନ ସେ ନିଜର ଭୁଲ ପାଇଁ କ୍ଷମା ମାଗିବା ସହ କ୍ଷମାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇଥିଲେ। ଅକ୍ଟୋବର ୨୩ରେ ହାଜର ହେବାକୁ ପୁଣିଥରେ ଗୃହ କମିଟି ସମନ ଜାରି କରିଥିଲା। ଅକ୍ଟୋବର ୧୭ରେ ଆୟର ଇ–ମେଲ ଜରିଆରେ ପୁଣି ଥରେ କ୍ଷମା ମାଗି ବିଧାନସଭା ଗୃହ କମିଟିକୁ ଜଣାଇଥିଲେ। ଅକ୍ଟୋବର ୨୩ରେ ସେ ବ୍ୟକ୍ତିଗତ ଭାବେ ବିଧାନସଭା ଗୃହ କମିଟି ସମ୍ମୁଖରେ ହାଜର ହେବେ ବୋଲି ଏକ ଖବର ସରବରାହ ସଂସ୍ଥାକୁ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଅଭିଜିତଙ୍କ ମନ୍ତବ୍ୟକୁ ନେଇ ବିଧାନସଭାରେ ତୁମ୍ବିତୋଫାନ ହେବା ପରେ ଓଡ଼ିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ଗତ ସେପ୍ଟେମ୍ବର ୨୦ରେ ତାଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳି ଥିଲେ।

## ବନ୍ଧା ହେଲେ ...

ସେଠାରେ ଗିରଫ କରାଯିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପଟେ ଅଭିଜିତ ଗୃହ କମିଟିରେ ହାଜର ହେବା ନେଇ ଜଣାପଡ଼ିବା ପରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ଡିଜିଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ପହଞ୍ଚିଥିଲେ। ସେଠାରେ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ କହିଥିଲେ, କୋଣାର୍କ ଥାନାରେ ରୁଜୁ ହୋଇଥିବା ମାମଲାରେ ଅଭିଜିତ ଅଭିଯୁକ୍ତ ଅଛନ୍ତି। ଏହାସହ ଅରଖକୁଦା ସାମୁଦ୍ରିକ ଥାନା ମାମଲାରେ ସେ ସାକ୍ଷୀ ଅଛନ୍ତି। ଏନେଇ ତାଙ୍କୁ ପଚରାଉଚରା ପାଇଁ ଥାନାରେ ହାଜର ହେବା ପାଇଁ ସମନ ହୋଇଥିଲା। କିନ୍ତୁ ସେ ହାଜର ହୋଇ ନ ଥିବାବେଳେ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଛି।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଅଭିଜିତ ଗୃହ କମିଟିରେ ହାଜର ହେବା ସମୟରେ ତାଙ୍କର ସୁରକ୍ଷାରେ ଯେପରି କୌଣସି ଅବହେଳା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ତାଙ୍କୁ ସୁରକ୍ଷା ବଳୟ ମଧ୍ୟରେ ଗୃହ କମିଟିରେ ହାଜର କରିଥିଲା। କୋଣାର୍କ ମନ୍ଦିର ସମ୍ପର୍କରେ ଅଭିଜିତ କଟୁ ମନ୍ତବ୍ୟ ଦେଇଥିବାରୁ ଏନେଇ ଶହୀଦନଗର ଥାନାରେ ମନୋରଞ୍ଜନ ସ୍ୱାଇଁ ନାମକ ଛାତ୍ର କରିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ ଅଧିକାରୀ ତାଙ୍କୁ ପଚରାଉଚରା କରିଥିଲେ। ସେ ନିଜ ଦୋଷ ମାନିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଅନ୍ୟପଟେ କୋଣାର୍କ ପୋଲିସ ଅଭିଜିତଙ୍କୁ ୭ଦିନ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି।

## ଦୀପାବଳି ରାତିରେ...

ଅଦାଲତ ଏହାର ଶୁଣାଣି କରି ବାଣ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ମନା କରିଦେଇଛନ୍ତି। କିନ୍ତୁ କେତେକ ସର୍ତ୍ତ ସହ ଏହାକୁ ଅନୁମତି ଦେଇଛନ୍ତି। ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଫ୍ଲିପ୍‌କାର୍ଟ ଓ ଆମାଜନ୍ ଭଳି ଇ–କମର୍ସ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ଡେସିବଲ୍‌ଠାରୁ ଅଧିକ ସୀମାର ବାଣ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ଶବ୍ଦ ଓ ଧୂଆଁର ଅନୁମତିଯୋଗ୍ୟ ସୀମା କେତେ ହେବ ତାହା ପେଟ୍ରୋଲିୟମ୍ ଓ ବିସ୍ଫୋରକ ନିରାପତ୍ତା ସଙ୍ଗଠନ (ପିଇଏସ୍‌ଓ) ସ୍ଥିର କରିବ। ଇ–କମର୍ସ କମ୍ପାନୀଗୁଡ଼ିକ ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କଲେ ସେଗୁଡ଼ିକର ୱେବ୍‌ସାଇଟ୍‌କୁ ଅଚଳ କରିଦିଆଯିବ। ବଜାରରେ କେବଳ ଅନୁମତି ମିଳିଥିବା ନିର୍ଦ୍ଧାରିତ ଡେସିବଲର ବାଣ ବିକ୍ରି କରାଯିବ। ଦୀପାବଳି ରାତିରେ ୮ରୁ ୧୦ଟା ମଧ୍ୟରେ ବାଣ ଫୁଟାଯାଇ ପାରିବ। ସେହିପରି ଖ୍ରୀଷ୍ଟମାସ୍ ଓ ନୂଆବର୍ଷ ପାଳନ ପାଇଁ ରାତି ୧୧ଟା ୫୫ରୁ ୧୨ଟା ୩୦ ମଧ୍ୟରେ ଫୁଟାଇବାକୁ ଅନୁମତି ଦିଆଯାଇଛି।

ଉଭୟ ନାଗରିକଙ୍କ ସ୍ୱାସ୍ଥ୍ୟଗତ ଅଧିକାର ଓ ବାଣ ଉତ୍ପାଦନକାରୀଙ୍କ ବ୍ୟବସାୟଗତ ଅଧିକାରକୁ ଧ୍ୟାନରେ ରଖି ଅଦାଲତ ବିଚାର କରିଛନ୍ତି। ବାଣ ବିକ୍ରି ଓ ଫୁଟାଇବା ନେଇ ବିଭିନ୍ନ ପକ୍ଷଙ୍କ ଯୁକ୍ତିକୁ ଗ୍ରହଣ କରି ଖଣ୍ଡପୀଠ ଏକ ସନ୍ତୁଳିତ ରାୟ ଦେଇଥିବା ଜଷ୍ଟିସ୍ ସିକ୍ରି କହିଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଗ୍ରହଣ କରାଯାଇଛି। ପ୍ରକାଶ ଯେ, ଗତବର୍ଷ ଦୀପାବଳି ପୂର୍ବରୁ ୩ ଜଣ ଛୋଟ ପିଲାଙ୍କ ଆବେଦନର ଶୁଣାଣି କରି ଦିଲ୍ଲୀ ସମେତ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାଣ ବିକ୍ରି ଉପରେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ।

## ମହିଳାଙ୍କୁ ତିନି ତଲାକ,...

ଚଉଦକୁଲାଟ ଚନ୍ଦନପୁର ଗ୍ରାମରେ ଗତ ୪ ତାରିଖରେ ଘଟିଛି। ଏଥିନେଇ ମଙ୍ଗଳବାର ତଲାକ୍ ପାଇଥିବା ମହିଳା ତକ୍‌ଶିମା ଖାତୁନ୍ (୨୪) ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଏତଲା ଗ୍ରହଣ କରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛି। ତିନି ତଲାକକୁ ସୁପ୍ରିମ୍‌କୋର୍ଟ ବେଆଇନ ଦର୍ଶାଇବା ପରେ ଏହିଘଟଣା ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି।

ପ୍ରକାଶ ଯେ, ଚନ୍ଦନପୁରର ସେକ୍ ମନାନ୍‌ଙ୍କ ଝିଅ ତକ୍‌ଶିମାଙ୍କ ସହିତ ଆଳି ଥାନା ଅନ୍ତର୍ଗତ ଗୁହାଳି ସାହି କଳାପାହାଡ ଅଞ୍ଚଳର ଜଣେ ଯୁବକଙ୍କ ୨୦୧୭ ନଭେମ୍ବର ୨୮ରେ ଇସ୍‌ଲାମ୍ ରୀତି ଅନୁସାରେ ବିବାହ ହୋଇଥିଲା। କିନ୍ତୁ ବିବାହ ପରେ ଯୌତୁକ ପାଇଁ ତକ୍‌ଶିମାଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଯୌତୁକ ବାବଦରେ ମୋଟର ସାଇକେଲ ଆଣିବା ପାଇଁ ଦାବି କରିଥିଲେ। ବାପଘର ଲୋକେ ଏହା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ତକ୍‌ଶିମାଙ୍କ ଉପରେ ନିର୍ଯାତନା ବଢ଼ି ଯାଇଥିଲା। ସେ ବାପଘରେ ଆସି ରହୁଥିଲେ। ଗତ ୪ ତାରିଖ ଦିନ ମୋବାଇଲ ଫୋନରେ ତାଙ୍କ ସ୍ୱାମୀ ତିନି ତଲାକ ଦେଇଥିଲେ। ଫଳରେ ତକ୍‌ଶିମା ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି। ସେ ନିଜର ସୁରକ୍ଷା ପାଇଁ କଟକର ତଲାକୀ ମହିଳା ସହାୟତା ସମିତିର ସହଯୋଗ ଲୋଡ଼ିଥିଲେ। ମଙ୍ଗଳବାର ସହାୟତା ସମିତିର ଅଧ୍ୟକ୍ଷା ସାଇରା ମିର୍ଜା ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଶେଖ୍ ଅସ୍ତକ ଅଲିଙ୍କ ସହିତ ପଟ୍ଟାମୁଣ୍ଡାଇ ଥାନାରେ ପହଞ୍ଚି ତକ୍‌ଶିମାଙ୍କଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ସେମାନଙ୍କ ଉପସ୍ଥିତିରେ ତକ୍‌ଶିମା ଥାନାରେ ଏତଲା ଦେଇ ନ୍ୟାୟଭିକ୍ଷା କରିଛନ୍ତି । ଏହି ସମୟରେ ଆନ୍ତର୍ଜାତିକ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପ୍ରତାପ ପାଢ଼ୀ ଉପସ୍ଥିତ ଥିଲେ।



ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ଉତ୍ପାଦ ଦ୍ୱାରା ଏକ ବିଶ୍ୱ ସ୍ତରୀୟ ମାନୁଫାକଚରର ହେବାକୁ ସକ୍ଷମ ହୋଇଛୁ।
– ବେଣୁ ଶ୍ରୀନିବାସନ, ଅଧକ୍ଷ , ଟିଭିଏସ୍ ମୋଟର



ଦେଶର କର୍ପୋରେଟ ଗଭର୍ନାସକୁ ଦୃଢ଼ କରିବା ପାଇଁ ଅଡିଟରଙ୍କ ଲାଗି ଥିବା ନିୟମକୁ ସରକାର କଡାକଡି କରିବାକୁ ଯୋଜନା ରଖିଛନ୍ତି।
– ଇଞ୍ଜେଟି ଶ୍ରୀନିବାସ, କର୍ପୋରେଟ ବ୍ୟାପାର ସଚିବ

## ସଂକ୍ଷେପରେ

### ଟେଲିକମ୍ ସେକ୍ଟରରେ ୬୫ ହଜାର ଚାକିରି ହରାଇବେ

**ନୂଆଦିଲ୍ଲୀ,୨୩-୧୦:** ଟେଲିକମ ସେକ୍ଟରରେ ଏବେ ମିଶ୍ରଣ ପର୍ବ ଜାରି ରହିଛି। ଫଳରେ କମ୍ପାନୀମାନେ କର୍ମଚାରୀଙ୍କ ସଂଖ୍ୟା କମାଇବାରେ ଲାଗିଛନ୍ତି। ପରିଚାଳନାଗତ ଦକ୍ଷତା ବୃଦ୍ଧିକୁ ଦୃଷ୍ଟିରେ ରଖି ଛଟେଇ କରାଯିବ। କାରଣ ଅପରେଟର, ଭିତ୍ତିଭୂମି, ଟାୱାର କମ୍ପାନୀ ଏବଂ ସହଯୋଗୀ ରିଟେଲ ସେବା ଯୋଗାଣକାରୀ ଛଟେଇ ଉପରେ ଗୁରୁତ୍ୱ ଦେଉଛନ୍ତି। କଷ୍ଟମର ସପୋର୍ଟ ଓ ଫାଇନାନ୍ସିଆଲ ଭର୍ଟିକିଲ୍‌ରେ କ୍ରମଶଃ ୮ ହଜାର ଓ ୭ ହଜାର ଛଟେଇ ହେବେ ବୋଲି ଅନୁମାନ କରାଯାଉଛି। ଟିମ୍‌ଲିଜ୍‌ର ସହ ପ୍ରତିଷ୍ଠାତା ଋତୁପର୍ଣ୍ଣା ଚକ୍ରବର୍ତ୍ତୀଙ୍କ ମତରେ ଟେଲିକମ୍ ସେକ୍ଟରରେ ଛଟେଇ ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଗଲାଣି। ୨୦୧୯ ପରେ ଛଟେଇ ବନ୍ଦ ହେବ ଏବଂ ସେ ସ୍ଥାନରେ କମ୍ପାନୀମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ବିଗ୍ ଡାଟାରେ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେବେ। ସେ କହିଛନ୍ତି ଯେ, ୨୦୧୯ ମାର୍ଚ୍ଚ ସୁଦ୍ଧା ୬୫ ହଜାର କର୍ମଚାରୀ ଛଟେଇ ହେବେ।

### ଷ୍ଟର୍ଲିଂ ବାୟୋଟେକ୍ ମାମଲା
### ଇଡିର ଆଉ ଏକ ଚାର୍ଜଶିଟ୍ ଦାଖଲ

**ନୂଆଦିଲ୍ଲୀ,୨୩-୧୦:** ପାଞ୍ଚ ହଜାର କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଙ୍ଗଳବାର ଦିଲ୍ଲୀର ଏକ କୋର୍ଟରେ ଗୁଜରାଟ କମ୍ପାନୀ ଷ୍ଟର୍ଲିଂ ବାୟୋଟେକ୍ କମ୍ପାନୀ ବିରୋଧରେ ସହାୟକ ଚାର୍ଜଶିଟ୍ ଦାଖଲ କରିଛି। ଅତିରିକ୍ତ ସେସନ୍ସ ବିଚାରପତି ସତୀଶ କୁମାର ଅରୋରାଙ୍କ ଅଦାଲତରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଷ୍ଟର୍ଲିଂ ବାୟୋଟେକ୍ ଆନ୍ଧ୍ର ବ୍ୟାଙ୍କରୁ ୫୦୦୦ କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରି ନ ଥିଲା। ପରବର୍ତ୍ତୀ ସମୟରେ ଏହା ଅନାଦାୟ ଋଣ ବା ଏନ୍‌ପିଏରେ ପରିବର୍ତ୍ତିତ ହୋଇଥିଲା ବୋଲି ଇଡି ପୂର୍ବର ଚାର୍ଜଶିଟ୍‌ରେ ଦର୍ଶାଇଥିଲା।

### ଏରିକସନ୍‌କୁ ୫୫୦ କୋଟି ବକେୟା ପ୍ରଦାନ
### ଅନିଲ ଅମ୍ବାନୀଙ୍କୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ମହଲତ



**ନୂଆଦିଲ୍ଲୀ,୨୩-୧୦:** ସ୍ୱିଡେନ କମ୍ପାନୀ ଏରିକସନ୍‌କୁ ୫୫୦ କୋଟି ଟଙ୍କାର ବକେୟା ପ୍ରଦାନ ମାମଲାରେ ଶିଳ୍ପପତି ଅନିଲ ଅମ୍ବାନୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ମଙ୍ଗଳବାର ଶୁଣାଣି ପରେ ସୁପ୍ରିମକୋର୍ଟ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍)କୁ ବକେୟା ପ୍ରଦାନ ଲାଗି ଡିସେମ୍ବର ୧୫ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ତେବେ ଏହା ପରେ ଆଉ ସମୟସୀମା ବୃଦ୍ଧି କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହିତ ଆର୍‌କମ୍ ବାର୍ଷିକ ୧୨% ହାରରେ ଏରିକସନ୍‌କୁ ସୁଧ ଦେବ। ସ୍ପେକ୍ଟ୍ରମ ବିକ୍ରି ନ ହେବା କାରଣରୁ ବକେୟା ପ୍ରଦାନ ଲାଗି ଆର୍‌କମ୍ ଅଦାଲତ ଠାରୁ ଆହୁରି ୬୦ ଦିନର ସମୟ ମାଗିଥିଲା।

### ପ୍ରଦୂଷଣ ସାର୍ଟିଫିକେଟ
### ଗାଡି ମାଲିକ ଦେବେ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ,୨୩-୧୦:** ଗାଡି ଚଳାଇବା ଲାଗି ପ୍ରଦୂଷଣ ସାର୍ଟିଫିକେଟ ହାସଲ କରିବାକୁ ହେଲେ ଗାଡି ମାଲିକଙ୍କୁ ୧୮% ହାରରେ ଜିଏସ୍‌ଟି ଦେବାକୁ ପଡିବ। ଅଥରିଟି ଫର୍ ଆଡଭାନ୍ସ ରୁଲିଂ(ଏଏଆର୍) ଏହା କହିଛନ୍ତି। ରାଜ୍ୟ ସରକାରଙ୍କ ବଦଳରେ 'ପ୍ରଦୂଷଣ ନିୟନ୍ତ୍ରିତ' ସାର୍ଟିଫିକେଟ ଜାରି କରିବା ଲାଗି ସେବା ଯୋଗାଣକାରୀଙ୍କୁ ଜିଏସ୍‌ଟି ଅଧୀନରେ ଛାଡ ସୁବିଧା ମିଳିବ କି ଜାଣିବାକୁ ଚାହିଁ ଭେଙ୍କଟେଶ ଅଟୋମୋବାଇଲ ପକ୍ଷରୁ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ଏଏଆର୍ ଗୋଆ ବେଞ୍ଚ ଉକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶରେ କୁହାଯାଇଛି ଯେ, ସର୍ଭିସେସ୍ ଆକାଉଣ୍ଟିଂ କୋଡ ୯୯୯୧ ଅଧୀନରେ ପ୍ରଦୂଷଣ ସାର୍ଟିଫିକେଟ ଜାରି କରାଯାଉନି। ଏଣୁ ସେବା ପ୍ରଦାନକାରୀଙ୍କୁ ୧୮% ହାରରେ ଜିଏସ୍‌ଟି ଦେବାକୁ ହେବ। ଉଲ୍ଲେଖଥାଉ କି, ପ୍ରଦୂଷଣ କରୁ ନ ଥିବା ଗାଡି ଭାବେ ଦର୍ଶାଇବା ଲାଗି ପ୍ରଦୂଷଣ ନିୟନ୍ତ୍ରିତ ବୋଲି ସାର୍ଟିଫିକେଟ ହାସଲ କରିବା ବାଧ୍ୟତାମୂଳକ। ଏହା ନ ଥିଲେ ଗାଡି ଚଳାଇବା ବେଆଇନ।

## ପେଟ୍ରୋଲ ପମ୍ପ ପ୍ରତିଷ୍ଠା
# ଘରୋଇ କମ୍ପାନୀଙ୍କୁ ମିଳିବ ଅଧିକ ସୁଯୋଗ

ନୂଆଦିଲ୍ଲୀ,୨୩-୧୦

- ଲାଇସେନ୍ସ ନିୟମ କୋହଳ କରିବେ ସରକାର
- ଗଠିତ ହେଲା ବିଶେଷଜ୍ଞ କମିଟି
- ୬୦ ଦିନ ଭିତରେ ଦେବେ ରିପୋର୍ଟ



ତୈଳ ବିପଣନ କ୍ଷେତ୍ରରେ ଅଧିକରୁ ଅଧିକ ସଂଖ୍ୟାରେ ଘରୋଇ କମ୍ପାନୀଙ୍କୁ ସାମିଲ କରି ପ୍ରତିଯୋଗିତା ବଢ଼ାଇବାକୁ କେନ୍ଦ୍ର ସରକାର ଏବେ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି। ଲାଇସେନ୍ସ ନିୟମକୁ କୋହଳ କରିବା ସହ ପୁଞ୍ଜିନିବେଶରେ ରହିଥିବା ବାଧବାଧକତା ଦୂର କରିବାକୁ ସରକାର ଚାହାନ୍ତି। ଏହାଦ୍ୱାରା ଘରୋଇ କମ୍ପାନୀ ଦେଶରେ ଅଧିକରୁ ଅଧିକ ସଂଖ୍ୟାରେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ଲାଗି ପ୍ରୋତ୍ସାହିତ ହେବେ। ଏହାକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏହି କମିଟି ଲାଇସେନ୍ସ ନିୟମକୁ କିଭଳି କୋହଳ କରାଯାଇପାରିବ ସେ ନେଇ ସରକାରଙ୍କୁ ସୁପାରିସ କରିବେ।

ପ୍ରଚଳିତ ନିୟମ ଅନୁଯାୟୀ ଦେଶରେ ପେଟ୍ରୋଲ ପମ୍ପ ସ୍ଥାପନ କରିବାକୁ ହେଲେ ନିବେଶକାରୀ କମ୍ପାନୀକୁ ତୈଳ କ୍ଷେତ୍ରରେ ଖନନ, ଉତ୍ପାଦନ, ବିଶୋଧନ, ପାଇପଲାଇନ ଅଥବା ତରଳ ବାଷ୍ପ ଟର୍ମିନାଲ ପ୍ରତିଷ୍ଠା ଲାଗି ଅନ୍ୟୂନ ୨୦୦୦ କୋଟି ଟଙ୍କା ବିନିଯୋଗ କରିବାକୁ ପଡିଥାଏ। ଏହି କାରଣରୁ ଘରୋଇ କମ୍ପାନୀମାନେ ଏଥିରୁ ଦୂରେଇ ଯାଉଛନ୍ତି। ଫଳରେ ପ୍ରତିଯୋଗିତା ଅଭାବରୁ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀମାନେ ଏକଚାଟିଆ କାରବାର କରୁଛନ୍ତି। ଏହାକୁ ଦୂର କରିବା ସରକାରଙ୍କ ଉଦ୍ଦେଶ୍ୟ।

ଗଠିତ ବିଶେଷଜ୍ଞ କମିଟି ପେଟ୍ରୋଲ, ଡିଜେଲ ଓ ବିମାନ ଇନ୍ଧନର ମାର୍କେଟିଂ ଲାଗି ପ୍ରଚଳିତ ଗାଇଡଲାଇନକୁ କିଭଳି କୋହଳ କରାଯାଇପାରିବ ସେ ନେଇ ବିଚାର କରିବେ। ଏହି କମିଟିରେ ବିଶିଷ୍ଟ ଅର୍ଥନୀତିଜ୍ଞ କିରୀଟ୍ ପାରେଖ, ପୂର୍ବତନ ତୈଳ ସଚିବ ଜି.ସି. ଚତୁର୍ବେଦୀ, ଇଣ୍ଡିଆନ ଅଏଲ କର୍ପୋରେଶନର ପୂର୍ବତନ ଅଧକ୍ଷ ତଥା ଆଇଆଇଏମ୍ ଅହମ୍ମଦାବାଦର ଅଧକ୍ଷ ଏମ୍.ଏ. ପଠାନ ରହିଛନ୍ତି। ସମସ୍ତଙ୍କ ସହ ଆଲୋଚନା ପରେ ୬୦ ଦିନ ଭିତରେ କମିଟି ତାଙ୍କର ସୁପାରିସ ସରକାରଙ୍କୁ ଜଣାଇବେ। ତୈଳ ବିପଣନରେ ଘରୋଇ କମ୍ପାନୀଙ୍କ ଅଂଶଗ୍ରହଣରେ ଥିବା ବାଧା ନେଇ କମିଟି ବିଚାର କରିବେ। ଉଲ୍ଲେଖଥାଉ କି, ଦେଶରେ ଏବେ ୬୩,୪୯୮ ପେଟ୍ରୋଲ ପମ୍ପ ରହିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୯୯.୯ ପ୍ରତିଶତ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍)ଙ୍କ ନିକଟରେ ରହିଛି। ଏହାବାଦ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ନାୟାରା ଏନର୍ଜି (ପୂର୍ବତନ ଏସାର ଅଏଲ) ଓ ରୟାଲ ଡଚ୍ ସେଲ୍ ଭଳି ଘରୋଇ କମ୍ପାନୀଙ୍କ ପେଟ୍ରୋଲ ପମ୍ପ ରହିଛି। ଦେଶର ସର୍ବବୃହତ ରିଫାଇନିଂ କମ୍ପ୍ଲେକ୍ସ ଥିବା ରିଲାଏନ୍ସର ମାତ୍ର ୧୪୦୦ଟି, ନାୟାରାର ୪୮୩୩ଟି ଏବଂ ସେଲ୍‌ର ୧୧୪ଟି ପେଟ୍ରୋଲ ପମ୍ପ ରହିଛି। ବ୍ରିଟେନର ବିପି ପିଏଲ୍‌ସିକୁ ଗତ କିଛି ବର୍ଷ ପୂର୍ବେ ଦେଶରେ ୩୫୦୦ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ଲାଇସେନ୍ସ ଦିଆଯାଇଥିଲା। କିନ୍ତୁ ଏହି କମ୍ପାନୀ ଆଜିଯାଏ ଗୋଟିଏ ହେଲେ ପ୍ରତିଷ୍ଠା କରିନାହିଁ। ଫ୍ରାନ୍ସର ସର୍ବବୃହତ ଏନର୍ଜି କମ୍ପାନୀ ଟୋଟାଲ୍ ଭାରତର ଆଦାନୀ ଗ୍ରୁପ୍ ସହ ମିଶି ଆସନ୍ତା ୧୦ ବର୍ଷରେ ଦେଶରେ ୧୫୦୦ ପେଟ୍ରୋଲ ପମ୍ପ ପ୍ରତିଷ୍ଠା କରିବାକୁ ଯୋଜନା କରିଛି ବୋଲି ସପ୍ତାହକ ପୂର୍ବେ ଘୋଷଣା କରିଛି। ତୈଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ତୈଳ ବିପଣନ କ୍ଷେତ୍ରରେ ଅଧିକରୁ ଅଧିକ ଘରୋଇ କମ୍ପାନୀ ଯେପରି ଭାଗ ନେଇପାରିବେ ସେଥିପ୍ରତି ସରକାର ଏବେ ଯତ୍ନଶୀଳ। ତୈଳ ବିପଣନ କ୍ଷେତ୍ରରେ ଅଧିକ ଘରୋଇ କମ୍ପାନୀଙ୍କ ପ୍ରବେଶ ଯୋଗୁ ପ୍ରତିଯୋଗିତା ବଢ଼ିବ। ଫଳରେ ଗ୍ରାହକଙ୍କୁ ଅଧିକ ସେବା ମିଳିବ।

## ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଡବଲ ଧମାକା ଅଫର

ଭୁବନେଶ୍ୱର,୨୩-୧୦

Mahindra Rise.

ପାର୍ବଣ ଅବସରରେ ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଡବଲ ଧମାକା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫରର ଲାଭ ଗ୍ରାହକମାନେ ଅକ୍ଟୋବାର ପହିଲାରୁ ନଭେମ୍ବର ୩୦ ଯାଏ ଉଠାଇ ପାରିବେ। କମ୍ପାନୀର ମାରାଜୋ ଏବଂ ଆଲଫା ମଡେଲ ବାଦ ଅନ୍ୟ ସମସ୍ତ ମଡେଲ ଉପରେ ଗ୍ରାହକମାନେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଅତିରିକ୍ତ ଛାଡ ସୁବିଧା ପାଇ ପାରିବେ। ଗ୍ରାହକମାନେ ସର୍ବନିମ୍ନ ୧୦୦୦ ଟଙ୍କାରୁ ସର୍ବାଧିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ ଡିସକାଉଣ୍ଟ, ଚଳିତ ମାସର କଞ୍ଜ୍ୟୁମର ଅଫର ସହ ଅନ୍ୟ କେତେକ ଅଫର ଲାଭ କରି ପାରିବେ। ଏଭଳି ପଦକ୍ଷେପ ଗ୍ରାହକଙ୍କୁ ଲାଭ ପ୍ରଦାନ ସହ ଭଲ ରେସପନ୍ସ ଲାଭ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଏନ୍‌ଆଇଏନ୍‌ଏଲ୍‌ରେ ଷ୍ଟିଲ ବିଲେଟ୍ ଉତ୍ପାଦନ ଶୀଘ୍ର

ଭୁବନେଶ୍ୱର,୨୩-୧୦

କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ରେ ଆସନ୍ତା ମାସଠାରୁ ଷ୍ଟିଲ ବିଲେଟ୍ ଉତ୍ପାଦନ ହେବ। କମ୍ପାନୀ ଶୀଘ୍ର ଏହାର ଷ୍ଟିଲ ମେଲ୍ଟିଂ ଶପ୍‌କୁ ପୁନଃ କାର୍ଯ୍ୟକ୍ଷମ କରାଇବା ସହ ଉନ୍ନତ ମାନର ଷ୍ଟିଲ ବିଲେଟ୍ ଉତ୍ପାଦନ କରିବ ବୋଲି ସୂଚନା ଦେଇଛି। ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବ୍ଲାଷ୍ଟ ଫର୍ନେସ କ୍ୟାପିଟାଲ ମରାମତି କାର୍ଯ୍ୟକୁ ଶେଷକରିବା ପରେ ହଟ୍ ମେଟାଲ ତଥା ପିଗ୍ ଆଇରନ ଉତ୍ପାଦନରେ ଯଥେଷ୍ଟ ଉନ୍ନତି ହୋଇଥିଲା। କମ୍ପାନୀ ୨.୨୩ ଲକ୍ଷ ଟନ୍ ହଟ୍ ମେଟାଲ ଏବଂ ୧.୯୮ ଲକ୍ଷ ଟନ୍ ପିଗ୍ ଆଇରନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। ଏହା ସର୍ବାଧିକ ଦ୍ୱିତୀୟ ତୈମାସିକ ଉତ୍ପାଦନ। ଚଳିତ ବର୍ଷର ପ୍ରଥମ ୬ ମାସରେ କମ୍ପାନୀ ୩.୬୭ ଲକ୍ଷ ଟନ୍ ହଟ୍ ମେଟାଲ ଏବଂ ୩.୩୨ ଲକ୍ଷ ପିଗ୍ ଆଇରନ ଉତ୍ପାଦନ କରି ଏହା ରେକର୍ଡ କରିଛି। ବିଲେଟ ଉତ୍ପାଦନ ପରେ ଏହାର କିଛି ଅଂଶ ଟିଏମ୍‌ଟି ବାର୍ ଏବଂ ୱାୟାର ରଡ୍ କନଭର୍ସନ ମାଧ୍ୟମରେ ଉତ୍ପାଦନ କରିବ। ଏକ ଲାଭଦାୟକ ସଂସ୍ଥାରେ ପରିଣତ ହେବାକୁ ଏନ୍‌ଆଇଏନ୍‌ଏଲ୍ ଲକ୍ଷ୍ୟ ରଖିଥିବା କହିଛି।





ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କୁ ଏକ୍ସପର୍ଟ ଏକ୍ସିଲେଣ୍ଟ ଆୱାର୍ଡ ପ୍ରଦାନ କରୁଛନ୍ତି।

## ଭାରତୀୟ ଭିଜା ଆବେଦନ
## ବିଦେଶୀ ଜଣାଇବେ ନିଜର ଅପରାଧ ରେକର୍ଡ

ନୂଆଦିଲ୍ଲୀ,୨୩-୧୦

ଭାରତରେ ବୁଲାବୁଲି କରିବା ଲାଗି ଭିଜା ଆବେଦନ କରିବା ବେଳେ ଏଣିକି ବିଦେଶୀ ପର୍ଯ୍ୟଟକଙ୍କୁ ନିଜର ଅପରାଧ ରେକର୍ଡ ସମ୍ପର୍କରେ ଜଣାଇବାକୁ ପଡ଼ିବ। ଏହାଛଡା ବିଚାରାଧୀନ ମାମଲା ଯୋଗୁ ସେମାନେ ଭିଜା ପାଇବାରୁ ବଞ୍ଚିତ ହୋଇଛନ୍ତି କି ନା ଜଣାଇବାକୁ ବାଧ୍ୟ ରହିବେ। ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ରାୟ ଏକ ମାସ ହେବ ଏହି ବ୍ୟବସ୍ଥା ଲାଗୁ କରାଯାଇଛି।

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ସାମିଲ ହେଲେ ଆୟୁଷ ପ୍ରତିନିଧି

ନୂଆଦିଲ୍ଲୀ,୨୩-୧୦

ଦୀର୍ଘଦିନ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ରେ ଆୟୁଷ ମନ୍ତ୍ରଣାଳୟର ପ୍ରତିନିଧିଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ଯୋଗ ଏବଂ ନେଚ୍‌ରୋପାଥିକୁ ସାରା ଦେଶରେ ବିସ୍ତାର କରାଯିବା ଲକ୍ଷ୍ୟରେ ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ। ସେ କହିଛନ୍ତି ଯେ, ପଦବୀ ଥିବା ସତ୍ତ୍ୱେ ଡବ୍ଲ୍ୟୁଏଚ୍‌ଓରେ ଭାରତର ପ୍ରତିନିଧିତ୍ୱ ନ ଥିଲା। ଏବେ ଏଥିରେ ଆୟୁଷର ପ୍ରତିନିଧି ରହିବେ। ଇତିମଧ୍ୟରେ ୧୨ ରାଷ୍ଟ୍ର ସହ ଭାରତର ଚୁକ୍ତି ସ୍ୱାକ୍ଷର ହୋଇଛି। ହରିୟାଣାର ଝାଝରଠାରେ ଇତିମଧ୍ୟରେ ଯୋଗ ଓ ନେଚ୍ରୋରୋପାଥି ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।

# ନଭେମ୍ବର ପହିଲାରୁ ଅନ୍‌ଲାଇନରେ ସୁବିଧା

ନୂଆଦିଲ୍ଲୀ,୨୩-୧୦

**ଅଣ ସଂରକ୍ଷିତ ଟିକେଟ ବୁକିଂ**

ଅଣସଂରକ୍ଷିତ ଆସନରେ ଯାତାୟାତ କରୁଥିବା ରେଳଯାତ୍ରୀଙ୍କ ପାଇଁ ଖୁସିଖବର। ନଭେମ୍ବର ପହିଲାରୁ ସେମାନେ ଅନଲାଇନରେ ଅଣସଂରକ୍ଷିତ ଆସନ ଲାଗି ଟିକେଟ ବୁକିଂ କରିପାରିବେ। ଭାରତୀୟ ରେଳୱେ ପକ୍ଷରୁ ଏଥିପାଇଁ ୟୁଟିଏସ୍ ମୋବାଇଲ ଆପ୍‌କୁ ସାରାଦେଶରେ ପ୍ରଚଳନ କରାଯିବ। ଏହି ଆପ୍ ଜରିଆରେ ଉକ୍ତ ସୁବିଧା ମିଳିବ। ସୂଚନାଥାଉ କି, ୪ ବର୍ଷ ପୂର୍ବେ ରେଳୱେ ପକ୍ଷରୁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ତେବେ ମୁମ୍ବାଇକୁ ଛାଡି ଦେଲେ ଏହା ଦେଶର ଅନ୍ୟ ସମସ୍ତ ସ୍ଥାନରେ ବିଫଳ ହୋଇଥିଲା। ମୁମ୍ବାଇରେ ଅଧିକାଂଶ ଯାତ୍ରୀ ଲୋକାଲ ଟ୍ରେନ ବ୍ୟବହାର କରୁଥିବାରୁ ଅଣସଂରକ୍ଷିତ ଟିକେଟ କାଟିବା ସେମାନଙ୍କ ପାଇଁ ଏକ ମୁଣ୍ଡବ୍ୟଥା ହେଉଥିଲା। ମୁମ୍ବାଇ ପରେ ଏହାକୁ ଦିଲ୍ଲୀ-ପାଲୱାଲ ଓ ଚେନ୍ନାଇ ସିଟିରେ ଲାଗୁ କରାଯାଇଥିଲା। ଆଜି ସୁଦ୍ଧା ରେଳୱେର ୧୫ ଜୋନ୍‌ରେ ଏହାକୁ ଲାଗୁ କରାଯାଇ ସାରିଲାଣି। ଉତ୍ତର-ପୂର୍ବ ଫ୍ରଣ୍ଟିୟର ରେଳୱେ ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳୱେ ଜୋନ୍‌ରେ ଏହା ବାକି ରହିଛି। ଏହାଛଡା ଦୂରଯାତ୍ରୀ ମଧ୍ୟ ଏହି ଆପ୍ ଜରିଆରେ ନିଜର ଆସନ ପାଇଁ ଟିକେଟ ବୁକିଂ କରିପାରିବେ। ଜଣେ ରେଳୱେ ଅଧିକାରୀ କହିଛନ୍ତି ଯେ, ଉକ୍ତ ଆପ୍‌କୁ ଅଧିକରୁ ଅଧିକ ଲୋକ ଯେପରି ବ୍ୟବହାର କରିବେ ସେ ନେଇ ରେଳୱେ ସେମାନଙ୍କୁ ପ୍ରୋତ୍ସାହିତ କରୁଛି।

## ଲାଇସେନ୍ସ ମୁକ୍ତ ହେଲା ୫ଜିର କିଛି ସ୍ପେକ୍ଟ୍ରମ

ନୂଆଦିଲ୍ଲୀ,୨୩-୧୦

କେନ୍ଦ୍ର ସରକାର ୱାଇଫାଇ ଓ ୫ଜି ସେବା ଯୋଗାଣ ଲାଗି ୫ ଗିଗା ହର୍ଜ ବ୍ୟାଣ୍ଡର କିଛି ସ୍ପେକ୍ଟ୍ରମକୁ ଲାଇସେନ୍ସ ମୁକ୍ତ କରିଦେଇଛନ୍ତି। ୫୧୫୦-୫୨୫୦ ମେଗାହର୍ଜ ବ୍ୟାଣ୍ଡ, ୫୨୫୦-୫୩୫୦ ମେଗାହର୍ଜ ଏବଂ ୫୭୨୫-୫୮୭୫ ମେଗା ହର୍ଜର ସ୍ପେକ୍ଟ୍ରମ ରେଞ୍ଜ ପାଇଁ ଏଣିକି କୌଣସ ପରମିଟ୍‌ର ଆବଶ୍ୟକତା ନାହିଁ। ୫ଜି ଇକୋସିଷ୍ଟମକୁ ବିକଶିତ କରିବା ତଥା ସାରା ଦେଶରେ ୱାଇଫାଇ ସେବାକୁ ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଏଭଳି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି।

## ଏଚ୍-୧ବି ଭିଜା ସାର୍ଟିଫିକେଟ
## ଟପ୍ ୧୦ରେ ସ୍ଥାନ ପାଇଲା ଟିସିଏସ୍

ୱାଶିଂଟନ,୨୩-୧୦





ଏଚ୍-୧ବି ଭିଜାକୁ ନେଇ ଚର୍ଚ୍ଚା ଥମୁ ନ ଥିବା ବେଳେ ଆମେରିକା ସରକାର ଫରେନ୍ ଲେବର ସାର୍ଟିଫିକେଶନ ଜାରି କରିଛି। ଟାଟା କନସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଏକମାତ୍ର ଭାରତୀୟ କମ୍ପାନୀ ଭାବେ ଏହି ସାର୍ଟିଫିକେଟ ହାସଲ କରି ଟପ୍ ୧୦ରେ ରହିପାରିଛି। ଆମେରିକା ସରକାର ଆର୍ଥିକ ବର୍ଷ ୨୦୧୮ ଲାଗି ଏହି ସାର୍ଟିଫିକେଟ ଜାରି କରିଛି। ଶ୍ରମ ବିଭାଗର ତଥ୍ୟ ଅନୁଯାୟୀ ଟିସିଏସ୍ ୨୦ ହଜାର ସାର୍ଟିଫିକେଟ ସହିତ ତାଲିକାରେ ସାମିଲ ହୋଇଛି। ଏଥିରେ ୟର୍ନେଷ୍ଟ ଆଣ୍ଡ୍ ୟଙ୍ଗ ଶୀର୍ଷରେ ରହିଛି। ଲଣ୍ଡନସ୍ଥିତ ଏହି କମ୍ପାନୀ ଏଚ୍-୧ବି ଅନ୍ତର୍ଗତରେ ୧,୫୧,୧୬୪ ପଦ ଲାଗି ଉକ୍ତ ସାର୍ଟିଫିକେଟ ହାସଲ କରିଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ଡେଲଏଟ୍ କନସଲଟିଙ୍ଗ। ଏହାକୁ ୬୮,୮୬୯, ଭାରତୀୟ-ଆମେରିକା କମ୍ପାନୀ କଗ୍ନିଜେଣ୍ଟ ଟେକ୍ନୋଲୋଜିକୁ ୪୭,୭୩୨, ଏଚ୍‌ସିଏଲ୍ ଆମେରିକାକୁ ୪୨,୮୨୦, କେ.ଫୋର୍ସ ଇଙ୍କକୁ ୩୨,୯୯୬ ଓ ଆପଲ୍‌କୁ ୨୬,୮୩୩ ସାର୍ଟିଫିକେଟ ମିଳିଛି। ଟିସିଏସ୍ ୨୦,୭୫୫ ଏଚ୍-୧ବି ସାର୍ଟିଫିକେଟ ହାସଲ କରିଛି। ଉଲ୍ଲେଖଥାଉ କି, ଏଚ୍-୧ବି ଭିଜା ନିୟମ ଅଧୀନରେ କର୍ମଚାରୀଙ୍କୁ ଆମେରିକାରେ କାମ କରିବା ପାଇଁ ଆଣିବା ଲାଗି ପ୍ରତ୍ୟେକ କମ୍ପାନୀଙ୍କୁ ଉକ୍ତ ସାର୍ଟିଫିକେଟ ଲେବର ଡିପାର୍ଟମେଣ୍ଟକୁ ଦେବାକୁ ପଡିଥାଏ। ଏହାପରେ ହିଁ ସେମାନଙ୍କ ଏଚ୍-୧ବି ଭିଜା ଆବେଦନକୁ ବିଚାରକୁ ନିଆଯାଏ।

# ଅନ୍‌ଲାଇନରେ ନକଲି କସ୍‌ମେଟିକ୍ସ

ନୂଆଦିଲ୍ଲୀ,୨୩-୧୦

**ଏକାଧିକ ଇ-କମର୍ସ କମ୍ପାନୀଙ୍କୁ ନୋଟିସ**



ବିଭିନ୍ନ ଇ-କମର୍ସ କମ୍ପାନୀର ୱେବସାଇଟ୍‌ରୁ କସ୍‌ମେଟିକ୍ସ କିଣୁଥିବା ମହିଳାମାନେ ସାବଧାନ ହୋଇଯାଆନ୍ତୁ। କାରଣ ବହୁ ନାମୀଦାମୀ କମ୍ପାନୀ ନାମରେ ଅନ୍‌ଲାଇନରେ ଭେଜାଲ, ନକଲି କସ୍‌ମେଟିକ୍ସ ବିକ୍ରି ହେଉଛି। ଏପରିକି ବିକ୍ରି ହେଉଥିବା ବିଦେଶୀ କମ୍ପାନୀଙ୍କ କସ୍‌ମେଟିକ୍ସ ସରକାରଙ୍କ ଦ୍ୱାରା ଅନୁମୋଦିତ ନୁହେଁ। ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ଭାରତୀୟ ଡ୍ରଗ୍ ନିୟନ୍ତ୍ରକ ମହାନିର୍ଦ୍ଦେଶକ (ଡିସିଜିଆଇ) ବିଭିନ୍ନ ଇ-କମର୍ସ କମ୍ପାନୀଙ୍କୁ ନୋଟିସ ଜାରି କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅନ୍‌ଲାଇନରେ ନକଲି କସ୍‌ମେଟିକ୍ସ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ପାଇବା ପରେ ଚଳିତମାସ ୫ ଓ ୬ରେ ଡ୍ରଗ୍ ଇନ୍ସପେକ୍ଟରମାନେ ଦେଶର ବିଭିନ୍ନ ସ୍ଥାନରେ ଥିବା କସ୍‌ମେଟିକ୍ସ ନିର୍ମାତାଙ୍କ କାରଖାନାରେ ଚଢ଼ଉ କରିଥିଲେ। ଏହି ଚଢ଼ଉରୁ ଚକିତ କଲା ଭଳି ବହୁ ତଥ୍ୟ ମିଳିଛି। ଏଥିରୁ ଜଣାପଡିଛି ଯେ, ବହୁ ଦେଶୀ କସ୍‌ମେଟିକ୍ସ ନିର୍ମାତାଙ୍କର ପ୍ରସାଧାନ ସାମଗ୍ରୀ ପ୍ରସ୍ତୁତି ଲାଗି ବୈଧ ଲାଇସେନ୍ସ ନାହିଁ। ନିର୍ମାଣରେ ବ୍ୟବହୃତ ସାମଗ୍ରୀଗୁଡିକ ବିଦେଶରୁ ବିନା ପଞ୍ଜୀକରଣ ସାର୍ଟିଫିକେଟରେ ଅଣାଯାଉଛି। ଏଗୁଡିକ ସମ୍ପୂର୍ଣ୍ଣ ଭେଜାଲ ଓ ନକଲି। ଏଥିପାଇଁ ଜରିମାନା ଓ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ଏକ ଘରୋଇ କମ୍ପାନୀର ମୁଖପାତ୍ର କହିଛନ୍ତି ଯେ, କମ୍ପାନୀର ୱେବସାଇଟ୍‌ରେ ନକଲି ସାମଗ୍ରୀ ବିକ୍ରି ହେବାର ଅଭିଯୋଗ ପାଇବା ମାତ୍ରେ କମ୍ପାନୀ ପକ୍ଷରୁ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ଅନ୍‌ଲାଇନରେ ବିକ୍ରି ହେଉଥିବା ଅଧିକାଂଶ ବିଦେଶୀ ସମେତ ଦେଶୀ କମ୍ପାନୀର କସ୍‌ମେଟିକ୍ସରେ ବ୍ୟବହୃତ ସାମଗ୍ରୀଗୁଡ଼ିକ ବିଆଇଏସ୍‌ରେ କଳା ତାଲିକାଭୁକ୍ତ ହୋଇଛି। ଏଭଳି ନକଲି ତଥା ଭେଜାଲ ସାମଗ୍ରୀ ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦର୍ଶାଇ ଡିଜିସିଆଇ ଇ-କମର୍ସ କମ୍ପାନୀଙ୍କୁ ନୋଟିସ ଜାରି କରି ୧୦ ଦିନ ଭିତରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଡ୍ରଗ୍ ଆଣ୍ଡ୍ କସ୍‌ମେଟିକ୍ସ ଆଇନାନୁଯାୟୀ କସ୍‌ମେଟିକ୍ସର ଆମଦାନୀ ଲାଗି ପଞ୍ଜୀକରଣ ସାର୍ଟିଫିକେଟ ନେବା ବାଧ୍ୟତାମୂଳକ। ସେହିପରି ଦେଶରେ ତିଆରି ହେଉଥିବା କସ୍‌ମେଟିକ୍ସ ପାଇଁ ପୂର୍ବରୁ ଲାଇସେନ୍ସ ନେବାକୁ ପଡିଥାଏ। ଏହାଛଡା ନିର୍ମିତ କସ୍‌ମେଟିକ୍ସ ବିଆଇଏସ ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ।

ଧରିତ୍ରୀ
DHARITRI
ବୁଧବାର, ୨୪ ଅକ୍ଟୋବର, ୨୦୧୮



ବିରାଟ କୋହଲି ବେଳେ ବେଳେ ଏଭଳି ବ୍ୟାଟିଂ କରନ୍ତି ଯେ ସେ ଜଣେ ମନୁଷ୍ୟ ବୋଲି ମନେହୁଅନ୍ତି ନାହିଁ ।
–ତମିମ ଇକ୍‌ବାଲ
ବାଂଲାଦେଶ ଓପନର



ମହାନ୍ କ୍ରିକେଟର ବ୍ରାଏନ ଲାରା ହେଉଛନ୍ତି ମୋ ଆଦର୍ଶ। ମୁଁ ତାଙ୍କ ଭଳି ଖେଳିବାକୁ ଚେଷ୍ଟା କରିଥାଏ।
–ସିମ୍‌ରନ ହେଟମେର
ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ପ୍ରୋ କବାଡ଼ି ଲିଗ୍: ରାହୁଲଙ୍କ ରେକର୍ଡ ସତ୍ତ୍ୱେ ଟାଇଟାନ୍ସ ପରାସ୍ତ

ପୁଣେ, ୨୩।୧୦(ପି.ଟି.): ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ) ଷଷ୍ଠ ସଂସ୍କରଣରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁ ମୁମ୍ବା ୪୧- ୨୦ରେ ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରିଛି। ଇଣ୍ଟର ଜୋନାଲ ଚ୍ୟାଲେଞ୍ଜ୍ ୱିକ୍‌ରେ ସିଦ୍ଧାର୍ଥ ଦେଶାଇଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ୟୁ ମୁମ୍ବା ବାଜି ମାରିଛି। ଅନ୍ୟପଟେ ରାହୁଲ ଚୌଧାରୀ ପ୍ରୋ କବାଡ଼ିରେ ୭୦୦ ରେଡ ପଏଣ୍ଟ ସ୍କୋର କରି ଇତିହାସ ରଚିଥିଲେ ହେଁ ନିଜ ଦଳ ଟାଇଟାନ୍ସକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଦେଶାଇ ୧୭ ପଏଣ୍ଟ ସ୍କୋର କରି ଟାଇଟାନ୍ସ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲେ। ଏପର୍ଯ୍ୟନ୍ତ ଦେଶାଇ ଚଳିତ ସିଜନରେ ସର୍ବାଧିକ ୮୩ ପଏଣ୍ଟ ସ୍କୋର କରି ଅଗ୍ରଣୀ ରେଡର ସାବ୍ୟସ୍ତ ହୋଇଛନ୍ତି। ବୁଧବାର ବେଙ୍ଗାଲୁରୁ ବୁଲ୍ସ ଓ ହରିୟାଣା ଷ୍ଟିଲର୍ସ, ପୁନେରୀ ପଲ୍ଟନ ଓ ୟୁପି ଅଯୋଧ୍ୟା ମୁହାଁମୁହିଁ ହେବେ।

### ୧୯ ବର୍ଷରୁ କମ୍ ମହିଳା ଟି୨୦
## ସୁପର ଲିଗ୍‌ରେ ଓଡ଼ିଶା-ପଞ୍ଜାବ

କଟକ ଅଫିସ,୨୩।୧୦: ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଓଡ଼ିଶା ବୃହତ୍ତ ରନ୍ ବ୍ୟବଧାନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରି ସୁପର ଲିଗ୍‌ରେ ପ୍ରବେଶ କରିଛି । ୧୫୪ ରନ୍‌ରେ ଓଡ଼ିଶା ଏହି ମ୍ୟାଚ୍ ଜିତିଥିଲା। ବିଜୟୱାଡାଠାରେ ଆସନ୍ତା ୨୬ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସୁପର ଲିଗ୍ ତଥା ନକଆଉଟ ପର୍ଯ୍ୟାୟ ଖେଳାଯିବ । ଏଥିରେ ଓଡ଼ିଶାର ମୁକାବିଲା ଗ୍ରୁପ୍-ଏ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ପଞ୍ଜାବ ସହ ହେବ । ଗ୍ରୁପ୍-ବିରେ ରହିଥିବା ଓଡ଼ିଶା ୬ଟି ମ୍ୟାଚ୍‌ରୁ ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୨୦ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦିଲ୍ଲୀ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ବିନା ଉଇକେଟରେ ନିର୍ଦ୍ଧାରିତ ୨୦ ଓଭରରେ ୧୭୬ରନ୍ ସଂଗ୍ରହ କରିଥିଲା । ଓପନର କାଜଲ ଜେନା ୪୧ଟି ବଲରୁ ଅର୍ଦ୍ଧଶତକ ଓ ୬୨ଟି ବଲରୁ ଶତକ ହାସଲ କରିଥିଲେ । ଅନ୍ୟତମ ଓପନର ଶୁଭ୍ରନିର୍ଝରିଣୀ ସ୍ୱାଇଁ ୪୫ଟି ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ । ଶୁଭ୍ର ନିର୍ଝରିଣୀ ୬୦ରନ୍ ଓ କାଜଲ ୧୦୮ ରନ୍‌ରେ ଅପରାଜିତ ଥିଲେ। ଜବାବରେ ୭ରନ୍‌ରେ ପ୍ରଥମ ଉଇକେଟ ହରାଇଥିବା ଅରୁଣାଚଳ ପ୍ରଦେଶ ମାତ୍ର ୨୨ରନ୍‌ରେ ଅଲଆଉଟ ହୋଇଥିଲା । କୌଣସି ବି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ଓଡ଼ିଶା ପକ୍ଷରୁ ସୋନାଲି ହେମ୍ବ୍ରମ ୪ଟି ଉଇକେଟ ଦଖଲ କରିଥିଲେ । କଳ୍ପନା ନାୟକ ୨ଟି, ତରଣା ପ୍ରଧାନ, ଶୁଭ୍ରନିର୍ଝରିଣୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ସୁପର ଲିଗ ନିମନ୍ତେ ଓଡ଼ିଶା ଦଳ ଅପରିବର୍ତ୍ତିତ ରହିଛି ।

**ଓଡ଼ିଶା ଦଳ:** ଇନ୍ଦ୍ରାଣୀ ଛତ୍ରିଆ(ଅଧିନାୟିକା), ପୁନମ ନାୟକ(ଉପଅଧିନାୟିକା), କାଜଲ ଜେନା, ରଶ୍ମିତା ଚିନାରା, ରାଜେଶ୍ୱରୀ ଜେନା, ତରଣା ପ୍ରଧାନ, କୁସୁମ ତିରିଆ(ଉଇକେଟ କିପର), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ଜି.ଏମ ଅଲକାନନ୍ଦ, ତନ୍ମୟୀ ବେହେରା, କଳ୍ପନା ନାୟକ, ସୋନାଲି ହେମ୍ବ୍ରମ, ବିଏଲଏସ୍ ବୈଷ୍ଣବୀ, ସୁଚିତ୍ରା ରାୟ, ଶ୍ୱେତା ବେଉରା । ଇତିଶ୍ରୀ ପଟ୍ଟନାୟକ-କୋଚ୍, ବିଦ୍ୟୁତ ପ୍ରଭା ଦାସ-ଫିଜିଓ, ଚିଙ୍କିଲତା ପ୍ରଧାନ-ଟ୍ରେନର, ତ୍ରିନାଥ ସାହୁ-ମ୍ୟାନେଜର ।

# ଅଗ୍ରଣୀ ବଜାୟ ଲକ୍ଷ୍ୟରେ ଭାରତ

ବିଶାଖାପାଟଣା, ୨୩।୧୦(ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ । ପ୍ରଥମ ଦିନିକିଆରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଟିମ୍ ଇଣ୍ଡିଆ ଏହି ମ୍ୟାଚ ପାଇଁ ସ୍ୱତଃ ଫେଭରାଇଟ ହୋଇଯାଇଥିବାବେଳେ ୱେଷ୍ଟଇଣ୍ଡିଜ ଲାଗି ପ୍ରତ୍ୟାବର୍ତ୍ତନ କଷ୍ଟକର ବ୍ୟାପାର ହେବ । ତେଣୁ ବିଜୟ ସହ ଭାରତ ଅଗ୍ରଣୀ ବଜାୟ ରଖିବା ଲକ୍ଷ୍ୟରେ ରହିବ।

ଭାରତର ଟପ୍ ଅର୍ଡର ଏବେ ଚମତ୍କାର ଫର୍ମରେ ଅଛି। ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ୩୨୨ ରନ କରିଥିଲେ ହେଁ ଭାରତ ୪୨.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା । ଏହି ମ୍ୟାଚକୁ ଭାରତ କେବଳ ଜିତି ନ ଥିଲା, ୮ ଓଭର ବାକିଥାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥିଲା। ସାମ୍ପ୍ରତିକ ସମୟରେ ଏକଦିବସୀୟ କ୍ରିକେଟର ଦୁଇ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା ଅଧିନାୟକ ବିରାଟ କୋହଲି ୧୪୦ ଓ ରୋହିତ ଶର୍ମା ୧୫୨* ରନର ଇନିଂସ ଖେଳି ୱେଷ୍ଟଇଣ୍ଡିଜ ବୋଲରଙ୍କୁ ଚକିତ କରିଥିଲେ। ଏକଦିବସୀୟ କ୍ରିକେଟରେ ୧୦,୦୦୦ ରନ ପୂରଣ ପାଇଁ କୋହଲି ଆଉ ୮୧ ରନ ଆବଶ୍ୟକ କରୁଛନ୍ତି । ଏହା ଯଦି ସେ ଆଗାମୀ ମ୍ୟାଚରେ କରିପାରନ୍ତି ତେବେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ଦ୍ରୁତତମ ସାବ୍ୟସ୍ତ ହେବେ। ଏ କ୍ଷେତ୍ରରେ ସେ ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇଦେବେ। ସଚିନ ୨୫୯ ଇନିଂସ ଖେଳି ୧୦,୦୦୦ ରନ ପୂରଣ କରିଥିବାବେଳେ କୋହଲି ଏବେ ସୁଦ୍ଧା ମାତ୍ର ୨୦୪ ଇନିଂସ ଖେଳିଛନ୍ତି। ଟପ୍ ଅର୍ଡରର ତିନି ବ୍ୟାଟ୍ସମ୍ୟାନ ଶ୍ରେଷ୍ଠ ଫର୍ମରେ ଥିବାରୁ ଭାରତୀୟ ମଡଲ ଅର୍ଡର ଏହି ସିରିଜରେ ବେଶି ସୁଯୋଗ ପାଇବା ସମ୍ଭାବନା କମ୍। ବିଶ୍ୱକପକୁ ଦୃଷ୍ଟିରେ ରଖି ଭାରତ ଏହାର ମିଡଲ ଅର୍ଡରକୁ ପରୀକ୍ଷା ନିରୀକ୍ଷା କରିବା କିନ୍ତୁ ଜରୁରୀ ହୋଇପଡ଼ିଛି।

ଭାରତର ବ୍ୟାଟିଂ ଅର୍ଡର ଦୃଢ଼ ଥିବାବେଳେ ଡ. ୱାଇ.ଏସ. ରାଜଶେଖର ରେଡ୍ଡୀ ଏସିଏ-ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ବୋଲରମାନଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡ଼ିବ। ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଓ ନିର୍ଭରଯୋଗ୍ୟ ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତିରେ ଭାରତୀୟ ପେସରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ସ୍ପିନର ରବୀନ୍ଦ୍ର ଜାଡେଜା ମଧ୍ୟ ୱେଷ୍ଟଇଣ୍ଡିଜ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇପାରି ନ ଥିଲେ। ପ୍ରଥମ ମ୍ୟାଚରେ ସେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ଅଲ୍‌ରାଉଣ୍ଡ ଦକ୍ଷତା ଯୋଗୁ ଚୂଡ଼ାନ୍ତ ଦଳରେ ସ୍ଥାନ ବଜାୟ ରଖିବା ସମ୍ଭାବନା ଅଧିକ। ମହମ୍ମଦ ସାମି ୧୦ ଓଭରରେ ୮୧ ରନ ବ୍ୟୟ କରିଥିଲେ। ଏହା ସତ୍ତ୍ୱେ ପର୍ଯ୍ୟାପ୍ତ ବିକଳ୍ପ ନ ଥିବାରୁ କୋହଲି ତାଙ୍କ ଉପରେ ଭରସା ରଖିପାରନ୍ତି। ଦ୍ୱିତୀୟ ଟେଷ୍ଟରେ ୧୦ ଉଇକେଟ ନେଇଥିବା ଉମେଶ ଯାଦବ ମଧ୍ୟ ଦିନିକିଆରେ ପ୍ରଭାବୀ ସାବ୍ୟସ୍ତ ହୋଇପାରି ନାହାନ୍ତି। ଇଂଲଣ୍ଡରେ ହେବାକୁଥିବା କ୍ରିକେଟ ବିଶ୍ୱକପ ପାଇଁ ଆଉ ଏକ ବର୍ଷରୁ କମ୍ ସମୟ ଥିବାରୁ ଉମେଶଙ୍କୁ ଅଧିକ ସୁଯୋଗ ମିଳିବା ଆଶା କରାଯାଉଛି। ତେବେ ଦ୍ୱିତୀୟ ଦିନିକିଆ ପାଇଁ ଦଳରେ ଗୋଟିଏ କିମ୍ବା ୨ଟି ପରିବର୍ତ୍ତନର ଆଭାସ ମିଳୁଛି। ଚାଇନାମ୍ୟାନ କୁଲଦୀପ ଯାଦବ ଦ୍ୱିତୀୟ ଦିନିକିଆରେ ଖଲିଲ ଅହମ୍ମଦଙ୍କ ସ୍ଥାନ ନେଇପାରନ୍ତି।

ସିମରନ ହେଟମେର ୭୮ ବଲ୍‌ରୁ ୧୦୬ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜ ପାଇଁ ଆଶା ସଞ୍ଚାର କରିଛନ୍ତି। ଓପନର କେରନ ପାୱେଲ ମଧ୍ୟ ନିଜ ଦକ୍ଷତା ଅନୁସାରେ ଖେଳିଛନ୍ତି। ଏବେ ଅନ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ଦାୟିତ୍ୱ ଅନୁସାରେ ଖେଳିବାକୁ ହେବ। ଭେଟେରାନ ମାର୍ଲୋନ ସାମୁଏଲ୍ସ ଦଳରେ ରହିଥିଲେ ହେଁ ପ୍ରଥମ ଦିନିକିଆରେ ଖାତା ଖୋଲିପାରି ନ ଥିଲେ। ମାତ୍ର ଭାରତର ଶିଖର ଧାୱନଙ୍କ ପରି ସେ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ରଖିଛନ୍ତି। ପେସ୍ ଆକ୍ରମଣ ବିଭାଗ ମୁଖ୍ୟ କେମର ରୋଚ୍ ପାରିବାରିକ ସମସ୍ୟା ଯୋଗୁ ଟେଷ୍ଟ ସିରିଜରେ ଖେଳିପାରି ନ ଥିଲେ। ପ୍ରଥମ ଦିନିକିଆରେ ସେ ପ୍ରଭାବହୀନ ରହିଥିଲେ ହେଁ ଆଗାମୀ ମ୍ୟାଚରେ ତାଙ୍କଠାରୁ ଦଳ ଅନେକ କିଛି ଆଶା କରୁଛି।



ଅଭ୍ୟାସ ଅବସରରେ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ସହ ରିଷଭ ପନ୍ତ।

### ଦ୍ୱିତୀୟ ଦିନିକିଆ ଆଜି

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ, ଲୋକେଶ ରାହୁଲ ଓ ଉମେଶ ଯାଦବ।
- **ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, ସୁନୀଲ ଅମ୍ବ୍ରିସ, ଦେବେନ୍ଦ୍ର ବିଶୁ, ଚନ୍ଦରପଲ ହେମରାଜ, ସିମରନ ହେଟମେର, ଶାଇ ହୋପ୍, କିରନ ପାୱେଲ, ଅଲଜାରି ଯୋଶେଫ୍, ଇଭିନ ଲିୱିସ, ଅଶଲେ ନର୍ସ, କିମୋ ପଲ, ରୋଭମ୍ୟାନ ପାୱେଲ, କେମର ରୋଚ୍, ମାର୍ଲୋନ ସାମୁଏଲ୍ସ, ଓସାନ ଥୋମାସ।

ସ୍ଥାନ: ବିଶାଖାପାଟଣା
ସମୟ: ଅପରାହ୍ନ ୧.୩୦
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

## ନେଟ୍ସରେ ବୋଲିଂ କଲେ ଇଶାନ୍ତ

ବିଶାଖାପାଟଣା, ୨୩।୧୦ (ପି.ଟି.)

ମଙ୍ଗଳବାର ଭାରତୀୟ କ୍ରିକେଟ ଦଳର ନେଟ୍ସ ବେଳେ ସିନିୟର ପେସ୍ ବୋଲର ଇଶାନ୍ତ ଶର୍ମା ବୋଲିଂ ଅଭ୍ୟାସ କରିଥିଲେ। ଆଣ୍ଠୁରେ ଆଘାତପ୍ରାପ୍ତ ହେବାରୁ ଏହି ଖେଳାଳି ଗତ ମାସରେ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରୁ ଓହରିଯିବାକୁ ବାଧ ହୋଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ପାଇଁ ଭାରତୀୟ ଟିମ୍ ଲାଗି ନେଟ୍ସର ଆୟୋଜନ କରାଯାଇଥିଲା। ଏଥିରେ ୩୦ବର୍ଷୀୟ ଇଶାନ୍ତ ପ୍ରାୟ ଅଧଘଣ୍ଟା ଧରି ବୋଲିଂ କରିଥିଲେ। ଭାରତୀୟ ଟିମ୍‌ମେଟ୍‌ଙ୍କ ସହିତ ବୋଲିଂ କରିବା ପୂର୍ବରୁ ସେ ଡକ୍ଟର ୱାଇଏସ୍ ରାଜଶେଖରା ରେଡ୍ଡୀ ଏସିଏ-ଭିଡିସିଏ ଷ୍ଟାଡିୟମରେ ୱାର୍ମଅପ୍ ହୋଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟ ଇଶାନ୍ତଙ୍କ ଏକ ଭିଡିଓ ପୋଷ୍ଟ କରିଛି। ଭାରତୀୟ ପେସ୍ ବୋଲର କ୍ରମେ ଫିଟ୍ ହେବାରେ ଲାଗିଛନ୍ତି ବୋଲି ଏଥିରେ ଦର୍ଶାଯାଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବାକୁ ଥିବାବେଳେ ଇଶାନ୍ତଙ୍କ ଫିଟ୍‌ନେଶ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ସାମିଲ ହୋଇପାରିଲେ ଭାରତୀୟ ବୋଲିଂ ବାହିନୀ ଅଧିକ ଶକ୍ତିଶାଳୀ ହୋଇପାରିବ। ଅତୀତରେ ରିକି ପଣ୍ଟିଂ ଅଧିନାୟକ ଥିବାବେଳେ ପର୍ଥଠାରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନଙ୍କୁ ଇଶାନ୍ତ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଦିଲ୍ଲୀ ଫାଷ୍ଟ ବୋଲର ନିକଟରେ ଏକ ଜିମ୍ନାସିୟମରେ ବ୍ୟାୟାମ କରୁଥିବା ଦୃଶ୍ୟ ସମ୍ବଳିତ ତାଙ୍କର ଏକ ଫଟୋ ଟ୍ୱିଟର ପେଜ୍‌ରେ ଛାଡ଼ିଥିଲେ। ଇଂଲଣ୍ଡ ବିପକ୍ଷ ସିରିଜରେ ଇଶାନ୍ତ ଭାରତର ଷ୍ଟାଣ୍ଡ ଆଉଟ ବୋଲର ଥିଲେ। ୨୪.୨୭ ଆଭରେଜରେ ସେ ୧୮ଟି ଉଇକେଟ ଅକ୍ତିଆର କରିଥିଲେ।

## ଅଲ୍ ଓଡ଼ିଶା ଓପନ ସ୍ନୁକର ଉଦ୍‌ଘାଟିତ



ମଙ୍ଗଳବାର ଶଟ୍ ଖେଳିବା ଅବସରରେ ସୁବ୍ରତ ଦାସ।

କଟକ ଅଫିସ,୨୩।୧୦

ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ସୁବ୍ରତ ଦାସ ୩-୦ ଫ୍ରେମରେ ଜ୍ଞାନ ଦାସଙ୍କୁ, ସ୍ମୃତିରଞ୍ଜନ ବେହେରା ୩-୦ ଫ୍ରେମରେ ହର୍ଷ ଲାମ୍ବାଙ୍କୁ, ଗଡୱିନ କୁଲୁ ୩-୦ ଫ୍ରେମରେ ମହମ୍ମଦ ଅବିଦଙ୍କୁ, ଅବିନାଶ ମହାପାତ୍ର ୩-୦ ଫ୍ରେମରେ ସବ୍ୟସାଚୀ ମହାନ୍ତିଙ୍କୁ, ଜଗଦୀଶ ମହାନ୍ତି ୩-୨ ଫ୍ରେମରେ ବିଶ୍ୱଜିତ ସାହୁଙ୍କୁ, ସନ୍ଦୀପ ଅଗ୍ରୱାଲ ୩-୧ ଫ୍ରେମରେ ନିଶି ପ୍ରକାଶଙ୍କୁ, ସତ୍ୟକାମ ମହାପାତ୍ର ୩-୦ ଫ୍ରେମରେ ହନି ଗୁରୁଙ୍କୁ ପରାସ୍ତ କରିଥିଲେ । ମିଶାଲ ସ୍ୱାଇଁ ଓ ଉଦ୍‌ଭାସ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରୋମାଞ୍ଚକର ସ୍ଥିତିରେ ଶେଷ ହୋଇଥିଲା । ମିଶାଲ ଏହି ମ୍ୟାଚ୍‌କୁ ୩-୨ ଫ୍ରେମରେ ଜିତିବା ସହ ପ୍ରଥମ ଦିନର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି ।

## ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ ଭାରତ

ଚୋନବୁରି (ଥାଇଲାଣ୍ଡ), ୨୩।୧୦ (ପି.ଟି.)

୧୯ ବର୍ଷରୁ କମ୍ ମହିଳା ଏଏଫ୍‌ସି ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମୁକାବିଲାରେ ଭାରତୀୟ ଫୁଟ୍‌ବଲ ଦଳ ବୁଧବାର ଏଠାରେ ପାକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରୁ ପୂରା ୩ ପଏଣ୍ଟ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି ଭାରତୀୟ ମହିଳା ଫୁଟ୍‌ବଲ ଦଳର କୋଚ୍ ଆଲେକ୍ସ ଆମ୍ବ୍ରୋସ। 'ଆମକୁ କେବଳ ବାସ୍ତବିକ ଉଦ୍ଦେଶ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ । ପାକିସ୍ତାନ ପାଇଁ ଆମେ କୌଣସି ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରିନୁ। ଏହା ଆମର ପ୍ରଥମ ମ୍ୟାଚ୍ ହୋଇଥିବାରୁ ସମସ୍ତେ ୩ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି' ବୋଲି ଆମ୍ବ୍ରୋସ କହିଛନ୍ତି। ତେବେ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା ଆମର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

## କାର୍ତ୍ତିକ, ଅଶ୍ୱିନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଇଣ୍ଡିଆ-ଏ ପରାସ୍ତ

ନୂଆଦିଲ୍ଲୀ, ୨୩।୧୦

ଅଧିନାୟକ ଦିନେଶ କାର୍ତ୍ତିକ ଓ ନିମ୍ନକ୍ରମରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଇଣ୍ଡିଆ-ଏ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଦେଓଧର ଟ୍ରଫିର ଏକ ମ୍ୟାଚ୍‌ରେ ଇଣ୍ଡିଆ-ବି ନିକଟରୁ ୪୩ ରନରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଇଣ୍ଡିଆ-ବି ୮ ଉଇକେଟ୍‌ରେ ୨୬୧ ରନ କରିଥିବାବେଳେ ଇଣ୍ଡିଆ-ଏ ୪୬.୪ ଓଭରରେ ୨୧୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଜୟ ସହ ଇଣ୍ଡିଆ-ବି ମ୍ୟାଚ୍‌ରୁ ୪ ପଏଣ୍ଟ ଅର୍ଜନ କରିଛି। ବୁଧବାର ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚ୍‌ରେ ଇଣ୍ଡିଆ-ବି ଓ ଇଣ୍ଡିଆ-ସି ପରସ୍ପରକୁ ଭେଟିବେ।

ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଇଣ୍ଡିଆ-ବି ଅଧିନାୟକ ଶ୍ରେୟାସ ଆୟାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଇନିଂସ ଯୋଗୁ ଇଣ୍ଡିଆ-ବି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୬୧ ରନ କରିଥିଲା। ଦଳ ପକ୍ଷରୁ ଓପନର ମୟଙ୍କ ଅଗ୍ରୱାଲ ୪୬, ଆୟାର ୪୧, ମନୋଜ ତିୱାରୀ ୫୨ ରନ କରିଥିଲେ। ହନୁମା ବିହାରୀ ୯୫ ବଲରୁ ୮୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଇଣ୍ଡିଆ-ଏ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଏବଂ ଧାୱଲ କୁଲକର୍ଣ୍ଣୀ, ମହମ୍ମଦ ସିରାଜ, ସିଦ୍ଧାର୍ଥ କଉଲ, କ୍ରୁନାଲ ପାଣ୍ଡ୍ୟା ଓ ଶ୍ରେୟାସ ଗୋପାଳ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ-ଏ ପ୍ରାରମ୍ଭରୁ ପୃଥ୍ୱୀ ଶ (୭), ଅନମୋଲପ୍ରୀତ୍ ସିଂ (୧୬), କରୁନ ନାୟାର (୦), ଅଙ୍କିତ ବାୱନେ (୩) ଓ କ୍ରୁନାଲ ପାଣ୍ଡ୍ୟା (୧୭)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଅଧିନାୟକ କାର୍ତ୍ତିକ ଓ ଅଶ୍ୱିନ ୬ଷ୍ଠ ଉଇକେଟ୍ ଯୋଡ଼ିରେ ଲଢୁଆ ବ୍ୟାଟିଂ କରି ଦଳର ବିଜୟ ଆଶା ଉଜ୍ଜୀବିତ କରିଥିଲେ। କିନ୍ତୁ ୪ ରନ ବ୍ୟବଧାନରେ ଉଭୟ ବ୍ୟାଟ୍ସମ୍ୟାନ ଆଉଟ୍ ହେବାରୁ ଇଣ୍ଡିଆ-ଏ'ର ବିଜୟ ଆଶା ଧୂଳିସାତ୍ ହୋଇଯାଇଥିଲା। ଦଳ ୪୬.୪ ଓଭରରେ ୨୧୮ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଅଶ୍ୱିନ ୭୬ ବଲରୁ ଧୈର୍ଯ୍ୟପୂର୍ଣ୍ଣ ୫୪ ରନ କରିଥିବାବେଳେ କାର୍ତ୍ତିକ (୯୯ ରନ, ୧୧୪ ବଲ୍) ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଲେଗ୍-ସ୍ପିନର ମୟଙ୍କ ମାର୍କଣ୍ଡେ ସର୍ବାଧିକ ୪ଟି ଉଇକେଟ୍ ନେଇଥିବାବେଳେ ଶାହବାଜ ନଦୀମ (୩) ଓ ବରୁନ ଆରୋନ (୨) ତାଙ୍କୁ ସହଯୋଗ କରିଥିଲେ।

### ଦେଓଧର ଟ୍ରଫି

### ସଂକ୍ଷିପ୍ତ ସ୍କୋର

**ଇଣ୍ଡିଆ-ବି–** ୨୬୧/୮, ୫୦ ଓଭର (ହନୁମା ୮୭*, ମନୋଜ ୫୨, ଅଗ୍ରୱାଲ ୪୬, ଦୀପକ ଚହର ୪, ଅଶ୍ୱିନ ୨/୩୯)।
**ଇଣ୍ଡିଆ-ଏ–** ୨୧୮/୧୦, ୪୬.୪ ଓଭର (କାର୍ତ୍ତିକ ୯୯, ଅଶ୍ୱିନ ୫୪, ମାର୍କଣ୍ଡେ ୪/୪୮, ନଦୀମ ୩/୩୨)।

### ■ ତୃତୀୟ ଚେସ୍ ସମ୍ମିଳନୀରେ ଚାଇନାକୁ ରୌପ୍ୟ
# ଭାରତ ଜିତିଲା ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତିକ ଚେସ୍ ହଲ୍‌ରେ ଅନୁଷ୍ଠିତ ତୃତୀୟ ଭାରତ- ଚାଇନା ଚେସ୍ ସମ୍ମିଳନୀରେ ଭାରତ ବାଜି ମାରିଛି। ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଇଭେଣ୍ଟରେ ଘରୋଇ ଭାରତ ୯- ୭ ବ୍ୟବଧାନରେ ଅତି ସହଜରେ ଚାଇନାକୁ ପରାସ୍ତ କରିଛି। ଚମତ୍କାର ପ୍ରଦର୍ଶନ ପାଇଁ ଭାରତୀୟ ଦଳ ୬ ଓ ଚାଇନା ଦଳ ୪ ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ସମର୍ଥନରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏହି ମେଗା ଇଭେଣ୍ଟର ଟାଇଟଲ ପ୍ରାୟୋଜକ ରହିଥିଲା।

ଅଷ୍ଟମ ତଥା ଅନ୍ତିମ ରାଉଣ୍ଡରେ ଦୁଇ ଦେଶର ଖେଳାଳିଙ୍କ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଏହା ଅମୀମାଂସିତ ରହିଥିଲା। ଅଷ୍ଟମ ରାଉଣ୍ଡର ପ୍ରଥମ ବୋର୍ଡରେ ଚାଇନାର ଲୁ ଶାନଗ୍ଲେଇ ଭାରତର ଆର୍ଯ୍ୟନ ଚୋପ୍ରାଙ୍କୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ବୋର୍ଡରେ ଜୁ ଜିଆନଗୁ ଓ ଭାରତର କାର୍ତ୍ତିକେୟନ ମୁରଲୀ ମୁହାଁମୁହିଁ ହୋଇଥିଲେ ଓ ଏହି ମୁକାବିଲା ୧/୨: ୧/୨ରେ ଡ୍ର ରହିଥିଲା। ସେହିପରି ତୃତୀୟ ବୋର୍ଡରେ ଭାରତର ନାରାୟଣନ ଶ୍ରୀନାଥ ଓ ବାଇ ଜିନ୍‌ଶି ପରସ୍ପରକୁ ଭେଟିଥିଲେ ମଧ୍ୟ ଏହା ଅମୀମାଂସିତ ରହିଥିଲା। ତେବେ ଅନ୍ତିମ ଡ୍ରରେ ଭାରତର ଅରବିନ୍ଦ ଚିଥାମ୍ବରମ୍ ଭି.ଆର. ଚାଇନାର ଜୁ ୟିନଗ୍ଲୁନଙ୍କୁ ହରାଇଥିଲେ। ଫଳରେ ଅଷ୍ଟମ ରାଉଣ୍ଡ ୨- ୨ରେ ଡ୍ର ରହିଥିଲା। ଶେଷରେ ଭାରତ ୯-୭ ମ୍ୟାଚ୍ ପଏଣ୍ଟ ଓ ୧୫.୫- ୧୬.୫ ଗେମ୍ ପଏଣ୍ଟରେ ବିଜୟୀ ହୋଇଥିଲା। ଫିଡେ ସିନିୟର ଟ୍ରେନର ତଥା ଆଇଏମ୍ ଶେଖର ଚନ୍ଦ୍ର ସାହୁ କୋଚ୍ ହିସାବରେ ଭାରତୀୟ ଦଳର ପ୍ରଶିକ୍ଷଣ ଦାୟିତ୍ୱରେ ରହିଥିଲେ। ସେହିପରି ଫିଡେ ସିନିୟର ଟ୍ରେନର ଜିଏମ୍ ଜୁ ଜୁନ୍ ଚାଇନାର କୋଚ୍ ରହିଥିଲେ। ବ୍ୟକ୍ତିଗତ ଭାବେ ନାରାୟଣନ ଶ୍ରୀନାଥ ଓ ଅରବିନ୍ଦ ୪.୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ସେହିପରି ଆର୍ଯ୍ୟନ ୩.୫ ଓ କାର୍ତ୍ତିକେୟନ ୩ ପଏଣ୍ଟ ପାଇଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ଅଲ ଇଣ୍ଡିଆ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ଏଆଇସିଏଫ୍ ଉପସଭାପତି ତଥା (ଏଓସିଏ) ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ଏଓସିଏ ସମ୍ପାଦକ କୃଷ୍ଣ କୁମାର ଶର୍ମା ଓ ଏଓସିଏ ଉପସଭାପତି ତଥା ଆୟୋଜକ କମିଟି ଅଧ୍ୟକ୍ଷ ରଞ୍ଜନ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।



କିଟ୍ ପରିସରରେ ଚେସ୍ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାଇନା ଓ ଭାରତର ଖେଳାଳିମାନେ।







# ଭାରତରେ ହକି ସିରିଜ ଫାଇନାଲ୍ସ

**ଲାଉସାନେ (ସୁଇଜରଲାଣ୍ଡ), ୨୩।୧୦ (ପି.ଟି.)**

ଆୟୋଜିତ ହେବାକୁ ଥିବା ତିନୋଟି ଏଫ୍ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ମଧ୍ୟରୁ ଗୋଟିଏ ଭାରତରେ ଆସନ୍ତା ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ହେବ। ପ୍ରତ୍ୟେକଟିରୁ ଶ୍ରେଷ୍ଠ ଦୁଇ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ବର୍ଷ ନଭେମ୍ବରରେ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ଭାରତରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟରେ ଆୟୋଜକ ଭାରତ ବ୍ୟତୀତ ଏସିଆନ ଗେମ୍ସ ଚାମ୍ପିୟନ ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା ଓ ଆମେରିକା ଅଂଶଗ୍ରହଣ କରିବେ। ଏଥିରେ ଭାଗନେବାକୁ ଥିବା ଅନ୍ୟ ଏକ ଦଳର ନାମ ସ୍ଥିର ହୋଇ ନାହିଁ। ଭାରତ ପର୍ଯ୍ୟାୟ ହକି ସିରିଜ ଫାଇନାଲ୍ସ ପାଇଁ ଭେନ୍ୟୁ ଚୂଡ଼ାନ୍ତ ହୋଇ ନାହିଁ। ପୁରୁଷଙ୍କ ଭଳି ମହିଳା ଇଭେଣ୍ଟ ମଧ୍ୟ ଆୟୋଜିତ ହେବ। ପ୍ରତି ଗ୍ରୁପ୍‌ରେ ୮ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଅନ୍ୟ ଦୁଇଟି ପର୍ଯ୍ୟାୟ ମାଲେସିଆ ରାଜଧାନୀ କୁଆଲାଲମ୍ପୁର ଏବଂ ଫ୍ରାନ୍ସର ଲି' ଟକେଟଠାରେ ହେବ। ମାଲେସିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ହେବ। ଏଥିରେ ମାଲେସିଆ,ଅଷ୍ଟ୍ରିଆ, ବ୍ରାଜିଲ, କାନାଡା, ଚାଇନା, ଇଟାଲି, ଭାନୁଆଟୁ ଓ ୱେଲ୍ସ ଏବଂ ଜୁନ୍ ୧୫ରୁ ୨୩ ଲି' ଟକେଟଠାରେ ହେବାକୁଥିବା ପ୍ରତିଯୋଗିତାରେ ଚିଲି, ଫ୍ରାନ୍ସ, ଆୟର୍ଲାଣ୍ଡ, କୋରିଆ, ସ୍କଟ୍‌ଲାଣ୍ଡ, ସିଙ୍ଗାପୁର ଏବଂ ଅନ୍ୟ ଦୁଇଟି ଦଳ ଭାଗ ନେବେ। ଏହି ସମସ୍ତ ଟିମ୍ ହକି ସିରିଜ ଓପନ୍ ଦ୍ୱାରା ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ଦୁଇଟି ହକି ସିରିଜ ଓପନ ଇଭେଣ୍ଟ ଆଫ୍ରିକା (ଜିମ୍ବାୱେରେ ଡିସେମ୍ବର ୭ରୁ ୯) ଏବଂ ଏସିଆରେ (ଭେନ୍ୟୁ ଓ ତାରିଖ ସ୍ଥିର ହୋଇନାହିଁ) ଖେଳାଯିବ। ଏଥିରୁ ୫ଟି ଟିମ୍ ବଛାଯିବେ। ଆଫ୍ରିକାରୁ ଦୁଇଟି ପୁରୁଷ ଓ ଦୁଇଟି ମହିଳା ଟିମ୍ ଏବଂ ଏସିଆରୁ ଗୋଟିଏ ପୁରୁଷ ଦଳ ଯୋଗ୍ୟତା ଅର୍ଜନ କରିବେ। ମହିଳା ପ୍ରତିଯୋଗିତା ଆୟର୍ଲାଣ୍ଡ (ଜୁନ୍ ୮ରୁ ୧୬), ଜାପାନ (ଜୁନ୍ ୧୫ରୁ ୨୩) ଏବଂ ଭାଲେନ୍‌ସିଆ(ଜୁନ୍ ୧୯ରୁ ୨୭)ରେ ଆୟୋଜିତ ହେବ। ଭାରତୀୟ ମହିଳା ହକି ଦଳ ଜାପାନ ପର୍ଯ୍ୟାୟ ହକି ସିରିଜ ଫାଇନାଲ୍ସ ଟୁର୍ନାମେଣ୍ଟ ଖେଳିବ। ଏଥିରେ ଚିଲି, ଫିଜି, ଆୟୋଜକ ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ ଓ ଉରୁଗୁଏ ଆଦି ଦେଶ ଭାଗ ନେବେ। ହକି ସିରିଜ ଓପନ ପରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଇଣ୍ଟରନ୍ୟାସନାଲ ହକି ଫେଡେରେଶନ (ଏଫ୍ଆଇଏଚ୍) ସିଇଓ ଥିଏରି ୱେଲ ପ୍ରକାଶ କରିଛନ୍ତି। ବିଶ୍ୱବ୍ୟାପୀ ଖେଳପ୍ରେମୀ ଏହି ଇଭେଣ୍ଟଗୁଡ଼ିକରେ ଖେଳର ମଜା ଉଠାଇପାରିବେ ବୋଲି ସେ ଆଶାପ୍ରକାଶ କରି କହିଛନ୍ତି।

## ସ୍ପିନର ସନ୍ଦୀପଙ୍କ କୃତିତ୍ୱ

**ମେଲବୋର୍ନ, ୨୩।୧୦:** ନେପାଳର ଉଦୀୟମାନ ଲେଗ୍-ସ୍ପିନର ସନ୍ଦୀପ ଲାମିଚାନେ ଅଷ୍ଟ୍ରେଲିଆର ଟି୨୦ ଟୁର୍ନାମେଣ୍ଟ ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସହଯୋଗୀ ରାଷ୍ଟ୍ରର ପ୍ରଥମ ଖେଳାଳିଭାବେ ସନ୍ଦୀପ ବିବିଏଲ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ୧୮ ବର୍ଷୀୟ ଏହି ଯୁବ ସ୍ପିନର ବାଂଲାଦେଶ ପ୍ରିମିୟର ଲିଗ୍‌ରେ ସିଂହଳୀଜ୍ ସିକ୍ସର୍ସ ପକ୍ଷରୁ ଖେଳିବା ପାଇଁ ମଧ୍ୟ ଚୁକ୍ତି କରିଥିବାରୁ ବିବିଏଲ୍‌ରେ ମେଲବୋର୍ନ ତରଫରୁ ଟୁର୍ନାମେଣ୍ଟ ଅଧା ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ବୋଲି ଜଣାପଡ଼ିଛି। ଫଳରେ ସନ୍ଦୀପଙ୍କ ଅନୁପସ୍ଥିତିରେ ଇଂଲଣ୍ଡର ଲେଗ୍-ସ୍ପିନର ମ୍ୟାଟ୍ ପାର୍କିସନ ମେଲବୋର୍ନ ପକ୍ଷରୁ ବଳକା ମ୍ୟାଚ୍ ଖେଳିବେ। ମେଲବୋର୍ନ ଷ୍ଟାରକୁ ମିଶାଇ ସନ୍ଦୀପ ୫ଟି ଟି୨୦ ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ଲାଭ କରିଛନ୍ତି। ସନ୍ଦୀପ ପୂର୍ବରୁ ଆଇପିଏଲ୍‌ରେ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି।

# ବିଦେଶରେ ପ୍ରଚାର ଜୋର୍‌ଦାର

## ମ୍ୟୁନିକ୍‌ରେ ଓଡ଼ିଶା ସରକାରଙ୍କ ବସ୍ ବିଜ୍ଞାପନ ଅଭିଯାନ




ଆସନ୍ତା ନଭେମ୍ବର ଓ ଡିସେମ୍ବରରେ ଭୁବନେଶ୍ୱରରେ ଆୟୋଜନ ହେବାକୁଥିବା ହକି ବିଶ୍ୱକପ୍‌ର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ସରକାର ବିଭିନ୍ନ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଆସୁଛନ୍ତି। ଏହି କ୍ରମରେ ଓଡ଼ିଶା ସରକାର ଜର୍ମାନୀର ମ୍ୟୁନିକ୍ ସହରରେ ବସ୍ ବିଜ୍ଞାପନ ଅଭିଯାନ ଆରମ୍ଭ କରିବେ। ଏହି ଅଭିଯାନ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' ନାମରେ ଚାଲୁ ରହିବ। ମ୍ୟୁନିକର ବସ୍‌ଗୁଡିକରେ ଏହା ଲେଖାଯିବ। କେବଳ ହକି ନୁହଁ, ଓଡ଼ିଶା ଭଳି ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବାର ସୁଯୋଗ ହାତଛଡ଼ା ନ କରିବା ପାଇଁ ହକି ପ୍ରଶଂସକଙ୍କୁ ଏହି ଅଭିଯାନ ମାଧ୍ୟମରେ ଆଗାମୀ ନଭେମ୍ବର ଓ ଡିସେମ୍ବର ମାସରେ ଆକୃଷ୍ଟ କରିହେବ। ମ୍ୟୁନିକ୍‌ରେ ଲୋକ ଉତ୍ସବ 'ଅକ୍ଟୋବରଫେଷ୍ଟ'ରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥାନ୍ତି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବ ତଥା ପର୍ଯ୍ୟଟନ କମିଶନର ଓ ସଚିବ ବିଶାଲ ଦେବ କହିଛନ୍ତି। ତେଣୁ ଏହି ସମୟରେ ବସ୍ ବିଜ୍ଞାପନ ବହୁତ କାମରେ ଆସିପାରିବ। ଏହା ଦ୍ୱାରା ଓଡ଼ିଶା ବିଶ୍ୱ ଦରବାରରେ ଆହୁରି ପରିଚିତି ହାସଲ କରିବ। ଉଭୟ କ୍ରୀଡ଼ା ଓ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଓଡ଼ିଶାର ଲୋକପ୍ରିୟତା ଆହୁରି ବଢ଼ିବ ବୋଲି ସେ କହିଛନ୍ତି। ବିଶ୍ୱକପ୍ ହକିର ପ୍ରଚାର ଦିଗରେ ଏହି ବସ୍ ବିଜ୍ଞାପନ




ଅବଗତ କରାଯିବାକୁ ସରକାରଙ୍କ ତରଫରୁ ପ୍ରୟାସ କରାଯାଇଛି।

ମ୍ୟୁନିକ୍‌ରେ ବିଶ୍ୱର ସର୍ବବୃହତ୍ ଫକ୍ ଫେଷ୍ଟିଭାଲ ବା ଲୋକଉତ୍ସବ 'ମ୍ୟୁନିକ୍ ଓକ୍ଟୋବରଫେଷ୍ଟ' ଆୟୋଜନ ହେବାକୁ ଯାଉଛି। ଏହି ସମୟରେ ଓଡ଼ିଶା ସରକାରଙ୍କ ଏହି ଅଭିଯାନର ଯଥେଷ୍ଟ ଗୁରୁତ୍ୱ ରହିଛି। ଗତ ଏକ ଦଶନ୍ଧି ଧରି ଏହି ଲୋକ ଉତ୍ସବ ପ୍ରତିବର୍ଷ ପାଖାପାଖି ୬୦ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି। ତେଣୁ ଏହି ଅବସରରେ ଓଡ଼ିଶା ସରକାର ମ୍ୟୁନିକ୍‌ରେ ବସ୍‌ଗୁଡିକ ସହାୟତାରେ ବିଶ୍ୱକପ୍ ହକିର ପ୍ରଚାର କରିବା ନିଷ୍ପତ୍ତି ନେଇଛନ୍ତି। ମ୍ୟୁନିକ୍‌ରେ ଏହି ପ୍ରଚାର ପ୍ରସାର ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ବେଳେ ୩୧ ତାରିଖରେ ଶେଷ ହେବ।

କେବଳ ହକି ପ୍ରଶଂସକ ନୁହଁ, ଆକସ୍ମିକ ପର୍ଯ୍ୟଟକଙ୍କୁ ମଧ୍ୟ ଏହି ବିଜ୍ଞାପନ ମାଧ୍ୟମରେ ଓଡ଼ିଶା ତଥା ଭୁବନେଶ୍ୱର ପ୍ରତି ଅଭିଯାନ ଓଡ଼ିଶା ସରକାରଙ୍କ ପ୍ରୟାସଗୁଡିକ ମଧ୍ୟରୁ ଅନ୍ୟତମ।

ଓଡ଼ିଶା ଏବେ ଦେଶର ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଚିତ ହେବାକୁ ଯାଉଛି। ଏକାଧିକ ସୁନ୍ଦର ମନୋରମ ସମୁଦ୍ର କୂଳ ତଥା ବିଚ୍‌ଗୁଡିକ ସହିତ ପ୍ରାକୃତିକ ଜଙ୍ଗଲ, ଐତିହାସିକ ସ୍ଥାପତ୍ୟ ତଥା କାରୁକାର୍ଯ୍ୟ ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନରେ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ବିଭିନ୍ନ ମନ୍ଦିର ଓ ବୌଦ୍ଧ ସ୍ତୂପ ମଧ୍ୟ ବହୁ ସଂଖ୍ୟାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ମ୍ୟୁନିକ୍‌ରେ ବହୁ ସଂଖ୍ୟାରେ ହକି ପ୍ରଶଂସକ ରହିଛନ୍ତି। ଶୀତଋତୁରେ ମ୍ୟୁନିକର ଏହି ପ୍ରଶଂସକମାନେ ଓଡ଼ିଶା ଆସି ହକିର ମଜା ନେବା ସଙ୍ଗେସଙ୍ଗେ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ ହେବାକୁ ଥିବା ସୁବିଧା ସୁଯୋଗରେ ଫାଇଦା ନେଇ ବିଭିନ୍ନ ଗତିବିଧି ସମୟ ବିନିଯୋଗ କରି ସୁନ୍ଦର ତଥା ମନୋମୁଗ୍ଧକର ଅନୁଭବ ନେଇ ସ୍ୱଦେଶ ଫେରିବେ।

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ବେଙ୍ଗଲଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୨୩।୧୦:** କୋଲକାତାର ସଲ୍ଟ ଲେକ୍ ଜେୟୁ ସେକେଣ୍ଡ କ୍ୟାମ୍ପସ ଗ୍ରାଉଣ୍ଡରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ୯ ଉଇକେଟରେ ବେଙ୍ଗଲ ଠାରୁ ପରାସ୍ତ ହୋଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରଖିଥିବା ଓଡ଼ିଶା ବିନା ଉଇକେଟରେ ୬୮ରନ୍ କରିବା ସହ ୯ରନ୍‌ରେ ଅଗ୍ରଣୀ ରହିଥିଲା। ଦୁଇ ଓପନର ସଙ୍କେତ ବେହେରା ୨୮ରନ୍ ଓ ବିଶ୍ୱଜିତ ପାତ୍ର ୩୩ରନ୍‌ରେ ଅପରାଜିତ ଥିଲେ। ଅନ୍ତିମ ତଥା ୩ୟ ଦିବସ ଖେଳ ଆରମ୍ଭରୁ ଉଭୟ ଆଉଟ ହୋଇଥିଲେ। ସଙ୍କେତ ୪୩ରନ୍‌ରେ ଓ ବିଶ୍ୱଜିତ ୪୫ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ପରେ ଅଂଶୁମାନ ସାହୁ ୨୬ରନ୍, ସୂର୍ଯ୍ୟ ମହାପାତ୍ର ୧୫ରନ୍ କରିଥିବା ବେଳେ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ୍ ୧୭୦ରନ୍‌ରେ ସୀମିତ ରହିଥିଲା। ବେଙ୍ଗଲ ପକ୍ଷରୁ ସିଦ୍ଧାର୍ଥ ସିଂହ ଓ ରାହୁଲ ଚୌଧୁରୀ ୩ଟି ଲେଖାଏ ଉଇକେଟ ଦଖଲ କରିଛନ୍ତି। ବେଙ୍ଗଲ ସମ୍ମୁଖରେ ୧୧୨ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଗୋଟିଏ ଉଇକେଟ ହରାଇ ବେଙ୍ଗଲ ମ୍ୟାଚ୍ ଜିତିଥିଲା। ଅଧିନାୟକ ତୌଫିକ ଉଦ୍ଦିନ ୮୦ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ସୌମ୍ୟ ଜ୍ୟୋତି ୧୩ରନ୍‌ରେ ଆଶୁତୋଷ ଛୁରିଆଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ଆୟୁଷ କୁମାର ସିଂ ୧୮ରନ୍‌ରେ ଅପରାଜିତ ଥିଲେ। ସୂଚନାଥାଉ କି, ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୬୫ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗଲ ଅଧିନାୟକ ଅଭିଷେକ ପୋରେଲଙ୍କ ୧୦୨ରନ୍ ବଳରେ ଦଳ ପ୍ରଥମ ଇନିଂସରେ ୨୨୪ରନ୍ କରିଥିଲା।




40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**



ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବ ପରିବର୍ତ୍ତନ ନ ହୋଇଛି, ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପାଣିକୋଇଲି ଟୋଲପ୍ଲାଜା କର୍ମଚାରୀ

**ଯାଜପୁର ଅଫିସ,୨୩।୧୦:** ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ନିକଟରେ ଥିବା ଟୋଲପ୍ଲାଜା କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ନେଇ ଅଜୟ ମଲିକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପାଣିକୋଇଲି ଥାନା ଆଇଆଇସି ଅଭିଯୋଗ ନ ଶୁଣିବାରୁ ଟୋଲପ୍ଲାଜା ସଂଘର ୱାର୍କସ ୟୁନିୟନ ସଭାପତି ମଙ୍ଗଳବାର ଅନ୍ୟ କର୍ମକର୍ତ୍ତାଙ୍କ ସହ ଏକ ଅଭିଯୋଗ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲା ପରିଷଦ ସଭ୍ୟ ଧରିଣୀଧର ଘଡେଇ ୯।୧୦।୨୦୧୮ ତାରିଖରେ ଟୋଲପ୍ଲାଜାର କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ୟୁନିୟନର ସଦସ୍ୟମାନଙ୍କୁ ବହିଷ୍କାର କରିବା ପାଇଁ ଧମକ୍ ଦେଇଥିଲେ। ଏନେଇ ୧୭।୧୦।୨୦୧୮ ତାରିଖରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ହେଲେ କିଛି ସୁଫଳ ନ ମିଳିବାରୁ ଏବେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ବାରବାଟୀ ଏଟିଏମ୍ ଲୁଟ୍, ସନ୍ଦେହରେ ଜଣେ ଅଟକ

**ରସୁଲପୁର,୨୩।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ବାରମ୍ବାର ଲୁଟ ହେଉଥିଲା। ଅନେକ ସମୟରେ ଲୁଟେରାମାନେ ଏଟିଏମ୍‌କୁ ଭାଙ୍ଗି ଲୁଟିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ବାରମ୍ବାର ଲୁଟ୍ ଯୋଗୁ ଏହି ଏଟିଏମ୍‌ରୁ ଜନସାଧାରଣଙ୍କୁ ସେବା ମିଳୁ ନାହିଁ। ଅନ୍ୟପକ୍ଷରେ ପୋଲିସ ଏଟିଏମ ଲୁଟ୍‌ରେ ସମ୍ପୃକ୍ତ କୁଆଖିଆ ଥାନା ଅଞ୍ଚଳର ସିଂହାପୁର ପଞ୍ଚାୟତ ବାମଦେଇପୁର ଗ୍ରାମର ଦେବେନ୍ଦ୍ର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ମଙ୍ଗଳବାର ସକାଳୁ ପୋଲିସ ସେହି ଗ୍ରାମର ଆଉ ଜଣେ ଯୁବକଙ୍କୁ ଉଠାଇ ନେଇଛି। ଏଟିଏମ୍ ଲୁଟରେ ତାଙ୍କର ସମ୍ପୃକ୍ତ ରହିଥିବା ନେଇ ପୋଲିସ ସନ୍ଦେହ କରି ପଚରା ଉଚୁରା ଜାରି ରଖିଛି। ପୋଲିସକୁ ଠୋସ୍ ତଥ୍ୟ ହସ୍ତଗତ ହେଲାପରେ ନିଷ୍ପତି ନିଆଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ପ୍ରକାଶ କରିଛନ୍ତି ।

## ବନ୍ୟଜନ୍ତୁ ଶିକାରକୁ ବିରୋଧ ଜଙ୍ଗଲ ବିଭାଗର ଚଢ଼ାଉ

**ଡୁବୁରୀ,୨୩।୧୦(ଡି.ଏନ୍.ଏ.):** ଟମ୍କା ବନାଞ୍ଚଳ ଅଧୀନ ମହାଗିରି ସଂରକ୍ଷିତ ଜଙ୍ଗଲରେ ଅବାଧ ବନ୍ୟ ଜନ୍ତୁ ଶିକାର କରାଯାଇ ମାଂସ ବିକ୍ରି କରାଯାଉଛି। ଏଭଳି ଅଭିଯୋଗ ପାଇବା ପରେ ମଙ୍ଗଳବାର ଟମ୍କା ବନ ବିଭାଗ କର୍ମଚାରୀ ନଡିଆଭଙ୍ଗା ପଞ୍ଚାୟତର ଝେମଟାହୁଡି ଗ୍ରାମର ଏକାଧିକ ସ୍ଥାନରେ ଚଢାଉ କରିଥିଲେ। ହେଲେ ଏଥିରେ ବନ ବିଭାଗ କର୍ମଚାରୀ ସଫଳ ହୋଇ ନ ଥିବା ଜଣା ପଡିଛି। ଚଢାଉର ସୂଚନା ପାଇ ସମ୍ପୃକ୍ତ ଶିକାରୀ ଖସି ଯିବାରେ ସଫଳ ହୋଇଥିବା ଜଣାପଡିଛି। ଡୁବୁରୀ ଫରେଷ୍ଟର ମାଣିକ ମୁଣ୍ଡୁରୀଙ୍କ ନେତୃତ୍ୱରେ ବନ କର୍ମଚାରୀ ଝେମଟାହୁଡି ଗ୍ରାମରେ ଚଢାଉ କରିଥିଲେ।

■ ଯାଜପୁରରୋଡ୍ ଫେରୋକ୍ରୋମ୍ କାରଖାନା

# ଫସର ଫାଟୁଛି ଶ୍ରମିକ ଆନ୍ଦୋଳନ

**ଯାଜପୁର ଅଫିସ/ ଯାଜପୁରରୋଡ(ନି.ପ୍ର.), ୨୩।୧୦**

■ ୯ ଦିନରେ ପ୍ରାୟ ୩ କୋଟି ଟଙ୍କାର ଉତ୍ପାଦନ ଠପ୍
■ ଶ୍ରମିକ ସଂଘରେ ଫାଟ ସୃଷ୍ଟି ଆଶଙ୍କା

ଆଇଡିସି ପରିଚାଳିତ ଫେରୋକ୍ରୋମ କାରଖାନାରେ ପୂଜା ବୋନସ ଓ ଉପହାରକୁ ନେଇ ଚାଲିଥିବା ଆନ୍ଦୋଳନ ଅମିମାଂଶିତ ହୋଇଛି । ବୁଧବାରଠାରୁ ଶ୍ରମିକ ସଂଘର ଏକ ଗୋଷ୍ଠୀ କାର୍ଯ୍ୟରେ ଯୋଗେଦେବେ ବୋଲି ଆଶା କରାଯାଉଛି । ତେବେ ଅନ୍ୟ ଏକ ଗୋଷ୍ଠୀ ଆନ୍ଦୋଳନକୁ ଜାରି ରଖିବାକୁ ଜିଦ ଧରିଛନ୍ତି । ଏଥିରୁ ଆନ୍ଦୋଳନ ଫସର ଫାଟିବ ବୋଲି ଅନୁମାନ କରାଯାଉଛି। ଗତ ୧୫ ତାରିଖରୁ ୯ ଦିନ ଧରି ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ ପ୍ରାୟ ୩ କୋଟି ଟଙ୍କାର ହାଇକାର୍ବନ ଉତ୍ପାଦନ ହୋଇ ପାରିନାହିଁ । ଅପରପକ୍ଷେ ଶ୍ରମିକଙ୍କ ଦାବି ପୁରଣ ହୋଇ ନ ପାରିବାରୁ ଶ୍ରମିକ ସଂଘରେ ଫାଟ ସୃଷ୍ଟି ହୋଇଥିବା ଜଣାପଡିଛି । ଏହାସହ ସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱ ଉପରେ ମଧ୍ୟ ଶ୍ରମିକଙ୍କ ଆସ୍ଥା ତୁଟିବାରେ ଲାଗିଛି।

ଶ୍ରମିକଙ୍କୁ ମନାଇବା ପାଇଁ ଯାଜପୁର ଜିଲା ପ୍ରଶାସନ ସୋମବାର ପୁଣିଥରେ ଶ୍ରମିକମାନଙ୍କୁ ଫେରୋକ୍ରୋମ କାରଖାନାର ସମ୍ମିଳନୀ କକ୍ଷରେ ବୁଝାଶୁଝା କରିଥିଲେ। ତାହା ମଧ୍ୟ ସଫଳ ହୋଇ ପାରି ନ ଥିଲା। ଏଥିରେ ଜିଲା ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷକୁମାର ମିଶ୍ର, ଏସଡିପିଓ କେଦାରନାଥ ସାହୁ, ଯାଜପୁରରୋଡ଼ ଥାନା ଅଧିକାରୀ ଅତିତାଭ ମହାପାତ୍ର ପ୍ରମୁଖ ଭାଗ ନେଇଥିବାବେଳେ କାରଖାନା ତରଫରୁ ଏମଡି ବୀରକିଶୋର ସାହୁ, ଏଜିଏମ (ଏଚଆରଡି) ବି.ଏନ. ପ୍ରଧାନ, ବରିଷ୍ଠ ଅଧିକାରୀ ପି.ଏସ ରାୟ, ନିରାପତ୍ତା ଅଧିକାରୀ ବିଦ୍ୟାଧର ଆଇଚ ଉପସ୍ଥିତ ଥିଲେ। ଆନ୍ଦୋଳନ ଚଳାଇଥିବା ଶ୍ରମିକଙ୍କ ପକ୍ଷରୁ ପ୍ରାୟ ୧୫ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସୋମବାର ଅନୁଷ୍ଠିତ ଏହି ତ୍ରିପାକ୍ଷିକ ଆଲୋଚନା ବିଫଳ ହେବା ପରେ ପରିସ୍ଥିତି ଭିନ୍ନ ମୋଡ଼ ନେଇଥିଲା । ମଙ୍ଗଳବାର ଅପରାହ୍ନରେ ଶ୍ରମିକ ସଂଘ ସଭାପତି ପ୍ରୀତିରଞ୍ଜନ ଘଡେଇ ଓ କାରଖାନାର ଏମ୍‌ଡି ସାହୁ ଫେରୋକ୍ରୋମ ଅତିଥିଶାଳାରେ ଶ୍ରମିକଙ୍କୁ କାମ କରିବା ପାଇଁ ବୁଝାସୁଝା କରିଥିଲେ। ଏହି ଆଲୋଚନାରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରମିକମାନେ ଅଡି ବସିବା ସହ ସେମାନଙ୍କୁ କାହିଁକି ଏତେ ଦିନ ଧରି ଖରାତରାରେ ବସାଯାଇଥିଲା ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ଶ୍ରମିକମାନଙ୍କ ମୁଖ୍ୟ ଦାବି ପୂଜା ଉପହାର ନେଇ କିଛି ଘୋଷଣା ନ କରି କାର୍ଯ୍ୟରେ ଯୋଗଦାନ ପାଇଁ ନିଷ୍ପତି ନେଇଥିବା ଘଟଣାକୁ କେତେକ ଶ୍ରମିକ ସହଜରେ ଗ୍ରହଣ କରି ପାରି ନାହାନ୍ତି। ଗୋଟିଏ ଗୋଷ୍ଠୀ ନିଜର ପେଟ ପାଟଣା ବଞ୍ଚାଇବା ପାଇଁ ଏହି ମୂଲ୍ୟହୀନ ଆନ୍ଦୋଳନରେ ଆଉ ସାମିଲ ନ ହେବାକୁ ମନସ୍ଥ କରିଥିବାବେଳେ ଅନ୍ୟ ଗୋଷ୍ଠୀଟି ଦାବି ପୂରଣ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇ ରଖିବେ ବୋଲି ସ୍ଥିର କରିଛନ୍ତି। ଏହାକୁ ନେଇ କାରଖାନାରେ ଉତ୍ତେଜନା ଲାଗି ରହିଛି। ତେଣୁ ଆଇନ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ କାରଖାନା ମୁଖ୍ୟ ଗେଟକୁ ପୋଲିସ ମଙ୍ଗଳବାର ପୂର୍ବାହ୍ନ ଠାରୁ ଜଗି ରହିଛି। ପ୍ରକାଶଯୋଗ୍ୟ, ପ୍ରାୟ ୧ମାସ ତଳେ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରମୁଖ ସରକାରୀ କାରଖାନା ନୀଳାଚଳ ଇସ୍ପାତରେ ଠିକା ଶ୍ରମିକମାନେ ଧାରଣା ଦେଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା । ଏଥିରେ ସଂଘର କେତେକ କର୍ମକର୍ତ୍ତା, ଅଧିକାରୀଙ୍କ ଫାଇଦା ହୋଇଥିବା ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନା ସମେତ ସୁକିନ୍ଦା ଖଣି ଉପତ୍ୟକାରେ ଥିବା ତଳଙ୍ଗୀ ଖଣିକୁ ବନ୍ଦ କରାଇବାକୁ ଏକ ଚକ୍ରାନ୍ତ ଏବଂ ଶ୍ରମିକମାନଙ୍କ ସ୍ୱାର୍ଥ ସହ ଖେଳା ଯାଉଛି ବୋଲି ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## କାଳିଆପାଣି ପୋଲିସର ମକ୍‌ଡ୍ରିଲ୍

**କାଳିଆପାଣି, ୨୩।୧୦(ଡି.ଏନ୍.ଏ)**

କାଳିଆପାଣି ପୋଲିସ ପକ୍ଷରୁ ମଙ୍ଗଳବାର ଖଣି ଅଞ୍ଚଳରେ ରହିଥିବା ଦୁଇଟି ବ୍ୟାଙ୍କରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଟାଟା କଲୋନୀ ପରିସରରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ପୂର୍ବାହ୍ନ ୧୧ଟାରେ ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଓଡ଼ିଶା ଖଣି ନିଗମ କଲୋନୀ ପରିସରରେ ରହିଥିବା ଆନ୍ଧ୍ରା ବ୍ୟାଙ୍କରେ ମଧ ମକ୍‌ଡ୍ରିଲ କରାଯାଇଥିଲା । ବ୍ୟାଙ୍କରେ ଥିବା କେତେକ ହିତାଧିକାରୀ ଏପରିକାର୍ଯ୍ୟକ୍ରମ ଦେଖି ଭୟବିତ ହୋଇପଡ଼ିଥିଲେ। ମ୍ୟାନେଜର ପ୍ରହ୍ଲାଦ ହାଂସଦା ପୋଲିସର ଏକ ସଚେତନ କାର୍ଯ୍ୟକ୍ରମ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର କର୍ମଚାରୀ ସମେତ କାଳିଆପାଣି ଥାନର ଧନେଶ୍ୱର ବେହେରା, ଆଲୋକ ରଥ ଉପସ୍ଥିତ ଥିଲେ।





ରସୁଲପୁର ବ୍ଲକ ସଦାନନ୍ଦପୁର ଗ୍ରାମରେ କୁମାରପୂର୍ଣ୍ଣମୀ ଅବସରରେ ଆୟୋଜିତ କୋଠି ଉତ୍ସବରେ ପ୍ରସ୍ତୁତ ଠାକୁରସାହି କୋଠି(ବାମ), ହଂସୀସାହିରେ ପ୍ରସ୍ତୁତ କୋଠି।

## ରାଶନ କାର୍ଡ, ଭତ୍ତା ବଣ୍ଟନ

**ଧର୍ମଶାଳା/ଜେନାପୁର/ ଚଢେଇଧରା, ୨୩।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୨ନମ୍ବର ଜୋନ୍ ଅଧୀନ ମହିଶରା ହୁଙ୍ଗୁଲାପଡିଆଠାରେ ଓ ୧୪ ନମ୍ବର ଜୋନ୍‌ର ଜାରକାସ୍ଥିତ ସିଭିକ୍ ସେଣ୍ଟରଠାରେ ମଙ୍ଗଳବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ସହ ନୂତନ ଭତ୍ତା କାର୍ଡ ମଧ୍ୟ ବଣ୍ଟନ କରାଯାଇଛି। ୧୨୦୨ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ଓ ୫୫୧ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବଣ୍ଟନ ଉତ୍ସବ ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ସିଭିକ୍ସ ସେଣ୍ଟରରେ ଅନୁଷ୍ଠିତ ମେଳାରେ ୫୩୪ଜଣ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଓ ୨୪୭ଜଣଙ୍କୁ ଭତ୍ତା ବଣ୍ଟନ ହୋଇଛି। କାର୍ଯ୍ୟକ୍ରମକୁ ଯାଜପୁର ଏମ୍‌ପି ରୀତା ତରାଇ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ମହିଶରା କଲ୍ୟାଣ ମଣ୍ଡପ ମଧ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଓ ୧୪ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ସାଗର ନାୟକ, ପ୍ରଣତି ଲେଙ୍କା, ମମତା ଦଣ୍ଡପାଟ, ଏମ୍.ଆଇ ଜଗମୋହନ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅଭୟପୁର, ଜାରକା, ବଡକାଏମା, ମିର୍ଜାପୁର, ପାଟପୁର, ଚହଟା, ଚୋରମୁହାଁ, ଭବାନୀପୁର, ସୁନ୍ଦରିଆ, ପଞ୍ଚାୟତର ୫୩୪ଜଣ ହିତାଧିକାରୀଙ୍କୁ ଅକ୍ଟୋବର ଓ ନଭେମ୍ବର ମାସ ପାଇଁ ମୁଣ୍ଡପିଛା ୫କେଜି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପ୍ରଦାନ କରାଯିବ। ୧୬୦ ଜଣଙ୍କୁ ୩ମାସ ପାଇଁ ୯ଶହ ହିସାବରେ ୧ଲକ୍ଷ ୪୪ ହଜାର ଓ ଇନ୍ଦିରାଗାନ୍ଧୀ ଭତ୍ତା ଯୋଜନାରେ ୮୭ଜଣଙ୍କୁ ୫ମାସ ପାଇଁ ୧୫ ଶହ ଟଙ୍କା ହିସାବରେ ୧ ଲକ୍ଷ ୩୦ ହଜାର ୫ଶହ ଟଙ୍କା ବଣ୍ଟନ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି। ୧୨ନମ୍ବର ଜୋନ୍‌ର ମହିଶରା ହିଙ୍ଗୁଳା ପଡିଆଠାରେ ଜେନାପୁର, କମାଗଡ, ମଧୂପୁରଗଡ, ମହିଶରା, ପୁରୁଣାବଉଳମାଳ, ସାହାଣୀଡିହ, ସଂପାରୁ, ଅଣ୍ଟିଆ, ବୃନ୍ଦାଦେଇପୁର ପଞ୍ଚାୟତର ୬୬୮ଜଣ ହିତାଧିକାରୀଙ୍କୁ ରାଶନକାର୍ଡ ଏବଂ ୨୦୪ଜଣଙ୍କୁ ଇନ୍ଦିରା ଗାନ୍ଧୀ ଓ ମଧୁବାବୁ ପେନ୍‌ଶନ ଯୋଜନାରେ ୧ଲକ୍ଷ ୯୬ହଜାର୮୦୦ଟଙ୍କା ଏମ୍‌ପି ଓ ବିଧାୟକ ବଣ୍ଟନ କରିଥିଲେ । ୧୨ନଂ ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ୧୩ନଂ ଜୋନ୍ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ୧୫ନଂ ଜୋନ୍‌ର ସଭ୍ୟା ମମତା ଦଣ୍ଡପାଟ, ଅଶୋକ କୁମାର ସାହୁ, ଦିଲ୍ଲୀପ କୁମାର ବରାଳ, ମଧୁପୁରଗଡ ସରପଞ୍ଚ ଝୁମୁରୀ ନାୟକ, ଯୁବ ସଂଗଠକ ପ୍ରହ୍ଲାଦ ଲେଙ୍କା, ଜଗଦୀଶ୍ ଜେନାମଣି, ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ସରପଞ୍ଚ ଚକ୍ରଧର ବେହେରା, ସମିତି ସଭ୍ୟ ମଧୁସୂଦନ ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସମିତିସଭ୍ୟାସଭ୍ୟ ଓ ପିଇଓଏସ୍‌ମାନେ ସହାୟତା କରିଥିଲେ ।



ଭତ୍ତା ବଣ୍ଟନ ଉତ୍ସବରେ ଉପସ୍ଥିତ ଅତିଥି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ଦାବି

**ବିରଜାକ୍ଷେତ୍ର,୨୩।୧୦(ଡି.ଏନ୍.ଏ)**

ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୫୦ଟି ଗ୍ରାମର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏତେ ଲୋକଙ୍କୁ ପର୍ଯ୍ୟାପ୍ତଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ନ ଥିବାରୁ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ୧୧ନମ୍ବର ଜୋନର ସଚେତନ ନାଗରିକ ମଞ୍ଚ ମଙ୍ଗଳବାର ଜିଲାପାଳଙ୍କଠାରେ ଦାବି କରିଛନ୍ତି। ପ୍ରକାଶ ଯେ, ଧର୍ମଶାଳା ନିର୍ବାଚନମଣ୍ଡଳୀ ୧୧ ନମ୍ବର ଜୋନରେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଦୀର୍ଘ ୪୬ ବର୍ଷରୁ ଊର୍ଦ୍ଧ୍ୱ ହେବ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଛ। ଏହା ଆଜିପର୍ଯ୍ୟନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏଣ୍ଡଲବା, ରେଖିଦେଇପୁର, ରାଇଛନ୍ଦା, ତାଳଜଙ୍ଗ, ଚକ୍ରଧରପୁର, ଅଞ୍ଜିରା, କବାଟବନ୍ଧ, ମଧୁସୂଚନପୁର, ମର୍ଜିତାପୁର ପଞ୍ଚାୟତ ସମେତ ପଡ଼ିଶା, ଦାନଗଦୀ, ସୁକିନ୍ଦା ଓ ଢେଙ୍କାନାଳ ଜିଲାର କିଛି ଗ୍ରାମର ପ୍ରାୟ ଲକ୍ଷାଧିକ ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଏହାବ୍ୟତିତ ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥ ଓ ଉକ୍ତ ଅଞ୍ଚଳରେ ଥିବା ଶତାଧିକ ଖଣି ଖାଦାନ ଏବଂ କ୍ରଶର ୟୁନିଟରେ ଘଟୁଥିବା ଦୁର୍ଘଟଣାରେ ଗୁରୁତର ଆହତ ରୋଗୀମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦିନବେଳା ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବାବେଳେ ରାତ୍ରିବେଳା ସ୍ୱାସ୍ଥ୍ୟସେବାରୁ ସାଧାରଣ ଜନତା ଓ ଦୁର୍ଘଟଣାଜନିତ ଲୋକମାନେ ବଞ୍ଚିତ ହୋଇଥାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି, କର୍ମଚାରୀ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଅଭାବରୁ ରାତ୍ରବେଳା ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ଯଦ୍ୱାରା ଆକସ୍ମିକ ଦୁର୍ଘଟଣାର ଶିକାର ହେଉଥିବା ସାଧାରଣ ଜନତା, ଗର୍ଭବତୀ ମହିଳା, ଶିଶୁ ଓ ଅନ୍ୟାନ୍ୟ ରୋଗରେ ଶିକାର ହେଉଥିବା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେବାସହ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେମାତ୍ର ଡାକ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି । ଉକ୍ତ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଜାଣିବାକୁ ମିଳିଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଉକ୍ତ ଡାକ୍ତରଙ୍କୁ ବଦଳି ନ କରିବା ପାଇଁ ଜିଲାପାଳଙ୍କଠାରେ ଦାବି କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଯିବା ସହ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଗଲେ ଉକ୍ତ ଅଞ୍ଚଳର ସାଧାରଣ ଜନତା ସ୍ୱାସ୍ଥ୍ୟସେବା ପାଇବାରେ ସଫଳ ହୋଇପାରିବେ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ମଞ୍ଚର ଆବାହକ ସରୋଜକାନ୍ତ ବେହେରାଙ୍କ ନେତୃତ୍ୱରେ ୧୦ ହଜାର ଦସ୍ତଖତ ସମ୍ବଳିତ ଏକ ଦାବି ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## ରସୁଲପୁର ବ୍ଲକରେ ଡେଙ୍ଗୁରୋଗୀ ସଂଖ୍ୟା ୨୬ ଛୁଇଁଲା

**ରସୁଲପୁର,୨୩।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ୨୬ ଛୁଇଁଛି । ସେଥିମଧ୍ୟରୁ ବଡ଼କଇଁଚି ପଞ୍ଚାୟତରେ ୧୮ଜଣ ଡେଙ୍ଗୁ ଆକ୍ରାନ୍ତଙ୍କୁ ଠାବ କରାଯାଇଛି। ଏହି ପଞ୍ଚାୟତର ଗୁରୁସାହି, ବାଲିସାହି ଓ ଗୋପିନାଥପୁର ଗାଁରେ ଡେଙ୍ଗୁ ଆକ୍ରାନ୍ତଙ୍କୁ ଦେଖିବାକୁ ମିଳିଛି। ଗାଁରୁ ଡେଙ୍ଗୁ ବାହାକ ଏଡିସ ମଶାର ଜନ୍ମସ୍ଥଳିକୁ ଠାବ କରିବାସହ ମଶା ବଂଶବୃଦ୍ଧିରେ ରୋକ ଲଗାଇବା, ଔଷଧିୟ ମଶାରୀ ବଣ୍ଟନ କରିବା, ଲୋକଙ୍କୁ ସଚେତନ କରାଇବା ଆଦି ଦିଗରେ ନାନା କାର୍ଯ୍ୟକ୍ରମ କରାଯାଇଛି। ଡେଙ୍ଗୁ ଆକ୍ରାନ୍ତ ଲୋକେ ଚିକିତ୍ସିତ ହୋଇ ଫେରିବା ପରେ ସେମାନଙ୍କୁ ସଚେତନ କରିବା ଉପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ଗୋଟିଏ ପଞ୍ଚାୟତରେ ଏତେ ସଂଖ୍ୟକ ଡେଙ୍ଗୁ ରୋଗୀ ଠାବ ହେବା ସମ୍ପର୍କରେ ଜାଣି ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ପକ୍ଷରୁ ଡାକ୍ତରୀ ଦଳ ପହଁଚି ସ୍ଥିତି ପରଖିଛନ୍ତି।

■ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ

## ପ୍ରତ୍ୟେକ ମାସର ୩ୟ ଶନିବାର ହେବ ସ୍ୱାସ୍ଥ୍ୟ ପରୀକ୍ଷା

**ଯାଜପୁର ଅଫିସ,୨୩।୧୦**

ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମାଜ ଓ ପରିବାର ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ଆର୍ଥିକ ଭାବେ ସ୍ୱଚ୍ଛଳ, ବନ୍ଧୁତା ସୃଷ୍ଟି, ସ୍ୱାସ୍ଥ୍ୟ ରକ୍ଷା, ଯୋଗ ପ୍ରାଣାୟାମ ଇତ୍ୟାଦି ନିୟମିତ ଅଭ୍ୟାସ, ନିଜର ଖୁସି ଥିବା ବିଷୟକୁ ଗ୍ରହଣ ବା ହବିକୁ ବଞ୍ଚାଇ ରଖି ଆନନ୍ଦ ଲାଭ କଲେ ଦୀର୍ଘ ଜୀବନ ଲାଭ ସହ ସମସ୍ତଙ୍କ ପାଖରେ ଗ୍ରହଣୀୟ ହୋଇପାରିବେ ବୋଲି ସେ କହିଥିଲେ। ପ୍ରତ୍ୟେକ ମାସର ୩ୟ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ଇତ୍ୟାଦି ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରି ଜିଲାପାଳ ଦାସ ପ୍ରତ୍ୟେକ ବରିଷ୍ଠ ନାଗରିକ ସେମାନଙ୍କ ପରିବାର ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ଅନୁରୋଧ କରିଥିଲେ। ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେଲେ ତାହା ଦେଶର ପ୍ରଗତିର ଲକ୍ଷଣ ବୋଲି କହିବା ସହ ତାଙ୍କର ସୁରକ୍ଷା ଓ ସମ୍ମାନ ପାଇଁ ସମସ୍ତ ସହଯୋଗ ଦିଆଯିବ ବୋଲି କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକ ସମାଜର ବୋଝ ନୁହଁନ୍ତି ବରଂ ଅଭିଜ୍ଞତା ଓ ଅନୁଭବର ଅସରନ୍ତି ଭଣ୍ଡାର ବୋଲି କହିଥିଲେ। ବ୍ରହ୍ମା କୁମାରୀ ଲକ୍ଷ୍ମୀ ସୁସ୍ଥ ଜୀବନ ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଶତାୟୁ ନାଗରିକ ଭାବେ ଦଶରଥପୁର ଛଞ୍ଚଣା ଗ୍ରାମର ହରେକୃଷ୍ଣ ସାମଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନରେ ରାମ ମନ୍ଦିର ଠାରୁ ସମସ୍ତ ବରିଷ୍ଠ ନାଗରିକମାନେ ଚାଲି ଚାଲି ସହର ପରିକ୍ରମା କରି ସଂସ୍କୃତି ଭବନଠାରେ ସଚେତନତା ବାର୍ତ୍ତା ପ୍ରଦାନ କରି ପହଞ୍ଚି ଥିଲେ। ପରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବରିଷ୍ଠ ନାଗରିକଙ୍କ ଦ୍ୱାରା କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ଅନିୟମିତତା

# ଫଳକ ବଦଳାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍

**ରସୁଲପୁର,୨୩।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ପାଳସାହି ଠାରୁ କଇଁଚି ଶାସନ ପର୍ଯ୍ୟନ୍ତ ନିର୍ମାଣାଧିନ ପ୍ରଧାନମନ୍ତ୍ରୀ ସଡ଼କକୁ ନେଇ ପୁଣି ବିବାଦ ଉପୁଜିଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଛି। ରାସ୍ତାର ଗୁଣବତ୍ତାକୁ ପରୀକ୍ଷା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ମାନ ପରୀକ୍ଷଣ ଦଳ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରୁଛନ୍ତି। ରାସ୍ତା ନିର୍ମାଣରେ ରହୁଥିବା ତ୍ରୁଟିବିଚ୍ୟୁତିକୁ ନେଇ ଦଳ ପକ୍ଷରୁ ବିଭାଗକୁ ନାନା ପ୍ରସ୍ତାବମାନ ଦେଉଛନ୍ତି। ତେବେ ଏସବୁ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଯୋଗୁଁ ଏହା ସମ୍ଭବ ହେଉନାହିଁ। ଏମାନେ ସୁଯୋଗ ଦେଖି ରାସ୍ତା ନିର୍ମାଣକୁ ନିମ୍ନମାନର ଲକ୍ଷାଧିକ ଟଙ୍କା ଲୁଟି ନେବାକୁ ପ୍ରୟାସ କରୁଛନ୍ତି। ମାତ୍ର ଏଠାରେ ଫଳକ ବଦଳାଇ ଲକ୍ଷ ଲକ୍ଷ ଟଙ୍କା ଲୁଟିବାକୁ ଉଦ୍ୟମ କରାଯାଉଛି । ବ୍ଲକ ପକ୍ଷରୁ ମାସ କେଇଟା ତଳେ ମରାମତି ହୋଇଥିବା ରାସ୍ତାକୁ ନିର୍ମାଣ ରୂପ ଦିଆଯାଉଛି। ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ମରାମତି ବେଳେ ଲାଗିଥିବା ଫଳକକୁ ହଟାଇ ଦିଆଯାଇଛି। ଏଭଳି ବେଆଇନ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ନିର୍ମାଣାଧିନ ପ୍ରଧାନମନ୍ତ୍ରୀ ସଡ଼କରେ ହୋଇଥିବା ଦୁର୍ନୀତିକୁ ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

ପ୍ରକାଶ ଯେ ୨୦୧୭-୧୮ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗୋପିନାଥପୁର ଗାଁର ପୂର୍ତ୍ତ ବିଭାଗର ରାସ୍ତାଠାରୁ ହରିଜନ ସାହି ମଧ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯାଇଛି । ଏହି ସଡ଼କର ସ୍ଥିତି ଦୟନୀୟ ହୋଇପଡ଼ିଥିଲା । ଫଳରେ ଜନସାଧାରଣଙ୍କର ଯାତାୟତରେ ବାଧା ଉପୁଜିଥିଲା। ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୩ମାସ ତଳେ ବ୍ଲକ ପକ୍ଷରୁ ୨ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଉକ୍ତ ଅର୍ଥ ୪ର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଜିଲାପରିଷଦ ଅଂଶରୁ ବ୍ୟୟ ବରାଦ ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ ପାଇଁ ଗତବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜାରକା-୨ ପକ୍ଷରୁ ୫୭୬.୫୬ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କରାଯାଇଥିବା ରାସ୍ତାର ମରାମତି ସ୍ଥଳରେ ଚଞ୍ଚକତା ହୋଇଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଏହି ସ୍ଥାନରେ ରାସ୍ତା ନିର୍ମାଣ କରି ନାହାନ୍ତି । ବରଂ ରାସ୍ତା କଡ଼ରେ ଲାଗିଥିବା ପୂର୍ବ ଫଳକକୁ ହଟାଇ ଦେଇଛନ୍ତି। ଠିକାଦାରଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ଏ ପ୍ରକାର ବେଆଇନ କାର୍ଯ୍ୟ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ଭିତିରି ବୁଝାବଣା ଯୋଗୁଁ ସମ୍ଭବ ହେଉଛି ବୋଲି କୁହାଯାଉଛି। ଏଭଳି କରି ଲକ୍ଷ ଲକ୍ଷ ଟଙ୍କା ହଡପ୍ କରିବା ପାଇଁ ମସୁଧା କରାଯାଉଛି । ଏଦିଗରେ ତଦନ୍ତ କରାଗଲେ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ପଛରେ ରହିଥିବା ସତ୍ୟାସତ୍ୟ ପଦାକୁ ଆସିପରିବ ବୋଲି ଦାବି ହେଉଛି। ପ୍ରକାଶ ଯେ, ଏଠାରେ ନିର୍ମାଣାଧିନ ପ୍ରଧାନମନ୍ତ୍ରୀ ସଡ଼କକୁ ନେଇ ଅନେକ ସମୟରେ ବିବାଦ ଉପୁଜିଛି । ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ନେଇ ଚଳିତ ବର୍ଷ ଏପ୍ରିଲ ମାସରେ ଗାଁ ଲୋକେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ସେତେବେଳେ ରାସ୍ତା ଓସାର ଓ ମୋଟେଇକୁ ନେଇ ଆପତ୍ତି ଉଠିଥିଲା । ରାସ୍ତା ପାର୍ଶ୍ୱରେ ଥିବା ଜଳାଶୟ ନିକଟରେ ନିର୍ମିତ ସୁରକ୍ଷାକାନ୍ଥ ନିର୍ମାଣ କାର୍ଯ୍ୟ ନିମ୍ନମାନର ଥିଲା । କାନ୍ଥ ନିର୍ମାଣରେ ବଡ଼ ବଡ଼ ପଥର ବ୍ୟବହାର କରାଯାଉଥିଲା। ସିମେଣ୍ଟ ବାଲି ଭାଗମାପକୁ ଠିକ୍ ଭାବରେ ପାଳନ କରାଯାଉ ନ ଥିଲା। ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବା ସହ ଫଳକରେ ଉଲ୍ଲେଖ ଥିବା ରାସ୍ତାର ଲମ୍ବ ୮ କି.ମି.କୁ ନେଇ ମଧ୍ୟ ସନ୍ଦେହପ୍ରକଟ କରାଯାଉଛି। ରାସ୍ତା ନିର୍ମାଣ ସରିବାର ଅବଧି ପୂରଣ ପରେ ବି ଏହାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ରହିଛି । ଏ ସମ୍ପର୍କରେ ଅଭିଯୋଗ ହେଲାପରେ ବି ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉ ନାହିଁ। ଏ ନେଇ ରସୁଲପୁର ବ୍ଲକ ପକ୍ଷରୁ ବଡକଇଁଚି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସ୍ମୃତିରେଖା ଧଡାଙ୍କୁ ପଚାରିବାରୁ ଏ ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ । କ'ଣ ଘଟିଛି ସ୍ଥିତି ପରଖିବା ପରେ ଯାହାକିଛି କହିପାରିବେ ବୋଲି ପ୍ରକାଶ କରିଛନ୍ତି। ମାତ୍ର ଅଭିଯୋଗ ଉପୁଜିଥିବା ସ୍ଥାନରେ ଅଳ୍ପ ଦିନତଳେ ରାସ୍ତା ନିର୍ମାଣ ହୋଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଜୁମର ମଲିକ ଓ ଅନ୍ୟବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

**ଠିକାଦାର, ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା**





ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।

- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ: ୧୧ କୋର୍ଟ ଚାଲାଣ

ବାଲିଚନ୍ଦ୍ରପୁର,୨୩।୧୦(ସ୍ୱ.ପ୍ର.)- ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ମଙ୍ଗଳବାର ୧୧ ଜଣ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ସେମାନଙ୍କଠାରୁ ନଗଦ ୫,୨୦୦ ଟଙ୍କା ଓ ୩ ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(୧୭୨/୧୮) ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ ଭରତପୁର ଗ୍ରାମର ଅକ୍ଷୟ ପାତ୍ର, ପ୍ରତାପ ପାତ୍ର, ଅର୍ଜୁନ ଘଡାଇ, ଚରଣିଆ ଦଳାଇ, ଆକାଶ ଦଳାଇ, ଜିତନ ପାତ୍ର, ମିଟୁ ଘଡାଇ, ଟିକନ ଘଡାଇ, ମଣ୍ଟୁ ଘଡାଇ, ପାଟକୁରା ଥାନା ଅନ୍ତର୍ଗତ କିନିଲୋ ପଦ୍ମପୁର ଅନ୍ତର୍ଗତ କେଦାର ସାହୁ, କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଗରାପୁର ଅଞ୍ଚଳର ପରମାନନ୍ଦ ପାତ୍ର। ସୋମବାର ରାତିରେ ଭରତପୁର ଗ୍ରାମରେ ଜୁଆ ଆଡ୍ଡା ଚାଲୁଥିବା ବେଳେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିବା ଥାନାଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ରାସ୍ତା ପଚାରିବା ବାହାନାରେ ଲୁଟ୍

କୋରେଇ,୨୩।୧୦(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ରଗଡି ପାଣିକୋଇଲି ରାସ୍ତାର ତୁଳତୀ ଗ୍ରାମର ଅନତି ଦୂରରେ ମଙ୍ଗଳବାର ଦୁର୍ବୃତ୍ତମାନେ ଜଣେ ବାଇକ୍ ଆରୋହୀଙ୍କୁ ରାସ୍ତା ପଚାରିବା ବାହାନାରେ ବାଇକ୍, ମୋବାଇଲ, ଏଟିଏମ ଓ ଟଙ୍କା ଛଡାଇ ନେଇଥିଲେ। ସେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବିଜୟ କୁମାର ଓଝା। ଏ ନେଇ ବିଜୟ କୋରେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୨୧୯/୧୮) ରୁଜୁ କରିଛି। ପ୍ରକାଶ ଯେ, ବିଜୟ ନିଜ ବାଇକ୍(ଓଡି୦୨-୩୫୬୩) ଯୋଗେ ତାଙ୍କ ମାଉସୀ ଘର ତୁଳତୀ ଗ୍ରାମକୁ ଆସୁଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ରଗଡି ରାସ୍ତା କେଉଁ ଆଡେ ବୋଲି ପଚାରିଥିଲେ। ବିଜୟ ବାଇକ୍ ଅଟକାଇବାରୁ ତାଙ୍କୁ ମାଡ ମାରି ଲୁଟ୍ କରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ବ୍ୟାଙ୍କରେ ପୋଲିସର ମକ୍‌ଡ୍ରିଲ୍, ଗ୍ରାହକ ଭୟଭୀତ

କୋରେଇ,୨୩।୧୦(ସ୍ୱ.ପ୍ର.)- ରାଜ୍ୟ ପୋଲିସ ପକ୍ଷରୁ ସାରା ରାଜ୍ୟରେ ବ୍ୟାଙ୍କ ଡକାୟତି ନିମନ୍ତେ ମକ୍‌ଡ୍ରିଲ୍ କରାଯାଇ ସଚେତନ କରାଯାଉଥିବା ବେଳେ ମଙ୍ଗଳବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶକ୍ରମେ କୋରେଇ ଥାନା ପକ୍ଷରୁ ମକ୍‌ଡ୍ରିଲ କରାଯାଇଥିଲା। ବରୁଣ୍ଡାଇସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ମଙ୍ଗଳବାର ପୋଲିସର ମକ୍‌ଡ୍ରିଲ୍ ସମୟରେ ଗ୍ରାହକ ଭୟଭୀତ ହୋଇପଡ଼ିଛନ୍ତି। ଲୋକେ କିଛି ବୁଝିବା ପୂର୍ବରୁ ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଓ ଗନ୍‌ମ୍ୟାନ ସମସ୍ତ କର୍ମଚାରୀ ଓ ଗ୍ରାହକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଶାଖା ପରିଚାଳକଙ୍କ ଚ୍ୟାମ୍ବର ଭିତରକୁ ପୂରାଇ ଦେଇଥିଲେ। ବ୍ୟାଙ୍କରୁ ଡକାୟତି କରିବା ପରେ ବାହାରେ ବାଇକ୍ ଧରି ଅପେକ୍ଷା କରିଥିବା ଅନ୍ୟ ଜଣେ ସହଯୋଗୀଙ୍କ ସହ ଫେରାର ହୋଇଯାଇଥିଲେ। ପରେ ପରିଚାଳକ ସୂଚନା ଦେବା ପରେ କୋରେଇ ଥାନାଧିକାରୀ ଚିନ୍ମୟୀ ସାହୁ, ଏଏସ୍‌ଆଇ ସଲିଳ ମଲିକ ପ୍ରମୁଖ ତତ୍‌କ୍ଷଣାତ ବ୍ୟାଙ୍କକୁ ଯାଇ ଅନୁସନ୍ଧାନ ଆରମ୍ଭ କରିଥିଲେ। ବ୍ୟାଙ୍କ୍‌ରେ ଡକାୟତି ହୋଇଥିବା ଭାବି ସମସ୍ତେ ନିଜ ସମ୍ପର୍କୀୟଙ୍କୁ ଖବର ଦେବାବେଳେ ପ୍ରକୃତରେ ଏହା ଡକାୟତି ନୁହେଁ ପୋଲିସର ମକ୍‌ଡ୍ରିଲ୍ ବୋଲି ଜଣାପଡିଥିଲା।

# ଦେଢ଼ ମାସ ବିତିଲା, ମିଳିପାରିଲାନି ରିଲିଫ୍ ଅର୍ଥ

ଦଶରଥପୁର,୨୩।୧୦(ଡି.ଏନ.ଏ.)

**ଦଶରଥପୁର ବ୍ଲକ**
- ୧୪ ପଞ୍ଚାୟତ ବିଶେଷଭାବେ ପ୍ରଭାବିତ
- ମାଟିରେ ମିଶିଲା ୩ ହଜାରରୁ ଊର୍ଦ୍ଧ୍ୱ କଚ୍ଚାଘର
- ୧୦ ହଜାର ୪୩୫ ହେକ୍ଟର ଚାଷଜମି ନଷ୍ଟ
- ହିତାଧିକାରୀଙ୍କ ଅସହଯୋଗକୁ ଦାୟୀକଲେ ବିଡିଓ

ଲଗାଣ ବର୍ଷା ଓ ବନ୍ୟାକୁ ଦେଢ ମାସ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ପରିବାରକୁ ରିଲିଫ୍ ବାବଦ ଅର୍ଥ ମିଳିନାହିଁ। ଏ ନେଇ ଉକ୍ତ ପରିବାର ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତ ୩ ତାରିଖଠାରୁ ପ୍ରାୟ ୧ ସପ୍ତାହ ବ୍ୟାପୀ ଲାଗିରହିଥିବା ବର୍ଷା ଯୋଗୁ ଦଶରଥପୁର ବ୍ଲକ୍ ଅଧୀନ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୧ ଏବଂ ଯାଜପୁର ନିର୍ବାଚନମଣ୍ଡଳୀର ୩ ପଞ୍ଚାୟତ ବିଶେଷଭାବେ ପ୍ରଭାବିତ ହୋଇଥିଲା । ଲଗାଣ ବର୍ଷା ଓ ବନ୍ୟାଜଳ ପ୍ରବେଶରେ ବ୍ଲକ୍‌ର ମୋଟ୍ ୩୫ ପଞ୍ଚାୟତରେ ୩ ହଜାରରୁ ଊର୍ଦ୍ଧ୍ୱ କଚ୍ଚାଘର ଘର ମାଟିରେ ମିଶିଯାଇଥିବାବେଳେ ୧୦ ହଜାର ୪୩୫ ହେକ୍ଟର ଚାଷଜମି ନଷ୍ଟ ହୋଇଯାଇଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି । ଉକ୍ତ ବ୍ଲକ୍ ଅଞ୍ଚଳ ଦେଇ ଯାଇଥିବା ବୈତରଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଥିଲା। କୟାଁଗୋଲାଠାରେ ନଦୀର ପାର୍ଶ୍ୱ ବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ତଳିଆ ଅଞ୍ଚଳଭାବେ ପରିଚିତ କୟାଁ ପଞ୍ଚାୟତର ଚାଷଜମି ନଷ୍ଟ ହେବା ସହ ଅନେକ ଘର ଭାଙ୍ଗି ଯାଇଥିଲା। ବିଶେଷକରି କୟାଁ, କମାରଡିହ, ନିଜାମପୁର, ଖାନନଗର ଓ ଥାଲକୁଡି ଆଦି ପଞ୍ଚାୟତର ବହୁ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ତେବେ ବ୍ଲକ ପ୍ରଶାସନ ପ୍ରଭାବିତ ପରିବାରକୁ ଚିହ୍ନଟ କରି ଏସ୍‌ଡିଆର୍‌ଏଫ୍ ଓ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ୭ ଦିନର ରିଲିଫ୍ ସହାୟତା ଯୋଗାଇଦେବା ଲାଗି ଘୋଷଣା କରିଥିଲେ । ଉକ୍ତ ସହାୟତା ରାଶି ପାଇବା ପାଇଁ ଉକ୍ତ ବ୍ଲକ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୧ ପଞ୍ଚାୟତ ଓ ଯାଜପୁର ନିର୍ବାଚନମଣ୍ଡଳୀର ୩ ପଞ୍ଚାୟତକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା । ରିଲିଫ୍ ବାବଦରେ ପ୍ରତି ପରିବାରର ବ୍ୟାଙ୍କ ଆକାଉଣ୍ଟରେ ବୟସ୍କଙ୍କୁ ମୁଣ୍ଡପିଛା ୬୦ ଟଙ୍କାକରି ୪୨୦ ଟଙ୍କା ଓ ଛୋଟପିଲାଙ୍କୁ ମୁଣ୍ଡପିଛା ୪୫ ଟଙ୍କା ହିସାବରେ ୩୧୫ ଟଙ୍କା ନଗଦ ଅର୍ଥ ଯୋଗାଇଦେବାକୁ ପ୍ରଶାସନ ଘୋଷଣା କରିଥିଲା। କ୍ଷତିଗ୍ରସ୍ତ ପରିବାର ଆବଶ୍ୟକ ଦସ୍ତାବିଜ ଦେଇ ରିଲିଫ୍ ପାଇଁ ଆବେଦନ କରିସାରିଥିଲେ ମଧ୍ୟ ଏଯାବତ୍ ସହାୟତା ରାଶି ମିଳିନାହିଁ। ଏ ସମ୍ପର୍କରେ ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ବ୍ଲକ୍ ଆକାଉଣ୍ଟକୁ ରିଲିଫ୍ ଅର୍ଥ ଆସିସାରିଛି । ତେବେ ହିତାଧିକାରୀମାନେ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିପାରି ନ ଥିବାରୁ ସହାୟତା ରାଶି ପାଇବାରେ ବିଳମ୍ବ ହେଉଥିବା କହିଛନ୍ତି। ଅପରପକ୍ଷେ ୧୪ ପଞ୍ଚାୟତରୁ ଶତକଡା ୮୫ ଭାଗରୁ ଊର୍ଦ୍ଧ୍ୱ ହିତାଧିକାରୀ ସଠିକ୍ ପ୍ରମାଣପତ୍ର ଦେଇସାରିଛନ୍ତି। ଅଳ୍ପ କେତେଜଣ ହିତାଧିକାରୀ ଆବଶ୍ୟକ ପ୍ରମାଣପତ୍ର ଦେଇ ନ ଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେବା କଥାକୁ ସାଧାରଣରେ ନାପସନ୍ଦ କରାଯାଇଛି ।

## ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ।

କୋରେଇ,୨୩।୧୦(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ରୋଡସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶର ଭବିଷ୍ୟତ ଯୁବବର୍ଗଙ୍କଠାରେ ରହିଥିବା ପ୍ରତିଭାକୁ ପରିସ୍ଫୁଟ କରାଇ ସାମାଜିକ ସେବାରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । କୋରେଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧରଣୀଧର ଘଡାଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୁ ଯୁବବାହିନୀର ପ୍ରତ୍ୟେକ କର୍ମଚାରୀ ସାଧାରଣ ଲୋକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରେଇ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାତ୍ର ଓ କନିଷ୍ଠ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର ଯୋଗଦେଇଥିଲେ । ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ପ୍ରମୁଖ ୫ ଜିଲାର ସର୍କଲ କୋଅର୍ଡିନେଟର ମାନସିଂହ ଦୁର୍ଗାପ୍ରସାଦ ନାୟକ, ଯୁବ ବାହିନୀ ସଂଯୋଜକ ବିଜୟ କୁମାର ସାହୁ ଯୋଗଦେଇଥିଲେ । ଗୌତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। । ପରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମୁଁ ହିରୋ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୮ ପଞ୍ଚାୟତର କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦାବି

## ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା କର୍ମୀ ।

ଯାଜପୁରରୋଡ,୨୩।୧୦(ନି.ପ୍ର.)

ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦାବିରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ୟାସନଗର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସ, ବ୍ୟାସନଗର ଯୁବମୋର୍ଚ୍ଚା ସଭାପତି ସତ୍ୟପ୍ରକାଶ ସାହୁ ଓ ବ୍ୟାସଦେବ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ଦାବିପତ୍ର ପ୍ରଦାନରେ ସାମିଲ ଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ରାଜ୍ୟରେ ପ୍ରତିଷ୍ଠିତ ୧୪୭ ପଞ୍ଚାୟତ ସମିତି ମଧ୍ୟରୁ ୧୩୨ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବା ଫଳରେ ସେଥିରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । କାମ ନ ମିଳିବାରୁ ଯୁବତୀ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଭାରତୀୟ ଯୁବମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛି । ଏଥିରେ ମନୋଜ କୁମାର ଦାସ, ଅସିତ୍ କୁମାର ଦାସ, ଗଣେଶ ମାଝୀ, କାହ୍ନୁଚରଣ ମଲ୍ଲିକ, ଜୟଦେବ ବେହେରା, ସୁବ୍ରତ ମଲ୍ଲିକ, ବିଶ୍ୱଜିତ୍ ମଲ୍ଲିକ, ବିଶ୍ୱଜିତ ରାଉତ, ରାଜେନ୍ଦ୍ର ସ୍ୱାଇଁ, ସୌମ୍ୟରଞ୍ଜନ ରାଉତ, ଜଳଧର ସାହୁ, ଶମ୍ଭୁ ସାହୁ, ସଂଗ୍ରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

■ଖଣିନିଗମର ପାର୍କିଂ ୟାଡରେ ଟ୍ରକ୍ ଡ୍ରାଇଭରଙ୍କ ଧାରଣା

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ ଅଭିଯୋଗ

କାଳିଆପାଣି, ୨୩।୧୦(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଖଣି ନିଗମ ଖଣିରେ ଫାଷ୍ଟକମ୍‌ଫାଷ୍ଟକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। ଖଣିରେ ବେଆଇନଭାବେ ଟ୍ରକ୍‌କୁ ଲୋଡ଼ିଂ କରାଯାଉଛି। ଟୋକନ ପ୍ରଦାନରେ ନିୟୋଜିତ ଓଆଇଏସ୍‌ଏଫ( ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ )ସିକ୍ୟୁରିଟି ସଂସ୍ଥାର କର୍ମଚାରୀମାନେ ଏହି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ମଙ୍ଗଳବାର ଖଣି ପାର୍କିଂ ୟାର୍ଡ ଗେଟ୍ ସମ୍ମୁଖରେ ଶତାଧିକ ଟ୍ରକ୍ ଡ୍ରାଇଭରମାନେ ଧାରଣା ଦେଇଥିଲେ। ଧାରଣାର ଖବର ପାଇ ଘଟଣାସ୍ଥଳରେ ଖଣି କର୍ତ୍ତୃପକ୍ଷଙ୍କ ସହ ସ୍ଥାନୀୟ ପୋଲିସ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଖଣି ଅଞ୍ଚଳରେ କ୍ରୋମାଇଟ ଜଗିବା ଓ ଶୃଙ୍ଖଳିତ ଭାବେ କ୍ରୋମାଇଟ ପରିବହନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ସଂସ୍ଥାକୁ ନିୟୋଜିତ କରାଯାଇଛି। ସଂସ୍ଥା ଆରମ୍ଭରୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବୋଲାଉଥିବା ଜନୈକ ଅଧିକାରୀ ଖବର କାଗଜ ବିକ୍ରେତାଙ୍କୁ ମାଡ଼ ମାରିବା ପ୍ରତିବାଦରେ ଦୁଇଦିନ ଧରି ଉତ୍ତେଜନା ଲାଗି ରହିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ଟ୍ରକ୍ ମାଲିକ, ଶ୍ରମିକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଆରମ୍ଭରୁ ବିବାଦ ଘେରରେ ଥିବା ସଂସ୍ଥା କାର୍ଯ୍ୟାଳୟରେ ଏବେ ଟ୍ରକ୍ ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ ଚର୍ଚ୍ଚା ଯୋର ଧରିଛି। ଖଣି ନିଗମର ପାର୍କିଂୟାର୍ଡ଼ କୋଳିପଶିଠାରେ ନିର୍ମାଣ ହୋଇଛି। ଖଣି ନିଗମର କ୍ରୋମାଇଟ ଲୋଡ଼ିଂ ପାଇ ଆସୁଥିବା ଟ୍ରକ୍‌ଗୁଡ଼ିକୁ ପାର୍କିଂୟାଡ଼ରେ ଗାଡି ଭର୍ତ୍ତି କରିବାକୁ ହେଲେ ସିରିଏଲ ଅନୁସାରେ ଯିବାକୁ ପଡିଥାଏ। ୨୦୦୯ରେ ହାଇକୋର୍ଟ ଜିଲା ପ୍ରଶାସନକୁ ସମସ୍ତ ଖଣିରେ ପାର୍କିଙ୍ଗ କରିବା ଓ ସିରିଏଲ ଲେଖିବା ନିୟମ ଜାରି କରିଥିଲେ । ଏ ନେଇ ପାର୍କିଂୟାଡ଼ ସିସିଟିଭି କ୍ୟାମେରା ପାଇଁ ନିର୍ଦ୍ଦେଶ ରହିଛି । ହେଲେ ଅଦ୍ୟାବଧି ସିସିଟିଭି କ୍ୟାମେରା ଲାଗି ନାହିଁ। ଫଳରେ ଓଆଇଏସ୍‌ଏଫ ସିକ୍ୟୁରିଟିମାନେ ମନଇଚ୍ଛା ସିରିୟଲ କରୁଛନ୍ତି। ସିକ୍ୟୁରିଟିମାନେ ଏଥିପାଇଁ ପ୍ରତି ଟ୍ରିପ୍‌ରେ ୩୦୦ରୁ ୫୦୦ ପର୍ଯ୍ୟନ୍ତ ଟୋକୋନ ବାବଦକୁ ନେଉଥିବା ଡ୍ରାଇଭର ଓ ମାଲିକ ଅଭିଯୋଗ କରିଛନ୍ତି। ଏ ନେଇ ଶନିବାରଠାରୁ ପାର୍କିଂୟାର୍ଡରେ ଠିଆହୋଇଥିବା ଟ୍ରକ୍ ଡ୍ରାଇଭରମାନେ ମଙ୍ଗଳବାର ସିକ୍ୟୁରିଟିଙ୍କୁ ପଚାରିବାରୁ ସେମାନେ ଡ୍ରାଇଭରମାନଙ୍କୁ ଧମକ ଦେଇଥିଲେ । ଏହାକୁ ନେଇ ଉତ୍ତେଜନା ଦେଖାଯିବା ସହ ଡ୍ରାଇଭରମାନେ ଗେଟ ବନ୍ଦ କରି ଧାରଣାରେ ବସିଥିଲେ । ଖବର ପାଇ ଖଣି ପରିଚାଳକ ଅବନୀକାନ୍ତ ପ୍ରଧାନ , ସିକ୍ୟୁରିଟି ସଂସ୍ଥା କାଳିଆପାଣି ମୁଖ୍ୟ କାଳିଆପାଣି ଥାନା ଏଏସ୍‌ଆଇ ବିଜୟ କୁମାର ସାହୁ ପହଞ୍ଚିଥିଲେ। ବେଆଇନ ଭାବେ ଲୋଡ଼ିଂ କରୁଥିବା କର୍ମଚାରୀମାନଙ୍କୁ ମାସକର ଖାତା ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ଖଣି ପରିଚାଳକ ଅବନୀକାନ୍ତ ପ୍ରଧାନଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ବସିଥିବା ଟ୍ରକ୍ ଡ୍ରାଇଭର ।

## ଓରେଡା ଟେକ୍ନିସିଆନଙ୍କ ଶୁଖୁଆପଡ଼ା ଗ୍ରାମ ପରିଦର୍ଶନ

ବାଲିଚନ୍ଦ୍ରପୁର,୨୩।୧୦(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତର ଶିଳ୍ପୀ ଗ୍ରାମ ଶୁଖୁଆପଡ଼ା ସୌର ଆଲୋକୀକରଣ ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏ ନେଇ ଓଡ଼ିଶା ଅକ୍ଷୟ ଶକ୍ତିବିକାଶ ସଂସ୍ଥା ଭୁବନେଶ୍ୱର ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଓରେଡାର ଟେକ୍ନିସିଆନ୍ ବିନୋଦ କୁମାର ଦାସ ଓ ଅନିରୁଦ୍ଧ ମହାପାତ୍ର ମଙ୍ଗଳବାର ଶୁଖୁଆପଡ଼ା ଗ୍ରାମ ପରିଦର୍ଶନରେ ଆସି ତଦନ୍ତ କରି ଫେରିଛନ୍ତି। ଉକ୍ତ ଗ୍ରାମରେ ଖୁବ୍‌ଶୀଘ୍ର ସୌର ଶକ୍ତି ଦ୍ୱାରା ଆଲୋକୀକରଣ ବ୍ୟବସ୍ଥା କରାଯିବ ବୋଲି ଓରେଡା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍ ପ୍ରଥମେ ରଞ୍ଜନ ମହାରଣାଙ୍କ ପ୍ରସ୍ତର ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କରିବା ପରେ ଶୁଖୁଆପଡ଼ା ଗ୍ରାମର ବିଭିନ୍ନ ଜାଗା ତଦନ୍ତ କରି ଆଲୋକୀକରଣ ବ୍ୟବସ୍ଥାର ନକ୍ସା ପ୍ରସ୍ତୁତ କରିଥିଲେ। ଏମାନଙ୍କ ସହ ଉତ୍କଳ କେଶରୀ ସାମଲ, ବ୍ରଜକିଶୋର ମହାରଣା, ଚିତ୍ତରଞ୍ଜନ ମହାରଣା, ଅଶୋକ କୁମାର ମହାରଣା ପ୍ରମୁଖ ସାମିଲ ଥିଲେ।

ବେକାର ସମସ୍ୟା ଦୂର କରିବା ଦାବି

## ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସିଂହପୁର,୨୩।୧୦(ଡି.ଏନ୍.ଏ)

ରାଜ୍ୟରେ ବେକାରୀ ସମସ୍ୟା ଦୂର କରିବା ନେଇ ମଙ୍ଗଳବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜ୍ୟରେ ପ୍ରତିଷ୍ଠିତ ୧୪୭ ପଞ୍ଚାୟତ ସମିତି ମଧ୍ୟରୁ ୧୩୨ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଭାଜପା ଯୁବମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛି।

## ବଡ଼ଚଣା ବିଜେଡିର ଜନସମ୍ପର୍କ ପଦଯାତ୍ରା

ଚଣ୍ଡିଖୋଲ,୨୩।୧୦(ଡି.ଏନ.ଏ.)

ବଡ଼ଚଣା ବିଜେଡି ପକ୍ଷରୁ ଭୁଷଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ଦର୍ପଣୀଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରଞ୍ଜନ ସେନାପତି ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଦଳ ପ୍ରତି ଲୋକଙ୍କ ଭଲପାଇବା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ସଭାପତି ଯତିନ୍ଦ୍ର ନାୟକ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଜିଲା ମହିଳା ସଭାନେତ୍ରୀ ପୂଜାରୀଣୀ ବଳ, ବିନୋଦୀନୀ ସାହୁ, ମାନସୀ ଜେନା, ଯଯାତି ରାଉତ, ମିହିର ସ୍ୱାଇଁ, ମୋନାଲିସା ତରାଇ, ପ୍ରଭାକର ସାମଲ, ଜଗନ୍ନାଥ ମୁଦୁଲି ପ୍ରମୁଖ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ବୁଝାଇଥିଲେ। ଉପସଭାପତି ପଞ୍ଚାନନ ଧଳ ଧନ୍ୟବାଦ ଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ଉପସ୍ଥିତ ଅତିଥି ।

## ଟାୱାରରୁ କେବୁଲ ଚୋରି ଅଭିଯୋଗ: ୫ କୋର୍ଟ ଚାଲାଣ

କୋରେଇ,୨୩।୧୦(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ଗ୍ରାମରେ ଥିବା ଏଟିସି ଟାୱାରରୁ କେବୁଲ ଚୋରି ଅଭିଯୋଗରେ ମଙ୍ଗଳବାର ପାଣିକୋଇଲି ପୋଲିସ ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ଛେନାପତି ଗ୍ରାମର ମାନସ ରଞ୍ଜନ ନାୟକ, ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ପାହାଡପୁର ଗ୍ରାମର ରାଜକିଶୋର ସାହୁ, ତରାଙ୍ଗ ଗ୍ରାମର ପ୍ରଶାନ୍ତ ସେଠୀ, ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଗୌରାଙ୍ଗପୁର ଗ୍ରାମର ବଟକୃଷ୍ଣ ରାଉତ, ଭଦ୍ରକ ଥାନା ଅନ୍ତର୍ଗତ ତେଲଙ୍ଗା ଗ୍ରାମର ବିଶ୍ୱନାଥ ଜେନା। ଏ ନେଇ ପୋଲିସ ଏକ ମାମଲା(୧୬୮/୧୮) ରୁଜୁ କରିଛି । ପ୍ରକାଶ ଯେ ଏଟିସ କମ୍ପାନୀର ଟେଲିକମ ଇଞ୍ଜିନିୟର ସୁମିତ ରାଉତଙ୍କ ଅଭିଯୋଗ ଅନୁଯାୟୀ, ବଡବିରୁହାଁସ୍ଥିତ ଏୟାରଟେଲ ଟାୱାର ଦାୟିତ୍ୱରେ ଥିବା ପୁଷ୍କର ସେନାପତିଙ୍କ ଅନୁମତିରେ ଟେକ୍ନିସିଆନ ଗ୍ରୁପ ଆସି ଏୟାରଟେଲ ୪ଜି କାମ କରିଥିଲେ । ମାତ୍ର କାମ ସାରି ଫେରିବା ସମୟରେ ପୁଷ୍କରଙ୍କ ସନ୍ଦେହ ହେବାରୁ ସେମାନଙ୍କୁ ଅଟକାଇଥିଲେ। ତାଙ୍କ ବ୍ୟାଗ୍ ଚେକ୍ କରିବାର ଟାୱାରର କେବୁଲ ତାର ଥିବା ଦେଖିଥିଲେ। ସେମାନେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇ ପୋଲିସ ଜିମା ଦେଇଥିଲେ ।

# ପୁରାତନ ନାଳର ପୁନରୁଦ୍ଧାର ଜରୁରୀ



ବରୀ,୨୩।୧୦(ସ୍ୱ.ପ୍ର .)

- ପୋତି ହୋଇପଡୁଛି ୧୦ରୁ ଊର୍ଦ୍ଧ୍ୱ ନାଳ
- ପୁନରୁଦ୍ଧାର କରାଗଲେ ଉପକୃତ ହେବେ ୧୩ ଲକ୍ଷ ଲୋକ
- ୧୪ ହଜାର ହେକ୍ଟର ଜମିରୁ ଜଳ ନିଷ୍କାସନ ହୋଇପାରିବ

ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀରେ ଥିବା ପୁରୁଣା ନାଳଗୁଡିକ ପୋତି ହୋଇ ପଡୁଛି। ଫଳରେ ବର୍ଷାଦିନେ ଜଳ ନିଷ୍କାସନ ହୋଇ ନ ପାରି ଫସଲ ନଷ୍ଟ ହେଉଛି। ତିତ୍‌ଲି ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ସାଙ୍ଗକୁ ଜମିରୁ ଜଳ ନିଷ୍କାସନ ହୋଇ ନ ପାରି ବରୀ ଅଞ୍ଚଳରେ ଧାନ ଓ ବିରି ଫସଲ ନଷ୍ଟ ହୋଇଯାଇଛି। ରାଜ୍ୟ ସରକାର ପୁରାତନ ନାଳଗୁଡିକର ପୁନରୁଦ୍ଧାର ପାଇଁ ଯାଜପୁର ଡ୍ରେନେଜ୍ ବିଭାଗକୁ ଚିଠି କରିଛନ୍ତି। ଫଳରେ ସୋମବାର କେତେଜଣ ବିଭାଗୀୟ ଅଧିକାରୀ ବରୀ ନିର୍ବାଚନ ମଣ୍ଡଳୀରେ ପୋତି ହୋଇଥିବା ପୁରାତନ ନାଳର ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବ୍ରାହ୍ମଣୀ, ବିରୂପା, କେଲୁଅ, ଖରସ୍ରୋତା ନଦୀରୁ ଛୋଟ ଛୋଟ ନାଳ ବାହାରିଥିଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ରକ୍ଷଣାବେକ୍ଷଣରେ ଅବହେଳା ଯୋଗୁ ୧୦ରୁ ଅଧିକ ନାଳ ପୋତି ହୋଇପଡିଛି। ଏପରି କି ଅଧିକାଂଶ ନାଳର ଚିହ୍ନ ବର୍ତ୍ତ ହଜିଯାଇଛି। ତେବେ ଏହି ନାଳର ସନ୍ଧାନ ପାଇଁ ଡ୍ରେନେଜ୍ ବିଭାଗ ବରୀ ଅଞ୍ଚଳର କେତେଜଣ ସାମାଜିକ କର୍ମୀ, ବୁଦ୍ଧିଜୀବୀ, କୃଷକ, ଖବରଦାତାଙ୍କ ସହଯୋଗ ଲୋଡ଼ିଛି। ଏଥିସହ ଆଉ କେତେକ ନୂଆନାଳ ଖନନ କରାଯିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ବରୀ, ବଡଚଣା, ଧର୍ମଶାଳା, ରସୁଲପୁର, ଯାଜପୁର ବ୍ଲକ ଅଞ୍ଚଳ ଦେଇ କେତେକ ନାଳ ବରୀ ଅଞ୍ଚଳକୁ ଆସିଛି। ଏ ସବୁ ନାଳର ପୁନରୁଦ୍ଧାର କରାଗଲେ ୫ ବ୍ଲକ ଅଧୀନ ୫୦ ପଞ୍ଚାୟତ ୧୬୦ ମୌଜାର ୧୩ ଲକ୍ଷ ଲୋକ ଉପକୃତ ହେବେ ବୋଲି ଜଣାପଡିଛି।୧୪ ହଜାର ହେକ୍ଟର ଚାଷ ଜମିରୁ ଜଳ ନିଷ୍କାସନ ହେବା ସହିତ ଚାଷୀର ଫସଲ ସୁରକ୍ଷିତ ହୋଇପାରିବ। ବନ୍ଧଡିହଠାରୁ ନାଳ ବାଙ୍କ ଦେଇ ବାଲିଆ ପଞ୍ଚାୟତ, ଭାପୁରଠାରେ କେଲୁଅ ନଦୀରେ ମିଶିଛି। ଏହାର ପୁନରୁଦ୍ଧାର କରାଗଲେ ବିରୂପା ନଦୀର ବାମପାର୍ଶ୍ୱରେ ଜଳ ନିଷ୍କାସନ ହେବ। ସେହିପରି ହଳଦୀବସନ୍ତର କୁମାରଗଣ୍ଡଠାରୁ ମାଳପାଟଦେଇ ଅଲିଆବାଦ ମୌଜାର କେନ୍ଦୁଘାଇ ନାଳ ବିରୂପାରେ ମିଶିଛି। ଏହାର ପୁନରୁଦ୍ଧାର ହେଲେ ବ୍ରାହ୍ମଣୀର ବାମ ପାର୍ଶ୍ୱରେ ଜଳ ନିଷ୍କାସନ ହୋଇପାରିବ। ରାମପୁର ମୌଜାର ମେଦୁଆ ନାଳ, ଶୁକଳ ମୌଜାର ଚମାରପାଟିଆଠାରୁ ସପନା ପାଟନାଳର ଖରିମୁଣ୍ଡା ମହାକାଳପଡା ପର୍ଯ୍ୟନ୍ତ ପୁନରୁଦ୍ଧାର କରାଗଲେ ବ୍ରାହ୍ମଣୀର ଡାହାଣ ପାର୍ଶ୍ୱରେ ଜଳ ନିଷ୍କାସନ ହୋଇପାରିବ । ଗୋଲକୁଣ୍ଡ ମଙ୍ଗଳାଠାରୁ ସାହୁପଡା ପାଟ ପର୍ଯ୍ୟନ୍ତ ପୁରାତନ ନାଳ ସମ୍ପୂର୍ଣ୍ଣ ପୋତି ହୋଇପଡିଛି। ବାଲିବିଲିଠାରୁ ନୂଆ ନଈ ପର୍ଯ୍ୟନ୍ତ ନାଳ ପୋତି ହୋଇ ପଡିବା ଦ୍ୱାରା ସାନନ୍ଦା ପାଟରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ଡ୍ରେନେଜ୍ ବିଭାଗକୁ ନିର୍ଦ୍ଦେଶ ରହିଛି। ରିପୋର୍ଟ ପ୍ରଦାନ ପରେ ଏ ବିଷୟରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ। ଏ ସଂକ୍ରାନ୍ତରେ ଯାଜପୁର ଡ୍ରେନେଜ୍ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ବିଶ୍ୱାଳଙ୍କୁ ପଚାରିବାରେ, ପୁରାତନ ନାଳ ପୁନରୁଦ୍ଧାର ଓ ନୂତନ ନାଳ ଖନନ ପାଇଁ ସର୍ଭେ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଆସିଛି। ତେବେ ଏ ନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

କୋଦଳା,୨୩ା୧୦(ଡି.ଏନ୍.ଏ.)-କୋଦଳା ତହସିଲ କାର୍ଯ୍ୟାଳୟରେ ୧୬ ତାରିଖରେ ନୂତନ ତହସିଲଦାର ଭାବେ ପ୍ରଭାତ କୁମାର ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ୨ ମାସ ହେଲା ଏଠାରେ ତହସିଲଦାର ପଦବି ଖାଲି ପଡ଼ିଥିଲା। ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ ଓ ଆର୍‌ଆଇ ଷ୍ଟାଫ୍ ଉପସ୍ଥିତ ରହି ସ୍ୱାଗତ ଜଣାଇଛନ୍ତି।

### ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରିଲିଫ୍ ବଣ୍ଟନ

ରାମଗିରି,୨୩ା୧୦(ଡି.ଏନ.ଏ.)-ତିତ୍‌ଲି ବାତ୍ୟାରେ ଗଜପତି ଜିଲାର ୭ଟି ବ୍ଲକ ପ୍ରଭାବିତ ହୋଇଛି । ଆର.ଉଦୟଗିରି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଅସହାୟ ବିପନ୍ନମାନଙ୍କୁ ଆନନ୍ଦ ମାର୍ଗ ୟୁନିଭର୍‌ସାଲ ରିଲିଫ ଟିମ୍ (ଭୁବନେଶ୍ୱରର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ) ପକ୍ଷରୁ ୧୬ ତାରିଖରୁ କମ୍ବଳ, ଟର୍ଚ୍ଚ, ମେଡିସିନ, ବଣ୍ଟନ ସହ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଥିଲା। ଏଥିରେ ଆନନ୍ଦ ମାର୍ଗର ଆଚାର୍ଯ୍ୟ ଜୟ ଶିବାନନ୍ଦ ଅବଧୂତ ଓ ଭୁବନେଶ୍ୱର ଡିଏସ ଆଚାର୍ଯ୍ୟ, ପ୍ରଭଦ୍ରାନନ୍ଦ ଅବଧୂତଙ୍କ ସହ ଅଭିରାମ ବଳିଆରସିଂହ ପ୍ରମୁଖ ସଫଳତାର ସହ କାର୍ଯ୍ୟ କରିଥିବାରୁ ଅଞ୍ଚଳବାସୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜଣାଯାଇଛି ।

## ଆନ୍ଧ୍ରକୁ ବାଲି ଚାଲାଣ ନେଇ ଗ୍ରାମବାସୀ-ମାଫିଆ ମୁହାଁମୁହିଁ

# ୫ ଘଣ୍ଟା ରାସ୍ତା ଅବରୋଧ

ଚିକିଟି,୨୩ା୧୦(ଡି.ଏନ.ଏ.)

ଚିକିଟି ତହସିଲ ଅଞ୍ଚଳରେ ବାଲି ମାଫିଆଙ୍କ ରାଜ ଚାଲିଛି। ଆନ୍ଧ୍ରକୁ ବାଲି ଚୋରାଚାଲାଣ କରି ମାଫିଆମାନେ ମାଲାମାଲ୍ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ମଙ୍ଗଳବାର ଚିକିଟି ତହସିଲ୍ ଅଧୀନସ୍ଥ ଭୋଲାସିଙ୍ଗି ଗ୍ରାମ ନିକଟ ବାହୁଦା ନଦୀରୁ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିବା ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀ ଓ ମାଫିଆ ମୁହାଁମୁହିଁ ହୋଇଥିଲେ। ପୋଲିସ ଓ ପ୍ରଶାସନ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବା ଦାବି କରି ଗ୍ରାମବାସୀ ଟାୟାର ଜାଳି ପାଣ୍ଡ୍ରି ଓ ଚିକିଟି ମୁଖ୍ୟ ରାସ୍ତାକୁ ୫ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା । କେ.ନୂଆଗାଁ ଥାନା ଅଧିକାରୀ ସୁଜିତ୍ କୁମାର ନାୟକ, ଚିକିଟି ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ଏବଂ ଚିକିଟି ଅତିରିକ୍ତ ତହସିଲ୍‌ଦାର ଡ଼. ଶକ୍ତି ପ୍ରସାଦ ଶ୍ରୀଚନ୍ଦନ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକା ହଟିଥିଲା ।


ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ବାହୁଦା ନଦୀ ଶଯ୍ୟାରୁ ରୀତିମତ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ କରାଯିବା ଫଳରେ ନଦୀ ଶଯ୍ୟା ସଂକୀର୍ଣ୍ଣ ହୋଇପଡୁଛି। ନଦୀ କୂଳରେ ଥିବା ଗ୍ରାମ ଲୀନ ହୋଇଯିବାରେ ଆଶଙ୍କା ସୃଷ୍ଟି ହୋଇଛି । ଏ ବିଷୟରେ ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ଚିକିଟି ତହସିଲ୍ ଇଲାକାରେ ଥିବା ବାହୁଦା ନଦୀ ତଟରୁ ଦୈନିକ ଲକ୍ଷାଧିକ ଟଙ୍କାର କାରବାର ହେଉଥିବା ବେଳେ ସରକାରୀ ତହବିଲ୍‌କୁ ଟଙ୍କାଟିଏ ବି ରାଜସ୍ୱକୁ ଯାଉନାହିଁ ଅନ୍ୟପକ୍ଷରେ ସେଭଳି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କୁ ସୁହାଉଛି । ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ଶ୍ରୀଚନ୍ଦନ କହିଛନ୍ତି, ପ୍ରତି ସପ୍ତାହରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ବେଆଇନ୍ ବାଲି ଚାଲାଣ ଗାଡିରୁ ଜରିମାନା ସଂଗ୍ରହ କରାଯାଉଛି। ୨୦୧୭ ଏପ୍ରିଲ୍‌ରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୪୬ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଗତ ଏପ୍ରିଲ ମାସଠାରୁ ଅକ୍ଟୋବର ପର୍ଯ୍ୟନ୍ତ ମୋଟ ୨୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲ୍ ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଚାରିପଦ ଥିଲା କି ନ ଥେଲା**
**ଗୀତ ଚାରିପଦ ଥେଲା**
**ଯେଉଁ ଦିନ ଡେଇଁଲି ବାପଘର ଗାଆଁ**
**ସବୁ ତ ପାସୋର ଗଲା ।**

ବାହା ହୋଇ ଝିଅ ଯେବେ ଶାଶୁ ଘରକୁ ବୋହୂ ହୋଇଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ । ସେହିପରି ଘର ପରିବାର ସମ୍ଭାଳିବା ଭିତରେ ସେ ସମୟକ୍ରମେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ମଧ୍ୟ ପାସୋରି ଦେଇଥାଏ । ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାନ୍ତି । ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିଖଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ରହି ସେସବୁ ମନରୁ ପାସୋରି ଦେଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଢମ କହୁଛି**
**ଦି କଳେ ଘିଅ ବହି ଯାଉଛି ।**

ଢମ ଗପିବାର ବା ବଢ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ । ନିଜେ ଯେତେ ନୁହଁ କି ଯାହା ନୁହଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ଏକ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଜୁଆ ଆଡ୍ଡାରେ ଚଢ଼ାଉ, ୧୩ ଗିରଫ

ଗୋପାଳପୁର,୨୩ା୧୦

ଗୋପାଳପୁର ଥାନା ପୋଲିସ ମଙ୍ଗଳବାର ୨ ସ୍ଥାନରେ ଚଢ଼ାଉ କରି ୧୩ ଜୁଆଡ଼ିଙ୍କୁ ଗିରଫ କରିଛି । ଉକ୍ତ ଥାନା ଗୋପାଳପୁର ଏନ୍‌ଏସି ଅଞ୍ଚଳ ବଳଦ ସାହିରେ କିଛିଦିନ ହେଲା ଜୁଆଖେଳ ଚାଲିଥିଲା । ସୋମବାର ମଧ୍ୟରାତିରେ ଖବର ପାଇ ଗୋପାଳପୁର ଥାନା ପୋଲିସ ୪ ଜଣ ଜୁଆଡ଼ିଙ୍କୁ କାବୁ କରିଥିଲା । ତାଙ୍କଠାରୁ ୩ହଜାର ୩୦୦ ଟଙ୍କା ଜବତ ହୋଇଛି । ଗୋଳାବନ୍ଧ ଗ୍ରାମର ବଡ଼ ସାହିରେ ଜୁଆଖେଳ ଚାଲୁଥିବା ବେଳେ ମଙ୍ଗଳବାର ଭୋରରେ ଥାନାଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ାଉ କରି ୯ ଜଣଙ୍କୁ ପୋଲିସ କାବୁ କରିଥିଲା । ଆଉ କେତେକ ସେଠାରୁ ଚମ୍ପଟ ମାରିଥିଲେ। ସେଠାରୁ ୯ ହଜାର ୧୦୦ ଟଙ୍କା ଜବତ କରାଯାଇଛି । ଏନେଇ ନଂ. ୧୩୩/୧୮ ଓ ୧୩୪/୧୮ରେ ଦୁଇଟି ମାମଲା ରୁଜୁ ହୋଇଛି ।

## ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା

ପାତ୍ରପୁର,୨୩ା୧୦(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ମନ୍ଦରଡ଼ା ଗ୍ରାମରେ ମଙ୍ଗଳବାର ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ଦିଗପହଣ୍ଡି ବ୍ଲକ ସମାସିଙ୍ଗି ଶାସନ ଗ୍ରାମ ନିକଟରେ ଥିବା ବାହୁଦା ନଦୀର ବାରୁଣୀ ଘାଟରେ ପହଞ୍ଚି ପୂଜା ଅର୍ଚ୍ଚନା କରିବା ସହ ପୂର୍ଣ୍ଣକୁମ୍ଭ ଧରି ସମାସିଙ୍ଗି, ଭ୍ରମର ପୁର, ମୁକୁନ୍ଦପୁର ପ୍ରମୁଖ ଗ୍ରାମ ଦେଇ ୯ କି.ମି ଅତିକ୍ରମ କରି ମନ୍ଦରଡ଼ାରେ ପହଞ୍ଚିଥିଲେ ।

## ସଜନା ଗଛକୁ ନେଇ ଗଣ୍ଡଗୋଳରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୨୩ା୧୦(ଡ଼ି.ଏନ୍.ଏ):

ଜମି ନିକଟରେ ସଜନା ଗଛ ଉପାଡ଼ିବାକୁ ନେଇ ୧୮ ତାରିଖରେ ହୋଇଥିବା ଗଣ୍ଡଗୋଳରେ ଆହତ ବୃଦ୍ଧଙ୍କର ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ହିଞ୍ଜିଳି ଥାନା ବେଲଗାଁ ଗ୍ରାମର ଭାସ୍କର ଗୌଡ଼(୭୫)। ଭାସ୍କର ଓ ତାଙ୍କ ଗ୍ରାମର କାମନା ଗୌଡ଼ଙ୍କର ଚାଷ ଜମି ପାଖାପାଖି ରହିଛି। ୧୮ତାରିଖରେ ଉଭୟଙ୍କ ଜମିକୁ ଲାଗିଥିବା ହୁଡ଼ାରେ ଭାସ୍କର ଲଗାଇଥିବା ସଜନା ଗଛକୁ କେହି ଉପାଡ଼ି ଦେଇଥିଲା। ଏହାକୁ ନେଇ ୨୦ତାରିଖରେ ଭାସ୍କର ଓ କାମନାଙ୍କ ମଧ୍ୟରେ ଗାଁ ନିକଟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କାମନା ଠେଙ୍ଗାରେ ଭାସ୍କରଙ୍କୁ ଆକ୍ରମଣ କରିଥିଲେ। ଭାସ୍କର ଆହତ ହେବାରୁ ପରିବାର ଲୋକେ ମାଣ୍ଡିଆପଲୀରେ ଥିବା ଏକ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ରବିବାର ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିଲା। ସୋମବାର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତ ଭାସ୍କରଙ୍କ ପୁଅ ସାହେବଙ୍କ ଏତଲା କ୍ରମେ ଥାନାରେ ନଂ.୨୭୮/୧୮ରେ ହତ୍ୟା ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କାବୁ ପାଇଁ ଉଦ୍ୟମ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ୩୩ ଜୁଆଡ଼ି ଗିରଫ

ଦିଗପହଣ୍ଡି/ପାଟପୁର, ୨୩ା୧୦(ଡି.ଏନ.ଏ.)

**୪୯,୮୮୦ ଟଙ୍କା ଜବତ**

ପାଟପୁର ପୋଲିସ ପକ୍ଷରୁ ଜୁଆଆଡ୍ଡାରେ ଚଢ଼ାଉଧରପଗଡ଼କୁ ଜୋରଦାର କରାଯାଇଛି । ପାଟପୁର, ଧର୍ମରାୟପୁର, ରାମଚନ୍ଦ୍ରପୁର, ପଦ୍ମପୁର, ଡେଙ୍ଗାଓସ୍ତା ଗ୍ରାମରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇ ୩୩ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୪୯,୮୮୦ ଟଙ୍କା ଜବତ କରାଯାଇଥିବା ବେଳେ ନଂ. ୧୯୯/୧୮, ୨୦୦/୧୮,୨୦୧/୧୮, ୨୦୨/୧୮ ଓ ୨୦୩/୧୮ ରେ ଅଭିଯୁକ୍ତମାନଙ୍କ ବିରୋଧରେ ପୃଥକ ପୃଥକ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ ଜଣାଇଛନ୍ତି ।

## ନଦୀରେ ଭାସିଯାଇ ଷଷ୍ଠଶ୍ରେଣୀ ଛାତ୍ର ନିଖୋଜ

ଶଙ୍କରାଖୋଲ,୨୩ା୧୦(ଡି.ଏନ୍.ଏ.)

ଟିକାବାଲି ବ୍ଲକ କଡିମାହା ପଞ୍ଚାୟତ ମୁଣିଗାଁ ଗ୍ରାମ ନିକଟରେ ଥିବା ପିଲା ସାଲୁଙ୍କୀ ନଦୀକୁ ଗାଧୋଇବାକୁ ଯାଇ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ନିଖୋଜ ହୋଇଛନ୍ତି। ସେ ହେଲେ ବିକ୍ରମ କହଁର (୯)। ମଙ୍ଗଳବାର ଅପରାହ୍ନରେ ବିକ୍ରମ ଓ ତାଙ୍କ ୩ ଜଣ ସାଙ୍ଗ ମିଶି ସାଲୁଙ୍କା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ବିକ୍ରମଙ୍କର ଗୋଡ଼ ଖସିଯିବାରୁ ସେ ଭାସିଯାଇଥିଲେ। ଏହା ଦେଖି ତାଙ୍କ ସାଙ୍ଗମାନେ ବିକ୍ରମଙ୍କ ବାପାଙ୍କୁ ଜଣାଇଥିଲେ। ପରିବାର ଲୋକ ଟିକାବାଲି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ବହୁ ଖୋଜାଖୋଜି କରି ପାଇନଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ଅକ୍ଟୋବର, ୨୦୧୮



ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବ ପରିବର୍ତ୍ତନ ନ ହୋଇଛି, ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଆଜି ଗଜଲକ୍ଷ୍ମୀ ପୂଜା ଚାଲିଛି ସାଜସଜ୍ଜା, ଚଳଚଞ୍ଚଳ ଶ୍ରୀକ୍ଷେତ୍ର

**ପୁରୀ ଅଫିସ,୨୩।୧୦:** ବୁଧବାର ଗଜଲକ୍ଷ୍ମୀ ପୂଜା। ଶ୍ରୀକ୍ଷେତ୍ରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବେ ମା' ଗଜଲକ୍ଷ୍ମୀ। ଏନେଇ ଚାଲିଛି ସାଜସଜ୍ଜା। ସପ୍ତାହ ବ୍ୟାପୀ ଚାଲିବ ଗଜଲକ୍ଷ୍ମୀଙ୍କ ପୂଜା। ମାଉସୀ ମା' ଲେନର ଥ୍ରି ଷ୍ଟାର କ୍ଲବ ପକ୍ଷରୁ ଗତ ୩୯ବର୍ଷ ଧରି ଚାଲିଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ୧୯୭୯ ମସିହାରେ ଏହି ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ମାଉସୀ ମା' ଗଜଲକ୍ଷ୍ମୀ ପୂଜା କମିଟି ପୂଜା ଆୟୋଜନ କରୁଥିବା ବେଳେ ଗତ କିଛିବର୍ଷ ଧରି ଥ୍ରି ଷ୍ଟାର କ୍ଲବ ଏହାର ଆୟୋଜନ ଦାୟିତ୍ୱରେ ରହିଛି। ୧୧ଦିନ ଧରି ପୂଜା ଆୟୋଜନ ହୋଇଥାଏ ବୋଲି କ୍ଲବର କୋଷାଧକ୍ଷ ଶିବ ନାରାୟଣ ଦାଶ କହିଛନ୍ତି। ସତ୍ୟ ନାରାୟଣ ଶାହା ସଭାପତି ଓ ଶୁଭ୍ରାଂଶୁ ଶେଖର ପ୍ରଧାନ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ସେହିପରି ସାଇ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟରେ ୭ବର୍ଷ ଧରି ପୂଜା ଆୟୋଜିତ ହୋଇ ଆସୁଛି। ଏହି ପୂଜା କମିଟିର ଏକ ନିଆରାପଣ ରହିଛି। ପ୍ରତିବର୍ଷ କମିଟି ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସାମାଜିକ ବାର୍ତ୍ତା ରହିଥାଏ। ଭକ୍ତ ଓ ପର୍ଯ୍ୟଟକଙ୍କୁ ଏହା ବେଶ୍ ଆକର୍ଷିତ କରିଥାଏ। ଚଳିତବର୍ଷ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଗୋବଂଶର ସୁରକ୍ଷା ଉପରେ ବାର୍ତ୍ତା ରହିଛି ବୋଲି କମିଟି ସମ୍ପାଦକ ମର୍କତକେଶରୀ ଜେନା କହିଛନ୍ତି।

### ଭାପୁର: ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ଭାପୁର,୨୩।୧୦(ଡ଼ି.ଏନ.ଏ.)-ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତରେ ପକ୍କାଘର ବଣ୍ଟନରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ସମ୍ପୃକ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଭାପୁର ବ୍ଲକ ଅନ୍ତର୍ଗତ ଧାନଚେଙ୍ଗଡା, ପଞ୍ଚାୟତର ମହୁଲବେରଣା, ଲକ୍ଷ୍ମୀପ୍ରସାଦ, କଳଟାଙ୍ଗି, ଭୋଗଡା, କାଳିଆପଲ୍ଲୀ ଓ ଧାନଚେଙ୍ଗଡା ଗ୍ରାମରେ ପକ୍କାଘର ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ବିଭିନ୍ନ ସମୟରେ ଗଣମାଧମରେ ପ୍ରକାଶ ପାଇଥିଲା। ନୟାଗଡର ପୂର୍ବତନ ଜିଲାପାଳ ଅରିନ୍ଦମ ଡ଼ାକୁଆ ତଦନ୍ତ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବର୍ତ୍ତମାନର ଜିଲାପାଳ ଏନ୍ ତିରୁମାଲା ନାୟକ ଏହି ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିଥିଲେ। ଏହି ଘଟଣା ପାଇଁ ଧାନଚେଙ୍ଗଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟକୃଷ୍ଣ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ସେ ଗତ କିଛି ଦିନ ହେବ ଗଣିଆ ବ୍ଲକକୁ ବଦଳି ହୋଇ ଯାଇଛନ୍ତି।

### ୧୯୯୦ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ନୟାଗଡ଼ ଅଫିସ,୨୩।୧୦:** ନୟାଗଡ଼ ବ୍ଲକ ଲାଠିପଡ଼ା ଉଚ୍ଚ ବିଦ୍ୟାଳୟର ୧୯୯୦ ମସିହା ମାଟ୍ରିକ୍ ବ୍ୟାଚ୍ ସହପାଠୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମା' ଭୈରବୀ ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ଗୁରୁପୂଜନ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ଦିବଂଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ଦିନର ସ୍ମୃତି ମନେ ପକାଇବା ସହ ପ୍ରତିବର୍ଷ ଏହିଭଳି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ସରକାରଙ୍କ ହବିଷିଆଳି ଯୋଜନା

# ଉପକୃତ ହେଉଛନ୍ତି ଉପକୂଳବାସୀ

**ପୁରୀ ଅଫିସ,୨୩।୧୦**

ଧର୍ମ ମାସ କାର୍ତ୍ତିକ। କାର୍ତ୍ତିକ ବ୍ରତ ପାଳନ କରିବାକୁ ପ୍ରତିବର୍ଷ ପୁରୀକୁ ବହୁ ସଂଖ୍ୟାରେ ହବିଷିଆଳି ଆସିଥାନ୍ତି। ଧର୍ମଶାଳା, ମଠ, ମନ୍ଦିର ଆଦିରେ ମାସକ ଯାକ ରହି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରାଧା ଦାମୋଦରଙ୍କୁ ପୂଜା କରିଥାନ୍ତି। ହେଲେ ପୁରୀରେ ରହି ବ୍ରତ ଧାରଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନ ଥାଏ। ଇଚ୍ଛା ଥିଲେ ବି ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣେ। ଏହାକୁ ହୃଦୟଙ୍ଗମ କରି ସରକାର ୨୦୧୬ ମସିହାରୁ ଆରମ୍ଭ କରିଛନ୍ତି ହବିଷିଆଳି ଯୋଜନା। ସରକାରୀ ନିୟମ ମାନି ଏହି ଯୋଜନା ମାଧ୍ୟମରେ ଆସୁଥିବା ହବିଷିଆଳିଙ୍କ ରହିବା, ଖାଇବା ଏବଂ ଆବଶ୍ୟକ ବ୍ୟବସ୍ଥା ସରକାର କରିଥାନ୍ତି।

ଗତ ଦୁଇବର୍ଷ ଧରି ସଫଳତାର ସହ ଏହି ଯୋଜନା ଚାଲିଆସିଥିବା ବେଳେ ଚଳିତବର୍ଷ ପ୍ରାୟ ୨୩୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ରହଣି ପାଇଁ ୪ଟି ସ୍ଥାନରେ ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ତେବେ ଏହି ଯୋଜନାରେ ଆସୁଥିବା ହବିଷିଆଳିଙ୍କୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଯେ, ସରକାରଙ୍କ ଏହି ଯୋଜନା ପଶ୍ଚିମ ଓଡ଼ିଶାକୁ ଏତେଟା ଛୁଇଁ ପାରୁନାହିଁ। ଅର୍ଥାତ୍ ପଶ୍ଚିମ ଓଡ଼ିଶାର ହବିଷିଆଳି ବହୁ କମ୍ ସଂଖ୍ୟାରେ ଆସୁଥିବା ବେଳେ ଉପକୂଳବାସୀ ବିଶେଷ ଭାବେ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ପଞ୍ଜୀକରଣ ଅବଧି ସରିଥିଲେ ମଧ୍ୟ ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, ଗଜପତି, ରାୟଗଡ଼ା, ବରଗଡ଼ ଓ ଦେବଗଡ଼ ଜିଲାରୁ କୌଣସି ହବିଷିଆଳି ନାମ ପଞ୍ଜୀକରଣ କରି ନାହାନ୍ତି।



ଜଗନ୍ନାଥବଲ୍ଲଭ ମଠରେ ହବିଷିଆଳିମାନେ।

- **ପଶ୍ଚିମ ଓଡ଼ିଶାକୁ ଛୁଇଁ ପାରୁନି**
- **୭ ଜିଲାର ପଞ୍ଜୀକରଣ ଶୂନ**

ଗତ ବର୍ଷ ପ୍ରାୟ ୨୭୦୦ ହବିଷିଆଳି ଏହି ଯୋଜନା ମାଧ୍ୟମରେ ଆସି ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିଥିଲେ। ଏମାନଙ୍କ ମଧ୍ୟରେ ପୁରୀ ଜିଲାର ସର୍ବାଧିକ ୮୪୦ ଜଣ ରହିଥିଲେ। ପୁରୀ ପରେ ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଜିଲାର ହବିଷିଆଳି ଅଧିକ ଆସିଥିଲେ। ଚଳିତବର୍ଷ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଉପକୂଳ ଜିଲାରୁ ଅଧିକ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ପୁରୀ ଜିଲାର ହବିଷିଆଳି ଏକ ତୃତୀୟାଂଶ ରହିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୩୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରେ ପୁରୀ ଜିଲାରୁ ସର୍ବାଧିକ ୮୬୧ ଜଣ ହବିଷିଆଳି ପଞ୍ଜୀକରଣ କରିଥିବା ବେଳେ ଖୋର୍ଦ୍ଧାରୁ ୬୦୬, ଗଞ୍ଜାମରୁ ୪୪୬, ନୟାଗଡ଼ ୧୨୩, ଯାଜପୁର ୪୧, ଭଦ୍ରକ ୪୦, କଟକ ଓ ଜଗତ୍‌ସିଂହପୁର ଜିଲାରୁ ୩୬ ଜଣ ଲେଖାଏ ହବିଷିଆଳି ପଞ୍ଜୀକରଣ କରିଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାରୁ ହାତ ଗଣତି ହବିଷିଆଳି ନାମ ପଞ୍ଜୀକରଣ କରିଥିବା ଜଣାପଡିଛି। ସେଥିମଧ୍ୟରେ ସୁନ୍ଦରଗଡ଼ ଓ ବଲାଙ୍ଗୀରରୁ ୩ ଜଣ ଲେଖାଏ, ଝାରସୁଗୁଡା, ସମ୍ବଲପୁର ଓ ସୋନପୁରରୁ ଜଣେ ଲେଖାଏ ନାମ ପଞ୍ଜୀକରଣ କରିଛନ୍ତି।

**ଆଶ୍ରୟସ୍ଥଳ ବୁଲିଲେ ଜିଲାପାଳ**

ଚଳିତବର୍ଷ ହବିଷିଆଳି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ, ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଏବଂ ଜଗନ୍ନାଥ ବଲ୍ଲଭ ପରିସରରେ ରହିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଆଶ୍ରୟସ୍ଥଳଗୁଡ଼ିକ ବୁଲି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ହବିଷିଆଳିଙ୍କ ରହିବା ସ୍ଥାନ ଏବଂ ଶୌଚାଳୟଗୁଡ଼ିକ ନିୟମିତ ପରିଷ୍କାର ପରିଚ୍ଛନ୍ନ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ରଖିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସୁରକ୍ଷା ପାଇଁ ଡାକ୍ତରୀ ଦଳ ଏବଂ କର୍ମଚାରୀ ମୁତୟନ ରହିବେ। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ବସ୍ ବ୍ୟବସ୍ଥା ସାଙ୍ଗକୁ ସବୁ ହବିଷିଆଳିଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ପରିଦର୍ଶନ ସମୟରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**ଆଶ୍ରୟସ୍ଥଳରେ ହବିଷିଆଳି**

ନାମ ପଞ୍ଜୀକରଣ କରିଥିବା ହବିଷିଆଳି ୨୪ ତାରିଖ ଅପରାହ୍ନରୁ ଆଶ୍ରୟସ୍ଥଳରେ ରହିବେ ବୋଲି ପ୍ରଶାସନ ଘୋଷଣା କରିଛି। କିନ୍ତୁ ମଙ୍ଗଳବାର କିଛି ଆଶ୍ରୟସ୍ଥଳରେ ଆସି ହବିଷିଆଳି ପହଞ୍ଚିଥିବା ଦେଖିବାକୁ ମିଳିଛି। ଜଗନ୍ନାଥବଲ୍ଲଭ ପରିସର ଆଶ୍ରୟସ୍ଥଳରେ ଯାଜପୁର ଜିଲାର ଲକ୍ଷ୍ମୀପ୍ରିୟା ପାଣି, ପଦ୍ମାବତୀ ଦାଶ ପ୍ରମୁଖ ପହଞ୍ଚି ଆଶ୍ରୟ ନେଇଛନ୍ତି।

## ପଞ୍ଜୀକରଣ ଅବଧି ସରିବା ପରେ ଆସି...

# ଲୁହ ଗଡ଼ାଇଲେ ହବିଷିଆଳି

**ପୁରୀ ଅଫିସ, ୨୩।୧୦**

ସୋମବାରଠାରୁ ଆସିଲୁଣି। ବଡ଼ଦାଣ୍ଡରେ ପହଞ୍ଚି ଆକୁ ତାକୁ ପଚାରୁ ପଚାରୁ ସଞ୍ଜ ହେଇଗଲା। ଜଣେ ବାବୁ ଦେଖା ହେଲେ। ତାଙ୍କୁ ଦୁଃଖ ଜଣାଇଲୁ। ସେ କହିଲେ ସନ୍ଧ୍ୟା ହେଇଗଲାଣି, କାଲିକି ସେଠାକୁ ଯିବ। ଆମକୁ ନେଇ ଏକ ଧର୍ମଶାଳାରେ ପହଞ୍ଚାଇ ଦେଲେ। ଧର୍ମଶାଳା ବାରଣ୍ଡାରେ ରାତି କାଟିଲୁ। ମଶା ଲାଗିବାରୁ ରାତି ସାରା ସେମିତି ଚେଇଁ ରହିଲୁ। ସକାଳୁ ଏକ ଅଟୋରିକ୍ସାରେ ୬୦ ଟଙ୍କା ଭଡ଼ା ଦେଇ ଆସି ଏଠାରେ ପହଞ୍ଚିଲୁ। ଏଠି ପହଞ୍ଚିବା ପରେ ଜଣେ ବାବୁ କହିଲେ, ପଞ୍ଜୀକରଣ ଅବଧି ସରିଗଲାଣି, କଲେକ୍ଟରଙ୍କ ପାଖକୁ ଯାଅ। ଏମିତି ଏଠୁ ସେଠିକୁ ପଠାଉଛନ୍ତି। ଏ ଯାଏ କିଛି ବି ଖାଇନୁ। ନ ଖାଉ ବରଂ କିନ୍ତୁ ସାର୍‌ଙ୍କୁ କହି ଟିକେ ଆମ ରହିବା ବ୍ୟବସ୍ଥା କରିଦିଅନ୍ତନି ବୋଲି କହିଥିଲେ ଯାଜପୁର ଟାଉନ ପଣସା ଗାଁର ଯଶୋଦା ପାଗଳ (୬୦)। ଏହି ସମୟରେ ତାଙ୍କ ଆଖିରୁ ଲୁହ ଗଡ଼ି ପଡୁଥିଲା। ମଙ୍ଗଳବାର ଅପରାହ୍ନ ୧ଟାରେ ଯଶୋଦା ବସିଥିଲେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ମୁଖ ବର ଗଛ ମୂଳରେ। ପଚାରିବାରୁ ଜଣାପଡିଲା ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ରହି କାର୍ତ୍ତିକ ବ୍ରତ କରିବାକୁ ପୁରୀ ଆସିଛନ୍ତି ଯଶୋଦା। ସାଥିରେ ଥିଲେ ସେହି ଗାଁର ଅନସୂୟା ପାଣିଗ୍ରାହୀ। ହେଲେ ଠିକଣା ଜାଗାରେ ପହଞ୍ଚିବା ବେଳକୁ ପଞ୍ଜୀକରଣ ତାରିଖ ଗଡ଼ି ଯାଇଛି। ସରକାରୀ ବାବୁଙ୍କ ଆଇନ କାନୁନର ପାଠ ଶୁଣି ଅସହାୟ ଭାବେ ବର ଗଛ ତଳେ ବସି ଗୁଣୁଗୁଣେଇ ହେଉଥିଲେ। କେବଳ ଯଶୋଦା ନୁହଁନ୍ତି, ଅନସୂୟାଙ୍କର ମଧ୍ୟ ସମାନ ଅବସ୍ଥା। ସେ କହିଥିଲେ, ସରକାରଙ୍କ ହବିଷିଆଳି ଯୋଜନାରେ ନାମ ପଞ୍ଜୀକରଣ ତାରିଖ ସମ୍ପର୍କରେ ଜାଣିପାରି ନ ଥିଲି। ସୋମବାର ପୁରୀରେ ପହଞ୍ଚିଥିଲି। ଧର୍ମଶାଳାରେ ରାତି କାଟିବା ପରେ ଏଠି ଆସି ପହଞ୍ଚିଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ମଧ୍ୟ ଯାଇଥିଲି। ଏ ପର୍ଯ୍ୟନ୍ତ ପାଣି ମୁନ୍ଦିଏ ପିଇନି। କ'ଣ କରିବି? ୭୦୦ ଟଙ୍କା ଆଣିଥିଲି, ସେଥିରୁ ୩୦୦ ଟଙ୍କା ଖର୍ଚ୍ଚ ହୋଇଗଲାଣି। ବାବୁମାନେ କହୁଛନ୍ତି ରହିଥାଅ, ତମ କଥା ବୁଝାଯିବ। ହେଲେ ଦିନ ଗଡ଼ିଯାଉଛି, ଭରସା ପାଉନି। ଏଇଥରକ କେମିତି ରହିବାକୁ ସୁଯୋଗ ମିଳନ୍ତା କି ଆଉ କେବେ ହବିଷ କରିବାକୁ ପୁରୀ ଆସିବିନି। ପରଧନ ସାହାଯ୍ୟ ଭଲ ନୁହେଁ ବୋଲି କୋହଭରା କଣ୍ଠରେ କହିଥିଲେ ଅନସୂୟା।

ଯଶୋଦା, ଅନସୂୟାଙ୍କ ଭଳି ଆଉ ଦୁଇଜଣ ହବିଷିଆଳି ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ଗୋଡଳବିନ୍ଧା ଗାଁର ଶୈଳ ମଙ୍ଗରାଜ ଓ ହାର ବସ୍ତିଆ। ସେମାନେ ବି ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ମୁଖ ବର ଗଛ ମୂଳେ ବସି କ'ଣ କରିବେ, କେମିତି ରହିବେ ସେହି ଚିନ୍ତା କରୁଥିଲେ। ଗତବର୍ଷ ପଞ୍ଜୀକରଣ ପରେ ଆସିଥିବା ହବିଷିଆଳିଙ୍କୁ ଆଶ୍ରୟସ୍ଥଳୀରେ ପ୍ରଶାସନ ରଖିଥିଲା। ଏ ବର୍ଷ ରଖିବ ବୋଲି ଆମେ ଭାବିଥିଲୁ। ହେଲେ ଏ ପର୍ଯ୍ୟନ୍ତ ଆମକୁ କିଛି ସ୍ପଷ୍ଟ କହୁନାହାନ୍ତି। ସଞ୍ଜ ହେଇଗଲେ ପୁଣି କେଉଁଠି ରହିବୁ ବୋଲି କହିଥିଲେ ଶୈଳ ଓ ହାର। ଏମାନଙ୍କ ଭଳି ଆହୁରି କେତେଜଣ ହବିଷିଆଳି ମଙ୍ଗଳବାର ପୁରୀରେ ପହଞ୍ଚି ହବିଷିଆଳି ଯୋଜନାରେ ରହିବା ଲାଗି ସରକାରୀ ବାବୁମାନଙ୍କୁ ନେହୁରା ହେଉଥିବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ସେମାନେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ଆବଶ୍ୟକ କାଗଜପତ୍ର ଗ୍ରହଣ କରି ହବିଷିଆଳି ଯୋଜନାରେ ଏମାନଙ୍କ ନାମ ପଞ୍ଜୀକରଣ କରାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ହବିଷିଆଳି ଯୋଜନାରେ ନାମ ପଞ୍ଜୀକରଣର ଅବଧି ୨୨ ତାରିଖ ରହିଥିଲା।

## ୨୫ରୁ କୁମାର ଉତ୍ସବ

# କୌସ୍ତୁଭ ଶ୍ରୀକ୍ଷେତ୍ର କୁମାର, ପଦ୍ମାଳୟା ଶ୍ରୀକ୍ଷେତ୍ର କୁମାରୀ

**ପୁରୀ ଅଫିସ, ୨୩।୧୦**

ପୁରୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତି ପକ୍ଷରୁ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୫୧ତମ କୁମାର ଉତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସଭା ପର୍ବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଚଳିତବର୍ଷ ଡିଏଭି ପବ୍ଲିକ ସ୍କୁଲ ଛାତ୍ର କୌସ୍ତୁଭ ସାହୁ ଶ୍ରୀକ୍ଷେତ୍ର କୁମାର ଏବଂ ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ରୀ ପଦ୍ମାଳୟା ମହାପାତ୍ରଙ୍କୁ ଶ୍ରୀକ୍ଷେତ୍ର କୁମାରୀ ସମ୍ମାନ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ବିଭିନ୍ନ ସନ୍ଧ୍ୟାରେ ସଙ୍ଗୀତ ରୂପକ ସରଗେ ଜହ୍ନ ମରତେ କଇଁ, ଶ୍ରୀକ୍ଷେତ୍ର ପାରମ୍ପରିକ ସଙ୍ଗୀତ, ପଦ୍ମଶ୍ରୀ ଇଲିୟାନା ଚିତାରିସ୍ତି ଆଣ୍ଡ ଟ୍ରୁପ୍‌ଙ୍କ ଓଡ଼ିଶୀ ନୃତ୍ୟ, ଡ୍ୟାନ୍ସ ଡ୍ରାମା ଆହେ ନୀଳଶୈଳ ଏବଂ ଜଙ୍ଗଲି ଡ୍ୟାନ୍ସ, ଶ୍ରୀହରି ଓ ନୃତ୍ୟ ବିଚିତ୍ରା, ଶିବ ତାଣ୍ଡବ, ଯୋଡ଼ି ଶଙ୍ଖ ଓ ରଣପା, ସମ୍ବଲପୁରୀ ଗୀତ ଓ ନୃତ୍ୟ, ନୃତ୍ୟ ବିଚିତ୍ରା, ଦାଣ୍ଡିଆ ନୃତ୍ୟ, ଆମ ସଂସ୍କୃତି ଓ ଆମ ପରମ୍ପରା, ଜହ୍ନ ଆମକୁ ଲୁଚି ଦେଖୁଛି ପରିବେଷଣ କରାଯିବ।

ଉଦ୍‌ଯାପନୀ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ରହିବେ ର ଷ୍ଟାର ରତୁରାଜ ମହାନ୍ତି। ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ରତୁରାଜଙ୍କ ସହ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ମନସ୍ୱିନୀ ପଟ୍ଟନାୟକ ଶ୍ରୋତାଙ୍କୁ ଝୁମାଇବେ। ଏହି ଅବସରରେ ଦେବାଶିଷ ସିହ୍ନା, ଲୋକନାଥ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ। ଏଥିସହ ଗିନିଜ୍ ରେକର୍ଡଧାରୀ ଦୁର୍ଗାଚରଣ ମିଶ୍ର, ଜ୍ୟୋତିର୍ବିଦ୍ ହାଡ଼ିବନ୍ଧୁ ଆଚାର୍ଯ୍ୟ, ପଦ୍ମନାଭ ତ୍ରିପାଠୀ, ଶିବସୁନ୍ଦର ମିଶ୍ର, ସୁରଜିତ ମହାପାତ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଭରତ କୁମାର ନାୟକ, ବେଣୁଧର ମାପିସ୍ତ, ଅହଲ୍ୟା ପଟ୍ଟନାୟକ, ରାଜେଶ କୁମାର ମହାନ୍ତିଙ୍କ ସମେତ ସମର୍ପଣ, ହୋପ୍ ଇଜ୍ ଲାଇଫ ଓ ସାହିଭାଇ ଅନୁଷ୍ଠାନକୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସମିତି ସଭାପତି ସତ୍ୟବ୍ରତ ପାତ୍ର, କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ମୁଖ୍ୟ ଉପଦେଷ୍ଟା ଅମିତାଭ କର, ରାଜେଶ ମିଶ୍ର ଓ ପୀତବାସ ନାୟକ ଉପସ୍ଥିତ ଥିଲେ।

**ଉଦ୍‌ଯାପନୀ ସନ୍ଧ୍ୟାର ଆକର୍ଷଣ ରତୁରାଜ**




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### ଭାପୁର: ୧୧ କର୍ମଚାରୀଙ୍କୁ ନୋଟିସ୍

**ଖଣ୍ଡପଡା/ଭାପୁର, ୨୩।୧୦ (ସ୍ୱ.ପ୍ର./ଡ଼ି.ଏନ.ଏ.)**

ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ସମୀକ୍ଷା ବୈଠକରେ ୧୧ଜଣ ବ୍ଲକ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ଭାରପ୍ରାପ୍ତ ବିଡିଓ ଅନ୍ତର୍ଯ୍ୟାମୀ ଦାଶ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖରେ ଭାପୁର ବ୍ଲକ ଭାରପ୍ରାପ୍ତ ବିଡିଓ ଦାଶ ବ୍ଲକ ଅଫିସ ପରିସରରେ ଥିବା ସଭାଗୃହରେ ଏକ ସମୀକ୍ଷା ବୈଠକ ଡ଼ାକିଥିଲେ । ମାତ୍ର ଉକ୍ତ ବୈଠକରେ ୧୧ଜଣ କର୍ମଚାରୀ ଅନୁପସ୍ଥିତ ରହିଥିଲେ। ଫଳରେ ସଭା କାର୍ଯ୍ୟ ବ୍ୟାହତ ହୋଇଥିଲା । ସଂପୃକ୍ତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯିବା ସହିତ ନୟାଗଡ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

### ବେଆଇନ ଖଣି ଖନନର ପ୍ରତିବାଦ

**ଖୋର୍ଦ୍ଧାଅଫିସ,୨୩।୧୦:**ଖୋର୍ଦ୍ଧା ତହସିଲର ଜଗନ୍ନାଥପୁର ଓ ଦୁର୍ଗାପ୍ରସାଦ ଗ୍ରାମବାସୀ ବେଆଇନ ଖଣି ଖନନ ବନ୍ଦ କରିବାରେ ହସ୍ତକ୍ଷେପ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଉପଜିଲାପାଳଙ୍କୁ ଭେଟି ମଙ୍ଗଳବାର ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଗ୍ରାମବାସୀଙ୍କ ଅକ୍ତିଆରରେ ଥିବା ସରକାରୀ ଜମିରେ ଗାଁର ଜଣେ ଲୋକ, କେତେଜଣ ଅସାମାଜିକ ଲୋକଙ୍କ ସହାୟତାରେ ବେଆଇନ ଭାବେ ମାଙ୍କଡା ପଥର ଖନନ ପାୱାରଟିଲର ଯୋଗେ କରୁଛନ୍ତି।

# ଅବକାରୀ ଚଢ଼ାଉ: ୭ ଗିରଫ

## ୪ ବାଇକ୍, ୧୩୫ ଲିଟର ରନ୍ଧାମଦ ଓ ମାରଣାସ୍ତ୍ର ଜବତ

**ପୁରୀ ଅଫିସ,୨୩।୧୦**

ପୁରୀ ସଦର ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦଭାଟି ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ମଙ୍ଗଳବାର ସଦର ଥାନା ଅଧୀନ କପିଳେଶ୍ୱରପୁର ନିକଟ ଭୋଇସାହିରେ ଦେଶୀ ମଦ ରନ୍ଧା ଚାଲିଥିବା ଖବରପାଇ ପୁରୀ ଅବକାରୀ ବିଭାଗ ଚଢାଉ କରିଥିଲା। ଏଥିରେ ସମ୍ପୃକ୍ତ ୭ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ କାର୍ତ୍ତିକ ଭୋଇ, ଆକାଶ ଭୋଇ, ମନୋଜ କୁମାର ସାହୁ, କାଳୁ ଭୋଇ, ମନୋରଞ୍ଜନ ବେହେରା, ବି. ଜେନା ଓ କୃଷ୍ଣଚନ୍ଦ୍ର ଜେନା। ଗିରଫଙ୍କଠାରୁ ୪ଟି ବାଇକ୍ ୧୩୫ ଲିଟର ରନ୍ଧାମଦ, ୧୫ଶହ ଲିଟର ପୋଚ ଏବଂ ମାରଣାସ୍ତ୍ର ଜବତ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଇନ୍ସପେକ୍ଟର ଗୌତମ କୁମାର ସାହୁଙ୍କ ନେତୃତ୍ୱରେ ଏସଆଇ ରାଜଶେଖର ସ୍ୱାଇଁ, ବନ୍ଦନା ପଟ୍ଟନାୟକ, ଏଏସଆଇ ସୁକାନ୍ତ କୁମାର ମହାପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।



ଗିରଫ ଅଭିଯୁକ୍ତମାନେ।

# ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା

**ନିରାକାରପୁର,୨୩।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଗୋପୀନାଥପୁର ସାହିରେ ଥିବା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘଦିନ ହେଲା ଭଗ୍ନ ଅବସ୍ଥାରେ ମନ୍ଦିରଟି ରହିଥିବା ବେଳେ ମଙ୍ଗଳବାର ଗ୍ରାମବାସୀଙ୍କ ଉଦ୍ୟମରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶତାଧିକ ମହିଳା ଓ ପୁରୁଷ ସିଦ୍ଧେଶ୍ୱର ପୋଖରୀରୁ ଜଳପୂର୍ଣ୍ଣ କଳସ ଉଠାଇ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଉତ୍ସବରେ ଜିତେନ୍ଦ୍ର ପ୍ରଧାନ, ଅମିନ ମହାରଣା, ମହେନ୍ଦ୍ର ବିଶ୍ୱାଳ ଓ ଗ୍ରାମବାସୀ ସହଯୋଗ କରିଥିଲେ ।



ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା।

## ୨୬ରେ ଖୋଲିବ ଏସ୍‌ସିଏସ୍ କଲେଜ

# ୩୦ରେ ଆସିବ ୟୁଜିସି ଟିମ୍

**ପୁରୀ ଅଫିସ, ୨୩।୧୦**

- **ସ୍ୱୟଂଶାସିତ ମାନ୍ୟତା ମୁଖ୍ୟ ପ୍ରସଙ୍ଗ**
- **ପ୍ରସ୍ତୁତି ଚାଲିଛି କାଗଜପତ୍ର**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟରେ ଗତ ଅକ୍ଟୋବର ୫ତାରିଖରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା ଏବଂ ଛାତ୍ର ଅଶାନ୍ତିକୁ ନେଇ କଲେଜ କର୍ତ୍ତୃପକ୍ଷ କଲେଜକୁ ସାଇନ ଏ ଡାଏ ଘୋଷଣା କରିଥିଲେ। ଆସନ୍ତା ୨୬ ତାରିଖରେ କଲେଜ ଖୋଲିବ। ୩୦ ଓ ୩୧ତାରିଖ ଦୁଇ ଦିନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଏକ ପ୍ରତିନିଧି ଦଳ କଲେଜ ପରିଦର୍ଶନରେ ଆସୁଛନ୍ତି। ୟୁଜିସି ନିକଟରେ କଲେଜର ସ୍ୱୟଂଶାସିତ ମାନ୍ୟତା ମୁଖ୍ୟ ପ୍ରସଙ୍ଗ ରହିଛି। ଏନେଇ କଲେଜ କର୍ତ୍ତୃପକ୍ଷ ରେକର୍ଡ ପ୍ରସ୍ତୁତିରେ ଲାଗି ପଡିଛନ୍ତି।

ଗତ ୬ବର୍ଷ ଧରି କଲେଜର ସ୍ୱୟଂଶାସିତ ମାନ୍ୟତା କଟିଯାଇଛି। ୨୦୧୭ ଶିକ୍ଷା ବର୍ଷରେ ସ୍ନାତକୋତ୍ତର (ପିଜି)ରେ ୪ଟି ଏବଂ ୨ଟି ବିଭାଗରେ ଏମଫିଲ ପାଠ୍ୟକ୍ରମ ଖୋଲିଥିଲା। ବର୍ତ୍ତମାନ ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାଠ୍ୟକ୍ରମକୁ ଅନୁମୋଦନ ମିଳିନାହିଁ। କଲେଜରେ ବିଭିନ୍ନ ପାଠ୍ୟକ୍ରମରେ ଏକାଧିକ ଅଧ୍ୟାପକ ପଦବୀ ଖାଲିପଡିଛି। କଲେଜର ୨ଟି ଛାତ୍ରାବାସ ଏବଂ ଗୋଟିଏ ଛାତ୍ରୀ ନିବାସରେ ଗତ ୧୦ବର୍ଷ ଧରି ଆଭ୍ୟନ୍ତରୀଣ ଅଡିଟ କରାଯାଇନାହିଁ। ଏଥିରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ତୋସରପାତ ହୋଇଥିବା କଟକ ଦୁର୍ନୀତି ନିବାରଣ ସଂସ୍ଥାରେ ଅଭିଯୋଗ ହୋଇଛି। ଚଳିତବର୍ଷ ବିଏଡ ଆଡମିଶନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କେତେଜଣ ଅଭିଭାବକ ପୁରୀ ସ୍ଥିତ ଦୁର୍ନୀତି ନିବାରଣ ସଂସ୍ଥାରେ ଅଭିଯୋଗ କରିଛନ୍ତି।

କଲେଜରେ ଜଣେ ପୂର୍ବତନ ଅଧ୍ୟକ୍ଷ କଲେଜର ବିଭିନ୍ନ କାଗଜପତ୍ର ପ୍ରସ୍ତୁତ କରୁଛନ୍ତି। ତାଙ୍କୁ ଏଥିରେ କଲେଜର ଦୁଇଜଣ ଅଧ୍ୟାପକ ମଧ୍ୟ ସହଯୋଗ କରୁଛନ୍ତି। ଅବସର ପରେ ଏଠି ପୂର୍ବତନ ଅଧ୍ୟକ୍ଷଙ୍କର କି କାମ ବୋଲି କେତେଜଣ ଅଧ୍ୟାପକ ନିଜ ନାମ ଗୋପନ ରଖି ପ୍ରଶ୍ନ ଉଠାଇଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ଆଗକୁ ୟୁଜିସିର ଏକ ଟିମ୍ କଲେଜ ପରିଦର୍ଶନରେ ଆସୁଛନ୍ତି। କଲେଜ ପକ୍ଷରୁ ପ୍ରସ୍ତୁତି ଚାଲିଛି। କଲେଜ ସ୍ୱୟଂଶାସିତ ମାନ୍ୟତା ନେଇ ଆବେଦନ କରାଯାଇଛି। ଏନେଇ ପ୍ରତିନିଧି ଦଳର ଦୃଷ୍ଟି ଆକର୍ଷଣ କରାଯିବ।



ମନୁଷ୍ୟ ନିଜର ପ୍ରଗାଢ଼ ଅଧବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### ଅବକାରୀ ବିଭାଗର ମିଳିତ ଚଢ଼ାଉ: ୪ ଗିରଫ, ମଦ ଜବତ

**ଖଣ୍ଡପଡା,୨୩।୧୦(ସ୍ୱ.ପ୍ର.):** କଟକ ଅବକାରୀ ବିଭାଗର ସ୍ପେଶାଲ୍ ସ୍କ୍ୱାର୍ଡ ଓ ଖଣ୍ଡପଡା ଅବକାରୀ ବିଭାଗ କର୍ମଚାରୀମାନେ ଖଣ୍ଡପଡା ଏବଂ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ମିଳିତ ଚଢାଉ କରି ଦେଶୀ ଓ ବିଦେଶୀ ମଦ ଜବତ କରିଛନ୍ତି। ସେଥିମଧ୍ୟରେ ୫୬ ବୋତଲ ବିଦେଶୀ ମଦ, ୪୭ ବୋତଲ ଆସ୍କା ଫର୍ଟି, ୬୫ ଲିଟର ଦେଶୀ ରନ୍ଧା ମଦ ଜବତ କରିବାସହ ମଦ ପ୍ରସ୍ତୁତ ନିମନ୍ତେ ୨ଟି ସ୍ଥାନରେ ମହଜୁଦ୍ ଥିବା ୧୨ଶହ ଲିଟର ପୋଚ ନଷ୍ଟ କରିଦେଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଦୀର୍ଘବର୍ଷ ଧରି ଚୋରା ଦେଶୀ ଓ ବିଦେଶୀ ମଦ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଅବକାରୀ କର୍ମଚାରୀମାନେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଗ୍ରାମର ସୁରେନ୍ଦ୍ର କୁମାର ସାହୁ, ଖଳିସାହି ପଞ୍ଚାୟତ ଅଧୀନ କିସ୍ମତ ଇଚ୍ଛାପୁର ଗ୍ରାମର ମାନସ କୋଠାଳ, କର୍ଣ୍ଣିଲୋର ବିକାଶ ପାତ୍ର ଓ ଫତେଗଡ ଥାନା ଅନ୍ତର୍ଗତ ଚିକିରିପଡା ଗ୍ରାମର କାଳିନ୍ଦୀ ଭୋଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ୍ ଅମରେନ୍ଦ୍ର ଜେନା ସୂଚନା ଦେଇଛନ୍ତି। ଚଢାଉ ଅଭିଯାନରେ ଖଣ୍ଡପଡା ଅବକାରୀ ନୀରିକ୍ଷକ ବିକାଶ ଟପ୍ନୋଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

### ନିଲାମ ପୋଖରୀରୁ ମାଛ ମରା ଅଭିଯୋଗ




**ଓଡ଼ଗାଁ, ୨୩।୧୦(ସ୍ୱ.ପ୍ର.):** ଓଡଗାଁ ଥାନା ଓ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ହରିପୁର ପଞ୍ଚାୟତ ବାବଲ ବନ୍ଧରୁ ମାଛ ମରାଯାଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ହାତୀଆଶିଲା ଗ୍ରାମର ଗୋପାଳ ଚନ୍ଦ୍ର ମହାପାତ୍ର ଉକ୍ତ ପୋଖରୀକୁ ମାଛ ଚାଷ କରିବାକୁ ପଞ୍ଚାୟତଠାରୁ ନିଲାମ ନେଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଦୁଇଜଣ ଲୋକ କରେଣ୍ଟ ଜାଲ ଲଗାଇ ମାଛ ମାରୁଥିବା ନେଇ ସେ ପୋଲିସରେ ଅଭିଯୋଗ କରିଛନ୍ତି। ଗୋପାଳ ନିକଟସ୍ଥ କୁରୁମବାଙ୍କତରା ଗ୍ରାମର ଦୁଇଜଣ ମାଛ ମାରୁଥିବା ନେଇ ଲିଖିତ ଅଭିଯୋଗ କରିଥିବା ବେଳେ ସେମାନେ ଛାଡି ଯାଇଥିବା କରେଣ୍ଟ ଜାଲ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ମାମଲାର ତଦନ୍ତ କରୁଥିବା ପ୍ରକାଶ କରିଛି।

### ମରାମତି ହେଉନି ରାସ୍ତା, ଲୋକେ ହଇରାଣ

**ଦଶପଲ୍ଲା,୨୩।୧୦(ଡି.ଏନ.ଏ.):** ତିତ୍‌ଲି ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ଘରଦ୍ୱାର ଭାଙ୍ଗିବା ସହ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିଲା। ବଢି ପାଣିରେ ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଧୋଇ ହୋଇ ଯାତାୟାତରେ ବାଧା ସୃଷ୍ଟି କରିଛି। ବ୍ଲକ ଅନ୍ତର୍ଗତ କୁଲୁରୁକୁମ୍ପା ପଞ୍ଚାୟତର ଜାମୁସାହିଠାରୁ ପାମ୍ପେରେଡା ରାସ୍ତାର ଏକ ନାଳଠାରେ ମୁଖ୍ୟ ରାସ୍ତା ଧୋଇହୋଇ ଯାଇଛି। ଫଳରେ ପାଙ୍ଗଲାଡି, ଭଙ୍ଗାମୁଣ୍ଡା, ମେଞ୍ଜାରୀ, ବିଡାପାଜୁ ଓ ଡିକିରି ପ୍ରଭୃତି ଗ୍ରାମର ଜନସାଧାରଣ, ଛାତ୍ରୀଛାତ୍ର ଯାତାୟାତ ପାଇଁ ସମସ୍ୟା ଭୋଗୁଛନ୍ତି। ଗାଁକୁ ଅଟୋ କିମ୍ବା ୧୦୮ ଆମ୍ବୁଲାନ୍ସ ଯାଇପାରୁ ନ ଥିବାବେଳେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣି ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ସାତପାଟଣା ଓ ଖମାରସାହି ପଞ୍ଚାୟତର ଗୋହରିଆପଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ନାଳ ନିକଟରେ ଘାଇ ସୃଷ୍ଟି ହୋଇଥିବାରୁ ଯିବାଆସିବା ହୋଇ ପାରୁନାହିଁ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଉଠିବ ସାଇନ୍-ଏ-ଡାଏ

**ନିରାକାରପୁର,୨୩।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରୁ ସାଇନ୍-ଏ-ଡାଏ ଉଠିବା ନେଇ ମଙ୍ଗଳବାର ନିଷ୍ପତ୍ତି ହୋଇଛି। ଚଳିତମାସ ୨୫ରୁ ମହାବିଦ୍ୟାଳୟ ଖୋଲିବା ସହ ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିୟମିତ ଭାବେ ଆରମ୍ଭ ହେବ ବୋଲି ଅଧକ୍ଷ ପ୍ରଫେସର ଆଶୋକ ବଳବନ୍ତରାୟ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଛାତ୍ର ସଂସଦ ନିର୍ବାଚନକୁ ନେଇ ଉପୁଜିଥିବା ବିଶୃଙ୍ଖଳା ନେଇ ଅକ୍ଟୋବର ୫ରେ ଅଧାପନା ପରିଷଦର ନିଷ୍ପତ୍ତିକ୍ରମେ ମହାବିଦ୍ୟାଳୟକୁ ସାଇନ୍-ଏ-ଡାଏ କରାଯାଇଥିଲା।

# ୧୮ ବର୍ଷ ହେଲା ଚାଳଘରେ ଚାଲୁଛି ଫାଣ୍ଡି

ନୟାଗଡ଼ ଅଫିସ,୨୩।୧୦

- ନୟାଗଡ଼ ସଦର ଥାନା ମାଳିସାହି ଫାଣ୍ଡି
- ଗ୍ରାମରେ ଜାଗା ନ ଥିବାରୁ ଦେଖାଦେଇଛି ଅବ୍ୟବସ୍ଥା
- ବର୍ଷାଦିନେ ପାଣି ପଡ଼ି ନଷ୍ଟ ହେଉଛି ଫାଇଲ

ମାସେ କି ବର୍ଷେ ନୁହେଁ, ଦୀର୍ଘ ୧୮ବର୍ଷ ହେଲା ଚାଳଛପର ଘରେ ଚାଲୁଛି ଫାଣ୍ଡି କାର୍ଯ୍ୟାଳୟ । ଏଭଳି ଅବ୍ୟବସ୍ଥା ମଧ୍ୟରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ମାଳିସାହି ଫାଣ୍ଡି ଚାଲୁଛି। ଏହା ଦ୍ୱାରା ବିଭିନ୍ନ ସମସ୍ୟା ଦେଖାଦେଉଛି। ବର୍ଷାଦିନେ ପାଣିପଡି ଫାଇଲ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ନୟାଗଡ଼ ସଦର ଥାନା ଅଧୀନରେ ଥିବା ମାଳିସାହି ଫାଣ୍ଡି ୨୦୦୦ ମସିହାରୁ ଚାଳଛପର ଘରେ ଚାଲିଆସୁଛି। ଫାଣ୍ଡି ଅଧିକାରୀଙ୍କ ସମେତ ଏଠାରେ ୪ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। କର୍ମଚାରୀଙ୍କ ପାଇଁ ରହଣି ସୁବିଧା ନ ଥିବାରୁ ସେମାନେ ବାହାରେ ଖଟ ଉପରେ ଶୋଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଫାଣ୍ଡି ଅଧୀନରେ ୭ଟି ପଞ୍ଚାୟତ ଥିଲା। ବର୍ତ୍ତମାନ ମାଳିସାହି, ଢେଙ୍କେଣା, ଚାହାଳି, କ୍ରୀଡାଶପୁର ପଞ୍ଚାୟତ ରହିଛି। ଏହି ୪ ପଞ୍ଚାୟତର ୧୫ ହଜାର ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ଫାଣ୍ଡିର ଅବସ୍ଥା କିନ୍ତୁ ଅତି ଦୟନୀୟ। ଅବ୍ୟବସ୍ଥାରେ ଥିବା ଏହି ଚାଳଘର ମରାମତି ଅଭାବରୁ



ଚାଳଘରେ ଚାଲୁଥିବା ମାଳିସାହି ଫାଣ୍ଡି।

କେତେବେଳେ ଯେ ଭୁଶୁଡ଼ି ପଡ଼ିବ ତାହା କହିବା ମୁସ୍କିଲ୍। ସେହିଭଳି ବର୍ଷାଦିନେ ଚାଳରୁ ପାଣି ଗଳି ଫାଇଲ୍ ଉପରେ ପଡୁଥିବା ମଧ ଦେଖିବାକୁ ମିଳୁଛି। ଏ ବିଷୟରେ ଫାଣ୍ଡି ଅଧିକାରୀ ଗୋବିନ୍ଦ ସୁନ୍ଦରାଙ୍କୁ ପଚାରିବାରୁ ସେ କହିଥିଲେ, ଗ୍ରାମର ଗତିଶ୍ୱର ଠାକୁରଙ୍କ ଜାଗାରେ ଏହି ଫାଣ୍ଡି ଅଛି। ତେଣୁ ଏହାକୁ ଆମେ କୋଠାଘର କରିପାରୁ ନାହୁଁ। ଗ୍ରାମରେ ସରକାରୀ ଜାଗା ନ ଥିବାରୁ ଫାଣ୍ଡି ତିଆରି ପାଇଁ ସମସ୍ୟା ଦେଖାଦେଇଛି। ଢେଙ୍କେଣାରେ ସରକାରୀ ଜାଗା ଥିବାରୁ ଆମେ ସେହି ସ୍ଥାନରେ ଫାଣ୍ଡି କରିବା ପାଇଁ ବର୍ଷେ ତଳେ ବାହାରିଥିଲୁ। ହେଲେ ମାଳିସାହି ଗ୍ରାମବାସୀ ରାସ୍ତାରୋକୋ କରିବାରୁ ତାହା ସମ୍ଭବ ହୋଇପାରିଲା ନାହିଁ। ଗ୍ରାମବାସୀ ଚାହୁଁଛନ୍ତି ଫାଣ୍ଡି ତାଙ୍କ ଗ୍ରାମରେ ରହୁ। ଗ୍ରାମରେ ସରକାରୀ ଜାଗା ନ ଥିବାରୁ ଘର ପାଇଁ ଆସୁଥିବା ଅନୁଦାନ ଫେରି ଯାଉଛି। ବର୍ତ୍ତମାନ ଗ୍ରାମବାସୀ ଉକ୍ତ ଠାକୁରଙ୍କ ଜାଗାରେ ଫାଣ୍ଡି ପାଇଁ କୋଠାଘର କରିବାକୁ ରାଜି ହୋଇଥିବା ସେ ସୂଚନା ଦେଇଥିଲେ। ଯଦି ଫାଣ୍ଡିର ଅବସ୍ଥା ଏହିଭଳି ତାହାହେଲେ ଲୋକଙ୍କୁ କିପରି ସୁରକ୍ଷା ଦିଆଯାଉଥିବ ତାହା ସହଜରେ ଅନୁମେୟ। କେବଳ ଏହି ଫାଣ୍ଡି ନୁହେଁ, ନୟାଗଡ଼ ବସ୍‌ଷ୍ଟାଣ୍ଡଠାରେ ଥିବା ଟ୍ରାଫିକ୍ କାର୍ଯ୍ୟାଳୟର ଅବସ୍ଥା ତଦ୍ରୂପ। ପାଲ ଟାଣି ତା'ତଳେ ଚାଲୁଛି ଟ୍ରାଫିକ୍ କାର୍ଯ୍ୟାଳୟ। ୫୭ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏହି କାର୍ଯ୍ୟାଳୟ ରାସ୍ତା ଦେଇ ରାଜନେତାଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ ଏଥିପ୍ରତି ଦୃଷ୍ଟି ନ ପଡିବା ପରିତାପର ବିଷୟ ହୋଇଛି। ଜିଲା ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ନୂଆଗାଁ ବ୍ଲକରେ ମୁଁ ହିରୋ କାର୍ଯ୍ୟକ୍ରମ

ନୂଆଗାଁ,୨୩।୧୦(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ କଲେଜ ପଡିଆଠାରେ ମଙ୍ଗଳବାର ବିଜୁ ଯୁବ ବାହିନୀର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଁ ହିରୋ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗହଳିରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସରକାରଙ୍କ ଏହି କାର୍ଯ୍ୟକ୍ରମ ସାଧାରଣରେ ପ୍ରଶଂସନୀୟ ହୋଇ ପାରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରପଲ୍ଲୀରେ ଥିବା ବିଭିନ୍ନ ଯୁବ ପ୍ରତିଭାମାନେ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପାଇ ପାରୁଛନ୍ତି । କିନ୍ତୁ କେତେକ କର୍ମକର୍ତ୍ତାଙ୍କ ଅପାରଗତା ଯୋଗୁ ଏହା ସୁଚାରୁ ରୂପେ ପରିଚାଳିତ ହୋଇପାରୁ ନାହିଁ । ଫଳରେ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥିବା ପ୍ରତିଯୋଗୀମାନେ ସେମାନଙ୍କ ପ୍ରତିଭାକୁ ପରିପ୍ରକାଶ କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାର ସମୟ ପୂର୍ବାହ୍ନ ୧୦ଟା ରଖାଯାଇଥିଲେ ମଧ୍ୟ ୧୨ଟା ପର୍ଯ୍ୟନ୍ତ ଆରମ୍ଭ ହୋଇ ପାରି ନ ଥିଲା । ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ନବୀନ ପଟ୍ଟନାୟକଙ୍କ ଯୋଜନାଗୁଡିକୁ ଲୋକଲୋଚନକୁ ଅଣାଯାଇଥିଲା। ତେବେ ସମୟ ଅଭାବ ଦର୍ଶାଇ ପ୍ରତିଯୋଗୀମାନଙ୍କୁ ଦୁଇ ମିନିଟ ମଧ୍ୟରେ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଫଳରେ କିଛି ପ୍ରତିଯୋଗୀ ଓ ଦର୍ଶକ କାର୍ଯ୍ୟକ୍ରମ ଅଧାରୁ ଉଠି ପଳାଇ ଯାଇଥିଲେ । ଏହି କାର୍ଯ୍ୟକ୍ରମରେ ନାଚ, ଗୀତ, ଏକକ ଅଭିନୟ, ତର୍କ ଆଦି ପ୍ରତିଯୋଗିତାରେ ପ୍ରାୟ ୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯାମୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଁ ହିରୋ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ, ନୂଆଗାଁ ବ୍ଲକ ଆତ୍ମା ଚେୟାରମ୍ୟାନ ତଥା ନୂଆଗାଁ ବିଜେଡି ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ଜିଲା କଳା ଓ ସଂସ୍କୃତି ସଂଘର ଉପସଭାପତି ଶରତ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଜେମାଦେଈପୁରରେ ୪୦ତମ ଗ୍ରାମ୍ୟ ଜୟନ୍ତୀ

ନୟାଗଡ଼ ଅଫିସ,୨୩।୧୦

ନୟାଗଡ଼ ବ୍ଲକ କ୍ରୀଡାଶପୁର ପଞ୍ଚାୟତ ଜେମାଦେଈପୁର ଶାସନ ଗ୍ରାମର ୪୦ତମ ଗ୍ରାମ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମ ସଭାପତି ବସନ୍ତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀ ଭାଇଚାରାକୁ ବଜାୟ ରଖି ଏପରି ଜୟନ୍ତୀ ପାଳନ କରି ସାରା ଭାରତବର୍ଷରେ ଉଦାହରଣ ସୃଷ୍ଟି କରିଥିବା ମତ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଜିଲା ପରିଷଦ ସଭ୍ୟା କଳ୍ପନା ଦଳବେହେରା, ସରପଞ୍ଚ ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଜୟନ୍ତୀର ପ୍ରତିଷ୍ଠାତା ସମ୍ପାଦକ ମୁରଲୀଧର ଆଚାର୍ଯ୍ୟ, ସଂଯୋଜକ




ଗ୍ରାମ୍ୟ ଜୟନ୍ତୀରେ ଅତିଥି ଜଣେ ବାଳିକାଙ୍କୁ ପୁରସ୍କୃତ କରୁଛନ୍ତି।

ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମର ଏକତା ଦିଗରେ ସମସ୍ତଙ୍କ ସହଯୋଗ ଲାଗି ନିବେଦନ କରିଥିଲେ। ଏହି ଅବସରରେ ବିଧାୟକ ସାହୁଙ୍କୁ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ରୂପେ ସୁବାସ ପରିଡ଼ାଙ୍କୁ ମାନପତ୍ର ଦିଆଯାଇଯାଇଥିଲା। ଗ୍ରାମର ପ୍ରଥମ ମାଟ୍ରିକ ପାସ୍ କରିଥିବା ରାମଚନ୍ଦ୍ର ତ୍ରିପାଠୀ ଓ ଓଡ଼ିଶାର ଲବ୍ଧପ୍ରତିଷ୍ଠ କଣ୍ଠଶିଳ୍ପୀ ସୁର ଗନ୍ଧର୍ବ ନବ କିଶୋର ମିଶ୍ରଙ୍କୁ ଶଶିଧର ଆଚାର୍ଯ୍ୟ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଗୁରୁ ଆଲୋକ ଦାସ ଓ ଇଂ. ପ୍ରତାପ କୁମାର ଆଚାର୍ଯ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ୧୮୭୯ ମସିହାଠାରୁ ପ୍ରତିବର୍ଷ ଆଶ୍ୱିନମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଏହି ଉତ୍ସବ ପାଳିତ ହୋଇଆସୁଛି।

# ଆଗକୁ ନିର୍ବାଚନ: ସମର୍ଥକ ହାତେଇବାରେ ଆଶାୟୀ ପ୍ରାର୍ଥୀ

ଗଣିଆ,୨୩।୧୦(ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ଆଶାୟୀ ପ୍ରାର୍ଥୀମାନେ ଏବେଠାରୁ ନିଜ ନିଜର କ୍ଷେତ୍ର ପ୍ରସ୍ତୁତିରେ ଜୋରସୋରରେ ଲାଗିପଡିଥିବା ଦେଖିବାକୁ ମିଳିଲାଣି । ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀର କେତେକ ସ୍ଥାନରେ କର୍ମୀ ସମ୍ମିଳନୀ ଆୟୋଜନ କରାଯିବା ସହ ଗାଁ ଗାଁ ବୁଲି ନିଜର ସମର୍ଥକମାନଙ୍କୁ ଆଶାୟୀ ପ୍ରାର୍ଥୀମାନେ ଏକାଠି କରିବାରେ ଲାଗିପଡିଛନ୍ତି । ଗଣିଆ,ଦଶପଲ୍ଲା ଓ ନୂଆଗାଁ ବ୍ଲକକୁ ନେଇ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ । ବଣଜଙ୍ଗଲ ଘେରା ତଥା ଆଦିବାସୀ ଅଧ୍ୟୁଷିତ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନଟି ବିଗତ ୨ ଟର୍ମ ଧରି ସଂରକ୍ଷିତ ରହିଛି । ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଦଳୀୟ ଟିକେଟ୍ ହାତେଇବା ପାଇଁ ଆଶାୟୀ ପ୍ରାର୍ଥୀମାନେ ଏକପ୍ରକାର କସରତ ଆରମ୍ଭ କରିଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏପରି କି ଏହି ନିର୍ବାଚନମଣ୍ଡଳୀର ବିଭିନ୍ନ ଚା ଦୋକାନ, ବଜାର ଓ ରାଜନୀତିଆଙ୍କ ଖଟି ଜାଗାରେ ଏହି ଚର୍ଚ୍ଚା ଜୋର ଧରିଥିବା ଦେଖିବାକୁ ମିଳୁଛି । ଦଳ ମୁଖିଆମାନଙ୍କ ନିକଟରେ ନିଜ ନିଜର ସାମର୍ଥ୍ୟ ଦେଖାଇହେବା ପାଇଁ ଆଗଧାଡିର ଛାମୁଆ କର୍ମୀମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ସଭାସମିତି ଦ୍ୱାରା ନିଜର ସ୍ୱତନ୍ତ୍ର ପରିଆରା ସୃଷ୍ଟି କରିବାରେ ଲାଗିପଡିଛନ୍ତି । ତେବେ ତିନି ପ୍ରମୁଖ ରାଜନୈତିକ ଦଳରେ ଏହି ଆସନ ପାଇଁ ଏକାଧିକ ଆଶାୟୀ ପ୍ରାର୍ଥୀଙ୍କ ନାମ ଶୁଣିବାକୁ ମିଳୁଛି। ବିଜୁ ଜନତା ଦଳ ପକ୍ଷରୁ ବର୍ତ୍ତମାନର ବିଧାୟକଙ୍କ ସମେତ ଆଉ ୩ ଜଣ, ଭାଜପା ଓ କଂଗ୍ରେସ ପକ୍ଷରୁ ୨ଜଣ ଲେଖାଏ ଆଶାୟୀ ପ୍ରାର୍ଥୀ ବିଭିନ୍ନ ଅଞ୍ଚଳରେ ବୁଲି ବୁଲି ସମର୍ଥକ ଯୋଗାଡ କରୁଥିବା ଚର୍ଚ୍ଚାର ବିଷୟ ପାଲଟିଛି ।

# ବାଣପୁର ଓ ସିଧାମୂଳାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖଣ୍ଡପଡା,୨୩।୧୦(ସ୍ୱ.ପ୍ର.)

ସିଧାମୂଳା ଓ ବାଣପୁର ପଞ୍ଚାୟତ ଅଞ୍ଚଳରେ ବିଜେଡି ପକ୍ଷରୁ ମଙ୍ଗଳବାର ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମକର୍ତ୍ତା, ସଂଗଠକ ଓ ଶୁଭେଚ୍ଛୁମାନଙ୍କୁ ନେଇ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ଅବଗତ କରିବା ସହ ଦଳୀୟ ପତାକା ଦେଖାଇ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ବଳରାମପ୍ରସାଦ ଓ ବାଣପୁର ପଞ୍ଚାୟତର ବିଭିନ୍ନ ସାହି ପରିକ୍ରମା କରିବା ପରେ ବ୍ଲକ ସଭାପତି ଚନ୍ଦ୍ରକାନ୍ତ ବଳିୟାରସିଙ୍କ ଅଧକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ବାଣପୁର ସରପଞ୍ଚ ପ୍ରଦୀପ କୁମାର କର, ସମିତି ସଭ୍ୟ ସଦାନନ୍ଦ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା, ପ୍ରଭାତ କୁମାର ନାୟକ, ସାମାଜିକ କର୍ମୀ ମହେଶ୍ୱର ରଣା, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ, ଶରତ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ବସନ୍ତ ରାଉତଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ଦଳୀୟ କର୍ମୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବା ସହ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳକୁ ବିଜୟୀ କରିବାକୁ ଦଳୀୟ କର୍ମକର୍ତ୍ତାମାନେ ପଞ୍ଚାୟତବାସୀଙ୍କୁ ନିବେଦନ କରିଥିଲେ।



ପଦଯାତ୍ରାରେ ବିଧାୟକଙ୍କ ସହ ଦଳୀୟ କର୍ମୀମାନେ।

■ ଲକ୍ଷ୍ମୀପ୍ରସାଦ ଗ୍ରାମରେ ୨ ପିଲାଙ୍କୁ ବିଷ ପିଆଇ ମା' ପିଇବା ଘଟଣା

# ଜେଲ ଗଲେ ଶାଶୁ, ସ୍ୱାମୀ ଓ ଶ୍ୱଶୁର ଫେରାର

ଖଣ୍ଡପଡା,୨୩।୧୦(ସ୍ୱ.ପ୍ର.)

ଖଣ୍ଡପଡା ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗ୍ରାମରେ ଗତ ୨୧ ତାରିଖ ରାତିରେ ୨ପିଲାଙ୍କୁ ବିଷ ପିଆଇ ମା ପିଇବା ଘଟଣାରେ ମହିଳାଙ୍କ ଶାଶୁଙ୍କୁ ଜେଲ ଯିବାକୁ ପଡିଛି। ତାଙ୍କ ସ୍ୱାମୀ ଓ ଶ୍ୱଶୁର ଫେରାର ହୋଇଯାଇଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି କଲ୍ୟାଣୀ ଖୁଣ୍ଟିଆ(୨୮)ନାମ୍ନୀ ମହିଳା ନିଜେ ବିଷ ପିଇବା ସହ ପୁଅ,ଝିଅଙ୍କୁ ବିଷ ପିଆଇଦେଇଥିଲ। ବିଷକ୍ରିୟା ପ୍ରଭାବରେ ୨ ନିଷ୍ପାପ ଶିଶୁଙ୍କର ମୃତ୍ୟୁ ହୋଇଥିବା ବେଳେ ମା ଗୁରୁତର ହୋଇଥିଲେ। ତେବେ ଉକ୍ତ ଅଭାବନୀୟ ଘଟଣାପାଇଁ ଶାଶୁ ଘର ଲୋକେ ସମ୍ପୂର୍ଣ୍ଣ ଦାୟୀ ବୋଲି କଲ୍ୟାଣୀଙ୍କ ମାଆ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କଲ୍ୟାଣୀଙ୍କ ସ୍ୱାମୀ ବାବୁଲି ଖୁଣ୍ଟିଆ, ଶାଶୁ, ଶ୍ୱଶୁର, ଦାଦା ଶ୍ୱଶୁର ଓ ଖୁଡି ଶାଶୁଙ୍କ ନାମରେ ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ କଲ୍ୟାଣୀଙ୍କ ଶାଶୁ ପାଲିଆ ଖୁଣ୍ଟିଆଙ୍କୁ ଖଣ୍ଡପଡା ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରି ମଙ୍ଗଳବାର ଖଣ୍ଡପଡା କୋର୍ଟ ଚାଲାଣ କରିଥିଲା। ସେଠାରୁ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଘଟଣା ପରଠାରୁ କଲ୍ୟାଣୀଙ୍କ ସ୍ୱାମୀ ଓ ଶ୍ୱଶୁର ପୋଲିସ ଭୟରେ ଲକ୍ଷ୍ମୀପ୍ରସାଦ ଗ୍ରାମଛାଡି ଅନ୍ୟତ୍ର ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ତେବେ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବାପାଇଁ ଖଣ୍ଡପଡା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ତାର ଲାଗି ଚାଷୀ ଆହତ

ଖଣ୍ଡପଡା,୨୩।୧୦(ସ୍ୱ.ପ୍ର.)

ଖଣ୍ଡପଡା ଅଞ୍ଚଳର ଚାଷୀମାନେ ବର୍ଷ ତମାମ ସେମାନଙ୍କ ଜମିରେ ଧାନ, ଆଖୁ, ରବି ଫସଲ ଓ ବିଭିନ୍ନ ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ଚାଷ ଜମି ମଧ୍ୟରେ ଥିବା ୧୪ଟି ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଗତ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଜମିକୁ ପାଣି ମଡାଇଥାନ୍ତି । ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ବିଭିନ୍ନ ଚାଷ ଜମି ମଧ୍ୟରେ ଝୁଲି ରହିଥିବାରୁ ତାହା ଅଞ୍ଚଳବାସୀ ତଥା ଚାଷୀମାନଙ୍କ ପାଇଁ ବିପଦର କାରଣ ପାଲଟିଛି । ବାରମ୍ବାର ଦାବି ସତ୍ତ୍ୱେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଗତ ୩ ଦିନ ତଳେ ରାଣୀପଡା ପଞ୍ଚାୟତ ବିରିଡିହି ଗ୍ରାମର ଚାଷୀ ବାସୁଦେବ ପଣ୍ଡା(୫୨) ଜମିରୁ ଧାନ କଳେଇ ମୁଣ୍ଡେଇ ଘରକୁ ନେଉଥିବା ବେଳେ ତଳକୁ ଝୁଲି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ । ନିକଟସ୍ଥ ଜମିରେ କାର୍ଯ୍ୟ କରୁଥିବା ଚାଷୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏବେ ସେ ଚିକିତ୍ସିତ ହେଉଛନ୍ତି।



ଲୋକଙ୍କ ହାତପାହାନ୍ତାରେ ରହିଥିବା ବିଦ୍ୟୁତ୍ ତାର।

# ଲୋକଙ୍କ କାମରେ ଲାଗୁନି ଆମ ଶୌଚାଳୟ

ଓଡ଼ଗାଁ, ୨୩।୧୦(ସ୍ୱ.ପ୍ର.)

**ଲୋକାର୍ପଣର ମାସେ ପୂରିଲା**

ଓଡଗାଁ ପୋଲିସ ଥାନା ସମ୍ମୁଖ, ବ୍ଲକ ଛକ ଓ ହସ୍‌ପିଟାଲ ନିକଟ ଅଞ୍ଚଳରେ ଅଟକୁଥିବା ସମସ୍ତ ଯାତ୍ରୀବାହୀ ବସ୍‌ରେ ଯାତାୟାତ କରୁଥିବା ତଥା ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିବା ଲୋକଙ୍କ ସୁବିଧା ଦୃଷ୍ଟିରୁ ଓଡ଼ଗାଁ ପଞ୍ଚାୟତ ତରଫରୁ ଏହି ସ୍ଥାନରେ ଦୁଇଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ହେଲେ ବିଗତ ଦିନରେ ଗ୍ରାମପଞ୍ଚାୟତ ତରଫରୁ ଏହାର ଉପଯୁକ୍ତ ତଦାରଖ କରା ନ ଯିବା କାରଣରୁ ରାସ୍ତା ପ୍ରଶସ୍ତୀକରଣ କରିବା ବାହାନାରେ ଉଭୟ ଶୌଚାଳୟକୁ ଭାଙ୍ଗି ଦିଆଯାଇଥିଲା। ପୁନଶ୍ଚ ଦାବି ହେବାରୁ ଓଡଗାଁ ଏନ୍‌ଏସି ତରଫରୁ ପ୍ରଥମ ଦଫାରେ ସ୍ଥାନୀୟ ରଘୁନାଥ ବିଦ୍ୟାପୀଠ ପାଚେରିକୁ ଲଗାଇ ଗୋଟିଏ ଆମ ଶୌଚାଳୟ ନିର୍ମାଣ କରାଯାଇଥିଲା । ଏଥି ନିମନ୍ତେ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସରକାରୀ




ଲୋକାର୍ପଣ ହୋଇଥିବା ଶୌଚାଳୟରେ ତାଲା ପଡିଛି।

ଅନୁଦାନ ବିନିଯୋଗ କରାଯାଇଥିଲା। ଏପରିସ୍ଥଳେ ଆମ ଗାଁ ଆମ ବିକାଶର ନାରା ଅନୁସାରେ ଗତ ମାସ ୧୫ ତାରିଖରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଓ ଜିଲାପାଳ ଡ. ଏନ ତିରୁମଲା ନାୟକ ଆମ ଶୌଚାଳୟକୁ ଲୋକାର୍ପଣ କରିଥିଲେ। ଏହାଦ୍ୱାରା ଦୂରଦୂରାନ୍ତରୁ ଯାତ୍ରୀବାହୀ ବସ୍‌ରେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ମହିଳାପୁରୁଷ ଶୌଚାଳୟକୁ ବିନିଯୋଗ କରିବା ସହିତ ସେମାନଙ୍କର କୌଣସି ଅସୁବିଧା ହେବ ନାହିଁ ବୋଲି ମୁଖ୍ୟଅତିଥି ସୂଚନା ଦେଇଥିଲେ। ହେଲେ ଆମ ଶୌଚାଳୟ ଲୋକାର୍ପଣର ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏନ୍‌ଏସି ତରଫରୁ ଏହାକୁ ତାଲା ମାରି ରଖାଯାଇଛି। ଦିନରାତି ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଦୁଇଟି ବଲ୍‌ବ ଉଭୟ ମହିଳା ଓ ପୁରୁଷ ଡୋର ସାମ୍ନାରେ ଜଳୁଥିବାରୁ ଲୋକେ ଏହାକୁ ବ୍ୟବହାର କରିବାକୁ ବସ୍‌ରୁ ଓହ୍ଲାଇ ଦୌଡି ଆସୁଥିବା ବେଳେ ତାଲା ମରାଯାଇଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଆବଶ୍ୟକ ଜଳ ଯୋଗାଣ ହୋଇ ନ ଥିବାରୁ ଶୌଚାଳୟ କାର୍ଯ୍ୟକାରୀ ହୋଇପାରୁ ନାହିଁ। ତଥାପି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ହେଉଥିବା ସେ ସୂଚନା ଦେଇଥିଲେ ।

## ସଂକ୍ଷେପରେ

### ୩ ଜୁଆଆଡ୍ଡାରୁ ୧୮ ଗିରଫ

**ବୁଗୁଡ଼ା,୨୩।୧୦(ଡି.ଏନ.ଏ.):** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡିର ୩ଟି ସ୍ଥାନରେ ମଙ୍ଗଳବାର ଚାଲିଥିବା ଜୁଆଆଡ୍ଡାରେ ବାଲିପଦର ଫାଣ୍ଡି ଅଧିକାରୀ ପ୍ରକାଶ କୁମାର ସାହୁ ସଦଳବଳେ ଚଢ଼ାଉ କରି ୧୮ ଜଣଙ୍କୁ ଗିରଫ କରିଛନ୍ତି । ସେମାନଙ୍କଠାରୁ ୨୦ ହଜାର ୫୦୦ ଟଙ୍କା ଜବତ ହୋଇଛି । ଏନେଇ ବୁଗୁଡ଼ା ଥାନା ନଂ. ୧୪୭/୧୮, ୧୪୮/୧୮ ଓ ୧୪୯/୧୮ରେ ୩ ମାମଲା ରୁଜୁ ହୋଇଛି । ବାଲିପଦର ଫାଣ୍ଡି ଘୋଡ଼ାପଡ଼ାରୁ ୮ ଜଣ ଗିରଫ ସହ ୧୨ ହଜାର ୧୦୦ ଟଙ୍କା, ବକ୍ସିପଲ୍ଲୀର ଗୋଟିଏ ସ୍ଥାନରେ ଚଢ଼ାଉ କରି ୬ ଗିରଫ ସହ ୩ ହଜାର ୨୫୦ ଟଙ୍କା ଓ ବକ୍ସିପଲ୍ଲୀର ଅନ୍ୟ ଏକ ସାହିରୁ ୪ ଗିରଫ ସହ ୫ ହଜାର ୧୫୦ ଟଙ୍କା ଜବତ କରାଯାଇଛି ।

### ମଦ ଜବତ, ଜଣେ ଗିରଫ

**ଗୋପାଳପୁର,୨୩।୧୦:** ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଜୁଗୁଡ଼ି ଗ୍ରାରମ ଦେବରାଜ ସାହୁ। ମଙ୍ଗଳବାର ଗୋଳନ୍ଥରା ଥାନାଧିକାରୀ ଡ. ଆଲୋକ କୁମାର ଜେନା ଗ୍ରାମରେ ଚଢ଼ାଉ କରି ୧୦୦ଟି ଦେଶୀ ମଦ ପ୍ୟାକେଟ ଜବତ କରି ଦେବରାଜଙ୍କୁ କାବୁ କରିଥିଲେ। ଏନେଇ ଥାନା ନଂ. ୧୯୩/୧୮ରେ ମାମଲା ରୁଜୁ ହୋଇଛି ।

### ରାଶନ କାର୍ଡରୁ ହିତାଧିକାରୀ ବାଦ ପଡ଼ିଥିବା ଅଭିଯୋଗ

**ଖଲ୍ଲିକୋଟ,୨୩।୧୦(ଡି.ଏନ୍.ଏ.):** ଖଲ୍ଲିକୋଟ ଏନ୍‌ଏସି ୱାର୍ଡ ନଂ. ୯ ଫାସୁଲା ଗ୍ରାମର ବହୁ ମହିଳା ଏବଂ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇନଥିବା ନେଇ ଅଭିଯୋଗ କରିଛନ୍ତି। ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ୍ କୁମାର ସାହୁଙ୍କ ଉପସ୍ଥିତିରେ ମହିଳାମାନେ ଅଭିଯୋଗ ଜଣାଇଥିଲେ। ଖଲ୍ଲିକୋଟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର ନୂତନ ଭାବେ ହୋଇଥିବା ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଯେଉଁମାନେ ଆବେଦନ କରିଛନ୍ତି ସେମାନଙ୍କୁ ରାଶନ କାଡ ଯୋଗାଇ ଦିଆଯାଉ ବୋଲି ପ୍ରକାଶ କରିଥିଲେ। ସରକାରଙ୍କ ଅନୁସାରେ ଏହି କାର୍ଯ୍ୟ କରାଯିବା ବୋଲି କହିଥିଲେ।

### ଶିକାରୀଙ୍କ ବିଦ୍ୟୁତ୍ ତାର ଜବତ

**ବେଗୁନିଆପଡ଼ା,୨୩।୧୦(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ କେ.ବରିଡ଼ା ପଞ୍ଚାୟତର ନିମିନାଠାରୁ ପିହାଣିଆ ରାସ୍ତାରେ ବିଦ୍ୟୁତ୍ ଚୋରିକୁ ବେଗୁନିଆପଡ଼ା ସାଉଥକୋ ପକ୍ଷରୁ ଧରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। କେ.ବରିଡ଼ାଠାରୁ ଅଙ୍ଗାରଗାଁ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭ୍ରାଟ ସହ ଲୋ-ଭୋଲଟେଜ ସମସ୍ୟା ଲାଗି ରହିଥିବାରୁ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିଲା । ସୋମବାର ରାତିରେ ପିହାଣିଆ ଓ ବିରିବାଟିଆ ରାସ୍ତାରେ ଥିବା ୧୧ କେଭି ବିଦ୍ୟୁତ୍ ତାରକୁ ହୁକିଙ୍ଗ କରାଯାଇ ସରୁ ତାର ସାହାଯ୍ୟରେ ବିଲମାଳକୁ ନେଇ ବାରହା ଶିକାର ପାଇଁ ତାର ବିଛା ଯାଇଥିଲା । ସୋମବାର ରାତିରେ ତାର ଓ କାଠକୁ ଜବତ କରାଯାଇଛି। ଦୀର୍ଘଦିନ ହେଲା ବାରହା ଶିକାର ପାଇଁ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଚାଲୁଥିବା ବେଳେ ବନ ବିଭାଗ କର୍ମଚାରୀ ଚୁପ୍ ରହିଥିବା ବେଳେ ବିଦ୍ୟୁତ୍ ବିଭାଗର ଠିକା କର୍ମଚାରୀଙ୍କ ସହାୟତାରେ ଏହି କାର୍ଯ୍ୟ ଚାଲୁଥିବା ମଧ ସାଧାରଣରେ ଆଲୋଚନା ହେଉଛି ।

## ବାତ୍ୟା, ବନ୍ୟା କ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ

# ଜିଲାପାଳଙ୍କ କାର୍ଯ୍ୟାଳୟରୁ ବ୍ଲକକୁ ଭିଡିଓ କନ୍‌ଫରେନ୍ସ ଶୁଭାରମ୍ଭ

**ଛତ୍ରପୁର,୨୩।୧୦(ଡି.ଏନ.ଏ)**

**ରାଜ୍ୟରେ ପ୍ରଥମ**

ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସହ ସମସ୍ତ ବ୍ଲକ କାର୍ଯ୍ୟାଳୟ ଗୁଡିକର ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥା ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ଯଦ୍ୱାରା ଏଣିକି ବିଡିଓ ଓ ବ୍ଲକର ଅନ୍ୟ ଷ୍ଟାଫ୍‌ମାନଙ୍କୁ କୌଣସି ଜରୁରୀ ବୈଠକ କିମ୍ବା ସମୀକ୍ଷା ବୈଠକ ପାଇଁ ଛତ୍ରପୁରକୁ ଆସିବାକୁ ପଡିବନି। ଜିଲାପାଳ ଯେତେବେଳେ ଚାହିଁବେ ଜିଲାର ସମସ୍ତ ୨୨ ବ୍ଲକ କର୍ତ୍ତୃପକ୍ଷଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କରିପାରିବେ ବୋଲି ସୂଚନା ଦିଆଯାଇଛି। ଏଥିସହ ବ୍ଲକ କାର୍ଯ୍ୟାଳୟରେ ତହସିଲଦାର ଓ ତାଙ୍କ ଷ୍ଟାଫ୍‌ଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟର ଭିଡିଓ କନ୍‌ଫରେନ୍ସ ମଧ୍ୟ ହୋଇପାରିବ । ଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥା ରାଜ୍ୟରେ ପ୍ରଥମ ଥରପାଇଁ ଗଞ୍ଜାମ ଜିଲାରେ କାର୍ଯ୍ୟକାରୀ ହୋଇଛି । ଏହାଦ୍ୱାରା ଜିଲାସ୍ତରୀୟ ଅଧିକାରୀମାନେ ସିଧା ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ ଓ କାର୍ଯ୍ୟର ସମୀକ୍ଷା କରିପାରିବେ । ଏହି କାର୍ଯ୍ୟକ୍ରମ ପ୍ରତି ସପ୍ତାହରେ ଅନୁଷ୍ଠିତ ହେବ । ପ୍ରତି ସୋମବାର ଅପରାହ୍ନରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ବ୍ଲକଗୁଡିକର ଅଧିକାରୀ ଓ କର୍ମଚାରୀଙ୍କ ସହ ସମୀକ୍ଷା ବୈଠକ କରିବେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଛତ୍ରପୁରସ୍ଥିତ କାର୍ଯ୍ୟାଳୟର ଓସୱାନ୍ ହଲ୍‌ରୁ ଜିଲାପାଳ କୁଲାଙ୍ଗେ ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ । ବିଶେଷକରି ତିତଲି ଓ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ନେଇ ଜିଲାପାଳ ପଚାରି ବୁଝିଥିଲେ । ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତଙ୍କୁ ପଲିଥିନ ବିତରଣ, ପାନୀୟ ଜଳ ସମସ୍ୟା, ବିଦ୍ୟୁତ ସଂଯୋଗୀକରଣ, ଘରଭଙ୍ଗା ଆକଳନ, ପ୍ରାଣୀ ସମ୍ପଦ କ୍ଷୟକ୍ଷତି ଆକଳନ, ମତ୍ସ୍ୟଜୀବୀଙ୍କ ଡଙ୍ଗା ଓ ଜାଲର କ୍ଷୟକ୍ଷତି ଏବଂ ଫସଲ କ୍ଷୟକ୍ଷତି ଆକଳନ ଉପରେ ଆଲୋଚନା ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ବ୍ଲକସ୍ତରରେ ମଧ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଗୁରୁ ପ୍ରସାଦ ଦୋରା ଏହାର ବୈଷୟିକ ପରିଚାଳନା କରିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତାରୋକୋ



ଏ.କରଡ଼ାବାଡ଼ିରେ ରାସ୍ତାରୋକୋ ଆନ୍ଦୋଳନ ଚାଲିଛି।

**ବୁଗୁଡ଼ା,୨୩।୧୦(ଡି.ଏନ.ଏ.)**

ପ୍ରକୃତ ହିତାଧିକାରୀମାନଙ୍କୁ ରାଶନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ବିଭିନ୍ନ ଭତ୍ତା ପ୍ରଦାନରେ ଅବହେଳା ପ୍ରତିବାଦରେ ମଙ୍ଗଳବାର ଏ.କରଡ଼ାବାଡ଼ି ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ମୁଖ୍ୟରାସ୍ତାରେ ଆନ୍ଦୋଳନ କରିଥିଲେ । ଧନୀ ଓ ଅଯୋଗ୍ୟ ହିତାଧିକାରୀମାନେ ସବୁ ଯୋଜନାରେ ଉପକୃତ ହେଉଥିବା ବେଳେ ପ୍ରକୃତ ଗରିବ ବଞ୍ଚିତ ହେଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଏହା ପ୍ରତିବାଦରେ ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା, ଥାନା ଆଇଆଇସି ରାମଚନ୍ଦ୍ର ବିଶ୍ୱାଳ ଓ ଭାରପ୍ରାପ୍ତ ବିଡିଓ କୈଳାସ ଚନ୍ଦ୍ର ନାୟକ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ନକଲି ଡାଟା ଏଣ୍ଟ୍ରି ଅପରେଟର ଜେଲ ଗଲେ

**ଦିଗପହଣ୍ଡି,୨୩।୧୦(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ସାନଡୁମ୍ବୁଲା ଗ୍ରାମର ନକଲି ଡାଟା ଏଣ୍ଟ୍ରି ଅପରେଟର କୃଷ୍ଣ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁଙ୍କ ଦସ୍ତଖତକୁ ଜାଲିଆତି କରି କୃଷ୍ଣ ବ୍ୟାଙ୍କ ଅଫ ବରୋଦା ଦିଗପହଣ୍ଡି ଶାଖାରୁ ୩୦,୨୮୪ ଟଙ୍କା ହଡ଼ପ ପାଇଁ ୨ଟି ନକଲି ଚିଠି କରି ଧରାପଡ଼ିଥିଲେ। ଶନିବାର ତହସିଲଦାରଙ୍କ ଏତଲାକ୍ରମେ ନଂ. ୧୮୪/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ତଦନ୍ତକାରୀ ପୋଲିସ ଏସ୍‌ଆଇ ଆଦିତ୍ୟ ପ୍ରସାଦ ଜେନା ବ୍ୟାଙ୍କ ଶାଖା ପରିଚାଳକ ପ୍ରଭାତ କୁମାର ପଣ୍ଡାଙ୍କ ନିକଟରୁ ତହସିଲଦାରଙ୍କ ନକଲି ଦସ୍ତଖତ ଥିବା ୨ଟି ଚିଠିକୁ ଜବତ କରିଥିବା କହିଛନ୍ତି । ସାନଡୁମ୍ବୁଲା ଗ୍ରାମର ଜେ.ଗୋବିନ୍ଦ ପାତ୍ରଙ୍କ ଜମାଖାତାକୁ ଭୁଲରେ ୩୦,୨୮୪ ଟଙ୍କା ଫସଲ କ୍ଷତିପୂରଣ ଚାଲି ଆସିଛି । ଉକ୍ତ ଟଙ୍କାକୁ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟର ନାଜିର ନମିତା ନାୟକଙ୍କ ଷ୍ଟେଟବ୍ୟାଙ୍କ ଜମାଖାତାକୁ ଫଣ୍ଡ ଟ୍ରାନ୍ସଫର ପାଇଁ ଚିଠିରେ ଉଲ୍ଲେଖ ଥିଲା । ଅଭିଯୁକ୍ତ କୃଷ୍ଣ ନିଜକୁ ତହସିଲର ଡାଟା ଏଣ୍ଟ୍ରି ଅପରେଟର ବୋଲି ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପରିଚୟ ଦେଇଥିଲେ । ଶାଖା ପରିଚାଳକଙ୍କ ସନ୍ଦେହ ହେବାରୁ ସେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନମିତା ନାଁରେ ତହସିଲ କାର୍ଯ୍ୟାଳୟରେ କେହି ନାଜିର କାମ କରୁନଥିବା ଜଣାପଡ଼ିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

**ଶେରଗଡ,୨୩।୧୦(ଡି.ଏନ୍.ଏ)**

ଶେରଗଡ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ୍)ର ଜନଶୁଣାଣି ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ଟିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ବ୍ଲକର ୨୨ ପଞ୍ଚାୟତରେ ଏମଜିଏନଆରଇଜିଏସରେ ୬ ମାସ ମଧ୍ୟରେ ହୋଇଥିବା କାମରେ ଉପୁଜିଥିବା ସମସ୍ୟା ଉପସ୍ଥାପନ କରାଯାଇଥିଲା। ବ୍ଲକରେ ମୋଟ ୧୧,୬୬୯ ଜଣଙ୍କୁ କାମ ଯୋଗାଇ ଦିଆଯାଇ ୪ଲକ୍ଷ୨୮ହଜାର୧୩୭ କାର୍ଯ୍ୟଦିବସ ସୃଷ୍ଟି କରାଯାଇଥିଲା । ଶିବିରରେ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ଉପାଧ୍ୟକ୍ଷ ବିଶ୍ୱନାଥସ୍ୱାଇଁ, ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ମାନେ ଉପସ୍ଥିତ ଥିଲେ । ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

**ଫୁଲବାଣୀ ଅଫିସ୍,୨୩।୧୦**

ଭାଜପାର କନ୍ଧମାଳ ଜିଲା କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଫୁଲବାଣୀଠାରେ ଜିଲା ସଭାପତି ଲିଙ୍ଗରାଜ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଦଳୀୟ ନେତା ଓ କର୍ମୀମାନଙ୍କୁ ଯେଉଁ ସବୁ ଦାୟିତ୍ୱ ଦିଆଯାଇଥିଲା ବୈଠକରେ ତାହାର ସମୀକ୍ଷା କରାଯାଇଥିଲା । ସେହିପରି ଆୟୁଷ୍ମାନ ଭାରତ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରଭାରି ଭାବେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମାନସ ମହାନ୍ତି ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ସାହୁ , ଡ଼.ରବିନାରାୟଣ ନନ୍ଦ ,ସୁକାନ୍ତ ପାଣିଗ୍ରାହୀ ,କମଳାକାନ୍ତ ପାଣ୍ଡେ , ଦେବ ନାରାୟଣ ପ୍ରଧାନ , ନେତ୍ର ମାନସେଠ୍ , ରାମବିଶ୍ ଦିଗାଲ ଏବଂ ଜିଲା ସାଧାରଣ ସଂପାଦକ ପଦ୍ମଚରଣ ଦାସ ,ଭଗବାନ ମହାନ୍ତି , ତପନ କୁମାର ପାତ୍ର ଓ ଜଗନ୍ନାଥ ସାହୁଙ୍କ ସମେତ ମହିଳା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ ଓ ଯୁବନେତା ମାନଗୋବିନ୍ଦ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ମଣ୍ଡଳି ସଭାପତି , ସଂପାଦକ ଓ ଜିଲାସ୍ତରୀୟ କର୍ମକର୍ତ୍ତା, ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଏହି ଅବସରରେ ଦଳ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ତାହାକୁ ମଞ୍ଜୁର କରାଯାଇଥିଲା ।

# ଭାଜପାର ବିକ୍ଷୋଭ, ପ୍ରତିବାଦ ସଭା,ଶୋଭାଯାତ୍ରା

**ଦାରିଙ୍ଗବାଡ଼ି,୨୩।୧୦(ଡି.ଏନ.ଏ.)**



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଦାରିଙ୍ଗବାଡ଼ି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଦାରିଙ୍ଗବାଡ଼ି ବ୍ଲକ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବେକାରି ସମସ୍ୟା ଦୂରୀକରଣ ଦାବିକରି ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା କରାଯାଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କୁ କରାଯାଇଛି । ସେମାନଙ୍କ ଅଭିଯୋଗ ହେଲା, ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ଧରି ଶାସନ କରୁଛି । ଇତି ମଧ୍ୟରେ ରାଜ୍ୟରେ ବେକାରି ସଂଖ୍ୟା ବୃଦ୍ଧି ପାଇଛି । ସେମାନଙ୍କୁ ସରକାରୀସ୍ତରରେ ନିଯୁକ୍ତି ମିଳୁନାହିଁ। ସେମାନେ ଆହୁରି ଅଭିଯୋଗ କରିଛନ୍ତି, ରାଜ୍ୟରେ ବିଜେଡି ସରକାର ୨୦୦୦ରେ ଶାସନ ଆରମ୍ଭ କଲେ, ଏହା ୧୯ ବର୍ଷରେ ପହଞ୍ଚିଛି । କିନ୍ତୁ ସାଧାରଣ ନାଗରିକମାନଙ୍କୁ ଚାକିରି ଖଣ୍ଡିଏ ମିଳି ନ ଥିବା ଭାଜପା ଅଭିଯୋଗ କରିଛି । ସେହିପରି ରାଜ୍ୟର ସମସ୍ତ କର୍ମନିଯୁକ୍ତି କାର୍ଯ୍ୟାଳୟରେ ଅଧିକାରୀମାନେ ରହିଛନ୍ତି। ସେମାନେ ଏଥି ପାଇଁ ରାଜ୍ୟ ସରକାରଙ୍କଠାରୁ ଦରମା ମଧ ପାଉଛନ୍ତି। କିନ୍ତୁ ବେକାର ଯୁବତୀଯୁବକମାନେ କର୍ମନିଯୁକ୍ତି କାର୍ଯ୍ୟାଳୟରେ ଆବେଦନ କଲେ ମଧ ଚାକିରି ମିଳୁ ନ ଥିବା ଭାଜପା ଯୁବ ମୋର୍ଚ୍ଚା ଅଭିଯୋଗ କରିଛି । ସରକାରଙ୍କ ପ୍ରତି ଆଉ ଭରସା ନ ଥିବାରୁ କର୍ମନିଯୁକ୍ତି କାର୍ଯ୍ୟାଳୟରେ ବେକାର ଯୁବତୀଯୁବକମାନେ ଆବେଦନ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ୧୪୭ ପଞ୍ଚାୟତ ସମିତି ଶିଳ୍ପ ମଧ୍ୟରୁ ୧୩୨ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଅଭିଯୋଗ କରିଛନ୍ତି । ଏଥି ସହ ଏମ୍‌ଓୟୁର ଡ୍ରାମା, ମେକ ଇନ୍ ଓଡ଼ିଶା ଓ ଇନଭେଷ୍ଟମେଣ୍ଟ କନକ୍ଲେଭ୍ ରାଜ୍ୟରେ ଯୁବପିଢ଼ିଙ୍କୁ ସୁଫଳ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି । ଏଥି ସହ ଭାଜପା ଯୁବ ମୋର୍ଚ୍ଚା ୧୦ ଦିନ ସମୟ ଦେଇଛି। ସରକାର ଏହି ୧୦ଦିନରେ ସନ୍ତୋଷ ଜନକ ଉତ୍ତର ନ ରଖିଲେ ଆନ୍ଦୋଳନକୁ ତୀବ୍ରତର କରାଯିବାକୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ଓ ଶୋଭାଯାତ୍ରାରେ ଯୁବ ମୋର୍ଚ୍ଚା ବ୍ଲକ ସଭାପତି ରଞ୍ଜିତ କୁମାର ସେନାପତିଙ୍କ ସମେତ ଜିଲା ଉପସଭାପତି ହରେନ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ଅରୁଣ କୁମାର ପ୍ରଧାନ, ଭାଲୁ ସାହୁ, ଗୋକୁଳ ପ୍ରଧାନ, ରୁଦ୍ର ମଲ୍ଲିକ ଓ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


# GOVERNMENT OF ODISHA
## S.T. & S.C. DEVELOPMENT DEPARTMENT
## INTEGRATED TRIBAL DEVELOPMENT AGENCY, CHAMPUA
## DISTRICT-KEONJHAR

**(Ph. No.: 06767-240214, Email: itda.champua@gmail.com)**

## Tender Call Notice No. 05/2018-19

**No. 1303 /ITDA the dated 22.10.18**

The Project Administrator, I.T.D.A., Champua, District-Keonjhar, Odisha, invites sealed tenders on percentage rate contract basis in conformity with the detailed tender call notice to be eventually drawn in PWD-P1 form from the intending eligible Registered Civil Contractors of the State P.W.D./Water Resources Department / R.W. wings/ Railways/CPWD/ITDAs/P.S. as detailed below:-

| Sl. No. | Name of the work | Sale & Receipt of the Tender paper | Approx amount of tender (Rs.) | E.M.D. to be deposited in shape of NSC/ POTD/ PODB/ KVP/ deposit receipt of nationalized Bank duly pledged in favour of P.A., ITDA, Champua (In Rs.) | Non-refundable service charges (Tender Paper Cost) | Time required for completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Kitchen shed at Forest Part in Ward No. 8 Barbil Municipality | ITDA Office, Champua | 4,42,493/- | 4,500/- | Rs. 2000/- | 60 Days | 'D' & 'C' |
| 2 | Construction of Community Centre at Ward No. 11 Barbil Municipality | ITDA Office, Champua | 4,43,095/- | 4,500/- | Rs. 2000/- | 60 Days | 'D' & 'C' |
| 3 | Construction of Community toilet in premises of Madrasa at Azad Basti in Ward No. 8 Barbil Municipality | ITDA Office, Champua | 4,42,125/- | 4,500/- | Rs. 2000/- | 60 Days | 'D' & 'C' |
| 4 | Development of play ground at PHD in Ward No. 8 Barbil Municipality | ITDA Office, Champua | 4,42,792/- | 4,500/- | Rs. 2000/- | 45 Days | 'D' & 'C' |
| 5 | Development of club field near O.M.D.C. Medical in Ward No. 3 Barbil Municipality | ITDA Office, Champua | 4,42,125/- | 4,500/- | Rs. 2000/- | 45 Days | 'D' & 'C' |
| 6 | Construction of road along with drain at N.A.C. Hutting in Ward No. 09 Barbil Municipality | ITDA Office, Champua | 4,42,165 | 4,500/- | Rs. 2000/- | 45 Days | 'D' & 'C' |
| 7 | Construction of road from PWD road to Durga Mandap in Ward No. 11 Barbil Municipality | ITDA Office, Champua | 4,42,170 | 4,500/- | Rs. 2000/- | 45 Days | 'D' & 'C' |
| 8 | Construction of road and drain at Azad Basti near Alam House in Ward No. 10 Barbil Municipality | ITDA Office, Champua | 4,42,683/- | 4,500/- | Rs. 2000/- | 45 Days | 'D' & 'C' |
| 9 | Renovation of road from P.K. Sahoo house to Delhisharma house in Ward No. 4 Barbil Municipality | ITDA Office, Champua | 4,42,256/- | 4,500/- | Rs. 2000/- | 45 Days | 'D' & 'C' |
| 10 | Construction of road connecting at Dhabi Hutting area in Ward No. 10 Barbil Municipality | ITDA Office, Champua | 4,42,097/- | 4,500/- | Rs. 2000/- | 45 Days | 'D' & 'C' |

**SALE OF TENDER PAPER:-**

1. The tender papers will be available in the Office of the Project Administrator, I.T.D.A., Champua during office hour from dt. 26.10.2018 to 06.11.2018 upto 5.00 P.M.
2. The tenderer must pay non-refundable service charges as mentioned against each work in shape of Bank draft from any nationalized Bank payable at Champua drawn in favour of P.A, ITDA, Champua or else tender paper will be rejected.
3. The tender paper will be received by registered Post/Speed Post/Courier Service only upto 5.00 P.M. till 06.11.2018. Sealed tender paper must be accompanied with attested copies of Valid Contractor license, GST Registration Certificate, Pan Card, No relation Certificate, Non-refundable Service Charges, EMD@ 1% of the amount put to tender in shape of NSC/KVP/POTD/Deposit receipt of any schedule Bank duly pledged in favour of the Project Administrator, ITDA, Champua and an affidavit regarding authenticity of the documents produced without which the tender paper is liable for rejection. The tender must write in Capital Letter **"TENDER PAPER"** on the right side top corner of the envelope containing the tender documents.
4. The tender paper shall be opened by the Project Administrator, ITDA, Champua/his/her authorized officer in presence of the tenderer or their authorized agents on the schedule date and time as mentioned below.
   **(A) Date of sale of tender: 26.10.2018 to 06.11.2018 during office hour**
   **(B) Last date of receipt of tender paper: 06.11.2018 till 5.00 P.M.**
   **(C) Date and time of opening of tender paper: 08.11.2018 at 11.00 A.M.**
5. Transfer or adjustment of EMD & ISD amount with other works will not be entertained.
6. The SC/ST bidders willing to avail the benefits allowed by Govt. to ST/SC candidates must furnish the **XEROX COPY OF CASTE CERTIFICATE** and an **Affidavit** at the time of submission of tender document.
7. The Engineer bidders seeking exemption of EMD must submit their original license at the time of opening of tender papers failing which the tender is liable for rejection.
8. The authority will not be responsible for any postal delay even if dispatched before due date.
9. The tender quoting less than the amount put to tender has to deposit the differential amount ie. (Tender Schedule amount-(Minus) Her/His tendered amount) in shape of NSC/KVP/POTD/Deposit receipt of any schedule Bank duly pledged in favour of the Project Administrator, ITDA, Champua at the time of agreement, failing which the tender will be rejected.
10. The authority reserves the right to reject any/all tenders without assigning any reason thereof.

**Sd/- Project Administrator, I.T.D.A., Champua**